


ସୁଟିଂ ସାରିଲେ ସାହିଦ
▶ପୃଷ୍ଠା 9 ଦେଖନ୍ତୁ...



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-71 ◆THURSDAY ◆4 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୧ ◆ଗୁରୁବାର ◆୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସେବି ବିରୋଧରେ ମାମଲା ରୁଜୁକଲା ଆମେରିକୀୟ କମ୍ପାନୀ

■ **ମୁମ୍ବାଇ, ୩।୯ (ଏଜେନ୍ସି):** ଭାରତୀୟ ସେୟାର ବଜାର ନିୟାମକ ସେବି ତଥା 'ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ' ବିରୋଧରେ ଆମେରିକୀୟ ଟ୍ରେଡିଂ କମ୍ପାନୀ 'ଜେନ୍ ଷ୍ଟ୍ରିଟ୍ ଗ୍ରୁପ' ମାମଲା ରୁଜୁ କରିଛି । ଜାଲିଆତି କରି ୪,୮୪୪ କୋଟି ଟଙ୍କାର ଲାଭ (ବେଆଇନ) ଉଠାଇ ଥିବା ଅଭିଯୋଗରେ ସେବି ପୂର୍ବରୁ ଏହି କମ୍ପାନୀକୁ ସେୟାର ବଜାରରୁ ନିଷିଦ୍ଧ କରିଦେଇଥିଲା । ରିପୋର୍ଟ ଅନୁଯାୟୀ ସେବିର ଏହି ନିଷ୍ପତ୍ତିକୁ ବିରୋଧ କରି ଜେନ୍ ଷ୍ଟ୍ରିଟ ସିକ୍ୟୁରିଟିଜ୍ ଅପିଲେଟ ଟ୍ରିବ୍ୟୁନାଲ (ସ୍ୟାଟ୍)ରେ ଆବେଦନ ଦାଏର କରିଛି । ସେୟାର ବଜାରକୁ ନେଇ ନିୟାମକ ଦେଇଥିବା ନିଷ୍ପତ୍ତି ଉପରେ ସ୍ୟାଟ୍‌ରେ ଶୁଣାଣି ହୋଇଥାଏ । ତେବେ ଏହାକୁ ଜେନ୍ ଷ୍ଟ୍ରିଟ୍ କିମ୍ବା ସେବି ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇ ନାହିଁ । ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରେ ଜେନ୍ ଷ୍ଟ୍ରିଟ୍‌ର କାରବାର ଉପରେ ସେବି କଟକଣା ଲଗାଇ ଦେଇଥିଲା । ଏହି କମ୍ପାନୀ ନିଫ୍ଟି-୫୦ ଏବଂ ବ୍ୟାଙ୍କ ନିଫ୍ଟିରେ ଜାଲିଆତି କରି ବିପୁଳ ଲାଭ କମାଇ ଥିବା କୁହାଯାଇଥିଲା । ୨୦୨୩ ଜାନୁଆରୀରୁ ୨୦୨୫ ମେ' ମଧ୍ୟରେ ଜେନ୍ ଷ୍ଟ୍ରିଟ୍ ୩୬, ୬୭୧ କୋଟି ଟଙ୍କା ଲାଭ କରିଥିଲା । ଏଥିରୁ ୪,୮୪୪ କୋଟି ଟଙ୍କାର ଲାଭ ବେଆଇନ ଭାବେ ଉପାର୍ଜନ କରିଥିଲା । ପୁଣି ଥରେ କାରବାର କରିବା ପାଇଁ ଏହି ଅର୍ଥକୁ ଏସ୍କ୍ରୋ ଆକାଉଣ୍ଟରେ ଜମା କରିବାକୁ ସେବି ନିର୍ଦ୍ଦେଶ ଦେଇଥିଲା । ପରେ ଜୁଲାଇ ୧୧ରେ ଜେନ୍ ଷ୍ଟ୍ରିଟ ଏହି ରାଶି ଜମା କରିଥିଲା । ଜୁଲାଇ ୧୮ ରେ ସେବି ଏହି କମ୍ପାନୀକୁ କିଛି ସର୍ତ୍ତରେ ପୁଣି କାରବାର ପାଇଁ ଅନୁମତି ଦେଇଥିଲା ବୋଲି ସୂଚନା ମିଳିଛି । ତେବେ ଜାଲିଆତି କରୁଥିବା ସହଯୋଗୀ କମ୍ପାନୀଠାରୁ ଦୂରେଇ ରହିବାକୁ ଜେନ୍ ଷ୍ଟ୍ରିଟ୍‌କୁ ଚେତାବନୀ ଦେଇଥିଲା ।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୪ ମୃତ

■ **କ୍ୱେଟା, ୩।୯ (ଏଜେନ୍ସି):** ପାକିସ୍ତାନର କ୍ୱେଟାରେ ମଙ୍ଗଳବାର ରାତିରେ ଆୟୋଜିତ ବାଲୋଚ୍ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ରାଲିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ଆହତଙ୍କ ମଧ୍ୟରେ ବିଏନ୍‌ପି ନେତା ଅହମ୍ମଦ ନୱାଜ ଓ ମୁସା ବାଲୋଚ ଅଛନ୍ତି ।

ବେଲୁଚିସ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅତାଉଲ୍ଲା ମେନଗାଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶାହୱାନୀ ଷ୍ଟାଡିୟମରେ ଏହି ରାଲିର ଆୟୋଜନ କରାଯାଇଥିଲା । ରାଲି ସରିବାର କିଛି ସମୟ ପୂର୍ବରୁ ପାର୍କିଂ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିଲା । ଗତ ମାର୍ଚ୍ଚରେ ଲାକଡାରାରେ ମଧ୍ୟ ଏଭଳି ଏକ



ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା । ତେବେ ଘଟଣା ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଜଣେ ୩୫ରୁ ୪୦ ବର୍ଷର ବ୍ୟକ୍ତି ୮ କେଜିର ବିସ୍ଫୋରକ ନେଇ ଏହି କାଣ୍ଡ ଘଟାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ।

# ଏଣିକି ୩ଟି ସ୍ଲାବ୍‌ରେ ଜିଏସ୍‌ଟି

**ହଟିଲା ୧୨%, ୨୮% ଟିକସ ସ୍ଲାବ୍**

**୫%, ୧୮% ସ୍ଲାବ୍‌ରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ**

**ତମାଖୁ, ବିଳାସ ସାମଗ୍ରୀ ଉପରେ ୪୦% ଟିକସ**

**ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାରୁ ଜିଏସ୍‌ଟି ଛାଡ଼**

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ୨୦୧୭ରେ ଦ୍ରବ୍ୟ ଓ ସେବା କର ବା ଜିଏସ୍‌ଟି ଆରମ୍ଭ ହେବା ପରେ କେନ୍ଦ୍ର ସରକାର ପ୍ରଥମ ଥର ଲାଗି ଏହାର ହାରରେ ବଡ଼ ଧରଣର ସଂଶୋଧନ କରିଛନ୍ତି । ମଧ୍ୟବିତ୍ତ ଓ ସାଧାରଣ ଜନତାଙ୍କୁ ମହଙ୍ଗାମାଡ଼ରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଅନେକ ଦୈନିକ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସ୍‌ଟି ହାର କମାଇ ଦିଆଯାଇଛି । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମାକୁ ସଂପୂର୍ଣ୍ଣ ରୂପେ ଜିଏସ୍‌ଟି ମୁକ୍ତ କରାଯାଇଥିବା ବେଳେ ବିଳାସପୂର୍ଣ୍ଣ ସାମଗ୍ରୀ ଓ ସିଗାରେଟ୍, ତମାଖୁ ଉପରେ ଅଧିକ ଟିକସ ଧାର୍ଯ୍ୟ କରାଯାଇଛି । କର୍କଟ ରୋଗ ଔଷଧକୁ ମଧ୍ୟ ଜିଏସ୍‌ଟି କବଳରୁ ମୁକ୍ତ କରାଯାଇଛି । ଦୁଗ୍ଧ, ପନୀର ଓ ଭାରତୀୟ ବ୍ରେଡ୍ ଉପରେ ମଧ୍ୟ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ । ଆଜି ୧୦ ଘଣ୍ଟାରୁ ଅଧିକ ସମୟ ଚାଲିଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହିସବୁ ନିଷ୍ପତ୍ତି ନିଆଯାଇଛି । ସଂଶୋଧିତ ହାର ଆସନ୍ତା ୨୨ ତାରିଖରୁ ଲାଗୁ ହେବ ବୋଲି କେନ୍ଦ୍ର ଅର୍ଥ



**ସେପ୍ଟେମ୍ବର ୨୨ରୁ ଲାଗୁହେବ ନୂଆ ଟିକସ ହାର**

ମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୨୮% ଏବଂ ୧୨% ସ୍ଲାବକୁ ହଟାଇ ଜିଏସ୍‌ଟି ହାରକୁ ୧୮% ଓ ୫%ରେ ସୀମିତ ରଖାଯାଇଛି । ୨୮% ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀକୁ ୧୮% ସ୍ଲାବରେ ସାମିଲ କରାଯାଇଥିବା ବେଳେ ୧୨% ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀ ଉପରେ ଏବେ ମାତ୍ର ୫ % ପ୍ରତିଶତ ଟିକସ ଲାଗିବ ।

ନୂତନ ଜିଏସ୍‌ଟି ସ୍ଲାବ୍ ସମ୍ପର୍କରେ ଆଜି ରାତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଶ୍ରୀମତୀ ସୀତାରମଣ । ସେ କହିଛନ୍ତି ଯେ କ୍ଷୀର, ରୁଟି, ପିଜା, ପାଉଁରୁଟି, ଛେନା ସମେତ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମାକୁ ଜିଏସ୍‌ଟି ମୁକ୍ତ କରାଯାଇଛି । ସିମେଣ୍ଟ ଉପରେ ଟିକସକୁ ୨୮ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ ରଖାଯାଇଛି ।

ଏହା ବ୍ୟତୀତ ତମାଖୁ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦%ର ନୂଆ ଟିକସ ଲାଗୁ କରାଯାଇଛି । ବିଳାସପୂର୍ଣ୍ଣ କାର୍, ବଡ଼ ଏସ୍‌ୟୁଭି, ସିଗାରେଟ, ଗୁଟ୍‌ଖା ଏବଂ କାର୍ବୋନେଟେଡ୍ ଡ୍ରିଙ୍କ୍ସ ଆଦି ଏହି ଶ୍ରେଣୀରେ ରହିବ।

ସେହିପରି ୩୫୦ ସିସି ଇଞ୍ଜିନ ବିଶିଷ୍ଟ ଗାଡ଼ି ଉପରେ ଟିକସ ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ତିନି ଚକିଆ ଗାଡ଼ିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି । ୪ମିଟର ଲମ୍ବ ଏବଂ ୧୨୦୦ ସିସି ଇଞ୍ଜିନ ବିଶିଷ୍ଟ ପେଟ୍ରୋଲ, ସିଏନଜି, ଏଲପିଜି ଗାଡ଼ିକୁ ମଧ୍ୟ ୧୮ ପ୍ରତିଶତ ହାରରେ ରଖାଯାଇଛି । ୪ ମିଟର ଲମ୍ବ ଏବଂ ୧୫୦୦ ସିସି ଇଞ୍ଜିନ ବିଶିଷ୍ଟ ଡିଜେଲ ଗାଡିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି । ଅଟୋମୋବାଇଲ ସାମଗ୍ରୀର ମୂଲ୍ୟ ହ୍ରାସ କରିବା ପାଇଁ ଏହାକୁ ୨୮ ପ୍ରତିଶତରୁ ହଟାଇ ୫ ପ୍ରତିଶତ ସ୍ଲାବରେ ରଖାଯାଇଛି । ଟ୍ରାକ୍ଟରକୁ ୧୨ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି । ୧୩ ସିଟ୍ ବିଶିଷ୍ଟ ବାଣିଜ୍ୟିକ ▶ପୃଷ୍ଠା-୭

**ଦିଲ୍ଲୀରେ ମୋହନ, ମନମୋହନ**

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

■ **ଭୁବନେଶ୍ୱର, ୩।୯ (ସମିସ):** ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନାଜଳ୍ପନା ଜାରି ରହିଥିବା ବେଳେ ବୁଧବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମନମୋହନଙ୍କ ଦିଲ୍ଲୀ ଗସ୍ତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି ।

ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି । ଏପରିସ୍ଥଳରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କ ଏକା ସମୟରେ ଦିଲ୍ଲୀ ଗସ୍ତ ପରେ ଖୁବଶୀଘ୍ର ରାଜ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ଓ ମନ୍ତ୍ରୀ ପରିଷଦରେ ଆଉ ୬ ମନ୍ତ୍ରୀଙ୍କୁ ସ୍ଥାନ ମିଳିବା ଚର୍ଚ୍ଚା ଦାନା ବାନ୍ଧିଛି । ଗତ ଅଗଷ୍ଟରେ ମଧ୍ୟ ମୋହନ-ମନମୋହନ ଯୋଡ଼ି ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରିଥିଲେ । ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ସେତେବେଳେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା । ଏହାପରେ ଏକାଧିକ ବାର ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ସଂଗଠନ ବିସ୍ତାର ନେଇ ରାଜ୍ୟ ଓ ଶୀର୍ଷ ନେତୃତ୍ୱ ଆଲୋଚନା କରି ସାରିଛନ୍ତି । ମାତ୍ର ପ୍ରତିଥର ବିଭିନ୍ନ କାରଣ ଯୋଗୁଁ ଏନେଇ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ ।

ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧିକୁ ନେଇ ଶାସକ ଦଳରେ ଏକ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ସରକାର ଗଠନର ୧୪ ମାସ ବିତିଥିଲେ ମଧ୍ୟ ବିଭିନ୍ନ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ ନ ହେବା ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏହାବ୍ୟତୀତ ଦଳରେ ଗୋଷ୍ଠୀ ବିବାଦ ଓ ବିଭିନ୍ନ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ଭାବ୍ୟ ମନ୍ତ୍ରୀପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଥିଲା । ଏହି ଖବର ଦିଲ୍ଲୀରେ ପହଞ୍ଚିଥିଲା । ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମିଳିମିଶି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିଲେ ହେଁ ତାହା ଚୂଡ଼ାନ୍ତ ହୋଇ ନ ଥିଲା ।

ଶେଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି । ▶ପୃଷ୍ଠା-୭

## ନିଶା ନିବାରଣ କେନ୍ଦ୍ରରେ ହତ୍ୟା

**ପାଳନ ହେଉନାହିଁ ମାର୍ଗଦର୍ଶିକା**

**ପୁଲିସ ପାଖରେ ନାହିଁ କେନ୍ଦ୍ରର ତଥ୍ୟ**

■ **ଭୁବନେଶ୍ୱର, ୩।୯ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଭାବନୀୟ ଘଟଣା । ନିଶା ଛାଡ଼ିବାକୁ ଆସିଥିବା ଜଣେ



ଯୁବକ ପ୍ରାଣ ହରାଇଛନ୍ତି । ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଡିୟର ଲାଇଫ୍ ୱେଲନେସ ହିଲନେସ୍ ସେଣ୍ଟରରେ ଏଭଳି ଅଘଟଣ ଘଟିଛି । ମୃତକ ହେଉଛନ୍ତି ବାଙ୍କୀ ସିଂହନାଥପୁରର ସୂର୍ଯ୍ୟକାନ୍ତ ମହାପାତ୍ର (୨୮) । ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି । ନିଶା ନିବାରଣ କେନ୍ଦ୍ରକୁ ନେଇ ରହିଥିବା ଏସ୍‌ଓପି ପାଳନ ହେଉନଥିବାରୁ ବାରମ୍ବାର ଏଭଳି ଅଘଟଣ ସାମ୍ନାକୁ ଆସୁଛି । ପୁଲିସ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାରୁ ଅନ୍ତେବାସୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ସିଂହନାଥପୁରର ସୂର୍ଯ୍ୟକାନ୍ତଙ୍କୁ ଗତ ୨୯ ତାରିଖରେ ପରିବାର ଲୋକେ ଜିଏ କଲୋନୀସ୍ଥିତ ଡିୟର ଲାଇଫ୍ ୱେଲନେସ ହିଲନେସ୍ ନିଶା ▶ପୃଷ୍ଠା-୭

**ସରକାରୀ ଅର୍ଥ ହଡ଼ପ ଅଭିଯୋଗ**

## ୮ ଏସ୍‌ଏଚ୍‌ଜି ମହିଳାଙ୍କୁ ଗିରଫ କଲା ଭିଜିଲାନ୍ସ

■ **ଜଗତସିଂହପୁର, ୩।୯ (ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧୀନ କୁରୁକି ଗ୍ରାମର ୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଥିବା ସୂଚନା ଦେଇଛନ୍ତି ଭିଜିଲାନ୍ସ ଡିଏସ୍‌ପି ଅନୁପମା ସାହୁ । ପରେ ସେମାନଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା ଏବଂ ସେଠାରେ ସମସ୍ତ ୮ ଜଣଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି । ସେମାନେ ହେଲେ ମାନୀ ଦାସ, ପ୍ରଭାତୀ ଦାସ, ପ୍ରମିଳା ଦାସ, ଲିଲି ଦାସ, ଛବିଳତା ଦାସ, ହେମା ଦାସ, ଶାନ୍ତିଲତା ପରିଡା ଏବଂ ମମତା ପରିଡ଼ା । ଗତ ୨୦୧୦ ମସିହାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ▶ପୃଷ୍ଠା-୭

**ବିଦ୍ୟୁତ୍ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥିରକଲେ ଓଇଆର୍‌ସି**

## ୩ ମିନିଟରେ ଫୋନ୍‌କଲ୍ ଉତ୍ତର ନ ଦେଲେ ଜରିମାନା

■ **ଭୁବନେଶ୍ୱର, ୩।୯ (ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତସେବାର ନୂତନ ମାନଦଣ୍ଡ ଓ ଦକ୍ଷତା ଚିଠା ଅଧିନିୟମ ୨୦୨୫ ପ୍ରକାଶ କରିଛନ୍ତି । ଏହି ଅଧିନିୟମ ଅନୁଯାୟୀ ବିଦ୍ୟୁତ ଉପଭୋକ୍ତାଙ୍କ କଲ୍‌ର ଉତ୍ତର ବିଦ୍ୟୁତ ସେବା ପ୍ରଦାନକାରୀ କମ୍ପାନୀ ଟାଟା ପାୱାର ୩ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ବାଧ୍ୟ । ଏଥିରେ ଖିଲାପ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ଜରିମାନା ପ୍ରଦାନ କରିବ । ଏହି ଜରିମାନା ଅର୍ଥ କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କ ମାସିକ ବିଜୁଳି ଦେୟରୁ କାଟି ବିଲ୍ ପଠାଇବ ।

ଅନ୍ୟପକ୍ଷରେ ଉପଭୋକ୍ତା କଲ୍ କରିବାର ୫ ମିନିଟ ଭିତରେ କଲସେଣ୍ଟର ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାକୁ ଗୋଟେ ଅଭିଯୋଗ ନମ୍ବର ପ୍ରଦାନ




କରିବେ । ଏହି ପ୍ରକ୍ରିୟା ପାଳନରେ ବିଫଳ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ୧୦୦ ଟଙ୍କା ଜରିମାନା ଦେବେ । ବିଦ୍ୟୁତ୍ ବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ୍ ସମସ୍ୟା, ଭୋଲ୍‌ଟେଜ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିରକରି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏହି ଚିଠା ଅଧିନିୟମ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜାରିକରି ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କ ମତାମତ ଆହ୍ୱାନ କରିଛନ୍ତି । ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବାପାଇଁ ଆୟୋଗ ନିବେଦନ କରିଛନ୍ତି । ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଏପରି ଅଭିଯୋଗକୁ ବିଶ୍ୱାସକୁ ନେଇ ଓଇଆରସି ବିତରଣ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁରୁଣା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ନବୀକରଣ କରି ନୂତନ ଅଧିନିୟମ-୨୦୨୫ର ଚିଠା ବିଜ୍ଞାପିତ କରିଛନ୍ତି । ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟୁତ ନିୟାମକ ▶ପୃଷ୍ଠା-୭

# ଦିଲ୍ଲୀରେ ପଶିଲା ଯମୁନା ପାଣି



**ପଞ୍ଜାବରେ ଭୀଷଣ ବନ୍ୟା; ୩୦ ମୃତ**

**ବର୍ଷାରେ ଉବୁଟୁବୁ ୟୁପିର ୨୦ ସହର**

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦେଶର ସମ୍ପୂର୍ଣ୍ଣ ଉତ୍ତର ପଶ୍ଚିମ ଭାଗରେ ପ୍ରବଳ ବର୍ଷା ଜାରି ରହିଛି । ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ହିମାଚଳ, ଜମ୍ମୁ- କଶ୍ମୀର, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଆଜି ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପଞ୍ଜାବ । ରାଜ୍ୟର ୨୩ଟି ଜିଲ୍ଲାର ଏବେ ବି ୧୨୦୦ ଗାଁ ପାଣି ଘେରରେ ରହିଛି । ବର୍ଷା ଓ ବନ୍ୟାରେ ୩୦ ଜଣ ପ୍ରାଣ ହରାଇଲେଣି ଏବଂ ୩ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି । ହରିୟାଣାର ଝଜ୍ଜର, ହିସାର, ଯମୁନାନଗର, କୁରୁକ୍ଷେତ୍ର, ଅମ୍ବାଲା ଓ ପଞ୍ଚକୁଲା ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଓ ୩ରୁ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି । ଖାସ୍ କରି ଅମ୍ବାଲାର ସ୍ଥିତି ଗମ୍ଭୀର ରହିଛି । ହଜାର ହଜାର ଘରେ ୨ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି । ୨୦୦ରୁ ଅଧିକ ସ୍କୁଲକୁ ବନ୍ଦ କରିଦିଆଯାଇଛି ।

ରାଜଧାନୀ ଦିଲ୍ଲୀ ଅବସ୍ଥା ମଧ୍ୟ ଖରାପ । ବର୍ଷା ଓ ବନ୍ୟା ଯୋଗୁଁ ରାଜଧାନୀ ବେହାଲ । ଦିଲ୍ଲୀରେ ଯମୁନା ନଦୀର ଜଳ ବିପଦ ସଂକେତ (୨୦୫ ମିଟର) ଉପରେ ଅର୍ଥାତ ୨୦୬.୮ ମିଟରରେ ପ୍ରବାହିତ ହେଉଛି । ୧୨ ବର୍ଷ ପରେ ପ୍ରଥମ ଥର ଲାଗି ଯମୁନା ଭୟଙ୍କର ରୂପ ଧାରଣ କରିଛି । ଦିଲ୍ଲୀର ଯମୁନା ବଜାର, ତିବତ୍ତ ବଜାର, ମୋନେଷ୍ଟ୍ରି ବଜାରରେ ପାଣି ପଶି ଯାଇଛି । ତଳିଆ ଅଞ୍ଚଳରେ ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି । ଦିଲ୍ଲୀରେ ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଛି ଓ ଅନ୍‌ଲାଇନ୍ କ୍ଲାସ ଜାରି ରହିଛି । ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପାଣି ଜମି ରହିଥିବାରୁ ୩୪୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି । ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି । ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

## ରାଜ୍ୟସାରା ନିର୍ଧୂମ୍ ବର୍ଷା

■ **ଭୁବନେଶ୍ୱର, ୩।୯ (ସମିସ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୁତ ହୋଇ ସୁଦୃଢ଼ ଲଘୁଚାପରେ ପରିଣତ ହୋଇଛି । ଏହା ପ୍ରଭାବରେ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି । ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ

**ଫୁଲୁଛି ସବୁ ନଦୀ**

ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ହୋଇଛି । ଯାଜପୁରରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୯୦ ମିମି ବର୍ଷା ରେକର୍ଡ ହୋଇଛି । ଏହାସହିତ ଭୁବନେଶ୍ୱରରେ ୬୭ ମିମି ବର୍ଷା ସହ ବାଲେଶ୍ୱର



୫୦, ପାରାଦୀପ ୪୨, ବାରିପଦା ୫୦, କେନ୍ଦୁଝର ୫୦, ଛତ୍ରପୁର ୫୦, ଦେବଗଡ଼ ୫୮, ନୂଆପଡ଼ା ମଧ୍ୟ ୩୮ ମିମି ବର୍ଷା ରେକର୍ଡ ହୋଇଛି ।

ଏହି ସଦୃଶ ଲଘୁଚାପ ଟି ଆସନ୍ତା ୨୪ ଘଣ୍ଟା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଉତ୍ତର ଓଡିଶା ମଧ୍ୟ ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବ । ଏହା ପ୍ରଭାବରେ ରାଜ୍ୟରେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ▶ପୃଷ୍ଠା-୭

# ସରକାର ଆମକୁ ସାର ଦରକାର

ବରଗଡ଼, ୩।୯ (ସମିସ)



ୟୁରିଆ ସାର ପାଇଁ ଚାଷୀ ହନ୍ତସନ୍ତ। ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ବରଗଡ଼ ଜିଲ୍ଲାରେ ସାରର କୃତ୍ରିମ ଅଭାବ ଥମିବାର ନାଁ ଧରୁନି। ଏହକୁ ନେଇ ଆଜି ବରଗଡ଼ ଜିଲ୍ଲା ଅନ୍ତର୍ଗତ ସୋହେଲା ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ଚାଷୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଆସିଥିଲେ। କିନ୍ତୁ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ ହେତୁ ଅଫିସରେ ନଥିବା କାରଣରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଦୀର୍ଘ ସମୟ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଆସି ଚାଷୀମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରି କୃଷି ଅଧିକାରୀ ସହିତ ଆଲୋଚନା କରି ସମସ୍ତ ଚାଷୀ ଭାଇମାନଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ପ୍ରକାଶ ଥାଉକି ଯେ ବରଗଡ଼ ଜିଲ୍ଲାକୁ ୯୫ ଭାଗ ସାର ଆସିଥିଲେ ସୁଦ୍ଧା ତାହା ଚାଷୀଙ୍କୁ ମିଳିନାହିଁ। ଲାଭଖୋର ବ୍ୟବସାୟୀ ତାହା ଗୋଦାମରେ ଭର୍ତ୍ତି କରି ଏକ କୃତ୍ରିମ ଅଭାବ ସୃଷ୍ଟି କରି ନାହିଁ ନଥିବା ଦରରେ ସାର ବିକ୍ରି କରୁଛନ୍ତି। ଧାନରୂଆ ସମୟରୁ ହିଁ ସାରର ସଂକଟ ଦେଖା ଦେଇଥିଲେ ସୁଦ୍ଧା ସମାଧାନର ବାଟ ଫିଟୁନି ବରଂ ଧୀରେ ଧୀରେ ଏହା ଗମ୍ଭୀରରୂପ ଧାରଣ କଲାଣି। ଯେତିକି ପରିମାଣରେ ସାର ପେକ୍ସକୁ ଯାଉଛି କିଛି କିଛି ଚାଷୀ ସେଠାରୁ ସାର ପାଇଁ ଯାଉଛନ୍ତି। କିନ୍ତୁ ଯେତିକି ସାର୍ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନଙ୍କ ପାଖକୁ ଯାଉଛି ଗୋଟିଏ ବସ୍ତା ବି ସାର ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ଦରରେ ଦେବାର ନଜିର୍ ନାହିଁ ବୋଲି ବରଗଡ଼ ଜିଲ୍ଲା ଜୟକିସାନ ଆନ୍ଦୋଳନ ତରଫରୁ ଅଭିଯୋଗ କରାଯାଇଛି। ଆଜି ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ପେକ୍ସ ଏବଂ ଘେଁସ ପେକ୍ସର ପାଖାପାଖି ୧୦୦ ଜଣ ଚାଷୀ ସାର ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପାଖକୁ ଯାଇଥିଲେ। କିନ୍ତୁ ଅଧିକାରୀ ଅନୁପସ୍ଥିତ ଥିବାରୁ ଚାଷୀ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଧାରଣାରେ ବସି, 'ଏ ସର୍କାର୍ ଆମକୁ ସାର୍ ଦର୍କାର୍' ଇତ୍ୟାଦି ନାରାବାଜୀ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଆସନ୍ତା କାଲି ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝୀ ତାଙ୍କ ଅଫିସକୁ ସମସ୍ତ ଚାଷୀଙ୍କୁ ଡାକି ଆଲୋଚନା କରିଥିଲେ। ଆସନ୍ତାକାଲି ଆପଣମାନଙ୍କୁ ନିଶ୍ଚିତ ଭାବେ ସାର ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜୟକିସାନ୍ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ ଏବଂ ସାଧାରଣ ସମ୍ପାଦକ ହର ବଣିଆଁ ମଧ୍ୟ

- ଚାଷ କାର୍ଯ୍ୟ ଛାଡି ସାର ପଛରେ ଚାଷୀ
- ସୋସାଇଟିରେ ଲମ୍ବା ଲାଇନ୍ କରିବାକୁ ପଡୁଛି

ଉପସ୍ଥିତ ଥିଲେ। ଆଗାମୀ ଦିନରେ କେଉଁ ସଂସ୍ଥା ବା କେଉଁ ବ୍ୟବସାୟୀ ପାଖକୁ କେତେ ପରିମାଣର ସାର ଯୋଗାଇ ଦିଆଯାଇଛି ତାହାକୁ ସାର୍ବଜନୀନ କରାଯାଉ ଯଦ୍ୱାରା କଳାବଜାରୀ ରୋକିବାରେ ସହାୟକ ହେବ ବୋଲି ସଂଗଠନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। କୃଷି ଅଧିକାରୀ ମଧ୍ୟ ସକାରାତ୍ମକ ଆଲୋଚନା କରି ଆଗାମୀ ଦିନରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ଚାଷୀ ମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ, ବାଇକ୍ ଜବତ



ପାଇକମାଳ, ୩।୯ (ସମିସ): ବରଗଡ଼ ଏସପି ପ୍ରହଲ୍ଲାଦ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ବାଇକ ଚେକିଂ ପୁଲିସ ପକ୍ଷରୁ କରାଯାଇଛି। ଏନେଇ ବୁଧବାର ପାଇକମାଳ ପୁଲିସ ପକ୍ଷରୁ ଦୁଇ ଚକିଆ ଗାଡିକୁ ଚେକିଂ କରାଯାଇଥିଲା। ଯେଉଁ ଗାଡିର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନଥିଲା ସେହି ଗାଡି ଗୁଡିକୁ ଜବତ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ

ପଦ୍ମପୁର, ୩।୯ (ସମିସ): ପଦ୍ମପୁର ଥାନା ଅଧୀନ ବରିହା ପାଲି ପଞ୍ଚାୟତ ପତ୍ରାପାଲି ଗାଁରେ ଅଭାବନୀୟ କାଣ୍ଡ ଘଟିଛି। ସ୍ତ୍ରୀକୁ ପିଟିପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମେଲଛାମୁଣ୍ଡା ଥାନା ଅଧୀନ ସମାର ପାଲି ଗାଁର ଶାନ୍ତି ସୁନାକୁ ତାର ସ୍ୱାମୀ ବାଳକୃଷ୍ଣ ସୁନା ପତ୍ରାପାଲି ଗାଁରେ ହତ୍ୟା କରିଛି। କୌଣସି ଘଟଣାକୁ କେନ୍ଦ୍ର କରି ଝିଅକୁ ହତ୍ୟା କରିଥିବା ଶାନ୍ତିଙ୍କ ବାପା ବିକ୍ରମ ମହାନନ୍ଦ ପଦ୍ମପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପଦ୍ମପୁର ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଳକୃଷ୍ଣକୁ ଅଟକ ରଖିଛି।

## ଜଙ୍ଗଲ ଭିତରୁ ଝୁଲନ୍ତା ଗଳିତ ଶବ ଉଦ୍ଧାର

ପାଇକମାଳ, ୩।୯ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ଥାନା ନୃସିଂହନାଥ କପିଳଧାରରାସ୍ତା ଜଙ୍ଗଲ ମଝିରେ ଗୋଟିଏ ଝୁଲନ୍ତା ଗଳିତ ଶବ ବୁଧବାର ପାଇକମାଳ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବିଜେପୁର ବ୍ଲକ ସମଲାଇପଦର ଗାଁର କହ୍ନେୟା ପୁରୀ (୨୧)। ପାଇକମାଳ ପୁଲିସ ଘଟଣାର ଅନୁସନ୍ଧାନ କରି ଶବକୁ ଉଦ୍ଧାର କରି ପଦ୍ମପୁର ବ୍ୟବଚ୍ଛେଦ ପାଇଁ ଆଜି ପଠାଇ ଥିଲେ। ପ୍ରକାଶ ଯେ, କହ୍ନେୟା ପୁରୀ ଗତ ଦୁଇମାସ ଆଗରୁ ନିଜ ଘରୁ ବାହାରି ଆସିଥିଲେ। ପ୍ରାୟ ଦଶ ଦିନ ଆଗରୁ ନିଜ ନାନୀ ଘର ନୂଆପଡ଼ା ଜିଲ୍ଲା ମୁଢ଼େଲା ଗାଁକୁ ଯାଇ ସେଠାରୁ ନୃସିଂହନାଥ ମନ୍ଦିରକୁ ଗଣେଶ ପୂଜା ଦିନ ଆସିଛି ବୋଲି ନିଜ ବାପା ଗିରିଧାରୀ ପୁରୀ (୬୫)ଙ୍କୁ ଫୋନ କରିଥିଲେ। ପୁଅ ଘରକୁ ନ ଫେରିବାରୁ ମୃତକଙ୍କ ବାପା ମା ବୁଧବାର ନୃସିଂହନାଥ ଆସି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ମୃତଦେହ ଠାବ କରାଯାଇ ପଦ୍ମପୁର ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ପ୍ରକାଶ।

## ନୃସିଂହନାଥ ଅଞ୍ଚଳରୁ ମାଙ୍କଡ଼ ତଡ଼ିବାକୁ ଦାବି



ପାଇକମାଳ, ୩।୯ (ସମିସ): ପାଇକମାଳ ନୃସିଂହନାଥ ଅଞ୍ଚରେ କିଛି ଦିନ ହେଲା ହନୁ ମାଙ୍କଡ ଓ ପାତି ମାଙ୍କଡ ମାନଙ୍କର ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଶ୍ରୀଶ୍ରୀ ନୃସିଂହନାଥ ପୀଠରୁ ମାଙ୍କଡମାନେ ଗାଁ ମୁହାଁ ହେଉଛନ୍ତି। ନିକଟସ୍ଥ ସଂସ୍କୃତ ହାଇସ୍କୁଲ, ଆୟୁର୍ବେଦ କଲେଜ, କସ୍ତୁରବା ଗାନ୍ଧୀ ମାତୃନିକେତନ, ଆଶ୍ରମ ଆବାସିକ ହାଇ ସ୍କୁଲ ତଥା ଜର୍ଜ ଗଡ଼ରେ ମାଙ୍କଡ ଉପଦ୍ରବ ବହୁତ ପରିମାଣରେ ବଢ଼ି ଯାଇଛି। ସ୍କୁଲ କଲେଜରେ ମାଙ୍କଡ ମାନେ ଛାତ୍ରଛାତ୍ରୀଙ୍କୁ ଗୋଡାଇ ଗୋଡାଇ କାମୁଡୁଛନ୍ତି। ଏଥିସହ ସାଧାରଣ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ବୁଧବାର ଜର୍ଜଗଡ଼ ଗାଁର ଜଣେ ବାଳକ ଓ ଜଣେ ମହିଳାଙ୍କୁ ଆକ୍ରମଣ ଯୋଗୁଁ ପାଇକମାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଗ୍ରାମବାସୀ ତଥା ତଥା ଛୋଟ ଛୋଟ ଶିଶୁମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏନେଇ ବନ ବିଭାଗ ମାଙ୍କଡମାନଙ୍କୁ ଘଉଡ଼ାଇବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ନୃସିଂହନାଥ ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କୁ ଲିଖିତ ଅଭିଯୋଗ ଦେବା ସହ ମାଙ୍କଡମାନଙ୍କୁ ତଡ଼ିବା ପାଇଁ ଦାବି କରିଛନ୍ତି। ସେ ମଧ୍ୟ ମାଙ୍କଡ ମାନଙ୍କର ଦୌରାତ୍ମ୍ୟ ବିଷୟରେ ଅବଗତ ଥିବା କହିଥିଲେ। ବରଗଡ଼ ଡିଏଫଓଙ୍କ ସହ ଯୋଗାଯୋଗ କରି ସମାଧାନ କରିବୁ ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଛନ୍ତି ରେଞ୍ଜର ଶ୍ରୀ ମିଶ୍ର। ପାଇକମାଳ ଡାକ୍ତରଖାନାରେ ପ୍ରତିଦିନ ପ୍ରାୟ ୧୦ ଜଣଙ୍କୁ ଏନେଇ ଚିକିତ୍ସା ସହ ଇଞ୍ଜେକ୍ସନ ଦିଆଯାଉଥିବା ଜଣା ପଡ଼ିଛି।

## ଶିକ୍ଷକ ଦେବେନ୍ଦ୍ର ନାଥ ସାହୁଙ୍କ ପରଲୋକ



ବିଜେପୁର, ୩।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ବରମୁଣ୍ଡା ଗାଁର ଶିକ୍ଷକ ଦେବେନ୍ଦ୍ର ନାଥ ସାହୁଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଛି। ସେ ନାଟ୍ୟକାର, କବି, ଅଭିନେତା ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ବଡ ପୁଅ ମଧୁସୂଦନ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆନନ୍ଦ, ଉଲ୍ଲାସରେ ଚାଲିଛି ନୂଆଁଖାଇ ଭେଟ୍‌ଘାଟ୍











ପଦ୍ମପୁର, ୩।୯ (ସମିସ)

ପଦ୍ମପୁର ବ୍ଲକ ଅଧୀନ ସିଂହନପୁର ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବହୁ ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଂହନପୁର ଗାଁ କମିଟିର ସଭାପତି ଦୂର୍ବାଦଳ ମେହେର ଓ ସମ୍ପାଦକ ରଘୁମଣୀ ପାଣ୍ଡେ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଗାଁ ଯୁବ ଗୋଷ୍ଠୀର ସଭାପତି ଅରବିନ୍ଦ ସାହା ଏବଂ ସମ୍ପାଦକ ଧର୍ମେନ୍ଦ୍ର ସାହା ମଧ୍ୟ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଅଭୟ ମେହେର ଏବଂ ଭବାନୀ ପ୍ରସାଦ ସାହା ଯୋଗଦାନ କରିଥିଲେ। ଉତ୍ତମ ପ୍ରସାଦ ସାହା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ରୋହିଣୀ ପାଣ୍ଡେ, କେଦାର ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ନୂଆଁଖାଇ ଭେଟଘାଟର ଖେଳ କୁଦ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନକୁ ପୁରସ୍କାର ବିତରଣ କରାଯାଇ ଥିଲା। ଏହି ଖେଳକୁଦ ପ୍ରତିଯୋଗିତାକୁ ସୁରେନ୍ଦ୍ର ସାହା, ଦିନେଶ ମେହେର, ସନ୍ତୋଷ ମେହେର, ରାଜୁ ବିଶି, ମନରଞ୍ଜନ ସାହା, କୁନି ସାହା, ଲିଜା ସାହା, ରୋନି ସାହା ଓ ବର୍ଷ ସେନାପତି, ସତ୍ୟବାନ ସାହା, ତ୍ରିଲୋଚନ ପାଣ୍ଡେ, ନରେଶ ସାହା, ଚୈତନ୍ୟ ସାହା, ରିପନ ସାହା, କ୍ଷେତ୍ର ବାସି ସାହା, ନୀଳାମ୍ବର ମେହେର ଲିଙ୍ଗରାଜ ସାହୁ, ଲିଙ୍ଗ ମେହେର ଓ ଯୁବ ଗୋଷ୍ଠୀର ସଭ୍ୟ ମାନେ ସହଯୋଗ କରିଥିଲେ। ବିଶେଷ ସହଯୋଗ ବେଣୁଧର ସାହା ଓ ନରେନ୍ଦ୍ର ସାହା ମଧ୍ୟ କରିଥିଲେ। ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଈଶ୍ୱର ମେହେର ଓ ଦିନେଶ ମେହେର ନୃତ୍ୟ ଓ ସଙ୍ଗୀତର ବିଚାରକ ଭାବେ ଯୋଗାଯୋଗ ଦାନ କରିଥଲେ। ନୂଆଁଖାଇ ଭେଟଘାଟର ମୁଖ୍ୟ ଆକର୍ଷଣ ଯାମିନୀ ରଞ୍ଜନ ସାହାଙ୍କ ରଚିତ ଓ ନିର୍ଦ୍ଦେଶିତ ଐତିହାସିକ ନାଟକ 'ସାତବହନୀ' ପରିବେଷଣ କରା ଯାଇଥିଲା। ନାଟକରେ ଗୋପାଳ ନିଆଳ, ରାଜୁ ବିଶି, ତୋଷଧର ପାଣ୍ଡେ, ଈଶ୍ୱର ମେହେର, ସୀପନ ସାହା, ଧର୍ମେନ୍ଦ୍ର ସାହା, ଆଲୋକ ସାହୁ, ଆକାଶ ଦ୍ୱାରି, ଆକାଶ ସେନାପତି, ରୋହିଣୀ ପାଣ୍ଡେ, ଅୟେଶା ମେହେର, ରେଖା ମେହେର, ରିୟା ମେହେର, ଲିନା ସାହୁ, ଲିସା ସାହୁ, ଶୋଭାରାଣୀ ଓ ଅନ୍ୟାନ୍ୟ କଳାକାର ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତ କଳାକାର ମାନଙ୍କୁ ଏବଂ ସାତବହନୀର ଲେଖକ ଯାମିନି ରଞ୍ଜନ ସାହାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଉଦ୍‌ଯାପନୀ ଉତ୍ସବ ଅଭୟ ମେହେର ପରିଚାଳନା କରିଥିଲେ।

**ବରଗଡ଼:** ପଞ୍ଚାୟତ ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତକ ଗଣପର୍ବ ଉପଲକ୍ଷେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧ୍ୟକ୍ଷ ଡ.ନକୁଳ ସେଠଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଡ.ଉମେଶ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୁବଳ ମେହେର ଓ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଝରଣା ବିଶ୍ୱାଳ ମଞ୍ଚାସୀନ ଥିଲେ। ଏଇ ଅବସରରେ ନୂତନ ଭାବେ ବଦଳି ହୋଇ ଚାକିରିରେ ଯୋଗ ଦେଇଥିବା ତିନିଜଣ ଅଧ୍ୟାପକ ଅଧ୍ୟାପିକା ଶାନ୍ତନୁ ସୁନା ଓଡ଼ିଆ ବିଭାଗ, ଅଧ୍ୟାପିକା ସୁନନ୍ଦିନୀ ଦାଶ ମନସ୍ତତ୍ତ୍ୱ ବିଭାଗ ଓ ଅଧ୍ୟାପିକା ସିମନ୍ତିନୀ ଭୋଇ ଇଂରାଜୀ ବିଭାଗକୁ ସ୍ୱାଗତ କରାଯାଇଥିଲା। ଇଂରାଜୀ ବିଭାଗର ବରିଷ୍ଠ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ସମଲେଇ ବନ୍ଦନା ଗାନ କରିଥିଲେ। ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ଶାନ୍ତନୁ ସୁନା, ଅଧ୍ୟାପିକା ସୁନନ୍ଦିନି ଦାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଡ.ସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** କପ୍‌ସିଲାରେ ନୂଆଁଖାଇ ଭେଟଘାଟ ଧୁମ୍‌ଧାମରେ ପାଳନ କରାଗଲା। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ। ସଭାପତି ରାହୁଲ ରଣା ସମ୍ପାଦକ ପ୍ରିୟ ରଞ୍ଜନ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତା ଓ ଫେସନ୍ ସୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତେଜବନ୍ତ ରଣା, ସରୋଜ ରଣା, ମନୋରଞ୍ଜନ ବରିହା ଓ ରାଜେନ୍ଦ୍ର ମହାନ୍ତିଙ୍କୁ ସମ୍ମାନିତ କରାଯାଇ ଥିଲା। ଶେଷରେ ସମସ୍ତ କୃତୀ ପ୍ରତିଯୋଗୀ ମାନକୁ ପୁରସ୍କାର ଦିଆଗଲା। ପାଣ୍ଡବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲାର ବିଜେପୁର ପଞ୍ଚାୟତ ସମତି ଅଧୀନ ତାଳପଦର ଗାଁର ବୁଢ଼ାରଜା ପଡ଼ା ଠାରେ ପବିତ୍ର ଗଣେଷ ପୂଜା ଉପଲକ୍ଷେ ନୂଆଁଖାଇ ଭେଟଘାଟ ଓ କବି ମାନଙ୍କ ଦ୍ୱାରା ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ଅଭିଷେକ ସେଠ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ଚୂଡାମଣି ପଧାନ, ସୋମନାଥ ପଧାନ, ନବୀନ ପ୍ରଧାନ, ଗତିକୃଷ୍ଣ ପଧାନ, ଧରଣୀଧର ପଧାନ ଯୋଗଦାନ କରିଥିଲେ। କବି ମାନଙ୍କ ମଧ୍ୟରେ କ୍ରାନ୍ତି କବି ହରିଲାଲ ସାହୁ, ରାମ ପ୍ରସାଦ ବାଗ, ଅଧିକାରୀ ସା, ମୁନିରାମ କୁମ୍ଭାର, ମନୋରଞ୍ଜନ ଲୁହା, ଶିଶିର ପୁରୋହିତ ପ୍ରମୁଖ ସମ୍ବଲପୁରୀ କବିତା ପାଠ କରିଥିଲେ। ଦାମୋଦର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପୂଜା କମିଟିର ଜୁକୁ ପଧାନ, ଦେବାନନ୍ଦ ସାହୁ, ବିକାଶ ସାହୁ, ଅନିବ ସାହୁ, ସୁଶାନ୍ତ ବିଶ୍ୱାଳ, ସାଇରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ପଦ୍ମପୁର:** କୋଶଳରାଜ୍ୟ ସମନ୍ୱୟ ସମିତି ପଦ୍ମପୁର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ମାଝୀଙ୍କ ଆହ୍ୱାନ ଓ ମନୋରଞ୍ଜନ ସିଂହ ବରିହାଙ୍କ ସଭାପତିତ୍ୱରେ ଟାଉନ୍ ହଲ୍‌ରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଶାନ୍ତ ମାଝୀ ଉଦ୍ଦେଶ୍ୟ ଜ୍ଞାପନ ଓ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସଞ୍ଜୟ ବହିଦାର ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ସନ୍ତୋଷ ସିଂହ ଠାକୁର କେଦାର ପାଢ଼ୀ ଅରବିନ୍ଦ ପଣ୍ଡା ବିନୋଦ ବେହେରା, ପ୍ରମୋଦ ରାୟ ଓ ଅରବିନ୍ଦ ପଟ୍ଟନାୟକ ଆଲୋଚନା କରିଥିଲେ। ଶେଷରେ ଅରବିନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଦିଲ୍ଲୀରେ ମିଳିବ ଓଡ଼ିଶାର ଦୁଗ୍ଧଜାତ ଦ୍ରବ୍ୟ

# ଓମ୍‌ଫେଡ୍ ଓ କୋରାପୁଟ କଫି କାଫେ ଉଦ୍‌ଘାଟିତ

ଭୁବନେଶ୍ୱର, ୩।୯ (ସମିସ): ନୂଆଦିଲ୍ଲୀରେ ମିଳିବ ଓଡ଼ିଶାର ପନିର, ବଟର, ଘିଅ, ରାବିଡ଼ି, ଲସି, ଫ୍ଲେଭର ମିଲ୍କ, ଗୁଣ୍ଡଦୁଗ୍ଧ, ସାଦା ଓ ମିଠା ଦହି, ପେଡା, ଗୋଲାପ ଜାମୁ, ହଳଦି। ସମସ୍ତ ଜଗନ୍ନାଥ ମନ୍ଦିରରେ ମିଳିବ ଓଡ଼ିଶା ଘିଅ। ଓମ୍‌ଫେଡ୍ ଆଣି ଦେଇଛି ନୂଆଦିଲ୍ଲୀରେ ରହୁଥିବା ଓଡ଼ିଆଙ୍କ ପାଇଁ ଏହି ଅବସର। ନୂଆଦିଲ୍ଲୀରେ ଓଡ଼ିଆ ସମୁଦାୟଙ୍କୁ ଓଡ଼ିଶା ସହ ଯୋଡ଼ି ରଖିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଏକ ଓମ୍‌ଫେଡ୍ କାଫେ ଏବଂ କୋରାପୁଟ କଫି କାଫେର ଉଦ୍‌ଘାଟନ କରି ଏହା କହିଛନ୍ତି।

ଏହି କାଫେ ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଅନ୍ୟ ଗ୍ରାହକମାନଙ୍କୁ ମଧ୍ୟ ସେବା ଯୋଗାଇ ଦେବ। ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଭାଇ ଭଉଣୀମାନେ ଏବେ ଓମ୍‌ଫେଡ୍ ଦ୍ରବ୍ୟର ସ୍ୱାଦ ଉପଭୋଗ କରିପାରିବେ। ଏହାର ଅନୁପମ ସ୍ୱାଦ ଜନ୍ମମାଟି ସହ ଯୋଡ଼ି ହୋଇ ରହିବାରେ ସହାୟକ ହେବ। ଓମ୍‌ଫେଡ୍ କାଫେକୁ ଦିଲ୍ଲୀବାସୀ ଓ ଅନ୍ୟ ରାଜ୍ୟର ଅଧିବାସୀ ମଧ୍ୟ ଆଦର କରିବେ। ଏହା ସହ କୋରାପୁଟ କଫିର ଚାହିଦା ନିଶ୍ଚୟ ବୃଦ୍ଧି ପାଇବ ବୋଲି

■ ଏଣିକି ଦିଲ୍ଲୀର ଜଗନ୍ନାଥ ମନ୍ଦିରଗୁଡ଼ିକରେ ଉପଲବ୍ଧ ହେବ ଓମଫେଡ୍ ଘିଅ
■ ଓଡ଼ିଆ ସମୁଦାୟଙ୍କୁ ଓଡ଼ିଶା ସହ ଯୋଡ଼ି ରଖିବାରେ ସହାୟକ ହେବ : ମୁଖ୍ୟମନ୍ତ୍ରୀ

କହିଥିଲେ। ବିଭିନ୍ନ ଓଡ଼ିଆ ସଂଗଠନ ପକ୍ଷରୁ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅର ଉପଲବ୍ଧତା ପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲା। ଏବେ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାରେ କୌଣସି ସମସ୍ୟା ରହିବ ନାହିଁ। ଏହା ବ୍ୟତିତ ଏହି କାଫେରେ ପନିର, ବଟର, ଘିଅ, ରାବିଡ଼ି, ଲସି, ଫ୍ଲେଭର ମିଲ୍କ, ଗୁଣ୍ଡଦୁଗ୍ଧ, ସାଦା ଓ ମିଠା ଦହି, ପେଡା, ଗୋଲାପ ଜାମୁ, ହଳଦି ପରି ଓମଫେଡ ଉତ୍ପାଦ ଉପଲବ୍ଧ ହେବ।

ସେହିପରି ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ୍ କର୍ପୋରେସନ ଅଫ୍ ଓଡିଶା ଲିମିଟେଡ୍ ବା ଟିଡିକଲ୍ ପକ୍ଷରୁ ପ୍ରାକୃତିକ ଉପାୟରେ ଉତ୍ପାଦନ ହେଉଥିବା କୋରାପୁଟ ଜିଲ୍ଲାର କଫି ମଧ୍ୟ ଏବେଠାରୁ ଏଠାରେ ମିଳିବ। କୋରାପୁଟ ଅଞ୍ଚଳରେ ହେଉଥିବା ଖାସ୍ କରି ଆଦିବାସୀ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ଏହି କଫି ଉଚ୍ଚ ଗୁଣମାନର ଏବଂ ସ୍ୱାଦିଷ୍ଟ। ଏହି କଫି ଆଜି କେବଳ ଓଡିଶାରେ ନୁହେଁ, ସମଗ୍ର ଦେଶ ଏପରିକି ବିଦେଶରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ସେହି କଫି ଏବେ ଦିଲ୍ଲୀରେ ଉପଲବ୍ଧ ହେବ। ଏହା ଦିଲୀରେ ରହୁଥିବା ଓଡିଆ ଲୋକ ଏବଂ ଅନ୍ୟ ରାଜ୍ୟର ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଥିଲେ। କୋରାପୁଟ କଫି ବର୍ତ୍ତମାନ ତିନୋଟି ବ୍ରାଣ୍ଡରେ ଉପଲବ୍ଧ ହେଉଛି। ଏଗୁଡିକ ହେଉଛି- କୋରାପୁଟ ଇନ୍‌ଷ୍ଟାଣ୍ଟ କଫି, ଟାଇଗର୍ ବ୍ରାଇଟ୍ ଓ ଏଥ୍‌ନିକ୍। ଏ ତିନୋଟି ଯାକ ଉତ୍ପାଦର ସ୍ୱାଦ ଓ ସୁଗନ୍ଧ ସ୍ୱତନ୍ତ୍ର। ଏହି ତିନୋଟି ଯାକ ଉତ୍ପାଦ ଗୁଣବତ୍ତାରେ ଉତ୍କୃଷ୍ଟ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ରେସିଡେଣ୍ଟ କମିସନର ବିଶାଲ ଗଗନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସଚିବ ବି. ପରମେଶ୍ୱରନ, ଟିଡିକଲ୍ ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## ପାରିବାରିକ କଳହରୁ ପଥର ଛେଚି ହତ୍ୟା



ବାରିପଦା, ୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଜଣେ ପତ୍ନୀହନ୍ତାକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚାଉଳଘୋରି ଗ୍ରାମର ବୀର ସିଂ (୩୭)। ପାରିବାରିକ କଳହରୁ ଏପରି ଅଭାବନୀୟ ଘଟଣା ଘଟିଛି ବୋଲି ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସାମାନ୍ୟ ଘଟଣାକୁ ନେଇ ସ୍ୱାମୀ ବୀର ସିଂ ଏବଂ ସ୍ତ୍ରୀ ମିନା ସିଂ (୨୭)ଙ୍କ ମଧ୍ୟରେ ପାଟିତୁଣ୍ଡ ଏବଂ ଯୁକ୍ତିତର୍କ ହୋଇଥିଲା। ଫଳରେ ସ୍ୱାମୀ ବୀର ଉତ୍ତ୍ୟକ୍ତ ହୋଇ ମାଡ ମାରିବା ସହିତ ପଥରରେ ଛେଚି ହତ୍ୟା କରିଥିଲା। ଗ୍ରାମବାସୀ ଏହି ଘଟଣା ଜାଣିପାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ହତ୍ୟାରେ ବ୍ୟବହୃତ ପଥର ଜବତ କରିଛି। ମୃତ ମିନାଙ୍କ ମା’ ସରୋଜିନୀ ସିଂଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ନରହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ୱାମୀ-ସ୍ତ୍ରୀ ଦୁହେଁ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ବିବାହ ୧୦ବର୍ଷ ତଳେ ହୋଇଥିଲା। ବୀର ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସହ ଝଗଡା କରୁଥାଏ ବୋଲି ଗ୍ରାମବାସୀ କହିଛନ୍ତି।

ପତ୍ନୀହନ୍ତା କୋର୍ଟ ଚାଲାଣ

■ ପତ୍ନୀଙ୍କୁ ନିର୍ଯାତନା ମାମଲା

## ଓଏଏସ୍ ଅଧିକାରୀଙ୍କ ବିରୋଧରେ ଚାର୍ଜସିଟ୍

ଭୁବନେଶ୍ୱର, ୩।୯ (ସମିସ): ପତ୍ନୀଙ୍କୁ ନିର୍ଯାତନା ମାମଲାରେ ଓଏଏସ୍ ଅଧିକାରୀ ସାର୍ଥକ ସୌରଭ ମହାପାତ୍ରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ମହିଳା ଥାନା ପୁଲିସ। ଭୁବନେଶ୍ୱରସ୍ଥିତ ଏସଡିଜେଏମ୍ କୋର୍ଟ ୧୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି। ଅଭିଯୋଗ ଅନୁସାରେ, ଓସଡମାର ଡିଜିଏମ୍ ତଥା ଓଏଏସ୍ ଅଧିକାରୀ ସାର୍ଥକ ସୌରଭ ମହାପାତ୍ର ଗତବର୍ଷ ଫେବୃୟାରୀ ୨୧ ତାରିଖରେ ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାଶଙ୍କୁ ବିବାହ କରିଥିଲେ। ବିବାହ ପରେ ଅର୍ଚ୍ଚନା ଗର୍ଭବତୀ ହେବା ସହିତ ଗତ ମେ ମାସ ୭ ତାରିଖ ଦିନ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସ୍ୱାମୀ ସାର୍ଥକ ମେ ୧୦ ତାରିଖ ପର୍ଯ୍ୟନ୍ତ ପତ୍ନୀଙ୍କ ସହ ଡାକ୍ତରଖାନାରେ ରହିଥିଲେ। ହେଲେ ହଠାତ୍ ପତ୍ନୀ ଓ ନବଜାତ ଶିଶୁପୁତ୍ରକୁ ଛାଡ଼ି କେଉଁଆଡେ ପଳାଇ ଯାଇଥିଲେ। ଅର୍ଚ୍ଚନା ନିଜେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଥିଲେ। ସେବେଠାରୁ ସ୍ୱାମୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନଥିଲା। ଗତ ଜୁଲାଇ ମାସ ୩୦ ତାରିଖ ଦିନ ଅର୍ଚ୍ଚନା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ରଶ୍ମିରେଖା ବେହେରା ଘଟଣାର ତଦନ୍ତ କରିବା ସହ ଓଏଏସ୍ ଅଧିକାରୀ ସାର୍ଥକଙ୍କୁ ନୋଟିସ୍ ଦେଇଥିଲେ। ଶ୍ରୀମତୀ ବେହେରା ମାତ୍ର ୩୦ ଦିନ ମଧ୍ୟରେ ଘଟଣାର ତଦନ୍ତ ସାରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ଧାରା ୮୫, ୩୫୧(୨), ୩(୫) ଓ ଯୌତୁକ ନିଷିଦ୍ଧ ଆଇନ ୪ ଅନୁସାରେ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

## ପ୍ରାଥମିକ ବିଦ୍ୟାଳୟ ସହ ରହିବ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର,୩।୯ (ସମିସ): ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ର ଗୋଟିଏ ସ୍ଥାନରେ ସ୍ଥାପନ ହେବ। ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଶିକ୍ଷା ମନ୍ତ୍ରାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ପକ୍ଷରୁ ମିଳିତ ଭାବେ ଗାଇଡ୍‌ଲାଇନ୍ ପ୍ରସ୍ତୁତି କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗାଇଡ୍‌ଲାଇନ୍‌କୁ ଆଜି ଲୋକାର୍ପଣ କରିଛନ୍ତି।

ଏହି ଅବସରରେ କନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ଏଆଇ ସମେତ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ପିଲାଙ୍କ ଉଜ୍ୱଳ ଭବିଷ୍ୟତ ନିର୍ମାଣ କରିବାକୁ ଗୁରୁତ୍ୱ ଦିଆଯିବ। ପିଲାମାନଙ୍କର ପ୍ରଥମ ଗୁରୁ ଭାବେ ଅଙ୍ଗନବାଡ଼ି ଦିଦି ଏବଂ ଏଆଇ ମାଧ୍ୟମରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ। ଏହାସହ + ୨ ପର୍ଯ୍ୟନ୍ତ ପଢ଼ି ନ ଥିବା ଏବଂ ପଢ଼ିବାକୁ ଆଗ୍ରହ ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି। ଆଗାମୀ ୩ ବର୍ଷରେ ଦେଶର ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯିବ ବୋଲି ମଧ୍ୟ ଶ୍ରୀ ପ୍ରଧାନ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଦେଶର ପ୍ରାୟ ୨.୯ ଲକ୍ଷରୁ ଅଧିକ ଅଙ୍ଗନବାଡି କେନ୍ଦ୍ର ବିଦ୍ୟାଳୟ ସହିତ ରହିଛି। ନୂତନ ଗାଇଡ୍‌ଲାଇନ୍ ଏଗୁଡିକର ପରିଚାଳନା ସମ୍ପର୍କରେ ଅଧିକ ସ୍ୱଷ୍ଟତା ଆଣିବା ସହ ଏହି ମଡେଲ୍‌କୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟାନ୍ୱୟନ କରିବ।

ଗାଇଡ୍‌ଲାଇନ୍ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

## ସ୍ନାତକଙ୍କ ପାଇଁ ବାହାରୁନି ଚାକିରି

ଭୁବନେଶ୍ୱର, ୩।୯ (ସମିସ): ସ୍ନାତକ ପଢୁଆ ପିଲାଙ୍କ ପାଇଁ ରାଜ୍ୟରେ ନୂତନ ନିଯୁକ୍ତି ବାହାରୁ ନାହିଁ। ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ୨୯ ଟି ପଦ ବ୍ୟତୀତ ଅନ୍ୟ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟରେ ବହୁ ପଦ ଖାଲି ପଡ଼ିଥିବା ସତ୍ତ୍ୱେ ନିଯୁକ୍ତି ବାହାରୁ ନ ଥିବାରୁ ଲକ୍ଷାଧିକ ଆଶାୟୀ ନିରାଶ ହେଉଛନ୍ତି।

ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାର ଘୋଷଣା କରିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ଦୁଇବର୍ଷ ମଧ୍ୟରେ ୬୫ ହଜାର ଓ ୫ବର୍ଷରେ ଅଢ଼େଇ ଲକ୍ଷ ନିଯୁକ୍ତି ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା କହିଛନ୍ତି। ହେଲେ ଚଳିତ ବର୍ଷ କେବଳ ସ୍ନାତକ ଶିକ୍ଷାପ୍ରାପ୍ତ ପିଲାଙ୍କ ପାଇଁ ଆବଶ୍ୟକ ପଦ ବାହାରି ନାହିଁ। ସ୍ୱତନ୍ତ୍ର ଡିଗ୍ରୀଧାରୀଙ୍କ ପାଇଁ ଡାକ୍ତର, ନର୍ସ, ଶିକ୍ଷକ ପରି ପଦ ବାହାରିବା ସହ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଜାରି ରହିଛି। ହେଲେ ବହୁ ପ୍ରତୀକ୍ଷିତ କମ୍ବାଇଡ୍ ଗ୍ରାଜୁଏସନ୍ ଲେବେଲ୍ (ସିଜିଏଲ୍) ପାଇଁ ଏବେ ଯାଏଁ ବିଜ୍ଞପ୍ତି ବାହାରି ନାହିଁ। ଅନୁରୂପ ଭାବେ ଅଗଷ୍ଟ ଶେଷ ସୁଦ୍ଧା ୨୨ହଜାର ଗ୍ରୁପ୍-ସି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଅଗଷ୍ଟ ଯାଇ ସେପ୍ଟେମ୍ବର ହୋଇଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇନି। ଫଳରେ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଉପରେ ସନ୍ଦେହ ପ୍ରକାଶ କରିବା ସହ ତୁରନ୍ତ ବିଜ୍ଞପ୍ତି ବାହାର କରିବାକୁ ଦାବି କରିଛନ୍ତି।

ଅପରପକ୍ଷରେ ଏକାଧିକ ନିଯୁକ୍ତି ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟରେ ମାମଲା ଗଡୁଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ୨୦୨୪ରେ ପ୍ରକାଶ ପାଇଥିବା ଓଡ଼ିଶା ପୁଲିସ୍ ରୁକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି), ଆଇଆର୍‌ବି ଓ ଏସ୍‌ଏସ୍‌ବି ବାଟାଲିଅନ୍, ପୁଲିସ୍ ଏସ୍‌ଆଇ ପରୀକ୍ଷା ନେଇ ମାମଲା ହୋଇଥିଲା। ଫଳରେ ଏବେଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରି ନାହିଁ। ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ପରି ଅନେକ ପଦରେ ନିଯୁକ୍ତି ପ୍ରକ୍ରିୟା କୋର୍ଟଙ୍କ ବିଚାରଧୀନ ଥିବାରୁ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ନିୟମିତ ଭାବେ ଖାଲି ଥିବା ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରିବାକୁ ଆଶାୟୀ ସୁନୀଲ କୁମାର ମିଶ୍ର ଦାବି କରିଛନ୍ତି।

## ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଗିରଫ

ଭୁବନେଶ୍ୱର, ୩।୯ (ସମିସ): ସ୍ତ୍ରୀ ଓ ପୁଅକୁ ଆକ୍ରମଣ ସହ ମାଡ ମାରିଥିବା ଅଭିଯୋଗରେ ଜଗବନ୍ଧୁ ଚାନ୍ଦକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଅଭିଯୋଗ ଅନୁଯାୟୀ, ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଛାଡ଼ପତ୍ର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଉଭୟ ଅଲଗା ରହୁଛନ୍ତି। ଜଗବନ୍ଧୁ ଗତ ୩୦ ତାରିଖ ରାତିରେ ପାଚେରି ଡେଇଁ ବାଲକୋନୀକୁ ଯାଇଥିଲେ। ଝରକା ପଟ ଦେଇ ଘରେ ପଶିବାକୁ ଉଦ୍ୟମ କରିଥିଲେ। ଅର୍ଚ୍ଚନା ବିରୋଧ କରିବାରୁ ଜଗବନ୍ଧୁ ତାଙ୍କୁ ଓ ତାଙ୍କ ପୁଅକୁ ଆକ୍ରମଣ କରିବା ସହ ଜୀବନରୁ ମାରିବାକୁ ଉଦ୍ୟମ କରିଥିଲେ। ତେବେ ରାତି ଅଧରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡର ଭିଡିଓ ବି ସାମ୍ନାକୁ ଆସିଛି। ଏଥିସହିତ ଜଗବନ୍ଧୁ ତାଙ୍କ ମୋବାଇଲ ଭାଙ୍ଗି ଦେଇଥିବା ଅର୍ଚ୍ଚନା ଅଭିଯୋଗ କରିଛନ୍ତି। ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରି ଜଗବନ୍ଧୁଙ୍କୁ କୋର୍ଟ ଚାଲାଣ କରିଛି।

## ୧୬ ମାଓବାଦୀ ଗିରଫ



ମାଲକାନଗିରି,୩।୯ (ସମିସ): ସୁରକ୍ଷା କର୍ମୀଙ୍କ ଅପରେସନ ବେଳେ ଧରା ପଡିଲେ ୧୬ ଜଣ ହାର୍ଡକୋର ମାଓବାଦୀ। ସୂଚନା ଅନୁଯାୟୀ ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ତିନୋଟି ଭିନ୍ନ ଭିନ୍ନ ଜଙ୍ଗଲରୁ ଯବାନ ମାନେ ତଲାସି ଅଭିଯାନ କରିବା ବେଳେ ମୋଟ ୧୬ ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ବିଶେଷ କରି ଜିଲ୍ଲାର ଗାଙ୍ଗାଲୁର, ବାସାଗୁଡା ଏବଂ ଜାଙ୍ଗଲା ଜଙ୍ଗଲରେ ଏସ୍‌ଟିଏଫ, ଡିଆରଜି ଏବଂ ସିଆରପିଏଫ ଯବାନଙ୍କ ତଲାସି ଅପରେସନ ବେଳେ ଏହି ସଫଳତା ମିଳିଛି। ଏମାନଙ୍କ ନିକଟରୁ ଆଇଇଡି, ପ୍ରେସର କୁକର ବୋମା, ଟିଫିନ ବୋମା, କୋଡେକ୍ସ ତାର ଓ ଜିଲୋଟିନ ଷ୍ଟିକ୍ ଜବତ ହୋଇଛି।

## ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

## ୫ ଘଣ୍ଟା ବନ୍ଦରହିବ ସର୍ବସାଧାରଣ ଦର୍ଶନ

ପୁରୀ,୩।୯ (ସମିସ): ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏହି ନୀତି ପାଇଁ ଗୁରୁବାର ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ପରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଥିଲାଗି ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

■ କଂଗ୍ରେସ ସଂଗଠନ ସୃଜନ ଅଭିଯାନ

## ଆରମ୍ଭ ହେଲା ଭୁବନେଶ୍ୱର ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା

ଭୁବନେଶ୍ୱର,୩।୯ (ସମିସ): ସଂଗଠନ ସୃଜନ ମାଧ୍ୟମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପାଇଁ ନିଯୁକ୍ତ ଏଆଇସିସି ପର୍ଯ୍ୟବେକ୍ଷକ ଜେଡି ଶିଲମ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପ୍ରଥମ ଦିନରେ ସେ କଂଗ୍ରେସ ଭବନଠାରେ ଜିଲ୍ଲାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଏହା ପରେ ସେ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରକୁ ଯାଇ କଂଗ୍ରେସ ଲୋକଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଂଗଠନ ସୃଜନ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ଜେଡି ଶିଲମ ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଏକ ଦକ୍ଷ ସଂଗଠକଙ୍କୁ ଜିଲ୍ଲା ସଭାପତି ଭାବେ ବାଛିବାର ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ବୋଲି କହିଛନ୍ତି। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସେମାନଙ୍କର ବହୁମୂଲ୍ୟ ମତାମତ ଏବଂ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ପ୍ରସ୍ତାବ ମୌଖିକ କିମ୍ବା ଲିଖିତ ଆକାରରେ ଦେବାପାଇଁ ଅନୁରୋଧ କରିଛନ୍ତି। ବୈଠକରେ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ପର୍ଯ୍ୟବେକ୍ଷକ ସୁଜିତ ପାଢ଼ୀ, ଭୁବନେଶ୍ୱର ଜିଲ୍ଲା ସଂଯୋଜକ ବିଶ୍ୱଜିତ ଦାସ, ପିସିସି ପର୍ଯ୍ୟବେକ୍ଷକ ଅମ୍ରିତା ଦାସ ଏବଂ ସମସିଦା ତୟାବ ଉପସ୍ଥିତ ଥିଲେ।

## ହାଇକୋର୍ଟରେ ସିପାହୀ/କନଷ୍ଟେବଲ ନିଯୁକ୍ତି ମାମଲା

# ପୂର୍ବ ମନୋନୀତଙ୍କ ସହ ବୟସ କୋହଳ ପରେ ଚୟନ ପ୍ରାର୍ଥୀଙ୍କୁ ମିଳିବ ନିଯୁକ୍ତି

କଟକ,୩।୯ (ସମିସ): ସିପାହୀ/କନଷ୍ଟେବଲ ପଦରେ ନିଯୁକ୍ତି ସଂପର୍କିତ ମାମଲାର ଶୁଣାଣିରେ ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପରେ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ମୂଳରୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କେତେକ ପ୍ରାର୍ଥୀ ଚୂଡାନ୍ତ ଚୟନ ତାଲିକାରେ ସ୍ଥାନ ପାଇଥିଲେ ଏହା ପରେ ବୟସ ସୀମା କୋହଳ ପରେ କେତେକ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିଲେ। ପୂର୍ବ ତାଲିକାରେ ସ୍ଥାନ ପାଇଥିବା କେତେକ ପ୍ରାର୍ଥୀ ଆଶଙ୍କା କରିଥିଲେ ଯେ, ବୟସ ସୀମା କୋହଳ ସୁବିଧା ନେଇ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ପାଇଁ ସେମାନଙ୍କ ନିଯୁକ୍ତି ପ୍ରସଙ୍ଗ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ମୂଳ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂପର୍କିତ ମାମଲାଗୁଡ଼ିକର ହାଇକୋର୍ଟରେ ଶୁଣାଣି ସମୟରେ ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ ପୂର୍ବ ଚୟନ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ବୟସ ସୀମା କୋହଳର ସୁବିଧା ପାଇ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ମଧ୍ୟ ନିଯୁକ୍ତି ପ୍ରଦାନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ବୟସ ସୀମା କୋହଳ ପରେ ଚୟନ କରାଯାଇଥିବା ପ୍ରାର୍ଥୀଙ୍କ ପାଇଁ ପୂର୍ବ ତାଲିକାର ପ୍ରାର୍ଥୀ କୌଣସି ଭାବେ ପ୍ରଭାବିତ ହେବେ ନାହିଁ। ଆଡଭୋକେଟ ଜେନେରାଲଙ୍କ ଯୁକ୍ତିକୁ ବିଚାରକୁ ନେଇ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲା ଗୁଡ଼ିକର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଓଏସଏପି, ଆଇଆର, ଏସଆଇଆର, ସ୍ପେଶାଲ ସିକ୍ୟୁରିଟି ବାଟାଲିଅନରେ ୧୩୬୦ଟି ସିପାହୀ/କନେଷ୍ଟବଲ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ୨୦୨୪, ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ଧାର୍ଯ୍ୟ କରାଯାଇଥିଲା। ୬ ବର୍ଷ ସର୍ବାଧିକ ବୟସସୀମା କୋହଳ ପାଇଁ କେତେକ ଆଶାୟୀ ପ୍ରାର୍ଥୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୬ ବର୍ଷ କୋହଳ କରାଯିବ ବୋଲି ୨୦୨୪, ଡିସେମ୍ବର ୫ରେ ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଦାୟର କରିଥିଲେ। ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଗତ ମାର୍ଚ୍ଚ ୨୫ର ଶୁଣାଣି ବେଳେ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏହା ପରେ ହାଇକୋର୍ଟରେ ଏହି ସବୁ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ବୟସ ସୀମା କୋହଳ ପରେ ଅନ୍ୟ ପ୍ରାର୍ଥୀଙ୍କ ପାଇଁ ପୂର୍ବ ଚୟନ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଆଶଙ୍କା ଭିତରେ ରହିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

■ ଫରେଷ୍ଟର, ଏଲଆଇ ଓ ଫରେଷ୍ଟ ଗାର୍ଡ ନିଯୁକ୍ତି ପରୀକ୍ଷା ମାମଲାରେ ପୂର୍ଣ୍ଣଚ୍ଛେଦ

## ପଦ ସଂରକ୍ଷିତ ରଖି ନିଷ୍ପତ୍ତି ନେବେ ସରକାର

କଟକ,୩।୯ (ସମିସ): ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନ୍‌ସ୍ପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ତଥା ପରୀକ୍ଷାର୍ଥୀଙ୍କୁ କାରଣଦର୍ଶାଅ ନୋଟିସ ଜାରିକୁ ବିରୋଧ କରି ଦାୟର ମାମଲାର ଶୁଣାଣିରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ସମସ୍ତ ୩୩୭ ପଦ ସଂରକ୍ଷିତ ରଖି ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ଅନୁମତି ପ୍ରଦାନ ସହ ସେମାନଙ୍କୁ ଜାରି କାରଣ ଦର୍ଶାଅ ନୋଟିସ ଉପରେ ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସ୍ୱପ୍ନେଶ ମହାପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ମାମଲା ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉପସ୍ଥିତ ରହି ଏହି ମାମଲାରେ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରିଥିଲେ।

ମାମଲାରୁ ପ୍ରକାଶ ଯେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଉପରୋକ୍ତ ପଦବୀ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ଆବେଦନକାରୀ ପରୀକ୍ଷାର୍ଥୀମାନେ ଆଶାତୀତ ଅଧିକ ନମ୍ବର ରଖିଥିବା ହେତୁ ସେମାନେ କିଛି ଅନିୟମିତତା କରିଥିବା ସନ୍ଦେହରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏପରିକି ଶାରିରୀକ ପରୀକ୍ଷା ପାଇଁ ଅନୁମତି ନଦିଆଯାଇ ସେମାନଙ୍କ ଫଳ ସ୍ଥଗିତ ରଖାଯାଇଥିଲା। ଏହା ବିରୋଧରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ପରୀକ୍ଷା ସମୟର ସେମାନେ କିଛି ଅନିୟମିତତା ବା ବିଶୃଙ୍ଖଳା କରିଥିବା ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ପରେ ଏଭଳି କରିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର,୩।୯ (ସମିସ): ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର, ୨୦୨୫ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟରଡ୍ ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୩ ତାରିଖରୁ ୩୧.୧୨.୨୦୨୩ ତରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୪ ରୁ ୩୧.୧୨.୨୦୨୪ ରିଖ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ମନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ ଲେଖିକାମାନେ ଆବେଦନ କରିବା ସହ ବୁକ୍/ମନୋଗ୍ରାଫର ଦଶ ଖଣ୍ଡ ନକଲ ତା ୪.୧୦.୨୦୨୫ ତାରିଖ ସୁଦ୍ଧା ରେଜିଷ୍ଟ୍ରରଡ୍ ପୋଷ୍ଟ, ସ୍ପିଡ଼ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍ culture.odisha.gov.in ରେ ଉପଲବ୍ଧ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅକ୍ଟୋବର ୪ସୁଦ୍ଧା କାଗଜପତ୍ର ସହ ଚଳଚ୍ଚିତ୍ର ଦାଖଲ

■ ଗୁରୁ ଦିବସରେ ଶିକ୍ଷକ ସମାବେଶ

## ଅନୁଦାନଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଦାବି



ଭୁବନେଶ୍ୱର, ୩।୯ (ସମିସ): ଅନୁଦାନ ଯୋଗ୍ୟ ସ୍କୁଲକଲେଜକୁ ଅନୁଦାନ ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକଙ୍କୁ ପେନସନ୍ ପ୍ରଦାନ ଦାବିରେ ଆସନ୍ତା ୫ ତାରିଖ ଅର୍ଥାତ୍ ଗୁରୁଦିବସ ଦିନ ବିଧାନସଭା ସମ୍ମୁଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ସମାବେଶ ଅନୁଷ୍ଠିତ କରାଯିବ। ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ପେନସନ୍ ସମେତ ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ ଅସଙ୍ଗତି ଦୂର କରିବା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସ୍ଥାୟୀ ନିଯୁକ୍ତି ପରି ୫ଦଫା ଦାବି ପୂରଣ ପାଇଁ ବହୁବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନାହାନ୍ତି। ଗତ ଅଗଷ୍ଟ ୧୬ରେ ଗାନ୍ଧିମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ବାଧ୍ୟ ହେଉଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ କହି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ଅବିଳମ୍ବେ ପୂରଣ କରିବାକୁ ସମିତି ଦାବି କରିଛି। ଅନ୍ୟଥା ଅହୋରାତ୍ର ଧାରଣା ଜାରି ରଖିବେ ବୋଲି ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ଏବଂ ମଧୁସୂଦନ ଦେ ପ୍ରମୁଖ ପ୍ରକାଶ କରିଛନ୍ତି।







## ଆସୁଛନ୍ତି ମା'



ପୁରୁଣା ଷ୍ଟେସନ ବଜାର ପୂଜା କମିଟି

# ତୋରଣରେ ଅନ୍ଧବିଶ୍ୱାସ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୩।୯ (ସମିସ): ଆଜିର ଆଧୁନିକ ଯୁଗରେ ମଧ୍ୟ ମଣିଷ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ପରିବାର ଓ ପିଲାମାନଙ୍କ ପ୍ରତି କଠୋର ହୋଇପଡୁଛନ୍ତି। ଗୁଣିଗାରେଡ଼ି ଠାରୁ ଆରମ୍ଭ କରି ତନ୍ତ୍ର ସାଧନାକୁ ଏବେ ବି ଅନେକ ବିଶ୍ୱାସ କରୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ହେଉଥିବା ବେଳେ ଥଣ୍ଡା ଜ୍ୱର ପାଇଁ ଔଷଧ ବଦଳରେ ତନ୍ତ୍ର ସାଧନାକୁ ଗୁରୁତ୍ୱ ଦେଉଥିବାର ଅନେକ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ସେହିପରି ମା'ଙ୍କ ପାଖରେ ପଶୁ ବଳି ଚଢ଼ା ଯାଉଥିବା ଭଳି ବିଶ୍ୱାସକୁ ଆଜି ବି ଅନେକ ଜାବୁଡ଼ି ଧରିଥିବା ବେଳେ ସାମାଜିକ ବିଧି ବ୍ୟବସ୍ଥାରେ ଏହାକୁ ଯୋଡ଼ି ଦିଆଯାଉଛି। ଏଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରରେ ରହିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ନିଆରା ପଦକ୍ଷେପ ନେଇଛି ପୁରୁଣା ଷ୍ଟେସନ୍ ବଜାର ପୂଜା କମିଟି। ପ୍ରତିବର୍ଷ ଦୁର୍ଗାପୂଜାରେ ଭିନ୍ନ ଓ ଅକାର୍ଷଣୀୟ ତୋରଣ ନିର୍ମାଣ କରି ଚର୍ଚ୍ଚାରେ ରହୁଥିବା ଏହି ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଏକ ସ୍ୱତନ୍ତ୍ର ତୋରଣ ମଧ୍ୟରେ ପୂଜା ପାଇବେ ମା' ଦୁର୍ଗତିନାଶିନୀ। ୪୦ ଫୁଟ ଉଚ୍ଚ ଏବଂ ୧୪୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ସ୍ଥାନ ପାଇବ ତନ୍ତ୍ର ସାଧନାର ବିଭିନ୍ନ ଚିତ୍ର। ସେହିପରି ନର ବଳି ଠାରୁ ଆରମ୍ଭ କରି ପଶୁ ବଳି ସାଙ୍ଗକୁ ବିଭିନ୍ନ ଅନ୍ଧବିଶ୍ୱାସର ଚିତ୍ରକୁ ଦର୍ଶାଯିବ। ଯାହାକି ଅନ୍ଧବିଶ୍ୱାସର କରାଳ ରୂପକୁ ଦେଖିବେ ସହରବାସୀ।



୧୯୫୫ ମସିହାରୁ କିମିଟି ପକ୍ଷରୁ ମା'ଙ୍କ ପୂଜା ହୋଇଆସୁଥିବା ବେଳେ ଚଳିତ ଥର ୭୦ ବର୍ଷରେ ପର୍ଦ୍ଦାର୍ପଣ କରିବ। ସୂଚନା ଅନୁସାରେ, ରାଜଧାନୀରେ ଏହି ପୂଜା ମଣ୍ଡପରେ ପ୍ରଥମେ ସୁନା ଓ ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ପ୍ରତିବର୍ଷ ପରି ଏଥର ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ରହିଥିବା ବେଳେ ମା'ଙ୍କୁ ଅଳଙ୍କାରରରେ ସଜ୍ଜିତ କରାଯିବ। ସେହିପରି ୨କୁଇଣ୍ଟାଲ ୭କେଜି ରୂପା ଓ ଏକ କେଜି ସୁନାରେ ମେଢ ନିର୍ମାଣ କରାଯିବ।



ଚଳିତ ଥର ମୁଖ୍ୟ ଆକର୍ଷଣ ପାଲଟିବ ନିଆରା ଆଖିଦୃଶିଆ ତୋରଣ। ଲୋକମାନଙ୍କ ମନରେ ରହିଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ଦୂର କରିବାକୁ ଏହି ପ୍ରୟାସ କରାଯାଇଛି। ଉଦାହରଣ ସ୍ୱରୂପ ପୂର୍ବରୁ ମା' ଙ୍କ ପାଖରେ ପଶୁ ବଳି ଦିଆଯାଉଥିବା ବେଳେ ବର୍ତ୍ତମାନ ପାଣିକଖାରୁ ବଳି ଦିଆଯାଉଛି। ସବୁବର୍ଷ ଭଳି ଏଥର ମଧ୍ୟ ଭିନ୍ନ ଧରଣର ତୋରଣ ସମସ୍ତଙ୍କୁ ନିଶ୍ଚିତ ନିଆରା ଅନୁଭୂତି ଦେବ ବୋଲି ଆଶା ରହିଛି। ଚିତାକର୍ଷକ ସାଜସଜ୍ଜା ସାଙ୍ଗକୁ ୭ଦିନ ଧରି ମେଲୋଡି ପରିବେଷଣ ହେବ। ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବହୁ ସଂଖ୍ୟାରେ ସ୍ୱେଚ୍ଛାକୃତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ସାଙ୍ଗକୁ ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ଓ ପୁରୁଷ ଲାଇନ୍ କରାଯାଇ ସହଜ ଦର୍ଶନ ବ୍ୟବସ୍ଥା ହେବ। ସିସିଟିଭି କ୍ୟାମେରା, ଅଗ୍ନିନିରାପତ୍ତା ବ୍ୟବସ୍ଥା, ଫାଷ୍ଟଏଡ ଆଦି ବ୍ୟବସ୍ଥା ରହିବ। ଚଳିତ ବର୍ଷ ପୂଜା ବଜେଟ୍ ରହିଛି ୬୦ ଲକ୍ଷ ଟଙ୍କା।

-ଗଣେଶ ପ୍ରସାଦ ସାହୁ (ସଭାପତି)



ମା'ଙ୍କ ଆଶୀର୍ବାଦରୁ ରାଜଧାନୀର ଏହି ପୂଜା କମିଟି ୧୪ଟଙ୍କାରୁ ଆରମ୍ଭ କରିଥିବା ପୂଜା ଏବେ ଏକ ବଡ଼ ବଜେଟ୍‌ରେ ପହଞ୍ଚିଛି। ଆଗକୁ ଆହୁରି ଭବ୍ୟ ଆୟୋଜନ କରାଯିବାକୁ ବ୍ୟବସ୍ଥା ହେଉଛି। ଚଳିତବର୍ଷ ଅଷ୍ଟମୀରେ ୧୫ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଥିବା ବେଳେ ୨୦ କିଲୋମିଟର ପରିଧି ମଧ୍ୟରେ ରହିଥିବା ଅଞ୍ଚଳରେ ଘରେଘରେ ପ୍ରସାଦ ଦିଆଯିବ। ଚଳିତବର୍ଷ ଡିଜେ ବ୍ୟାନ୍ କରାଯାଇଥିବାରୁ ପାରମ୍ପରିକ ବାଦ୍ୟରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ନଗର ପରିକ୍ରମା କରି ସହିଦନଗରରେ ପହଞ୍ଚିବ ମେଢ଼। ଭସାଣୀ ଉତ୍ସବକୁ ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପରିଚାଳନ କରିବା ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

-ଦୀପକ କୁମାର ଜେନା (ସମ୍ପାଦକ)

## ବିଭୂତି କାନୁନଗୋଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୩।୯ (ସମିସ): ବିଭୂତି କାନୁନଗୋଙ୍କ ପୁଣ୍ୟତିଥି ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବିଭୂତି କାନୁନଗୋ ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରଦୀପ କୁମାର ପାତ୍ର, ଗିରିଜା ଶଙ୍କର ମହାପାତ୍ର, ଯୋଗେନ୍ଦ୍ର ଡାକୁଆ, ବିଶ୍ୱନାଇ ସ୍ୱାଇଁ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅମିତ୍ ପାତାଳ ସିଂ, ଦୀନବନ୍ଧୁ ଶତପଥୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଚାରୁ ଓ କାରୁ କଳାକୁ ସଠିକ୍ ତାଲିମ ଓ ଶୈକ୍ଷିକ ବାତାବରଣ ଭିତରକୁ ନେଇଆସିବା ନିମନ୍ତେ ବିଭୂତି କାନୁନଗୋଙ୍କର ଐତିହାସିକ ପ୍ରୟାସ ଆମକୁ ଏକ ସମୃଦ୍ଧ କଳାଭୂମି ଯୋଗାଇ ଦେଇପାରିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ।

## ଗଣେଶଙ୍କ ଆଶୀର୍ବାଦ ନେଲେ 'ଚ୍ୟାଲେଞ୍ଜ' ଟିମ୍



ଭୁବନେଶ୍ୱର, ୩।୯ (ସମିସ): ଦଶହରାରେ ମୁକ୍ତିଲାଭ କରିବାକୁ ଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜ ଟିମ୍ ଗଣେଶଙ୍କ ଆଶୀର୍ବାଦ ନେଇ ଚଳଚ୍ଚିତ୍ରର ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ରର ନାୟକ ଅର୍ଦ୍ଧେନ୍ଦୁ ଓ ନାୟିକ ଏଲିନା ସାମନ୍ତରାୟ, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ପ୍ରଡକ୍ସନ ଡିଜାଇନର ମିଲନ କୁମାର ପ୍ରମୁଖ ନୂଆସାହି ଗଣେଶ ମଣ୍ଡପ ଯାଇ ଆର୍ଶିବାଦ ନେବା ସହ ଉପସ୍ଥିତ ଦର୍ଶକମାନଙ୍କୁ ଦଶହରାରେ ଓଡ଼ିଆ ଫିଲ୍ମ ଚ୍ୟାଲେଞ୍ଜ ଦେଖିବାକୁ ଅନୁରୋଧ କରିଥିଲେ। ଆଖଣ୍ଡଳମଣି ସେବା ସଦନ ପକ୍ଷରୁ ଚ୍ୟାଲେଞ୍ଜ ଟିମ୍‌କୁ ସମ୍ମାନୀତ କରାଯାଇଥିଲା। ଟିମ୍ ତରଫରୁ ନିକଟରେ ମୁକ୍ତିଲାଭ କରିଥିବା ଭାଙ୍ଗ ଗୀତରେ ରିଲ୍ସ କରି ଅଧିକ ଭିଉ ଥିବା ଇନଷ୍ଟା ଆଇଡିକୁ ଆକର୍ଷଣୀୟ ପୁରସ୍କାର ସହ ପ୍ରିମିୟର ଦିନ ଚଳଚ୍ଚିତ୍ର କଳାକାରମାନଙ୍କ ସହ ଫିଲ୍ମ ଦେଖିବାର ସୁଯୋଗ୍ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ଏହା ହେଉଛି ୬ଷ୍ଠ ଅବଦାନ। ଯୁବ ନିର୍ଦ୍ଦେଶକ ସାଇକିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

## ନୂଆପଲ୍ଲୀରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୩।୯ (ସମିସ): ନୂଆପଲ୍ଲୀରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ପାଣିଟାଙ୍କି ନିର୍ମାଣ ପାଇଁ ମାଟିରେ ମିଶିଛି ବେଆଇନ୍ ଜବରଦଖଲ। ସରକାରୀ ଜାଗାକୁ ମାଡି ବସି କିଛି ବ୍ୟକ୍ତି ଦବରଦଖଲ କରିବା ସହିତ ସେଠାରେ ଘର ଛିଡା କରିଥିଲେ। ଏହି ସବୁ ବେଆଇନ୍ ଜବରଦଖଲକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉଚ୍ଛେଦ କରିଛି। ବୁଧବାର ନୟାପଲ୍ଲୀ ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନମ୍ବର ୬୨୮ରେ ହୋଇଥିବା ଘର ଗୁଡ଼ିକୁ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଭାଙ୍ଗିଛି। ପ୍ରାୟ ୯୦ ଡିସିମିଲ ଜମିକୁ ଦବରଦଖଲମୁକ୍ତ କରାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ୍ ରିଜର୍ଭ ପୁଲିସ୍ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ୍ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

## ଖାଲ ରାସ୍ତାରେ ପଡ଼ି ମୋହରିଅର ଗୁରୁତର

ବାଲିଅନ୍ତା, ୩।୯ (ସମିସ): ସରଦେଈପୁର-ନିମାପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାଳକାଟି ଫାଣ୍ଡି ପୂରଣ ପଞ୍ଚାୟତ ଅଧୀନ ପଞ୍ଚାୟତ ରୋଡ଼ ଛକ ନିକଟରେ ବୁଧବାର ରାତି ସାଢେ ୯ଟା ସମୟରେ ସ୍କୁଟିରୁ ଛିଟିକିପଡ଼ି ଜଣେ ମୋହରିଅର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ହେଲେ ବିଶୁନିଆପଡ଼ା ଗ୍ରାମର ପୂର୍ଣ୍ଣ ଓରଫ ତ୍ରିଲୋଚନ ସ୍ୱାଇଁ (୪୭)। ପୂର୍ଣ୍ଣ ବାଲିଅନ୍ତା ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ମୋହରିଅର ଭାବେ କାମ କରନ୍ତି। ଉଲ୍ଲେଖଯୋଗ୍ୟ ଯେ ସରଦେଈପୁର - ନିମାପଡ଼ା ରାସ୍ତା ଦୀର୍ଘ ବର୍ଷ ହେଲା ଅଧା ପନ୍ତରିଆ ଅବସ୍ଥାରେ ପଡ଼ିଛି।

# ସହରୀ ସଭ୍ୟତାରେ ଏବେ ବି ବଞ୍ଚିଛି ଭାଗବତ ଟୁଙ୍ଗୀ

ଭୁବନେଶ୍ୱର, ୩।୯ (ସମିସ): ଭାଗବତ ଟୁଙ୍ଗୀ ହେଉଛି ଓଡ଼ିଆ ଜାତି ଓ ସଂସ୍କୃତିର ଗୌରବମୟ ପରିଚୟ। ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତରେ ଭାଗବତ ହେଉଛି ଗାଁର ଆତ୍ମା ଓ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ଭାଗବତ ପଢ଼ିବା ଓ ଶୁଣିବା ଦ୍ୱାରା ବୌଦ୍ଧିକ, ମାନସିକ ଓ ଆର୍ଥିକ ବିକାଶ ଘଟିଥାଏ

### ବରିଷ୍ଠଙ୍କ ପ୍ରୟାସରେ ହଜିନି ପରମ୍ପରା



ବୋଲି ବିଶ୍ୱାସ ରହିଛି। ତେଣୁ ପୁରୁଣା ସମୟରେ ସେଠାରେ କେବଳ ପ୍ରବଚନ କାର୍ଯ୍ୟକ୍ରମ ହେଉନଥିଲା ତା ସହ ଟୁଙ୍ଗୀ ଘରେ ଭାଗବତ ଗାଦି ଥିଲା, ଭାଗବତ ଗ୍ରନ୍ଥ ପୂଜା ପାଉଥିଲା ଏବଂ ସନ୍ଧ୍ୟାରେ ଆଳତି, ଗ୍ରନ୍ଥ ପାରାୟଣ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ମଧ୍ୟ ହେଉଥିଲା। ହେଲେ ସମୟସହ ସେସବୁ ହଜିଗଲା ଭଳି ଦୃଶ୍ୟମାନ ହେଉଛି। କେବଳ କିଛି ବରିଷ୍ଠଙ୍କ ପ୍ରୟାସରେ କାଁ ଭାଁ ଭାଗବତ ଟୁଙ୍ଗୀ ବଞ୍ଚି ରହିଛି।

ବର୍ତ୍ତମାନ ସମୟରେ ରାଜଧାନୀର ପ୍ରାୟ ସମସ୍ତ ଗାଁରେ ଭାଗବତ ଟୁଙ୍ଗୀ ରହିଛି। ହେଲେ ସେଥି ମଧ୍ୟରୁ ପାଖାପାଖି ୧୦ ରୁ ୧୫ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ନୟାପଲ୍ଲୀ, ଜାଗମରା, ପୋଖରୀପୁଟ, ୟୁନିଟ-୧ ସ୍ଥିତ ଜଗନ୍ନାଥ ବସ୍ତି, କବିରପ୍ରସାଦ, ଭିଏସଏସ ନଗର ଓ ମାଉସୀ ମା ମନ୍ଦିର ଆଦି ସ୍ଥାନରେ ଚାଲୁଥିବା ପରିଲକ୍ଷିତ ହେଉଛି। ତାହା ଦୈନିକ ଅନୁଷ୍ଠିତ ହେଉନାହିଁ ବରଂ ବାର୍ଷିକ ତ କେଉଁଠି ସପ୍ତାହରେ ଥରେ ପ୍ରବଚନ କାର୍ଯ୍ୟକ୍ରମ ହେଉଛି।

ସେଥିମଧ୍ୟରୁ ଅନ୍ୟତମ ହେଉଛି ୟୁନିଟ୍-୧ ସ୍ଥିତ ଜଗନ୍ନାଥ ବସ୍ତି। ଯେଉଁଠି ବାର୍ଷିକ ଭାଗବତ ବସିବା ସହ ଦୈନିକ ସେଠାରେ ଭାଗବତ, ପୁରାଣ ଆଦି ଆଲୋଚନା ମଧ୍ୟ ହୋଇଥାଏ। ଜଗନ୍ନାଥ ବସ୍ତିରେ ୭ ବର୍ଷ ଧରି ୨୦ରୁ ୨୫ ଜଣ କିଛି ବରିଷ୍ଠ ଲୋକ ଏହାକୁ ଚଳେଇ ଆସୁଛନ୍ତି। ଟୁଙ୍ଗୀର ସଭାପତି ୭୯ ବର୍ଷୀୟ ବନମାଳି ପାଣିଗ୍ରାହୀ କୁହନ୍ତି, ଏ ବୟସରେ ଆଉ ଗାଁ କୁ ଯାଇ ହେବନି। ତେଣୁ ଗାଁରେ ଯେଉଁ ଆଧ୍ୟାତ୍ମିକ ପରିବେଶ ଥାଏ ତାକୁ ସହରରେ ତିଆରି କରିବାକୁ ଚେଷ୍ଟା କରିଛନ୍ତି। ଏହା ସହ ପୁରାଣ, ଭାଗବତ ଆଦି ଚର୍ଚ୍ଚା ମନକୁ ଶାନ୍ତି ଦେଇଥାଏ ଏବଂ ଲୋକଙ୍କୁ ଏକଜୁଟ କରିଥାଏ। ତେଣୁ ସହରର ଅନ୍ୟ ଯେଉଁଠି ସବୁ ଭାଗବତ ଟୁଙ୍ଗୀ ରହିଛି ସରକାର ତାକୁ କାର୍ଯ୍ୟକ୍ଷମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ଟୁଙ୍ଗୀର ଉପସଭାପତି ନାରଣ ସେଠୀ କହିଛନ୍ତି ଭାଗବତ ଟୁଙ୍ଗୀ ପାଇଁ ନୟାଗଡ଼ରୁ ପ୍ରବଚନ ଗ୍ରୁପ ଆସିଛି। ଏହା ସାତ ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ଭାଗବତର ଗୋଟେ ଲେଖାଏଁ ଅଧ୍ୟାୟ ଆଲୋଚନା ହେଉଛି। ବସ୍ତିର ୮୪ ଘର ଏଥିରେ ସହାୟତା କରୁଛନ୍ତି। ଭାଗବତ ଚର୍ଚ୍ଚାର ଏକ ଭଲ ପ୍ରଭାବ ଯୁବପିଢ଼ିଙ୍କ ଉପରେ ପଡ଼ିଥାଏ କିନ୍ତୁ ଏବେ ବର୍ତ୍ତମାନର ଯୁବପିଢ଼ି ଏସବୁଠୁ ଅନେକ ଦୂରରେ ରହୁଛନ୍ତି। ତେଣୁ ଆଖପାଖରେ ଭଲ ପରିବେଶ ତିଆରି କରିବା ପାଇଁ ଭାଗବତ ଟୁଙ୍ଗୀକୁ ବଞ୍ଚାଇ ରଖିବା ଉଚିତ୍।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଉପଦେଷ୍ଟା କମିଟି ବୈଠକ

ଭୁବନେଶ୍ୱର, ୩।୯ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ବାର୍ଷିକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ ମହାବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ସମୀକ୍ଷା କରାଯାଇଛି। ବୈଠକରେ ଏନ୍‌ଏସ୍‌ଏସ୍ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏନ୍‌ଏସ୍‌ଏସ୍ ଶାଖା ବଢ଼ାଇବା ସହ ଅଧିକ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ିବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ୨୦୨୫-୨୬ ଶିକ୍ଷାବର୍ଷରେ ବ୍ୟାପକ ସାମାଜିକ, ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ବିତ୍ତନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଶାରଦା ପ୍ରସନ୍ନ ଦାସ ବୈଠକକୁ ସଂଯୋଜନା କରିଛନ୍ତି।




ସ୍ୱାୟତ୍ତ ଶାସନ ଦିବସ ଅବସରରେ କଳିଙ୍ଗ ବିହାରର ନିରାକାର ସାହୁଙ୍କୁ ଦିଆଯାଉଛି ନଗରବନ୍ଧୁ ସମ୍ମାନ

## ୟୁକୋ ବ୍ୟାଙ୍କ ପକ୍ଷରୁ ରି-କେୱାଇସି ସାଚୁରେସନ



ଭୁବନେଶ୍ୱର, ୩।୯ (ସମିସ): ୟୁକୋ ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର କୁଲେଇ ଗ୍ରାମ ପଞ୍ଚାୟତସ୍ଥିତ ମାନସିଂହପୁର ଗ୍ରାମରେ ଏକ ଆର୍ଥିକ ଅନ୍ତର୍ଭୁକ୍ତୀ ଏବଂ ରି-କେୱାଇସି ସାଚୁରେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ଡଃ. ସାରଦା ପ୍ରସନ ମହାନ୍ତି ଆର୍ଥିକ ଅନ୍ତର୍ଭୁକ୍ତିର ଛୋଟ ଛୋଟ ପ୍ରୟାସ ମଧ୍ୟ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂ ଭାକୁନି, ସହାୟକ ମହାପ୍ରବନ୍ଧକ କୃଷ୍ଣ ପାଲସିଂହ, ସହାୟକ ମହାପ୍ରବନ୍ଧକ ରାମଚନ୍ଦ୍ର ଦାସ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉତ୍ସାହର ସହିତ ଯୋଗଦେଇଥିଲେ। ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ସମ୍ବନ୍ଧରେ ଜାଣିବାକୁ ପାଇଥିଲେ। କେନ୍ଦ୍ର ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ସଚେତନ କରାଇ ନାଗରିକମାନଙ୍କୁ ସେଥିରୁ ଲାଭାନ୍ୱିତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ଅଙ୍ଗନବାଡ଼ି କେନ୍ଦ୍ର ଓ ହସ୍ପିଟାଲ ପରିଦର୍ଶନ କଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ

ଝାଁଳା, ୩।୯ (ସମିସ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୬ଜଣିଆ ଟିମ୍ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ବ୍ଲକ ପିତାପଲ୍ଲୀ ଅଙ୍ଗନୱାଡି କେନ୍ଦ୍ର ଓ ଜଟଣୀ ହସ୍ପିଟାଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ମିଳୁଥିବା ଖାଦ୍ୟ ଓ ପରିଧାନ ବିଷୟରେ ବୁଝିବା ସହ ଆହୁରି ସ୍ୱଚ୍ଛ ସୁନ୍ଦର ସେବା ଯୋଗାଇ ଦେବାକୁ ଅଙ୍ଗନବାଡି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଜଟଣୀ ହସ୍ପିଟାଲ ବା ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାକାର ସ୍ଥିତି ପରଖିବା ସହ ହସ୍ପିଟାଲ୍ ପରିସର ସ୍ୱଚ୍ଛତା ଉପରେ ନିରୀକ୍ଷଣ କରିଥିଲେ। ଏଥିସହ କିଛି ବିଭାଗରେ ଡାକ୍ତର ନ ଥିବା କାରଣରୁ ରୋଗୀମାନେ ହଇରାଣ ହେଉଛନ୍ତି। ତେଣୁ ଖାଲି ଥିବା ପଦବୀଗୁଡ଼ିକୁ ପୂରଣ କରିବାକୁ କହିଥିଲେ। ପରିଦର୍ଶନରେ ଆୟୋଗର ଅଧ୍ୟକ୍ଷା ବବିତା ପତ୍ରୋ, ସଦସ୍ୟା ଚନ୍ଦନା ଦାସ, କଳ୍ପନା ଲେଙ୍କା, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଓ କସ୍ତୁରୀ ମିଶ୍ର ସାମିଲ ଥିଲେ।

## ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସେମିନାର

ଭୁବନେଶ୍ୱର, ୩।୯ (ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟର ବୁଧବାର ଗୃହ ବିଜ୍ଞାନ ବିଭାଗ ତରଫରୁ କଲେଜ ପରିସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ବିଭାଗର ମୁଖ୍ୟ ମଧୁସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ କାର୍ଯ୍ୟରତ ହୃଦାନନ୍ଦ ପୃଷ୍ଟି, ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲି ଯୋଗଦେଇ ମାନସିକ ଓ ଶାରିରୀକ ସୁସ୍ଥତା କିଭଳି ବଜାୟ ରହିବ ସେ ବିଷୟରେ ଆଲୋଚନା କରିଥିଲେ।

# କଟନଫ୍ୟାବ୍‌ରେ ୧୨ ରାଜ୍ୟର ୧୨୨ ହସ୍ତଶିଳ୍ପୀ

ଭୁବନେଶ୍ୱର, ୩।୯ (ସମିସ): ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା କଟନଫ୍ୟାବରେ ରେଶମ ଓ ସୂତା ବସ୍ତ୍ରର ସମ୍ଭାର ଦେଖିବାକୁ ମିଳିଛି। ଏହା ପ୍ରତିଦିନ ସକାଳ ୧୦.୩୦ରୁ ରାତି ୯ ଟା ପର୍ଯ୍ୟନ୍ତ ଖୋଲା ରହୁଥିବାବେଳେ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀରେ ମନସୁନ୍ ସିଜନ୍ ଏବଂ ବଡ଼ ପୂଜା ଉତ୍ସବ ପାଇଁ ଏହି ହସ୍ତଶିଳ୍ପ ବଜାର ଆରମ୍ଭ ହୋଇଛି। ୧୨ଟି ରାଜ୍ୟର ୧୨୨ଟି ହସ୍ତଶିଳ୍ପୀ ଏହି ମେଳାରେ ଯୋଗଦେଇ ତାଙ୍କର ସାମଗ୍ରୀ ପ୍ରଦର୍ଶିତ କରୁଛନ୍ତି। ବିଭିନ୍ନ ପ୍ରକାର ପୋଷାକଠାରୁ ଖାଦ୍ୟ ସାମଗ୍ରୀ, ସାଜସଜ୍ଜା ଉପକରଣ ଆଦି ବିଭିନ୍ନ ରାଜ୍ୟର ହସ୍ତତନ୍ତ ଉପକରଣ ଏଠାରେ ବିକ୍ରି ଏବଂ ପ୍ରଦର୍ଶିତ ହେଉଛି।

### ଗ୍ରାହକଙ୍କ ମନ ମୋହୁଛି ବିଭିନ୍ନ ରାଜ୍ୟର ପୋଷାକ

ଲକ୍ଷ୍ନୌର ଚିକନୱାକ୍ ଡ୍ରେସ୍ ମ୍ୟାଟେରିଆଲସ୍, ଶାଢ଼ି, କୁର୍ତ୍ତା ପାଇଜାମା, ଟପସ୍, ଗୁଜୁରାଟର ଏଥନିକ୍ ପ୍ରିଣ୍ଟ, କୁର୍ତ୍ତା, ଡ୍ରେସ୍ ମ୍ୟାଟେରିଆଲସ୍, ରାଜସ୍ଥାନି ବ୍ଲକ ପ୍ରିଣ୍ଟେଡ଼, କୋଟା ଦରୀ ଡ୍ରେସ୍ ମ୍ୟାଟେରିଆଲସ୍, ଲେଡ଼ିଜ୍ କୁର୍ତ୍ତା, ଲେହେଙ୍ଗା-ଚୋଲି, ମଲ୍‌ମଲ, ବନ୍ଧେଜ୍ ସୁଇଟସ୍, ସ୍କିଟ୍ସ୍-ଟପ୍, ସାଲୱାର ଏବଂ ଦୁପଟା, ପଞ୍ଜାବର ଫୁଲ୍‌କରୀ ଡ୍ରେସ୍ ଏବଂ କ୍ରାପ୍, ଆନ୍ଧ୍ର ପ୍ରଦେଶର କଲାମକରୀ ଭେଜିଟେବୁଲ ଡ଼ାୟଡ଼, ମଙ୍ଗଲଗିରୀ, ଗଢ଼ୱାଲ ଜରୀ ବର୍ଡ଼ର ଡ୍ରେସ୍ ମ୍ୟାଟେରିଆଲ୍, ତାମିଲନାଡୁର ମଦୁରାଇ ଶାଢ଼ୀ ସମେତ ବିଭିନ୍ନ ପ୍ରକାରର ଗହଣା, ରାଜସ୍ଥାନ ଷ୍ଟୋନ୍ ଓ ମେଟାଲ ଗହଣା, ଦିଲ୍ଲୀ ଆର୍ଟିଫିସିଆଲ ଗହଣା ଏବଂ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ପ୍ରକାରର ହସ୍ତତନ୍ତ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। ବିଶେଷକରି ମହିଳାମାନେ ଏସବୁ ହସ୍ତତନ୍ତ ପୋଷାକ କିଣିବାକୁ ଆଗ୍ରହୀଥିବା ପରିଲକ୍ଷିତ ହେଉଛି।



### ମେଳାରେ କେରଳ ସ୍ପେଶାଲ 'ହେଲଦି ହାଲୱା'

ଅନ୍ୟ ଷ୍ଟଲପରି ମେଳାରେ ବିଶେଷ ଆକର୍ଷଣ ସାଜିଛି କେରଳର ଏକ ଷ୍ଟଲ। ଯେଉଁଠି ହାଲୱାର ଭେରାଇଟି ପରିଲକ୍ଷିତ ହେଉଛି। ସାଧାରଣତଃ ହାଲୱା କହିଲେ ଆମେ ସୁଜି, ଗାଜର ଆଦିର ସ୍ୱାଦ ଜାଣୁ। ହେଲେ ଏଠାରେ ଟିକିଏ ଭିନ୍ନ ସ୍ୱାଦ ସହ ଭିନ୍ନ ଫଳ ଏବଂ ଗୁଡରେ ପ୍ରସ୍ତୁତ ହାଲୱାର ସ୍ୱାଦ ମିଳୁଛି। ଯେପରି ବେଦନା, ପଣସ, ପଇଡ଼, ଡ୍ରାଗନ ଫ୍ରୁଟ୍, ମୋହୁ, ଡ୍ରାଏ ଫ୍ରୁଟସ୍ ଓ ଛୋଟ ପିଲାଙ୍କ ପାଇଁ ଚ କଲେଟ ହାଲୱା ବିକ୍ରି ହେଉଛି। ଯାହା ସ୍ୱାଦରେ ନିଆରା ଏବଂ ସ୍ୱାସ୍ଥ୍ୟପ୍ରତି ଲାଭଦା ବୋଲି ଦୋକାନୀ କହିଛନ୍ତି। ଏ ସମସ୍ତ ହାଲୱାର ମୂଲ୍ୟ ୧୫୦ ଟଙ୍କା ରହିଛି। ସେହିପରି ସେଠାକାର ସ୍ପେଶାଲ ପାମ୍ପଡ ମଧ୍ୟ ବିକ୍ରି ହେଉଛି। ଯେପରି ଅଦା, ଜିରା, ବିଟ୍, ପୋଦିନା, ମାଣ୍ଡିଆ, କଦଳୀ ଆଦି ପାମ୍ପଡ ଭେରାଇଟି ବିକ୍ରି ହେଉଛି।

### ଆକର୍ଷିତ କରୁଛି କାଠର ମୀନାକରି କାରୁକାର୍ଯ୍ୟ

ମେଳାରେ ୟୁ.ପି ର ମୀନାକରି କାରୁକାର୍ଯ୍ୟର ଝଲକ ମଧ୍ୟ ଦେଖିବାକୁ ମିଳୁଛି। ଯାହା ଆକୃଷ୍ଟକର ହେବା ସହ କାଠରେ ବେଶ ନିଖୁଣ କାରୁକାର୍ଯ୍ୟର ପ୍ରଦର୍ଶନ ମଧ୍ୟ ହୋଇଛି। ଏହାକୁ ଘରର ସାଜସଜ୍ଜା ପାଇଁ ବିଶେଷକରି ଲୋକ କିଣୁଛନ୍ତି। କାଠର ବିଭିନ୍ନ ମଡେଲ, ୱାଲ ହ୍ୱାଙ୍ଗିଙ୍ଗ୍, ଟ୍ରି, ପେନଷ୍ଟାଣ୍ଡ, ପୂଜା ସାମଗ୍ରୀ ଆଦି ଡେକୋରେଟିଭ ଉପକରଣ ରହିଛି। ଏ ସମସ୍ତ ଜିନିଷର ମୂଲ୍ୟ ୩ ଶହ ଟଙ୍କାରୁ ଆରମ୍ଭ ହୋଇ ୪ ହଜାର ପର୍ଯ୍ୟନ୍ତ ରହିଛି। ଏହି ସାଜସଜ୍ଜା ଜିନିଷ ଘରର ସୌନ୍ଦର୍ଯ୍ୟ ବଢ଼ାଉଥିବାରୁ ଏବଂ ଆସଥେଟିକ ଲୁକ ଦେବା ପାଇଁ ମହିଳାମାନେ କିଣିଥିବା ଦୋକାନୀ କହିଛନ୍ତି।

# ପାଣି ପାଇପ୍ ଚୋରି ଅଭିଯୋଗରେ ୩ ଗିରଫ



ରାଉରକେଲା,୩।୯ (ସମିସ): ସ୍ଥାନୀୟ ସେକ୍ଟର - ୧୬ ସ୍ଥିତ ଇସ୍ପାତ କଲେଜ ଛକ ନିକଟ ତୁମକେଲା ବସ୍ତିରେ ପାନୀୟ ଜଳ ଯୋଗାଣ ପାଇଁ ରଖାଯାଇଥିବା ପାଣି ପାଇପକୁ ଚୋରି କରିବା ଅଭିଯୋଗରେ ସେକ୍ଟର-୧୫ ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ଟି ପାଣି ପାଇପକୁ ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ୩ ଜଣ ହେଲେ ମାନୁ ଡୁଙ୍ଗଡୁଙ୍ଗ (୩୬), ରୋହିତ ଖାଡିଆ(୨୨) ଏବଂ ସଂଜୟ ଖାଡିଆ (୨୭)। ସେମାନେ ସମସ୍ତେ ତୁମକେଲା ବସ୍ତିର ବୋଲି ଜଣାପଡିଛି। ସୂଚନା ମୁତାବକ, ତୁମକେଲାବାସୀଙ୍କ ଅନୁରୋଧ କ୍ରମେ ଗତ ୧ ତାରିଖରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜା କରିଥିଲେ। ପ୍ରକଳ୍ପ ପାଇଁ ସେଠାରେ ୱାଟକୋ ପକ୍ଷରୁ ୬୦ଟି ଲୁହା ପାଣି ପାଇପ୍ ରଖାଯାଇଥିଲା। ତେବେ ସେହିଦିନ ରାତିରେ ୫ଟି ପାଣି ପାଇପକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲା। ଏନେଇ ଗତ ୨ ତାରିଖ ଦିନ ୱାଟକୋ ଅଧିକାରୀ ହେମାନନ୍ଦ ଦାଶ ସେକ୍ଟର-୧୫ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ସିନ୍ମୟ କୁମାର ବଳ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଏହାପରେ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଉପରୋକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଏହି ଘଟଣାରେ ଏକ ଟ୍ରାକ୍ଟର ଓ ୫ଟି ଚୋରି ପାଣି ପାଇପକୁ ଜବତ କରାଯାଇଛି ।

# ବିମାନସେବା ବନ୍ଦ ନେଇ ସର୍ବଦଳୀୟ ବୈଠକରେ ପ୍ରତିବାଦ

ରାଉରକେଲା,୩।୯ (ସମିସ):



ରାଉରକେଲା ବିମାନ ବନ୍ଦରରୁ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ ସମୟ ହେଲା ବିମାନସେବା ବନ୍ଦ କରାଯାଇଥିବାରୁ ସର୍ବଦଳୀୟ ବୈଠକରେ ଦୃଢ଼ ପ୍ରତିବାଦ କରାଯାଇଛି। ବିମାନସେବା ଯଥାଶୀଘ୍ର ପୁନଃ ଆରମ୍ଭ କରା ନ ଗଲେ ଆସନ୍ତା ଦିନରେ ରାଉରକେଲା ବନ୍ଦ କରାଯିବା ସହ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଘର ଆଗରେ ଧାରଣା ଦେବା ପାଇଁ ସର୍ବଦଳୀୟ ବୈଠକରେ ଚେତାବନୀ ଦିଆଯାଇଛି। ସ୍ଥାନୀୟ ଆମ୍ରବାଗାନଠାରେ ସୁମନ ଦତ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ରାଉରକେଲାର ସମସ୍ତ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବରିଷ୍ଠ ବିଜେଡି ନେତା ଆଇନଜୀବୀ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସିଆଇଟିୟୁ ଶ୍ରମିକ ସଂଗଠନର ସର୍ବଭାରତୀୟ ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ଚରଣ ମହାନ୍ତି, ରାଉରକେଲା ଜିଲ୍ଲା କଂଗ୍ରେସର ସଭାପତି ଜ୍ଞାନେନ୍ଦ୍ର ଦାସ, ରେଳ ଓ ରୋଡ଼ ୟୁଜର୍ସ ଆସୋସିଏସନର ସଭାପତି ଇଂ ଉତ୍ତମ ସାମଲ, ଅମୂଲ୍ୟ ବରାଳ, ଜଗଦା ସାଂସ୍କୃତିକ ପରିଷଦର ସଭାପତି ସଂଜୀବ ମହାନ୍ତି, ପ୍ରଭାତ କୁମାର ମହାନ୍ତି, ତ୍ରିଲୋଚନ ପରିଡ଼ା, ଥିଙ୍କର୍ସ ଫୋରମ୍‌ର ସଭାପତି ନଳିନୀକାନ୍ତ ଧର, ରାଉରକେଲା ବାର ଆସୋସିଏସନର ସଭାପତି ସଦାନନ୍ଦ ସାହୁ, ଯାଦବ ସମାଜର ସଭାପତି ହରିହର ବେହେରା, ଖଣ୍ଡାୟତ କ୍ଷତ୍ରୀୟ ମହାସଭାର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ, ଆଦର୍ଶ ପାଠାଗାରର ଉପଦେଷ୍ଟା ଚନ୍ଦ୍ରଶେଖର ଶତପଥି, ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ପ୍ରଧାନ, ଆପ୍ ଦଳର ସଭାପତି ବିନୟ ତିୱାରୀ, ଭରତ ବାଇ, ରଞ୍ଜନ କୁମାର ଲେଙ୍କା, ୟୁଥ କଂଗ୍ରେସର ଉପସଭାପତି ଇସ୍ତେହାର ମହମ୍ମଦ, ଏସୟୁସିଆଇର ବିଦ୍ୟୁତ ମାହାନ୍ତ, ସିପିଆଇର ପ୍ରଦୋଷ କୁମାର ମହାନ୍ତି, ପ୍ରଭାତ କୁମାର ମହାନ୍ତି, ଯଯାତି କେଶରୀ ସାହୁ, ବିଶ୍ୱଜିତ ମାଝୀ, ରାଜା ମୁର୍ମୁ, ସେଭ ରାଉରକେଲାର ଇଂ ସୁପ୍ରତୀକ ମିଶ୍ର, ସିଟିଜେନ୍ସ ଫୋରମର ସୁଶାନ୍ତ କୁମାର ଦାସ, ବିଶ୍ୱେଶ୍ୱର ଦାସ, କଂଗ୍ରେସ ନେତା ସନ୍ତୋଷ ବିଶ୍ୱାଳ, ଯଯାତି ସାହୁ, ଅନ୍ତର୍ଯ୍ୟାମୀ ଦାସ, ମଧୁସୂଦନ ମହାପାତ୍ର, ଦଶରୂ କିଶାନ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଦୀର୍ଘ ଦୁଇ ମାସରୁ ଉଦ୍ଧ୍ୱର୍ ସମୟ ହେଲା ରାଉରକେଲା ବିମାନ ବନ୍ଦରରୁ ବିମାନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ଦଳୀୟ ନେତୃବୃନ୍ଦ ସମାଲୋଚନା କରିଥିଲେ। ଆଦିବାସୀ ବହୁଳ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଶିକ୍ଷାନୁଷ୍ଠାନ, କଳକାରଖାନା, ହସ୍ପିଟାଲ, ଖଣି ଆଦି ରହିଛି। ଏହି ଜିଲ୍ଲାରୁ ସର୍ବାଧିକ ରାଜସ୍ୱ ସରକାରଙ୍କ ତହବିଲକୁ ଯାଉଥିଲା ବେଳେ ଏ ଅଞ୍ଚଳର ଉନ୍ନତି ପାଇଁ କୌଣସି ବଜେଟର ପ୍ରାବଧାନ ନାହିଁ କି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ମତପ୍ରକାଶ ପାଇଥିଲା। ହକି ବିଶ୍ୱ କପକୁ ଲକ୍ଷ୍ୟ ରଖି ବିଭିନ୍ନ ସାମାଜିକ ଅନୁଷ୍ଠାନଙ୍କ ଦାବି ଫଳରେ ୨୦୨୩ ମସିହା ଜାନୁଆରୀ ମାସରୁ ବିମାନ ଚଳାଚଳକୁ ନିୟମିତ କରାଯାଇ ଭୁବନେଶ୍ୱର ଓ କଲିକତାକୁ ସଂଯୋଗ କରାଯାଇଥିଲା। କିନ୍ତୁ ଦୀର୍ଘ ଦୁଇ ମାସ ହେଲା ବିମାନସେବାକୁ ବନ୍ଦ କରି ଦିଆଯାଇଛି। ଅଥଚ ଓଡିଶାର ଅନ୍ୟ ବିମାନ ବନ୍ଦରର ଉନ୍ନତିକରଣ କରାଯାଉଛି। ଯାହା ରାଉରକେଲା ଇସ୍ପାତ କାରଖାନର ସମ୍ପ୍ରସାରଣ ତଥା ଜିଲ୍ଲାର ଉନ୍ନତିରେ ବାଧା ସୃଷ୍ଟି କରିବା ସହ ରାଉରକେଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ସୃଷ୍ଟି କରୁଛି। ଦୁଇଦୁଇ ଥର ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଦ୍ୱାରା ସର୍ଭେ କରାଯାଇଥିଲେ ମଧ୍ୟ ଫଳ ଶୂନ। ଆସନ୍ତା ଏକ ମାସ ଭିତରେ ଯଦି ବିମାନ ଚଳାଚଳକୁ ଆରମ୍ଭ କରା ନ ଯାଏ ତେବେ ଆଗାମୀ ଦିନରେ ରାଉରକେଲାବାସୀ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିବା ସହିତ ନିର୍ବାଚିତ ପ୍ରତିନିଧିମାନଙ୍କ ବାସଭବନ ଆଗରେ ସାମୁହିକ ଧାରଣା ଦେବା ପାଇଁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଶେଷରେ ସଚେତନ ନାଗରିକ ମଞ୍ଚର ମୁଖପାତ୍ର କୁଞ୍ଜ ବିହାରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ବନ୍ଦ ପାଇଁ ଚେତାବନୀ

# ଡ. ନବୀନ ସାହୁଙ୍କ ପୁଣ୍ୟତିଥି

ରାଉରକେଲା,୩।୯ (ସମିସ): ଡକ୍ଟର ନବୀନ କୁମାର ସାହୁଙ୍କ ଗବେଷଣାତ୍ମକ ଦୃଷ୍ଟି ଭଙ୍ଗୀ ଓଡ଼ିଶାର ଐତିହ୍ୟ ଓ ସାଂସ୍କୃତିକ ଜୀବନ ବୋଧକୁ ଉଜ୍ଜୀବିତ କରିଛି ବୋଲି ପ୍ରଗତି ଉତ୍କଳ ସଂଘ ଦ୍ୱାରା ଆୟୋଜିତ ଡ. ନବୀନ ସାହୁଙ୍କ ୪୧ତମ ପୁଣ୍ୟତିଥି ପାଳନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ସୁବୋଧ ରାଉତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ବରାଳ, ଅନ୍ୟତମ ବକ୍ତା ଡ. ପ୍ରଭାତ କୁମାର ମଲ୍ଲିକ ମତବ୍ୟକ୍ତ କରିଥିଲେ। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରଘୁନାଥପାଲିର ବିଧାୟକ




ଦୁର୍ଗା ଚରଣ ତନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ନଗେନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ରଶ୍ମି ସାହୁ ଏବଂ ଅର୍ଚ୍ଚନା ପାତ୍ର ସଂଯୋଜନା କରିଥିଲେ। ଅଜୟ କୁମାର ମହାନ୍ତି, ଉପେନ୍ଦ୍ର କୁମାର ବସ୍ତିଆ, ସ୍ମିତା ମିଶ୍ର, ତ୍ରିନାଥ ସିଂହ, କାଶୀନାଥ ନନ୍ଦୀ, ସଞ୍ଜୀବ କୁମାର ଭୋଇ, ସତ୍ୟ ନାରାୟଣ ଦାଶ, ଶ୍ରୀଧର ସୁନା, ଦିବାକର ଦାସ, ନିକୁଞ୍ଜ ବିହାରୀ ଦାଶ, ଆଶିଷ କୁମାର ଦାଶ ପ୍ରମୁଖ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ଘନଶ୍ୟାମ ଧଳ, ଲକ୍ଷ୍ମଣ ନାଥ ଦାସ, ଇନ୍ଦ୍ରମଣି ମହାପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ଅରବିନ୍ଦ ପାତ୍ର, ଧରଣୀଧର ସାମଲ, ପ୍ରଦୀପ କୁମାର ପଟ୍ଟନାୟକ, ପରୀକ୍ଷିତ ଗୁରୁ, ସ୍ମିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଭାରତ ଭୂଷଣ ମହାନ୍ତି, ରଶ୍ମି ରଞ୍ଜନ ବୋଇତାଇ, ପ୍ରସନ୍ନ କୁମାର ମହାନ୍ତି, ଶାନ୍ତନୁ କୁମାର ମହାନ୍ତି, ଅକ୍ଷୟ କୁମାର ସାମଲ, ନାରାୟଣ ଦଳାଇ, ନୃସିଂହ ଚରଣ ମହାନ୍ତି, ବସନ୍ତ କୁମାର ରଣା, ବି.ସି. ସାହୁ, ପ୍ରମୋଦ କୁମାର ପତି, ଦିଲୀପ କୁମାର ବୋଷ, ସରୋଜ କୁମାର ଦାଶ, ସଞ୍ଜୟ ତନ୍ତୀ, ନିରୁତମ କର୍ସେଲ, ହେମନ୍ତ କୁମାର ମହାରଣା, କୈଳାଶ ଚନ୍ଦ୍ର ମହାଲି, ବିଷ୍ଣୁପଦ ଦାସ, ରାମନାଥ ଦଳେଇ, ଦିବାକର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ମହିଳା ଗୁରୁତର

କୋଇଡ଼ା,୩।୯ (ସମିସ): କୋଇଡା ଥାନା ୫୨୦ ନମ୍ବର ଜାତୀୟ ରାଜପଥର ନାରାୟଣପୋଷ ଛକରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି ସ୍ଥାନୀୟ ରେଙ୍ଗାଲବେଡା ଗ୍ରାମର ମହିଳା ସୁଶନା ମୁଣ୍ଡା ( ୩୮ ) । ଗାଡିଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ମହିଳାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଅପରାଧୀ ଓ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କୁ ଜଗିବ ଏଆଇ କ୍ୟାମେରା

ରାଉରକେଲା,୩।୯ (ସମିସ): ପ୍ରତୀକ୍ଷାର ଅବସାନ ଘଟିଛି। ରାଉରକେଲା ସହରରେ ଏଣିକି ଅପରାଧୀ ଓ ଟ୍ରଫିକ ନିୟମ ଖିଲାପକାରୀଙ୍କୁ ଏଣିକି ଜଗିବ ଏଆଇ କ୍ୟାମେରା। ବୁଧବାର ଠାରୁ ପରୀକ୍ଷାମୂଳକ ଭାବେ ହାଇଦ୍ରାବାଦ୍ ଢ଼ାଞ୍ଚାରେ ଏଆଇ ସିସିଟିଭି କ୍ୟାମେରା ସହରର ବିଭିନ୍ନ ଛକରେ କାର୍ଯ୍ୟକ୍ଷମ ହୋଇଛି ହାଇଦ୍ରାବାଦ ଢାଞ୍ଚାରେ ସିସିଟିଭି କ୍ୟାମେରା। ସହରର ବିଭିନ୍ନ ୫୦ଟି ଗୁରୁତ୍ୱପୂର୍ଣ୍ଣ ଛକ ଓ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ୨୫୦ଟି ଏଆଇ ସଂଯୁକ୍ତ ସିସିଟିଭି କ୍ୟାମେରାକୁ କାର୍ଯ୍ୟକ୍ଷମ କରାଯାଇଛି। ଏନେଇ ରାଉରକେଲା ଏସପି ନିତେଶ ୱାଧୱାନୀ କହିଛନ୍ତି, ଏହା ସଂପ୍ରତି ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ କରାଯାଇଛି। ଆଉ ଏକ ସପ୍ତାହ ମଧ୍ୟରେ ବିଧିବଦ୍ଧ ଭାବେ ଏନେଇ ଘୋଷଣା କରାଯିବ। ସହରରେ ଅପରାଧ, କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣାକୁ ରୋକିବା, ବେପରୁଆ ଗାଡି ଚାଳକଙ୍କ ଉପରେ ରୋକ ଲଗାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ହାଇଦ୍ରାବାଦ ସହର ଢାଞ୍ଚାରେ ସହରର ବିଭିନ୍ନ ୫୦ଟି ଗୁରୁତ୍ୱପୂର୍ଣ୍ଣ ଛକ ଓ ସ୍ଥାନରେ ୨୫୦ରୁ ଉର୍ଦ୍ଧ୍ୱ ଏଆଇ(କୃତ୍ରିମ ବୁଦ୍ଧିମତା) ସଂଯୁକ୍ତ ସିସିଟିଭି କ୍ୟାମେରାକୁ କାର୍ଯ୍ୟକ୍ଷମ କରାଯାଇଛି। ସେଗୁଡିକ ମଧ୍ୟରୁ ଅଧିକାଂଶ ସ୍ମାର୍ଟ କ୍ୟାମେରା ରହିଥିବା ବେଳେ ସହରାଞ୍ଚଳରେ ଏଆଇ ସଂଯୁକ୍ତ କ୍ୟାମେରା ଓ ଗ୍ରାମାଞ୍ଚଳରେ ସୋଲାର କ୍ୟାମେରା କାର୍ଯ୍ୟକ୍ଷମ ହୋଇଛି। ଏହି ଅତ୍ୟାଧୁନିକ




କ୍ୟାମେରାଗୁଡିକ ଦ୍ରୁତ ଗତିରେ ଯାଉଥିବା ଯାନର ଅଟୋମେଟିକ ନମ୍ବର ପ୍ଲେଟ ଚିହ୍ନଟ କରିବା ସହ ଅପରାଧୀ/ଚାଳକର ମୁହଁକୁ ସ୍ପଷ୍ଟ ଭାବେ କଏଦ କରିପାରିବ। ବିନା ହେଲମେଟ ବାଇକ ଆରୋହୀ, ୩ ଜଣିଆ ବାଇକ ଚାଳକ, କ୍ରାଉଡ କାଉଣ୍ଟି, ଏଆଇ ସଂଧାନ, ପେଶାଦାର ଅପରାଧୀ ଆଦିଙ୍କୁ ଧରିବାରେ ଏହି କ୍ୟାମେରା ସହାୟକ ହେବ। ଏହି ସମସ୍ତ ସିସିଟିଭି କ୍ୟାମେରାଗୁଡିକର କଣ୍ଟ୍ରୋଲ ରୁମ୍ ରାଉରକେଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ରହିବା ସହ ସେଠାରୁ ନିୟନ୍ତ୍ରିତ ହେବ। ଏହାଦ୍ୱାରା ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଏସ୍‌ପି କହିଛନ୍ତି। ଏଣିକି ଟ୍ରାଫିକ ନିୟମ ଉଲଂଘନକାରୀଙ୍କ ଗାଡି ନମ୍ବର ପ୍ଲେଟ୍ କଏଦ ହେବା ପରେ ସେମାନଙ୍କ ମୋବାଇଲ ନମ୍ବରରେ ଇ-ଚାଲାଣ ଅଟୋମେଟିକ ଯିବ ବୋଲି କୁହାଯାଇଛି। ଏହି ସିସିଟିଭି ସ୍କାନରରେ ରାଉରକେଲା ପୁଲିସ ଜିଲ୍ଲାକୁ ଲାଗିଥିବା ସମସ୍ତ ସୀମାନ୍ତ ପ୍ରବେଶ ପଥ ରହିବ ବୋଲି ସୂଚନା ମିଳିଛି। ତେବେ କାର୍ଯ୍ୟକ୍ଷମ ହୋଇଥିବା ଏ ସମସ୍ତ କ୍ୟାମେରା ରାଉରକେଲା ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ସ୍ମାର୍ଟ ସିଟି ପକ୍ଷରୁ ଲାଗିଥିବା ସିସିଟିଭି ଏବେ କାର୍ଯ୍ୟକ୍ଷମ ହୋଇନଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସମଗ୍ର ସ୍ମାର୍ଟସିଟି ରାଉରକେଲାକୁ ସିସିଟିଭି ସର୍ଭିଲାନ୍ସରେ ରଖିବା ପାଇଁ ଯୋଜନା କରାଯାଇ ଗତ ୫ ବର୍ଷ ପୂର୍ବେ ୧୧୦ଟି ସ୍ଥାନରେ ଲାଗିଥିଲା ୬୩୦ କ୍ୟାମେରା। ହେଲେ ପାନପୋଷ ହକି ଛକରେ ନିର୍ମାଣାଧୀନ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ସିସିସି) ରୁମ୍ ଏ ପର୍ଯ୍ୟନ୍ତ ଶେଷ ହୋଇନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରି ନଥିବା କୁହାଯାଉଛି।

# ଏସ୍‌ଏମ୍‌ଏସ୍-୧ରେ ସୁରକ୍ଷା ତାଲିମ ଓ କୁଇଜ୍ ପ୍ରତିଯୋଗିତା

ରାଉରକେଲା,୩।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ୍-୧ ବିଭାଗରେ ଅଗଷ୍ଟ ୨୩ ତାରିଖରେ ଏକ ସୁରକ୍ଷା ତାଲିମ ସହ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ସଚେତନତା ପ୍ରସାର ଏବଂ ସୁରକ୍ଷିତ କାର୍ଯ୍ୟ ଅଭ୍ୟାସକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ସୁନିଲ କାର୍ଥା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରତିଯୋଗିତାର ବିଜେତା ତିନି ଜଣ କର୍ମଚାରୀ ଏବଂ ଦୁଇ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାସ ବେହେରା ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗର ଜିଏମ୍ ସେଲେଷ୍ଟିନ୍ ତିର୍କି, ଉପସ୍ଥିତ ଥିଲେ। ଶ୍ରୀ କାର୍ଥା ଅଂଶଗ୍ରହଣକାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏକ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ନିରନ୍ତର ଶିକ୍ଷା ଏବଂ ସତର୍କତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଡେପୁଟି ମ୍ୟାନେଜର ଚିନ୍ମୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ୨ ଗଞ୍ଜେଇ ଚାଲାଣକାରୀ ଗିରଫ

ରାଉରକେଲା,୩।୯ (ସମିସ): ଗଞ୍ଜେଇ ଚାଲାଣ ବେଳେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଚିକଟମାଟି ମଲିକପାଲି ଅଞ୍ଚଳର ମନୋଜ କିଷାନ (୪୫)। ତାଠାରୁ ୧ କେଜି ଓଜନର ଗଞ୍ଜେଇ ଜବତ କରାଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ଉକ୍ତ ଅଞ୍ଚଳରେ ଏସଆଇ ଉଦୟ କୁମାର ସାହୁ ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିଲେ। ଅଭିଯୁକ୍ତ ମନୋଜ ଏକ ପ୍ଲାଷ୍ଟିକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିଲା। ସନ୍ଦେହ କରି ଯାଞ୍ଚ କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ସେହିପରି ରଘୁନାଥପାଲି ଥାନା ପୁଲିସ ପ୍ରେମ ନଗର ଅଞ୍ଚଳର ଗୋବିନ୍ଦ ମାଝୀ (୪୨)କୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୨ କେଜି ୧୬୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏସଆଇ ହୃଷୀକେଶ ପ୍ରଧାନ ନିଜ ଟିମ୍ ସହ ମଙ୍ଗଳବାର ସକାଳେ ପାଟ୍ରୋଲିଂ କରୁଥିଲେ। ପାନପୋଷ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟ ଗଳି ଦେଇ ଗୋବିନ୍ଦ ଗଞ୍ଜେଇ ନେଇ ଯାଉଥିବା ବେଳେ ଧରା ପଡ଼ିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

● ୪ର୍ଥ ରାଜ୍ୟ ହକି ଚାମ୍ପିଅନସିପ୍

# ଖୋର୍ଦ୍ଧା ଏକାଡେମୀ ଚାମ୍ପିଅନ୍



ରାଉରକେଲା, ୩।୯ (ସମିସ): ସ୍ଥାନୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଆୟୋଜିତ ୪ର୍ଥ ରାଜ୍ୟ ହକି ଚାମ୍ପିଅନସିପ୍‌ରେ କନିଷ୍ଠ ମହିଳା ବର୍ଗରେ ଖୋର୍ଦ୍ଧା ଏକାଡେମୀ ଦଳ ୧୦ ଗୋଲରେ ବିଜୟୀ ହୋଇ ଚାମ୍ପିଆନ୍ ହୋଇଛି। ଆଜିର ଫାଇନାଲ ମ୍ୟାଚ ଏସଏମଏସ ହକି ଏକାଡେମୀ ଓ ଖୋର୍ଦ୍ଧା ଏକାଡେମୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ସମ୍ପୂର୍ଣ୍ଣ ଏକ ତରଫା ହୋଇଥିଲା। ଖୋର୍ଦ୍ଧା ଏକାଡେମୀ ଦଳ ଗୋଟିଏ ପରେ ଗୋଟିଏ ନିର୍ଦ୍ଧାରିତ ସମୟ ମଧ୍ୟରେ ମୋଟ ୧୦ଟି ଗୋଲ ଦେଇଥିବା ବେଳେ ଏସଏମଏସ ହକି ଏକାଡେମୀ ଦଳ ଶେଷ ପର୍ଯ୍ୟନ୍ତ କୌଣସି ଗୋଲ ଦେଇ ପାରିନଥିଲେ। ଫଳରେ ଖୋର୍ଦ୍ଧା ଏକାଡେମୀ ଦଳ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ପୁରସ୍କାର ପ୍ରଦାନ ଉତ୍ସବରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀହନା ଦସ୍ତାଗିର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହକି ଅଲିମ୍ପିଆନ୍ ଲିଲିମା ମିଂଜ ଯୋଗ ଦେଇଥିଲେ।

# ଭାଙ୍ଗିଲା ଘର; ଅଳ୍ପକେ ବର୍ତ୍ତିଲେ ଝିଅ

ବଣାଇଁ,୩।୯ ସମିସ): ବଣାଇଁ ବ୍ଲକ୍ କଷଡ଼ା ପଞ୍ଚାୟତ ନୂଆଡିହି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଏକ ମାଟି ଘରଟି ଭାଙ୍ଗିଯାଇଛି। ତେବେ ଘରଭିତରେ ଥିବା ୧୫ ବର୍ଷିଆ ଝିଅଟି ଏଥିରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ସୂଚନାନୁଯାୟୀ, ନୂଆଁଡିହି ଗ୍ରାମର ଭିମ



କିସାନ (୫୨) ସପରିବାର ସହ ଥିବାବେଳେ ହଠାତ ମାଟି ଘରଟି ଭାଙ୍ଗି ଯାଇଥିଲା। ଏହି ସମୟରେ ଘର ଭିତରେ ଥିବା ସାନ ଝିଅ ସୁକାନ୍ତି କିସାନ(୧୫)ଙ୍କ ଉପରେ ମାଟି ଅତଡା ପଡିଯାଇଥିଲା। ଆଖପାଖ ପଡୋଶୀ ଉକ୍ତ ଝିଅକୁ ମାଟି ଅତଡା ତଳୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବଣାଇଁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ସୂଚନା ମିଳିଛି। ଖବର ଲେଖା ବେଳକୁ ଝିଅର ଅବସ୍ଥାରେ ସୁସ୍ଥ ଥିବା ଜଣାପଡିଛି। ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ନାଳରୁ ଯୁବକଙ୍କ ଶବ ଉଦ୍ଧାର

ରାଉରକେଲା,୩।୯ (ସମିସ): ସେକ୍ଟର -୧୫ ଥାନା ଅନ୍ତର୍ଗତ ସେକ୍ଟର-୧୪ ସ୍ଥିତ ଗୋଶାଳା ନିକଟ ନାଳରୁ ଜଣେ ଯୁବକଙ୍କ ଶବକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ସ୍ଥାନୀୟ ଶାନ୍ତି ନଗର ବସ୍ତିର ମହାବୀର ସାହୁ (୪୦)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହାଇୱା-କାର୍ ଧକ୍କା

ରାଉରକେଲା,୩।୯ (ସମିସ): ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଅଞ୍ଚଳରେ ବୁଧବାର ହାଇୱା ଓ କାର ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ କାରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାହାର କିଛି ହୋଇ ନାହିଁ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ଏନ୍‌ଆଇଟିର ସ୍ୱଦେଶୀ ଆଇସି ଡିଜାଇନ୍‌କୁ ପ୍ରଶଂସା

ରାଉରକେଲା,୩।୯ (ସମିସ):



ଭାରତର ବର୍ଦ୍ଧିତ ସେମିକଣ୍ଡକ୍ଟର ଇକୋସିଷ୍ଟମରେ ଏନ୍‌ଆଇଟି ରାଉରକେଲା ଅବଦାନ ପାଇଁ ଏନ୍‌ଆଇଟି ରାଉରକେଲା ସାମୁହିକ ଅତ୍ୟନ୍ତ ଗର୍ବ ଅନୁଭବ କରିଛନ୍ତି। ସେମିକନ୍ ଇଣ୍ଡିଆ ୨୦୨୫ କାର୍ଯ୍ୟକ୍ରମରେ ଏହାର ଦୁଇଟି ସମନ୍ୱିତ ସର୍କିଟ୍ (ଆଇସି) ଡିଜାଇନ୍ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିଛି। ରାଉରକେଲା ଏନ୍‌ଆଇଟିର ଏହି ଦୁଇଟି ସମନ୍ୱିତ ସର୍କିଟ୍ ଡିଜାଇନ୍ ଭାରତର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ୩୨ ବିଟ୍ ମାଇକ୍ରୋପ୍ରୋସେସର, ବିକ୍ରମ ୩୨ର ସ୍ମାରକୀକୁ ଗତକାଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଉପହାର ଦେଇଥିଲେ। ଯାହା ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ପାୱାରହାଉସ୍ ହେବା ଦିଗରେ ଭାରତର ନିର୍ଣ୍ଣାୟକ ଲମ୍ଫକୁ ସୂଚିତ କରୁଛି। ଉଲ୍ଲେଖଯୋଗ୍ୟ ଯେ ବାୟୋମେଡିକାଲ୍ ଏବଂ ଆଇଓଟି ଆପ୍ଲିକେସନ୍ ପାଇଁ ଡିଜାଇନ୍ ହୋଇଥିବା ଏହି ଆଇସି ଆକ୍ସିଲେରୋମିଟର ସଂଯୋଗ, ଓଏଟି (ଅପରେସନାଲ୍ ଟ୍ରାନ୍ସକଣ୍ଡକ୍ଟନ୍ସ ଆମ୍ପ୍ଲିଫାୟର) ଉପାଦାନ ଏବଂ ଶକ୍ତି ଅମଳ ଯନ୍ତ୍ର ସହିତ ଏକ କ୍ୟାପାସିଟିଭ୍ ଇଣ୍ଟରଫେସ୍ ଏନ୍‌ଆଇଟି ରାଉରକେଲାର ଇପ୍ସିତା, ସମୀକ୍ଷା, ପ୍ରେମ ସାଇ, ପ୍ରଫେସର ସୌଗତ କୁମାର କର ଏବଂ ପ୍ରଫେସର ସୁଦୀପ କୁଣ୍ଡୁଙ୍କ ଦ୍ୱାରା ଡିଜାଇନ୍ କରାଯାଇଛି। ସେହିପରି ଡକ୍ଟର ରୁବି ମିଶ୍ର, ଭାରତ ପାଟିଦାର, ପ୍ରଫେସର ଆୟସ କାନ୍ତା ସ୍ୱାଇଁ ଓ ପ୍ରଫେସର କେ.କେ. ମହାପାତ୍ରଙ୍କ ଦ୍ୱାରା ଏନ୍‌କ୍ରିପସନ୍ କୋର୍ ଆଇସି ବିକଶିତ ହୋଇଥିଲା। ଏହି ସେମିକଣ୍ଡକ୍ଟରଗୁଡ଼ିକ ୨୦୨୩ରେ ପିଆଇ ପ୍ରଫେସର କମଳାକାନ୍ତ ମହାପାତ୍ର ଏବଂ ସହ ପିଆଇ ପ୍ରଫେସର ଆୟସ କାନ୍ତା ସ୍ୱାଇଁ ନେତୃତ୍ୱରେ 'ମାଇଟୀ' ଦ୍ୱାରା ଅନୁମୋଦିତ ହୋଇଥିଲା। ଏହି ସଫଳତା ନେଇ ଏନ୍‌ଆଇଟି ରାଉରକେଲାର ଚିପ୍ ଟୁ ଷ୍ଟାର୍ଟ ଅପ୍ କାର୍ଯ୍ୟକ୍ରମର ସହ ପିଆଇ ପ୍ରଫେସର ଆୟସ କାନ୍ତା ସ୍ୱାଇଁ ଗର୍ବ ଅନୁଭବ କରି କହିଛନ୍ତି, ଆମର ଦୁଇଟି ଡିଜାଇନ୍ ପ୍ରସ୍ତୁତ ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ପଡିଛି। ଭାରତ ଏବଂ ଓଡ଼ିଶାରେ ସେମିକଣ୍ଡକ୍ଟର ଇକୋସିଷ୍ଟମର ଅଭିବୃଦ୍ଧି ପାଇଁ ଏହାର ଯୋଗଦାନ ସହ ଏହା ଶିଳ୍ପ ଏବଂ ସାମାଜିକ ପ୍ରୟୋଗ ପାଇଁ ସ୍ୱଦେଶୀ ଆଇସି ଡିଜାଇନକୁ ସକ୍ଷମ କରି ଆତ୍ମନିର୍ଭର ଭାରତ ଆଡକୁ ଆମର ଯାତ୍ରାକୁ ମଜବୁତ କରିବ। ପ୍ରଫେସର ସୌଗତ କୁମାର କର କହିଛନ୍ତି, ଏହି ଆଇସି ଡିଜାଇନ୍ ସହିତ ସେମିକନ୍ ଇଣ୍ଡିଆ ୨୦୨୫ର ଅଂଶ ହେବା ଏନ୍‌ଆଇଟି ରାଉରକେଲା ପାଇଁ ଏକ ଗର୍ବର ମୁହୂର୍ତ୍ତ। ପିଏଚଡି ଛାତ୍ର ଭାରତ ପାଟିଗାର କହିଛନ୍ତି, ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରର ପ୍ରତୀକ୍ଷିତ ଅଭିବୃଦ୍ଧି ସହ ଦକ୍ଷ ସ୍ନାତକମାନେ ଆଇସି ଡିଜାଇନ୍, ଉତ୍ପାଦନ ଏବଂ ନିର୍ମାଣକୁ ଆଗକୁ ବଢ଼ାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ।

# ଭୁବନେଶ୍ୱର ସିଟି





## କାର୍ ପାର୍କିଂ କରୁଥିଲେ ସାବଧାନ

# ଉତ୍ପାତ କରୁଛନ୍ତି 'ତ୍ରିଚି ଗ୍ୟାଙ୍ଗ'

ଭୁବନେଶ୍ୱର, ୩।୯ (ସମିସ)

ରାଜଧାନୀରେ ଏବେ ସକ୍ରିୟ ହୋଇଛନ୍ତି ତାମିଲନାଡୁର ତ୍ରିଚି ଗ୍ୟାଙ୍ଗ। ରାସ୍ତାକଡ଼ରେ ପାର୍କିଂ କରୁଥିବା କାର୍‌କୁ ସେମାନେ ଟାର୍ଗେଟ କରି ଆଖି ପିଛୁଳାକେ ଅଭିନବ ଉପାୟରେ କାଚ ଭାଙ୍ଗି ଭିତରୁ ବିଭିନ୍ନ ସାମଗ୍ରୀ ତଥା ଟଙ୍କା ଲୁଟି ନେଉଛନ୍ତି। ଏହି ଗ୍ୟାଙ୍ଗ ଏବେ ପୁଲିସ ପାଇଁ ଚିନ୍ତା ବଢ଼ାଇଲାଣି।

ବାଲେଶ୍ୱରର ସୌମ୍ୟରଞ୍ଜନ କର ଗତମାସ ୨୭ ତାରିଖ ରାତି ପ୍ରାୟ ୯ ଟାରେ ଜନପଥରେ ଗାଡ଼ି ପାର୍କିଂ କରିଥିଲେ। ପରିବାର ସହ ନିକଟସ୍ଥ ସୁନା ଦୋକାନକୁ କିଣାକିଣି କରିବାକୁ ଯାଇଥିଲେ। ସେଠାରୁ କିଣାକିଣି ସାରି ଗଣେଶ ମଣ୍ଡପ ବୁଲିବା ସହ ଖାଇପିଇ ଗାଡ଼ି ନିକଟକୁ ଫେରିଥିଲେ। ଏହାରି ଭିତରେ ଦୁର୍ବୃତ୍ତମାନେ ତାଙ୍କ କାର କାଚ ଭାଙ୍ଗି ଗାଡ଼ିରେ ଥିବା ସୁନା ମୁଦି, ସୁନା କାନ ଫୁଲ, ନଗଦ ଟଙ୍କା, ଲାପଟପ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିଲେ। ଏନେଇ ସେ ଖାରବେଳ ନଗର ଥାନାରେ ଏତଲା ଦେବା ପରେ ତନାଘନା ଆରମ୍ଭ କରିଛି ପୁଲିସ। ସିସିଟିଭି ଫୁଟେଜ ଓ ଅନ୍ୟ ସୂତ୍ରରୁ ଏହା ତ୍ରିଚି ଗ୍ୟାଙ୍ଗର କାମ ବୋଲି ପୁଲିସ ସନ୍ଦେହ କରୁଛି।

ତେବେ ତ୍ରିଚି ଗ୍ୟାଙ୍ଗର ଏ କାରନାମା ରାଜଧାନୀ ପାଇଁ ନୂଆ ନୁହେଁ। ଗତବର୍ଷ ପାର୍ବଣ ସମୟରେ ଠିକ ସମାନ ଢଙ୍ଗରେ ଲୁଟ୍ ପାଟ କରିଥିଲା ତାମିଲନାଡୁର ତ୍ରିଚି ଗ୍ୟାଙ୍ଗ। ଚକୋଲେଟ ଜରିରେ ବାଟୁଲିକୁ ପ୍ୟାକ କରି କାର କାଚକୁ

**ବାଟୁଲି, ଆଇରନ୍ ବଲରେ ଗାଡ଼ି କାଚ ଭାଙ୍ଗୁଛନ୍ତି**

**ଆଗକୁ ପାର୍ବଣ ଥିବାରୁ ପୁଲିସ ପାଇଁ ଚିନ୍ତା ବଢୁଛି**

ମାରୁଥିଲେ। ଆଉ ଗୋଟିଏ ଛିଟିକିଣିରେ କାର କାଚ ଭାଙ୍ଗି ଲୁଟପାଟ କରିବା ସହ ପୁଲିସ୍ ନିଦ ହଜାଇ ଦେଇଥିଲେ। ରାଜଧାନୀର ବମିଖାଲ, ସୂର୍ଯ୍ୟ ନଗର, ସହିଦନଗର, ଲୁଇସ୍ ରୋଡ ସମେତ ପୁରୀ, କଟକ ଜିଲ୍ଲାରେ ଏକାଧିକ ଲୁଟ୍ କରିଥିଲେ। ଲୁଟ ବେଳର ସିସିଟିଭି ମିଳିବା ପରେ ପୁଲିସ ଗ୍ୟାଙ୍ଗର କିଛି ସଦସ୍ୟଙ୍କୁ ଧରିଥିଲା। କେବଳ ଗତବର୍ଷ ନୁହେଁ, ଗତ ଜୁଲାଇ ମାସରେ ମଧ୍ୟ ତ୍ରିଚି ଗ୍ୟାଙ୍ଗର ଆଉ ୪ ସଦସ୍ୟଙ୍କୁ ଧରିଥିଲା ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ସେହି ୪ ଜଣ ଏବେବି ଜେଲରେ ରହିଛନ୍ତି।

ଏବେ ପୁଣି ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜଧାନୀରେ ସକ୍ରିୟ ହୋଇଛି ତ୍ରିଚି ଗ୍ୟାଙ୍ଗ।



ତେବେ ଗ୍ୟାଙ୍ଗର କିଛି ସଦସ୍ୟ ଜେଲରେ ରହିଥିଲେ ମଧ୍ୟ ଅନ୍ୟ ସଦସ୍ୟମାନେ ଏବେ ବାହାରେ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏକାଧିକ ଗାଡ଼ିକୁ ଟାର୍ଗେଟ କରୁଥିବା ଏହି ଗ୍ୟାଙ୍ଗ ଏବେ ପୁଲିସ ସ୍କାନରକୁ ଆସିଛି। ପୁଲିସ ଗ୍ୟାଙ୍ଗ ସଦସ୍ୟଙ୍କୁ ଖୋଜୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଧରି ପାରିନାହିଁ।

### କେମିତି କାଚ ଭାଙ୍ଗି କରୁଛନ୍ତି ଲୁଟ୍

ରାଜଧାନୀରେ ତାମିଲନାଡୁର ତ୍ରିଚି ଗ୍ୟାଙ୍ଗର ଆତଙ୍କ ନୂଆ ନୁହେଁ। ପୂର୍ବରୁ ମଧ୍ୟ ସେମାନେ ଅନେକ ଲୁଟ୍ କରିଛନ୍ତି। କୌଣସି ଲୁଟ୍ କରିବା ସମୟରେ ୪ ବା ଅଧିକ ସଦସ୍ୟ ଯାଇଥାନ୍ତି। ସହର ସାରା ଚାଲି ଚାଲି ବୁଲି ପାର୍କିଂ ହୋଇଥିବା କାରକୁ ଠାବ କରନ୍ତି। ପ୍ରଥମେ ଜଣେ କାର ନିକଟକୁ ଯାଇ କେଉଁ ପଟକୁ ଭ୍ୟାନିଟ୍, ବ୍ୟାଗ୍ କିମ୍ବା ଅନ୍ୟ କୌଣସି ଜିନିଷ ରଖା ଯାଇଛି ସେନେଇ ସୂଚନା ଦେଇ ଆଗକୁ ପଳାଇଯାଏ। ଦ୍ୱିତୀୟ ଜଣକ ସାଇକେଲ ବେରିଂ ବଲ୍ (ଆଇରନ୍ ବଲ) ଓ ହାତ ତିଆରି ଫେଡିରେ କାଚକୁ ଭାଙ୍ଗି ଚାଲିଯାଏ। ଏହାପରେ ତୃତୀୟ ଜଣକ କାର ପାଖ ଦେଇ ଯିବାବେଳେ କହୁଣି ଓ ଛିଟିକିଣି ମାରି କାଚକୁ ଭଲ ଭାବରେ ଭାଙ୍ଗି ଦେଉଥିଲା। ଚତୁର୍ଥ ଜଣକ କାରରେ ଥିବା ସବୁ ମୂଲ୍ୟବାନ ଜିନିଷ ଲୁଟି ନେଉଥିଲା। ଏହାପରେ ୪ ଅଭିଯୁକ୍ତ ମିଶି ଘଟଣାସ୍ଥଳରୁ ଫେରାର ହୋଇଯାଆନ୍ତି।

## ପୂର୍ବଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୩।୯ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଡମଣା ହାଟ ନିକଟରେ ସଙ୍ଘବଦ୍ଧ ଆକ୍ରମଣ ହୋଇଛି। ଏହି ଘଟଣାରେ ନୀଳପଡ଼ିଆ ବସ୍ତିର ମାନସ ସିଂହ (୨୧) ଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ପୁଲିସ ସୂଚନା ଅନୁସାରେ, ପୀଡ଼ିତମାନେ ନୀଳପଡ଼ିଆ ବସ୍ତିର ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ସୋମବାର ଦିନ ପ୍ରାୟ ୧୧ଟା ସମୟରେ ମୁକୁନ ପ୍ରଧାନ, ରାଜ ପ୍ରଧାନ, ସୁକାନ୍ତି ମାଟିଆ, ଡଲି ପ୍ରଧାନ ଓ ଅନ୍ୟମାନେ ଡମଣା ହାଟ ନିକଟରେ ଏକ ଭୋଜି ଖାଉଥିଲେ। ସେହି ସମୟରେ ବିପକ୍ଷ ଗୋଷ୍ଠୀର ପେଟୁ ସେଠୀ, ଆକାଶ ସେଠୀ, ମନୋଜ ସିଂହ, ମାନସ ସିଂହ ଓ ତାଙ୍କ ସହଯୋଗୀମାନେ ଖଣ୍ଡା ଓ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ ପହଞ୍ଚି ପୀଡ଼ିତମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ସ୍ଥାନାନ୍ତର ନେଇଥିଲା। ଅଜୟ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ବୁଧବାର ମାନସଙ୍କୁ ଗିରଫ କରିବା ସହ ତା'ର ଘରୁ ଖଣ୍ଡା, ଚାପଡ଼ ଜବତ କରିଥିଲା।

## ପ୍ରେମିକାକୁ ବ୍ଲାକମେଲ୍ କରି ମାଡ଼; ପ୍ରେମିକ ଗିରଫ

ଭୁବନେଶ୍ୱର, ୩।୯ (ସମିସ): ପ୍ରେମିକାକୁ ବ୍ଲାକମେଲ୍ କରି ମାଡ଼ ମାରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ରୋଡର ପ୍ରୀତମ କୁମାର ସିଂହ (୨୮)। ପୁଲିସ ସୂଚନା ଅନୁସାରେ, ଗତବର୍ଷ ମେ' ମାସରେ ଅଭିଯୋଗକାରିଣୀ ଓ ପ୍ରୀତମ ଗୋଟିଏ ଅଫିସ୍ ରେ କାମ କରୁଥିବା ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବିଗିଡି ଯିବାରୁ ଉଭୟ ଅଲଗା ହୋଇଯାଇଥିଲେ। ହେଲେ ପ୍ରୀତମ ପୀଡ଼ିତାଙ୍କୁ ନିରନ୍ତର ହଇରାଣ ଓ ଧମକ ଦେଉଥିଲା। ତାଙ୍କୁ ଫଟୋ ଓ ଭିଡିଓ ମାଧ୍ୟମରେ ବ୍ଲାକମେଲ୍ କରିବା ସହ ପରିବାର ଏବଂ ବନ୍ଧୁମାନଙ୍କୁ ବାରମ୍ବାର ଫୋନ୍ କରି ହଇରାଣ କରୁଥିଲା। ବିନା ସମ୍ମତିରେ ଯୁବତୀଙ୍କ ଫୋନ୍, ଇମେଲ୍ ଓ ହ୍ୱାଟ୍ସଆପ୍ ଆକ୍‌ସେସ୍ କରୁଥିଲା। ଗତ ୨୬ ତାରିଖ ଦିନ ଯୁବତୀ ତାଙ୍କ ଅଫିସକୁ ଯାଉଥିବା ବେଳେ ପ୍ରୀତମ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲା। ଏଥିସହିତ ତାଙ୍କ ସ୍କୁଟିକୁ ଭାଙ୍ଗି ଦେଇଥିଲା। ମଙ୍ଗଳବାର ଯୁବତୀ ଜଣକ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଡିଏଲ୍‌ଏଫ୍ ନିକଟରୁ ପ୍ରିତମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କାର୍ ଧକ୍କାରେ ଗୁପଚୁପ ବେପାରୀ ଗୁରୁତର

ନନ୍ଦନକାନନ, ୩।୯ (ସମିସ): ଦ୍ରୁତଗାମୀ କାର ଧକ୍କାରେ ଜଣେ ଗୁପଚୁପ ବିକାଳୀ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ନନ୍ଦନକାନନ ରୋଡ ଆଡୁ ପଟିଆ ଷ୍ଟେସନ ଆଡେ ଓଡି-୩୩-ଏକେ -୩୩୮୪ ନମ୍ବର ବିଶିଷ୍ଟ ଏକ ସ୍ୱିଫ୍ଟ କାର ଅପରାହ୍ଣ ପ୍ରାୟ ୫ଟା ସୁଦ୍ଧା ଦ୍ରୁତ ଗତିରେ ଆସୁଥିଲା। ପଟିଆ ଷ୍ଟେସନ ରୋଡ ଇଲେକ୍ଟ୍ରି ସବ ଷ୍ଟେସନ ନିକଟ ବୁଲାଣି ପାଖରେ ଭାରସାମ୍ୟ ହରାଇ ରୋଡ କଡରେ ଗୁପଚୁପ ଗାଡିକୁ ଧକ୍କା ଦେଇଥିଲା। ଫଳରେ ଗୁପଚୁପ ଗାଡି ଛିନଛତ୍ର ହୋଇ ପଡ଼ିବା ସମେତ ଗୁପଚୁପ ବିକାଳୀ କାର ଧକ୍କାରେ ଡ୍ରେନ ଉପରେ ଛିଟିକି ପଡ଼ିଥିଲା। କାର ଚାଳକ ଓ ସ୍ଥାନୀୟ ଲୋକ ଗୁରୁତର ଆହତ ଗୁପଚୁପ ବିକାଳୀକୁ ପ୍ରଥମେ ପଟିଆ ମେଡିକାଲ ନେଇଥିଲେ। ଅବସ୍ଥା ଶଙ୍କଟାପନ୍ନ ଥିବା ଜାଣି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେଲା ବେଳକୁ ଗୁପଚୁପ ବିକାଳୀର ନାମ ଓ ଠିକଣା ଜଣା ପଡ଼ିନାହିଁ।

## ଯୁବକଙ୍କୁ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର, ୩।୯ (ସମିସ): ଦୀର୍ଘଦିନ ଧରି ଲାଗି ରହିଥିବା ପୂର୍ବ ଶତ୍ରୁତା ଉଗ୍ରରୂପ ନେଇଛି। ଯୁବକଙ୍କୁ ଖଣ୍ଡାରେ ହାଣିଛନ୍ତି। ବାପୁଜୀ ନଗରରେ ଏଭଳି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ରାଜମହଲ ଅଞ୍ଚଳର ରାଜେଶ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବୁଧବାର ସନ୍ଧ୍ୟାରେ ରାଜେଶ ବାପୁଜୀ ନଗର ଅଞ୍ଚଳରେ ପକୋଡ଼ା ଖାଉଥିବା ବେଳେ ବିପକ୍ଷ ଗୋଷ୍ଠୀର ଯୁବକ ତାଙ୍କୁ ଅଟକାଇଥିଲେ। ଏହାପରେ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ହଠାତ୍ ବିପକ୍ଷ ଗୋଷ୍ଠୀର ଜଣେ ଯୁବକ ଖଣ୍ଡାରେ ରାଜେଶଙ୍କୁ ଆକ୍ରମଣ କରିଥିଲା। ରାଜେଶ ହାତ ଦେଖାଇଦେବାରୁ ତାଙ୍କ ହାତରେ ଆଘାତ ଲାଗିଥିଲା। ଲୋକମାନେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବରପାଇ କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ପୂର୍ବଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି।

## ପାନ ଦୋକାନରେ ଗଞ୍ଜେଇ ବେପାର

ଭୁବନେଶ୍ୱର, ୩।୯ (ସମିସ): ବେଆଇନ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଉଛି ଅଶୋକ ବିଶ୍ୱାଳ (୫୮)। ସୂଚନା ଅନୁସାରେ, ଭରତପୁର ଥାନା ଅଞ୍ଚଳରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଷ୍ଟୁଡିଓ ଛକରେ ଥିବା ଏକ ପାନ ଦୋକାନରେ ଚଢ଼ଉ କରିଥିଲେ। ଦୋକାନ ଯାଞ୍ଚ ବେଳେ ୧୯ ଶହ ଗ୍ରାମ ଗଞ୍ଜେଇ ମିଳିଥିଲା। ସେଠାରୁ ଅଶୋକକୁ ଗିରଫ କରି ଥାନାକୁ ଉଠାଇ ଆଣିଥିଲେ। ଏନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଶୋକକୁ କୋର୍ଟ ଚାଲାଣ କରିଛି।

### ବାଣୀବିହାର ହଷ୍ଟେଲ୍ ବେଆଇନ୍ କବଜା ଘଟଣା

## ଅଣଛାତ୍ରଙ୍କୁ ବାହାର କରିବାକୁ ଖୁବ୍‌ଶୀଘ୍ର ରଣନୀତି

ଭୁବନେଶ୍ୱର, ୩।୯ (ସମିସ): ବାଣୀବିହାର ହଷ୍ଟେଲ୍‌ରେ ଅଣଛାତ୍ରଙ୍କ ରାଜୁତି ଜାରି ରହିଛି। ପାଠପଢ଼ା ସରିବାର ଦଶନ୍ଧି ପରେ ମଧ୍ୟ ହଷ୍ଟେଲ୍ ଛାଡୁ ନାହାନ୍ତି। ଜୋର ଜବରଦସ୍ତ ଅନୈତିକ ଭାବେ ରୁମ୍ କବ୍‌ଜା କରିଛନ୍ତି। ଏପରିକି ରୁମ୍ ବିକ୍ରି କରି ଅର୍ଥ ଉପାର୍ଜନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଅଣଛାତ୍ରଙ୍କୁ ବାହାର କରିବାକୁ କର୍ତ୍ତୃପକ୍ଷ ପଦକ୍ଷେପ ନେଲେ ଅଣଛାତ୍ରମାନେ ରକ୍ତମୁଖା ହେଉଛନ୍ତି। ମଙ୍ଗଳବାର ହଷ୍ଟେଲ୍ ଯାଞ୍ଚ କରିବାକୁ ଯିବା ସମୟରେ ଡେପୁଟି ୱାର୍ଡେନ୍ ଓ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ତାଲା ପକାଇବା ସହ ଢ଼େଲା ଓ ପଥର ମାରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ସୁଦ୍ଧା ହଷ୍ଟେଲ୍ ଖାଲି କରିବାକୁ ନୋଟିସ୍ କରିଥିବାରୁ କ୍ୟାମ୍ପକରେ ବ୍ୟାପକ ଉତ୍ତେଜନା ଲାଗି ରହିଛି।

**■ ଆଜି ରେସିଡେନ୍ସିଆଲ୍ କମିଟି ବୈଠକ**

ଘଟଣା ସମ୍ପର୍କରେ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ମଧ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱବିଦ୍ୟାଳୟର ନିୟମାବଳୀ ଉପରେ କୌଣସି ଆଞ୍ଚ ଯେପରି ନ ଆସେ, ତାକୁ ଦୃଷ୍ଟିରେ ରଖି କୁଳପତି ନିଷ୍ପତି ନେବେ। ଏହାକୁ କେହି ବିରୋଧ କଲେ ଆଇନ ଅନୁସାରେ ଦଣ୍ଡ ବିଧାନ କରାଯିବ। ଶୈକ୍ଷିକ କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ନ ଥିବା ଅଣଛାତ୍ରଙ୍କୁ ବାହାର କରାଯିବ। ରାଜ୍ୟ ସରକାର ସବୁ ବେଳେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସପକ୍ଷରେ ଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ହଷ୍ଟେଲ୍ ଖାଲି ନକଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀଙ୍କ ପରୋକ୍ଷ ଚେତାବନୀ ପରେ ଅଣଛାତ୍ରଙ୍କୁ ବାହାର କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ଗୁରୁବାର ରେସିଡେନ୍ସିଆଲ୍ କମିଟି ବୈଠକ ବସି ଅଣଛାତ୍ରଙ୍କୁ ବାହାର କରିବାକୁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ନିଷ୍ପତ୍ତି ସମ୍ପର୍କରେ କୁଳପତିଙ୍କୁ ଅବଗତ କରିବା ପରେ ଅଣଛାତ୍ରଙ୍କୁ ବାହର କରାଯିବ ବୋଲି ଜଣେ ବରିଷ୍ଠ ଅଧ୍ୟାପକ ସୂଚନା ଦେଇଛନ୍ତି।

ଅପରପକ୍ଷରେ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଉତ୍ତେଜନା ସମ୍ପର୍କରେ ପୁଲିସ୍ କମିଶନର ଦେବଦତ୍ତ ସିଂ ପ୍ରତିକ୍ରିୟା ରଖିଛନ୍ତି। କାହିଁକି କ୍ୟାମ୍ପସ ବାରମ୍ବାର ଅଶାନ୍ତ ହେଉଛି ସେ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ମଙ୍ଗଳବାର ଘଟିଥିବା ଘଟଣା ବାଣୀବିହାରର ଆଭ୍ୟନ୍ତରୀଣ ମାମଲା। କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଭରତପୁର ଥାନା ପଛପଟେ ଆତଙ୍କ

ଭୁବନେଶ୍ୱର, ୩।୯ (ସମିସ): ଭରତପୁର ଥାନା ପଛପଟ ଜିଏ କଲୋନୀରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ଖଣ୍ଡା ଭୁଜାଲି ଧରି ଟେଣ୍ଟ ହାଉସରୁ ଲୁଟ୍ ଉଦ୍ୟମ କରିଛନ୍ତି। ସୂଚନା ଅନୁସାରେ, ଭରତପୁର ଜିଏ କଲୋନୀରେ ଗଣେଶ ପୂଜା କରୁଥିବା କିଛି ଯୁବକ ମଣ୍ଡପ ଜଗି ରହିଥିଲେ। ଗତକାଲି ବିଳମ୍ବିତ ରାତିରେ ୫ଜଣ ଦୁର୍ବୃତ୍ତ ହାତରେ ଖଣ୍ଡା, ଭୂଜାଲି ଭଳି ମାରଣାସ୍ତ୍ର ଧରି ସ୍ଥାନୀୟ ଅଞ୍ଚଳରେ ବୁଲୁଥିଲେ। ଯୁବକମାନେ ଦେଖି ଦେବାରୁ ଦୁର୍ବୃତ୍ତ ମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏହାପରେ ଦୁର୍ବୃତ୍ତ ମାନେ ନିକଟରେ ଥିବା ଏକ ଟେଣ୍ଟ ହାଉସ ଗୋଦାମରେ ପଶିଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତଙ୍କ ଆତଙ୍କ ଖେଳାଉଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପୂର୍ବଶତ୍ରୁତାରୁ କଳି; ଠେଙ୍ଗାମାଡ଼

ଧଉଳି, ୩।୯ (ସମିସ): ପୂର୍ବ ଶତ୍ରୁତାଙ୍କୁ କେନ୍ଦ୍ରକରି ଧଉଳି ଥାନା ଅଧୀନ ପଳାସପୁରଶାସନ ଗ୍ରାମରେ ଗଣ୍ଡଗୋଳ ଘଟି ଠେଙ୍ଗା ମାଡ଼ରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ହେଲେ ଉକ୍ତ ଗ୍ରାମର ସଦାଶିବ ବେହେରା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବରନେବାରେ ଜଣାପଡ଼ିଛି ସଦାଶିବଙ୍କ ବାରିପଟେ ଲାଗିଥିବା ନଡ଼ିଆ ଗଛରୁ କିଛି ନଡ଼ିଆ ତଳେ ପଡ଼ିଥିଲା। ଏହି ନଡ଼ିଆକୁ ଗ୍ରାମର ଭୋଇସାହିର ଗୋଟେ ପରିବାର ଚୋରି କରିନେଉଥିଲେ। ସେମାନଙ୍କ ମଧ୍ୟରେ ପୂର୍ବରୁ କୌଣସି ଘଟଣାକୁ ନେଇ ବିବାଦ ଥିବାରୁ ଏହାକୁ ଦେଖି ସଦାଶିବ ସେମାନଙ୍କୁ ପାଟି କରିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେମାନେ ସଦାଶିବଙ୍କ ସହ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ବଚସା ମଧ୍ୟରେ ସେମାନଙ୍କ ମଧ୍ୟରୁ ଜଣେ ସଦାଶିବଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା। ଫଳରେ ମୁଣ୍ଡରେ ପ୍ରବଳ ରକ୍ତସ୍ରାବ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଏନେଇ ସଦାଶିବ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସମ୍ପୃକ୍ତ ପରିବାର ମଧ୍ୟ ସଦାଶିବଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ପାଇ ପୁଲିସ ତଦନ୍ତ ଚଳାଇଛି।

## ରୋଗୀଙ୍କ କ୍ୟାବିନରୁ ଟଙ୍କା ଚୋରି; ଜଣେ ଗିରଫ



ଭୁବନେଶ୍ୱର, ୩।୯ (ସମିସ): ରୋଗୀ କ୍ୟାବିନରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଥାନା ଅମଲାପଡ଼ାର ଶ୍ରୀମନ୍ତ ରଥ (୩୨)। ପୁଲିସ ସୂଚନା ଅନୁସାରେ, ହର୍ଷବର୍ଦ୍ଧନ ଟିବ୍ରେୱାଲ ତାଙ୍କ ଭାଇ ଶିବମଙ୍କ ଚିକିତ୍ସା ପାଇଁ ଇନଫୋସିଟି ଥାନା ଅଞ୍ଚଳର ଏକ ଘରୋଇ ଡାକ୍ତରଖାନାକୁ ଆସିଥିଲେ। ଚିକିତ୍ସା ପାଇଁ କ୍ୟାବିନ ନଂ - ୪୪୨ ରେ ହର୍ଷବର୍ଦ୍ଧନ ୪୦ ହଜାର ଟଙ୍କା ରଖିଥିଲେ। ଘଟଣା ଦିନ ଦ୍ୱିପହରରେ ଶ୍ରୀମନ୍ତ କ୍ୟାବିନ୍ ଭିତରକୁ ଆସି ୪୦ ହଜାର ଟଙ୍କା ଚୋରି କରି ନେଇଥିଲା। ହର୍ଷବର୍ଦ୍ଧନ ଏନେଇ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଡାକ୍ତରଖାନା କ୍ୟାମ୍ପସରୁ ଶ୍ରୀମନ୍ତକୁ ଗିରଫ କରିବା ସହ ୩୦ ହଜାର ଟଙ୍କା ଜବତ କରିଥିଲା। ବାକି ୧୦ ହଜାର ଟଙ୍କା ସେ ଖର୍ଚ୍ଚ କରିସାରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ।

### ପୁଲିସ ଓ ସରକାରୀ ଓକିଲଙ୍କ ସମନ୍ୱୟ

## ୮ ମାସରେ ୬୧ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୩।୯ (ସମିସ): କମିସନରେଟ ପୁଲିସ ଓ ସରକାରୀ ଓକିଲଙ୍କ ସମନ୍ୱୟ ଯୋଗୁଁ ସଜା ହାର ବୃଦ୍ଧି ପାଇଛି। ଗତ ୮ ମାସ ମଧ୍ୟରେ କମିସନରେଟ ପୁଲିସର ୬୧ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**■ ୨୩ ପୋକ୍‌ସୋ ଓ ଦୁଷ୍କର୍ମକାରୀଙ୍କୁ ସଜା**
**■ ପୂଜକ ଦଣ୍ଡିତ ହେବା ଦ୍ରୁତତମ ମାମଲା**



ହୋଇଛନ୍ତି। ସେଥିରେ ୨୩ଟି ପୋକ୍‌ସୋ ଓ ଦୁଷ୍କର୍ମ ମାମଲା ରହିଛି। ଶ୍ରୀ ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ନାବାଳିକା ଅସଦାଚରଣ ମାମଲାରେ ୧୫ ଦିନରେ ଚାର୍ଜସିଟ୍ ଦେଇଥିବା ବେଳେ ମାତ୍ର ୮୯ ଦିନରେ ବିଚାର ପ୍ରକ୍ରିୟା ସରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛି। ଏହା ଚଳିତବର୍ଷର ଦ୍ରୁତତମ ମାମଲା ଭାବେ ବିବେଚିତ ହୋଇଛି। ନୂଆପଲ୍ଲୀ ଥାନାର ଦୁଇଟି ଚୋରି ମାମଲା ବିଚାଧ ମାତ୍ର ୧୧୩ ଦିନରେ ଶେଷ ହୋଇଛି।

ସେହିପରି ଭୁବନେଶ୍ୱର ଆଡହକ ଆଡିସନାଲ ସେସ୍ସନ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ରେ ସର୍ବାଧିକ ୧୮ଟି ମାମଲାରେ ଅଭିଯୁକ୍ତମାନେ ଦଣ୍ଡିତ ହୋଇଥିବା ବେଳେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ଏହିସବୁ ମାମଲାକୁ ପରିଚାଳନା କରୁଥିଲେ। ଏଡିଜେ-୨ କୋର୍ଟରେ ସର୍ବାଧିକ ହତ୍ୟା ମାମଲାର ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବା ବେଳେ ତତ୍କାଳୀନ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ ପ୍ରଧାନ ସେହି ସବୁ ମାମଲାର ପରିଚାଳନା କରିଥିଲେ। ଚୋରି, ଡକାୟତି, ଛିନତାଇ, ରାହାଜାନୀ ଆଦି ମାମଲାର ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ସଜା କାଟୁଛନ୍ତି। ପୁଲିସ ଓ ସରକାରୀ ଓକିଲଙ୍କ ସମନ୍ୱୟ କାରଣରୁ ତଦନ୍ତ ଓ ବିଚାର ପ୍ରକ୍ରିୟା ଶୀଘ୍ର ଶେଷ ହେବା ସହ ହୋଇ ପାରିଛି। ବୁଧବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ତଦନ୍ତକାରୀ ଅଧିକାରୀ ଓ ସରକାରୀ ଓକିଲମାନଙ୍କୁ ପୁଲିସ ସେବା ଭବନ ଠାରେ ସମ୍ମାନିତ କରିଛନ୍ତି। ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ପାଇଁ ଇଣ୍ଟିଗ୍ରେଟେଡ୍ ହିଟ୍ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ୍

ଭୁବନେଶ୍ୱର, ୩।୯ (ସମିସ)

ଇଣ୍ଟରନ୍ୟାସନାଲ୍ ଫୋରମ୍ ଫର୍ ଏନ୍‌ଭାଇର୍ଣ୍ଣମେଣ୍ଟ ସଷ୍ଟେନେବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଇଣ୍ଟିଗ୍ରେଟେଡ୍ ହିଟ୍ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ୍ (ଆଇଏନ୍‌ସିଏପି) ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଙ୍ଗାପୁର-ଇଇଟିଏଚ୍ କେନ୍ଦ୍ର (ଏସ୍‌ଇସି) ସହଯୋଗରେ ଅନୁଷ୍ଠାନ ଦ୍ୱାରା ବିକଶିତ 'ଭୁବନେଶ୍ୱର ପାଇଁ ସମନ୍ୱିତ ଗରମ ଏବଂ ଶୀତଳୀକରଣ କାର୍ଯ୍ୟ ଯୋଜନା ରିପୋର୍ଟ' ଉନ୍ମୋଚିତ ହୋଇଯାଇଛି।

ଭୁବନେଶ୍ୱରର ମେୟର ସୁଲୋଚନା ଦାସ ଓଡ଼ିଶାର ରାଜଧାନୀରେ ଗରମ ଲହରୀ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଉପରେ ଆଇଏଫଓଆରଇଏସଟି ଏବଂ ସିଙ୍ଗାପୁର-ଇଟିଏଚ ସେଣ୍ଟର ମିଳିତ ଭାବେ କରିଥିବା ଗବେଷଣା ବିଷୟରେ ସୂଚନା ଦେଇଛନ୍ତି। ଆଇଏଫଓଆରଇଏସଟି ସିଙ୍ଗାପୁର କୁଲିଂ ପ୍ଲାଣ୍ଟ ସହିତ ମିଳିତ ଭାବେ କାର୍ଯ୍ୟ କରିଛି। ଭୁବନେଶ୍ୱରରେ ଗରମ ଲହରୀ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଉପରେ ଗବେଷଣା କରାଯାଇଛି। ସେମାନେ ଭୁବନେଶ୍ୱର ପାଇଁ ଇଣ୍ଟିଗ୍ରେଟେଡ ହିଟ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ ଉପରେ ଏକ ଗବେଷଣା ପତ୍ର ପ୍ରକାଶ କରିଛନ୍ତି।

ତେବେ ସହରୀକରଣକୁ ଅଟକାଇ ହେବ ନାହିଁ। ଏହା ଯୋଗୁଁ ଜଙ୍ଗଲ ନଷ୍ଟ ହେଉଛି। କିନ୍ତୁ ଏହାର ପରିପୂରଣ ପାଇଁ ଆମେ କେତେ ସବୁଜ ପ୍ରକୃତି ରୋପଣ କରିବୁ ଏବଂ କେତେ ଗଛ ଲଗାଇବୁ ଏ ସମ୍ବନ୍ଧରେ ମଧ୍ୟ ଏକ ଯୋଜନା ଏବଂ ପରାମର୍ଶ ରହିଛି ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ଏହି ଉଦ୍ୟମର ଅନନ୍ୟତାକୁ ଉଜାଗର କରି ଆଇଏଫଓଆରଇଏସଟିର ସିଇଓ ଚନ୍ଦ୍ର ଭୂଷଣ କହିଛନ୍ତି ଯେ ଆଇଏଚସିଏପି ବୃଦ୍ଧି ପାଉଥିବା ଉଷ୍ମତାର ପ୍ରଭାବ ଏବଂ ଏୟାର କଣ୍ଡିସନରର ଚାହିଦା ବୃଦ୍ଧି ଉଭୟକୁ ସମାଧାନ କରୁଛି। ସେ କହିଛନ୍ତି ଯେ ଏହି ରିପୋର୍ଟ ପ୍ରସ୍ତୁତ କରିବାକୁ ୧୮ ମାସ ସମୟ ଲାଗିଛି। ଏହା ଭାରତର ପ୍ରଥମ ଆକ୍ସନ ପ୍ଲାନ।

ସିଙ୍ଗାପୁର ପକ୍ଷରୁ, କୁଲିଂ ସିଙ୍ଗାପୁର, ଇଟିଏଚ ସେଣ୍ଟରର ପ୍ରୋଜେକ୍ଟ ମ୍ୟାନେଜର ଆଣ୍ଡର ଜୋଜାୟା ଏଏନଆଇକୁ କହିଛନ୍ତି, ଆଇଏଫଓଆରଇଏସଟି ଆମ ମଡେଲଗୁଡ଼ିକ ପାଇଁ ଆବଶ୍ୟକ ସମସ୍ତ ତଥ୍ୟ ଯୋଗାଇ ଦେଇଛି। ସିଙ୍ଗାପୁରରେ, ଆମେ ଆମର କାର୍ଯ୍ୟରେ ଅଗ୍ରଗତି ହାସଲ କରି ଖୁସି ଅଛୁ। ଏହା ବିଭିନ୍ନ ସରକାରୀ ସଂସ୍ଥାମାନଙ୍କୁ ଏକତ୍ର କାମ କରିବାକୁ ଆଣିଛି।

## ଧାର ଟଙ୍କା ପାଇଁ ମୁଣ୍ଡ ଗଡ଼ିଲା

ଭୁବନେଶ୍ୱର, ୩।୯ (ସମିସ): ଧାର ଟଙ୍କା ପାଇଁ ଯୁବକଙ୍କୁ ମାରିଦେଲେ। ଝାଡ଼ଖଣ୍ଡରେ ନିର୍ଯାତନା ଦେଇ ଭୁବନେଶ୍ୱରରେ ଚିକିତ୍ସା କରୁଥିଲେ। ଚିକିତ୍ସିତ ହେଉଥିବା ଛତିଶଗଡ଼ର ରୋହିତ କୁମାର ଏମ୍‌ସରେ ପ୍ରାଣ ହରାଇଛନ୍ତି। ଯୁବକଙ୍କ ମୃତ୍ୟୁ ପରେ ଦମ୍ପତିଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କଟକ ସିଡିଏ ସେକ୍ଟର ୬ର ପ୍ରଦୀପ ଅଗ୍ରୱାଲ (୩୪) ଓ ତାଙ୍କ ପତ୍ନୀ ମମତା ପଟ୍ଟୁଆ (୩୫)।

ପୁଲିସ ସୂଚନା ଅନୁସାରେ, କିଛି ବର୍ଷ ପୂର୍ବେ ଛତିଶଗଡ଼ର ଗରୱାଘାଟର ରୋହିତ କୁମାର କାମ ପାଇଁ ଝାଡ଼ଖଣ୍ଡର ଜାମସେଦପୁର ଯାଇଥିଲେ। ସେଠାକାର ଜଣେ ସମ୍ପର୍କୀୟଙ୍କ ଘରେ ରହିବା ସମୟର ବିଜୟ ଲକ୍ଷ୍ମୀ ଖୋରା ଓ ଜିତେନ୍ଦ୍ର ସିଂହଙ୍କ ସହ ସଂସ୍ପର୍ଶରେ ଆସିଥିଲେ ଓ ବିଜୟଲକ୍ଷ୍ମୀ ଓ ଜିତେନ୍ଦ୍ର ଠାରୁ ୫ ଲକ୍ଷ ଟଙ୍କା ଉର୍ଦ୍ଧ୍ୱାର ନେଇଥିଲେ। ରୋହିତ ଟଙ୍କା ନ ଫେରାଇବାରୁ ବିଜୟଲକ୍ଷ୍ମୀ ତାଙ୍କୁ ନିର୍ଯାତନା ଦେଇଥିଲା। ପ୍ରଦୀପ ଓ ମମତାଙ୍କୁ ସୁପାରି ଦେବାପରେ ପତିପତ୍ନୀ ମିଶି ରୋହିତଙ୍କୁ ଜାମସେଦପୁରରୁ ଅପହରଣ କରି ନେଇଥିଲେ। ଗୋଟିଏ ଘରେ ବନ୍ଦୀ କରି ରଖିବା ସହ ମାରପିଟ୍ କରିଥିଲେ। ରୋହିତ ଅବସ୍ଥା ଗୁରୁତର ହେବାରୁ ସିଡ଼ିରୁ ପଡ଼ିଯିବାର ବାହାନା ଦେଖାଇ ଟାଟାନଗରର ସାଉଥ୍ ପଏଣ୍ଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗତମାସ ୪ ତାରିଖରେ ସେଠାରୁ ତ । କୁ ଚନ୍ଦ୍ରଶେଖରପୁର ସ୍ଥିତ କ୍ରିଷ୍ଣା ରିହାବ ସେଣ୍ଟରକୁ ସ୍ଥାନାନ୍ତରିତ କରିଥିଲେ। ଖବରପାଇ ଗତ ୨୯ ତାରିଖ ଦିନ ରୋହିତଙ୍କ ପରିବାର ଲୋକେ ଭୁବନେଶ୍ୱରରେ ପହଞ୍ଚିଥିଲେ। ପରିବାର

**ସୁପାରିକିଲର ଦମ୍ପତିଙ୍କୁ ବାନ୍ଧିଲା ପୁଲିସ**

**ଝାଡ଼ଖଣ୍ଡରୁ ଆଣି ଭୁବନେଶ୍ୱରରେ ଚିକିତ୍ସା କରୁଥିଲେ**

**ଏମ୍‌ସରେ ପ୍ରାଣ ହରାଇଲେ ଯୁବକ**

**ହତ୍ୟା ପଛରେ ସାଇବର ଠକେଇ ଟଙ୍କା**



ଲୋକେ ତାଙ୍କୁ ଏମସରେ ଭର୍ତ୍ତି କରିଥିଲେ। ହେଲେ ଗତକାଲି ରୋହିତ ପ୍ରାଣ ହରାଇଥିଲେ। ଟଙ୍କା ଆଦାୟ କରିବାକୁ ପୁଅକୁ ଅପହରଣ ପରେ ହତ୍ୟା ନିର୍ଯାତନା ଦିଆଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ମାଆ ହର୍ଷମଣି ପାନ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ଆଜି ପ୍ରଦୀପ ଓ ମମତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ତେବେ ହତ୍ୟା ପଛରେ ସାଇବର ଠକେଇ ଘଟଣା ପଦାକୁ ଆସିଛି। ବିଜୟଲକ୍ଷ୍ମୀ, ଜିତେନ୍ଦ୍ର, ପ୍ରଦୀପ ଓ ମମତା ମିଶି ସାଇବର ଠକେଇ କରୁଥିବାର ସୁରାକ ପୁଲିସ ହାତରେ ଲାଗିଛି। ତେବେ ବିଜୟଲକ୍ଷ୍ମୀ ଓ ଜିତେନ୍ଦ୍ର ଫେରାର ରହିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ କରୁଛି।

# ଶ୍ରୀକ୍ଷେତ୍ର ସିଟି

୩/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୧୪,୮୮୦/- ସୁନା: ୦୦.୮୦୦ ଗ୍ରାମ୍ ରୁପା: ୬୩.୫୦୦ ଗ୍ରାମ୍





● ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

## କଡ଼ ଲେଉଟାଇଲେ ଶୟନ ଠାକୁର

ପୁରୀ,୩।୯ (ସମିସ): ଶ୍ରୀମନ୍ଦିରରେ ବୁଧବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି । କଡ଼ ଲେଉଟାଇଛନ୍ତି ଶୟନ ଠାକୁର । ସନ୍ଧ୍ୟା ଆଳତି ବଢ଼ିବା ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କରିଥିଲେ । ଶ୍ରୀଅଙ୍ଗରେ ଚନ୍ଦନ ଲାଗି ପରେ ପୂଜାପଣ୍ଡା ଆଜ୍ଞାମାଳ କାଢ଼ି ମଦନମୋହନଙ୍କୁ ପ୍ରଦାନ କରିଥିଲେ । ପରେ ମଦନମୋହନ ପାଲିଙ୍କିରେ ବିଜେ ହୋଇ ବଡ଼ଦେଉଳକୁ ବେଢ଼ାଏ ବୁଲିଥିଲେ । ଜୟ ବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ । ବଲ୍ଲଭ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଉପରେ ନିଶୁଣି ପକାଯାଇଥିଲା । ମୁଦିରସ୍ତ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଢ଼ା ଖୋଲିଥିଲେ । ସେ ତିନିଆଞ୍ଜୁଳା ଶୁକ୍ଳ ଫୁଲ ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ । ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବାବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଛି । ମୁଦିରସ୍ତ ବନ୍ଦାପନା ସାରି ପେଢ଼ା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇ ଆସିଥିଲେ । ବଲ୍ଲଭବଡ଼ସିଂହାର ଭୋଗରେ ୬ ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା । ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା । ସୂଚନାଥାଉ କି, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ହେଉଛି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ।

● ଆଜି ବାମନ ଜନ୍ମ ନୀତି

## ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୩।୯ (ସମିସ): ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ । ଏହି ନୀତି ପାଇଁ ଗୁରୁବାର ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମଧ୍ୟାହ୍ନଧୂପ ଛେକ ଆସିବା ପରେ ପରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ । ଏଥିଲାଗି ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନକଲେ କେନ୍ଦ୍ରାଞ୍ଚଳ ଡିଆଇଜି



ପୁରୀ,୩।୯ (ସମିସ): ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ବୁଧବାର ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବା ସହ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି । ଏଥିସହ ମଠର ଆଭ୍ୟନ୍ତରୀଣ ଏବଂ ଗୁରୁଜୀ ମହାରାଜାଙ୍କ ସୁରକ୍ଷା ବିଷୟରେ ମଠର ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ । ସାରା ରାଜ୍ୟରେ ସନାତନ ଗୁରୁ ପରମ୍ପରାର ପ୍ରମୁଖ ପୀଠ ଗୋବର୍ଦ୍ଧନ ପୀଠ ହୋଇଥିବାରୁ ଏହାର ସୁରକ୍ଷା ଓ ଗୁରୁଜୀ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସର୍ବୋପରି । ଏଥିପ୍ରତି ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ସେ ନିଜେ ବ୍ୟକ୍ତିଗତ ଭାବେ ଦୃଷ୍ଟି ରଖିବେ ବୋଲି ମତ ରଖିଥିବା ଗୋବର୍ଦ୍ଧନ ପୀଠର ସୂଚନା ଓ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ପ୍ରକାଶ କରିଛନ୍ତି ।

ହବିଷ୍ୟାଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ

# ପାରସ୍ପରିକ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ

ପୁରୀ,୩।୯ (ସମିସ)

ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । ଏହାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପବିତ୍ର କାର୍ତ୍ତିକ ବ୍ରତରେ ହବିଷ୍ୟାଳି ମା'ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ । ମା'ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା, ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଦର୍ଶନ ଯାତାୟାତ ପାଇଁ ଗାଡ଼ି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ । ଏଥିପାଇଁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ । ହବିଷ୍ୟାଳି ମା'ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ବିଗତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷ୍ୟାଳି ମା'ମାନଙ୍କର ରହଣିର ବ୍ୟବସ୍ଥା ହୋଇଥିଲା ବୋଲି କହିଥିଲେ । ଏହାକୁ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ସଫଳ କରିବା ବୋଲି ସେ କହିଥିଲେ ।

ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ । ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସଚିନ ପାଟିଲ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ବିବିଧ ଦାବି ରଖିଲା ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ

ପୁରୀ,୩।୯ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସରକାର ଦେଉଛନ୍ତି ୫୦ ଲକ୍ଷ ଟଙ୍କା । ମାତ୍ର ଶ୍ରୀମନ୍ଦିର ସଂସ୍କୃତି କମିଟିର ଇଚ୍ଛାଶକ୍ତି ଅଭାବରୁ ଖର୍ଚ୍ଚ ନ ହୋଇ ଫେରୁଛି ୪୫ ଲକ୍ଷ । ଏଫ୍‌ଏମ୍ ରେଡିଓ ଏବଂ ନିଜସ୍ୱ ଚ୍ୟାନେଲ ଘୋଷଣା ହେବାର ୧୨ ବର୍ଷ ପରେ ଥରେ ବି ଏହି କମିଟିର ମିଟିଂ ହୋଇନି । ଏପରି ନୀରବତା ପରେ ଅନ୍ୟ ଜଣେ ଘରୋଇ ଚ୍ୟାନେଲ ସିଧା ପ୍ରସାରଣ କରି ବର୍ଷକୁ ପାଉଛି କୋଟି କୋଟି ଟଙ୍କା । ଯଦି ଭାରତ ବର୍ଷର ଅନ୍ୟ ମନ୍ଦିର ପରି ଶ୍ରୀମନ୍ଦିର ୨୦୧୩ରେ ଘୋଷିତ ନିଜର ଚ୍ୟାନେଲ ଆରମ୍ଭ କରନ୍ତା ତେବେ ପୁରୀର ଶିଳ୍ପୀ ଓ ସେବାୟତ ପରିବାରର ପିଲା ମଧ୍ୟ କର୍ମସଂସ୍ଥାନ ପାଆନ୍ତେ । ଏଣୁ ଶ୍ରୀମନ୍ଦିରର ନିଜସ୍ୱ ଚ୍ୟାନେଲ ଆରମ୍ଭ କରାଯାଉ ବୋଲି ଦାବି କରିଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓ ଓଡ଼ିଶା ଯୁବ ଚେତନା ସଂଗଠନ । ଉକ୍ତ ସଂଗଠନ ପକ୍ଷରୁ ଅନ୍ୟାନ୍ୟ କେତେକ ଦାବି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରଖାଯାଇଛି । ସେଥିମଧ୍ୟରେ ଭଜନ ଚୟନ ସହ ଏହାର ପ୍ରସାରଣ ପାଇଁ ଏକ କମିଟି ହେଉ, ନୀତି ଓ ଭଜନ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଯାଏ ସମ୍ପ୍ରସାରଣ, ସଂସ୍କୃତି ବିକାଶ ପାଇଁ କମିଟି, ଉତ୍ତର ଦ୍ୱାରରେ କେବଳ ପୁରୀବାସୀଙ୍କୁ ପ୍ରବେଶ, ମନ୍ଦିରରେ ମୋବାଇଲ ସମ୍ପୂର୍ଣ୍ଣ ନିଷିଦ୍ଧ(କେବଳ ପାଳିଆ ସେବାୟତଙ୍କ ମୋବାଇଲ ପ୍ରବେଶ ଅଧିକାର ପାଉ), ଡ୍ରୋନ୍, କ୍ୟାମେରା, ଚଷମା, ଫେକ୍ ପ୍ରଚାର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଖରାପ ହୋଇଥିବା ପାନୀୟଜଳ ଯୋଗାଣର ମରାମତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ନଳା ଉପରେ ଓ ୨୪ଘଣ୍ଟିଆ ପାନୀୟଜଳ ଷ୍ଟାଣ୍ଡପୋଷ୍ଟ ପାଖରେ ଭକ୍ତମାନଙ୍କ ପାଇଁ ୨୦ଟି ପରିଶ୍ରାଗାର, ଏମାରମଠ ସଂଲଗ୍ନ ସ୍ଥାନରେ ମୁକ୍ତାକାଶ ଭଜନ ମଣ୍ଡପ କରାଯାଉ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ନୂତନ ପରିଚାଳନା କମିଟି ସଦସ୍ୟଙ୍କଠାରେ ଦାବି ରଖିଛନ୍ତି ଉକ୍ତ ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର ।

## ସାରର ସୁଷମ ବଣ୍ଟନ ନେଇ ଆଲୋଚନା / କଳାବଜାରୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ପୁରୀ,୩।୯ (ସମିସ): ପୁରୀ ଜିଲ୍ଲାରେ ଖରିଫ୍ ଧାନ ଚାଷରେ ଚାଷୀମାନଙ୍କୁ ସାରର ସୁଷମ ବଣ୍ଟନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ସହିତ ଆଲୋଚନା କରିଛନ୍ତି । ଏବର୍ଷ ଖରିଫ୍ ଧାନ ଚାଷ ପାଇଁ ଆବଶ୍ୟକ ୟୁରିଆ, ଡିଏପି, ଏମ୍‌ପିକେ ଓ ଏମ୍‌ଓପି ସାର ଆବଶ୍ୟକତାଠାରୁ ଅଧିକ ଆସିଛି । ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାର ଆମଦାନୀ କରାଯାଇ ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପୁରୀ ଜିଲ୍ଲାରେ ୨୦ ହୋଲ୍‌ସେଲରଙ୍କ ମାଧ୍ୟମରେ ୪୦୨ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର୍ ଓ ୩୦ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଶୃଙ୍ଖଳିତ ଭାବେ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଚାଷୀମାନଙ୍କୁ ସାର ସୁଷମ ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ସାର ମନୁଷ୍ୟକୃତ ଅଭାବୀ ବିକ୍ରି ପାଇଁ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଜିଲ୍ଲାରେ ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିଥିବା ୩ ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶ୍ରୀ ସାହୁ କହିଥିଲେ । କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅକ୍ଷୟ ମହାନ୍ତି, ରଞ୍ଜନ ବରାଳ, ଅର୍ଜୁନ ବରାଳ, ଦୀପକ ନାୟକ, ଦେବପ୍ରସାଦ ସ୍ୱାଇଁ, ବିଭୂତି ମିଶ୍ର, ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ପଣ୍ଡା, ଉପେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଜପତି ମହାରାଜାଙ୍କୁ ଫେରାଦ୍ ହେଲା ସୁଆର ମହାସୁଆର ନିଯୋଗ ▶ ସହୁଛନ୍ତି କ୍ଷତି, ମିଳୁନି କ୍ଷତିପୂରଣ

ପୁରୀ,୩।୯ (ସମିସ): ବିବିଧ ସମସ୍ୟା ନେଇ ବୁଧବାର ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଫେରାଦ ହୋଇଛି । ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱତ୍ତ୍ୱଲିପି ଅନୁସାରେ ସକାଳ ଧୂପରେ ସେମାନେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବାର ଅଧିକାର ରହିଛି । ହେଲେ ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ହେଉଥିବା ଦର୍ଶାଇ ମନ୍ଦିର ପ୍ରଶାସନ ତାଙ୍କର ଏହି ଅଧିକାର ଛଡ଼ାଇ ନେଇଛି । ସେମାନେ ସକାଳ ଧୂପରେ ଭୋଗ ତୋଳୁନାହାନ୍ତି । କିନ୍ତୁ ପାଳିଆ ଓ ଅନ୍ୟ ସୁପକାରମାନେ କୋଠଭୋଗରେ ପ୍ରସ୍ତୁତ କରି ମାତ୍ରାଧିକ ପରିମାଣର ଭୋଗ ତୋଳିବା ଦ୍ୱାରା ଭୋଗମଣ୍ଡପ ଠିକ୍ ସମୟରେ ସରୁନାହିଁ । ଏହାଦ୍ୱାରା ସେମାନେ କ୍ଷତି ସହୁଥିଲେ ମଧ୍ୟ ସେମାନଙ୍କୁ କୌଣସି କ୍ଷତିପୂରଣ ମିଳୁନାହିଁ । ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ପ୍ରତିଦିନ ୨୫୧ କ୍ୱିଣ୍ଟାଲ କାଠ ଯୋଜନା ରହିଛି । ହେଲେ ମନ୍ଦିର ରୋଷକୁ ପ୍ରତିଦିନ ମାତ୍ର ୩୫ କ୍ୱିଣ୍ଟାଲ କାଠ ଆସୁଛି । ଦୈନନ୍ଦିନ ୧୨୦ରୁ ୧୫୦ କ୍ୱିଣ୍ଟାଲ କାଠ ବ୍ୟବହାର ହୋଇଥାଏ । ଯଦି ଆସନ୍ତା କାର୍ତ୍ତିକ ହବିଷ୍ୟାଳି ବ୍ରତରେ କାଠ ସମସ୍ୟାର ସମାଧାନ ନ ହୁଏ, ତେବେ ହବିଷ୍ୟାଳି ଓ ଭକ୍ତମାନଙ୍କ ନିମନ୍ତେ ମହାପ୍ରସାଦ ରାନ୍ଧିବାରେ ସମସ୍ୟା ଦେଖାଦେଇପାରେ । ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରିବା ପାଇଁ ଗଜପତି ମହାରାଜାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଯଦି ଏହାର ଉପଯୁକ୍ତ ସମାଧାନ କରା ନ ଯାଏ ତେବେ ସକାଳ ଧୂପରେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବା ପାଇଁ ସେମାନେ ବାଧ ହେବେ ବୋଲି ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି ।

### ସକାଳ ଧୂପରେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବେ

## ତୁଳସୀପୁର ବଜାରରେ ଗଣପତିଙ୍କ ଭସାଣ ଉତ୍ସବ




ଚାରିଛକ,୩।୯ (ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଗଣେଶ ବଜାରରେ ଶ୍ରୀଗଜାନନଙ୍କ ଭସାଣ ଉତ୍ସବ ବୁଧବାର ସନ୍ଧ୍ୟାରେ ସମାପନ ହୋଇଯାଇଛି । ପୂଜା ଅବସରରେ ପୂଜା ମଣ୍ଡପ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଡିଜେ ବାଦ୍ୟକୁ ନିଷିଦ୍ଧ କରାଯାଇଥିବାରୁ ପାରମ୍ପରିକ ବାଦ୍ୟ ଘଣ୍ଟ, ପଖୋଜ, ବାଜା, ଶଙ୍ଖ ବଜାଇ ପ୍ରଭୁ ଶ୍ରୀଗଜାନନଙ୍କୁ ସୁସଜ୍ଜିତ ଗାଡ଼ିରେ ବସାଇ ବଜାର ପରିକ୍ରମା ପରେ ତୁଳସୀପୁର ନିକଟସ୍ଥ ତେଲେଙ୍ଗା ପୋଖରୀରେ ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା । ଭସାଣ କାର୍ଯ୍ୟକ୍ରମରେ ତୁଳସୀପୁର ବଜାର କମିଟିର ସଭାପତି ସୁରେନ୍ଦ୍ର ବେହେରା, ସମ୍ପାଦକ କୈଳାଶ ସାହୁ, କୋଷାଧ୍ୟକ୍ଷ ନିର୍ମଳ ସାହୁ, ମନମୋହନ ବେହେରା, ମଙ୍ଗୁଳି ସାହୁ, ନୃସିଂହ ତ୍ରିପାଠୀ, କଳ୍ପତରୁ ସାହୁ, କାଶୀନାଥ ସାହୁ, ଧରଣୀଧର ସାହୁ, ସନ୍ତୋଷ ପାତ୍ର, ସୁରେନ୍ଦ୍ର ମଳିକଙ୍କ ସମେତ ସମସ୍ତ ବ୍ୟବସାୟୀ ସାମିଲ୍ ହୋଇଥିଲେ । ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ପାଣି ଓ ମୁଖ୍ୟକର୍ତ୍ତା ଭାବେ ନିରଞ୍ଜନ ତ୍ରିପାଠୀ କାର୍ଯ୍ୟ ତୁଲାଇଥିଲେ । ସେହିପରି ତୁଳସୀପୁରର ବିଭିନ୍ନ ଅନୁଷ୍ଠାନ ଓ କ୍ଲବ୍ ପକ୍ଷରୁ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ



ନିମାପଡ଼ା,୩।୯ (ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ଛିଟିକିଣା ଗ୍ରାମର ଜଣେ ଯୁବକଙ୍କର ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ଜଣକ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ସ୍ୱାଇଁ ।

ସୂଚନା ମୁତାବକ, ଉକ୍ତ ଗ୍ରାମର ପ୍ରଶାନ୍ତ ସ୍ୱାଇଁ ନିଜ ଘରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ । ପରିବାର ଲୋକମାନେ ତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି । ଯୁବକଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସ୍ଥାନୀୟ ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା କରିଛନ୍ତି । ପୁଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ



ପିପିଲି,୩।୯ (ସମିସ): ପାର୍ବଣ ପୂର୍ବରୁ ପିପିଲି ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ । ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପିପିଲି ପୁଲିସ । ତେବେ ଅଭିଯୁକ୍ତ ଜଣକ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ଜୀବନ ମଲ୍ଲିକ ବୋଲି ଜଣାପଡ଼ିଛି । ଚଢ଼ଉ ସମୟରେ ଘଟଣାସ୍ଥଳରୁ ବିପୁଳ ପରିମାଣର ଗନ୍ ପାଉଡର ସହ ପ୍ରାୟ ୩୦ କିଲୋରୁ ଊର୍ଦ୍ଧ୍ୱ ପୋଟାସିୟମ୍ ନାଇଟ୍ରେଟ୍, କୋଇଲା ପାଉଡର ଆଦି ବିସ୍ଫୋରକ ସାମଗ୍ରୀ ପୁଲିସ ଜବତ କରିଛି । ବେଆଇନ ବାଣ ତିଆରି ଓ ବିକ୍ରି କରିବା ଅଭିଯୋଗରେ ଜୀବନ ମଲ୍ଲିକଙ୍କୁ ପୁଲିସ ବୁଧବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଦାଣ୍ଡମୁକୁନ୍ଦପୁରରେ ଚଢ଼ଉ କରିଥିଲା ପିପିଲି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ । ଅଭିଯୁକ୍ତକୁ ଧରିବା ସହିତ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଆଗକୁ ପାର୍ବଣ ଆସୁଥିବାରୁ ବେଆଇନ ବାଣ କାରଖାନା ଉପରେ ଜୋର୍‌ଦାର୍ ଚଢ଼ଉ କରାଯିବ ବୋଲି ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି ।

# ସମସ୍ୟା ଘେରରେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ





ନିମାପଡ଼ା,୩।୯ (ସମିସ)

ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ୫୨ତମ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଥିବାବେଳେ ନାନା ସମସ୍ୟା ଘେରରେ ବର୍ତ୍ତମାନ ରହିଛି । ବିଶେଷକରି ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହାର ବିକାଶ ହୋଇପାରୁ ନ ଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତା ଉପରେ ବର୍ଷା ପାଣି ଜମାହୋଇ ରହିବା ଫଳରେ ସେଥିରେ ଅଳିଆ ଆବର୍ଜନା ପଡ଼ି ପାଣି ଦୂଷିତ ହୋଇ ଦୁର୍ଗନ୍ଧ ହେଉଛି । ଯାହା ସେଠାକାର ପରିବେଶ ପ୍ରଦୂଷଣ ହେବା ଫଳରେ ବିଭିନ୍ନ ସଂକ୍ରମଣ ହୋଇ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଲୋକମାନେ ଆକ୍ରାନ୍ତ ହେଉଥିବା ଶୁଣିବାକୁ ମିଳିଛି । ସେହିପରି ନିମାପଡ଼ା ଜୟଗୁରୁ ଆଶ୍ରମଠାରୁ କୋର୍ଟ ଛକ କେନାଲ ବନ୍ଧ ଖାଲଖମାରେ ଭର୍ତ୍ତି ହୋଇ ଲୋକମାନଙ୍କ ଯାତାୟାତରେ ନାନା ଅସୁବିଧା ସୃଷ୍ଟି ହେଉଛି । ବ୍ଲକ୍ ଛକ ସମ୍ମୁଖ ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା, ଥାନା ସମ୍ମୁଖ ରାସ୍ତା, ଚେୟାରମ୍ୟାନ୍ କ୍ୱାର୍ଟର୍ସ ରାସ୍ତା, ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଜମାହୋଇ ରହୁଛି ବର୍ଷା ଜଳ । ବିଭିନ୍ନ ୱାର୍ଡରେ ବର୍ଷା ପାଣି ଜମିବା ଫଳରେ ୱାର୍ଡବାସୀ ଘରୁ ବାହାରିପାରୁ ନାହାନ୍ତି । ପାଣି ଜମା ହେବା ଫଳରେ ଅଳିଆ ଆବର୍ଜନା ଗଦା ହେବା ଫଳରେ ମଶାମାଛିଙ୍କ ଉପଦ୍ରବ କହିଲେ ନସରେ । ମୁଖ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତାକଡ଼ରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା । ମାତ୍ର ଉଚ୍ଛେଦ ହେବାର ୭ବର୍ଷ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କ ପାଇଁ ସୁବନ୍ଦୋବସ୍ତ କରାଯାଇ ନ ଥିବାବେଳେ ପର୍ଯ୍ୟାୟ କ୍ରମେ ସେମାନଙ୍କୁ ଥଇଥାନ କରାଯିବ ବୋଲି ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ବିଶେଷକରି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଯାତ୍ରୀ ବିଶ୍ରାମାଗାର ନ ଥିବାବେଳେ ସୁଲଭ ଶୌଚାଳୟ, ପାନୀୟଜଳ, ପଥପ୍ରାନ୍ତ ସୁବିଧା କେନ୍ଦ୍ରଟିଏ ବି ନାହିଁ । ଯାହା ଫଳରେ ଯାତ୍ରୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି । ବିଭିନ୍ନ ସଭା ସମିତିରେ ରାଜନେତାମାନେ ଏନ୍‌ଏସିର ବିକାଶ ହେଉଥିବା ଡିଣ୍ଡିମ ପିଟୁଥିବାବେଳେ ବର୍ତ୍ତମାନ ଏନ୍‌ଏସି ଅବସ୍ଥା କିଭଳି ଅଛି ଦେଖିଲେ ଜଣାପଡ଼ିବ । ଗତ ରବିବାର ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସମସ୍ତଙ୍କ ସହଯୋଗ ରହିଲେ ନିମାପଡ଼ା ଏନ୍‌ଏସିର ବିକାଶ ହୋଇପାରିବ ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବଳଙ୍ଗା,୩।୯ (ସମିସ): ବୁଧବାର ମଧ୍ୟାହ୍ନରେ ବଳଙ୍ଗା ବଜାରର ବକ୍ରେଶ୍ୱର ଛକରେ ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବଳଙ୍ଗା ପ୍ରଧାନ ସାହିର ନିରଞ୍ଜନ ପ୍ରଧାନ (୩୫) । ସୂଚନା ମୁତାବକ, ନିରଞ୍ଜନ ବୁଧବାର ମଧ୍ୟାହ୍ନ ସମୟରେ ବଳଙ୍ଗା ବଜାରରେ ବକ୍ରେଶ୍ୱର ଛକରେ ଯାଉଥିଲାବେଳେ ବଜାରରୁ ନିମାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ନିରଞ୍ଜନଙ୍କୁ ଧକ୍କା ଦେଇଥିଲା । ଫଳରେ ନିରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ମଙ୍ଗଳପୁର ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛି ।

# ଚନ୍ଦ୍ରଗ୍ରହଣ ପାଇଁ ଆଖଣ୍ଡଳମଣିଙ୍କ ମନ୍ଦିରରେ ନୀତିକାନ୍ତି ଚୂଡ଼ାନ୍ତ

ଭଦ୍ରକ/ଆରଡି,୩।୯ (ସମିସ):



ଆସନ୍ତା ରବିବାର ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଆରଡି ପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ନୀତିକାନ୍ତି ଚୂଡ଼ାନ୍ତ ହୋଇଛି। ଏଥିପାଇଁ ମନ୍ଦିର ପ୍ରଶାସନ, ସେବାୟତ ଓ ପାଳିଆ ସେବାୟତଙ୍କ ପକ୍ଷରୁ ସ୍ଥିର ହୋଇଥିବା ନୀତିନିର୍ଘଣ୍ଟ ଅନୁଯାୟୀ ଚନ୍ଦ୍ରଗ୍ରହଣ ଦିନ ସହଳ ନୀତିକାନ୍ତି କରାଯାଇ ପାକତ୍ୟାଗ ପୂର୍ବରୁ ଅର୍ଥାତ୍ ୧୨ଟା୩୦ମିନିଟ ସୁଦ୍ଧା ବାବାଙ୍କର ପହୁଡ଼ କରାଯିବ। ଏହି ସମୟରୁ ଅର୍ଥାତ୍ ସମସ୍ତ ଦୈନନ୍ଦିନ ନୀତିକାନ୍ତି ସମ୍ପର୍ଣ୍ଣ କରାଯିବ ଏବଂ ମଧ୍ୟାହ୍ନ ୧ଟାରେ ମଧ୍ୟାହ୍ନ ୧ଟାଠାରୁ ବାବାଙ୍କ ମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

- ପାକତ୍ୟାଗ ପୂର୍ବରୁ ଦେବନୀତି ସମ୍ପନ୍ନ
- ମଧ୍ୟାହ୍ନ ଗୋଟାଏରୁ ବାବାଙ୍କ ଦର୍ଶନ ବନ୍ଦ

ଗ୍ରହଣ ସ୍ୱର୍ବମୋକ୍ଷ ପରେ ଅର୍ଥାତ୍ ରାତି ୨ଟା ପରେ ମନ୍ଦିର ମାର୍ଜନା କରାଯାଇ ବାବାଙ୍କୁ ମହାସ୍ନାନ କରାଯିବା ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ସାହାଣମେଲା କରାଯିବ। ସ୍ଥିର ହୋଇଥିବା ନୀତି ଅନୁଯାୟୀ ରବିବାର ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣ ଲାଗି ସରିବା ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲୁ ବାଲ୍ୟଭୋଗ ଲାଗି କରାଯିବ। ସକାଳ ୮ଟାରେ ପହଡଖିଆ ଅନ୍ନ ନୀତି, ୯ଟାରେ ବଡନୀତି ଭୋଗ, ୧୦ଟାରେ ଅବକାଶ ନୀତି, ୧୦.୩୦ରେ ବଡ଼ସିଂହାର ବେଶ, ୧୧ଟାରେ ସଂଧ୍ୟା ପୂଜା, ୧୨.୩୦ରେ ବାଟୁଳା ନୀତି ସମ୍ପନ୍ନ ହେବ।

# ଆଲୋକମାଳାରେ ଝଲସୁଛି ଧାମନଗର ଏନଏସି



ଧାମନଗର,୩।୯ (ସମିସ): ଆସନ୍ତା ୪ ଓ ୫ ତାରିଖ ଧାମନଗରଠାରେ ହଜରତ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ଜନ୍ମ ଉତ୍ସବ ପାଳନ ଓ ତବୃକାତ ଦର୍ଶନ କାର୍ଯ୍ୟକ୍ରମ ରହିଛି। ଦିନକ ପୂର୍ବରୁ ଅର୍ଥାତ ୪ ତାରିଖ ସନ୍ଧ୍ୟାରେ ଧାମନଗରରେ ଜୁଲୁସ କାଫଲା ଶୋଭାଯାତ୍ରା ବାହାରିବ। ଏହି ମହାନ ପର୍ବ ଲାଗି ସଂଖ୍ୟାଲଘୁ ଧର୍ମାବଲମ୍ବୀଙ୍କ ସାହିବସ୍ତି ଓ ଘରେ ଘରେ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଛି। ସେହିଭଳି ଧାମନଗର ଏନଏସି ଅଧୀନ ଖାନକା ସରିଫଠାରୁ ସାନବଜାର ଓ ବଡ଼ ବଜାର ଏପଟେ ଚୁନୁପଡା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଘାଟରେ ରଙ୍ଗବେରଙ୍ଗର ଆଲୋକ ସଜା ସାଙ୍ଗକୁ ସୁସଜ୍ଜିତ ତୋରଣ ସହରକୁ ଆକର୍ଷିତ କରୁଛି। ଦେଶର ବିଭିନ୍ନ ପ୍ରାନ୍ତରରୁ ପ୍ରଖ୍ୟାତ ସାଏର ମାନେ ଆସି ସବୁ ଜୁଲୁସ୍ (ମେଢ) ଓ କାଫେଲା ଶୋଭାଯାତ୍ରାରେ ଜଣେ ଜଣେ ଉପସ୍ଥିତ ରହି ସାଏରୀ ବା କବିତା ଆବତି କରିବାର କାର୍ଯ୍ୟକ୍ରମ ରହିଛି। ଜୁଲୁସ୍ ଶୋଭଯାତ୍ରାରେ ଶ୍ରଦ୍ଧାଳୁମାନେ ଯିବା ପାଇଁ ନୂଆଲୁଗା ତିଆରି ଲାଗି ଏଠାକାର ଟେଲର ବା ଦର୍ଜିଙ୍କ ପାଖରେ ଭିଡ଼ ଲଗାଇଥିବା ପରିଲକ୍ଷିତ ହୋଇଛି। ଜୁଲୁସ (ମେଢ଼) ଓ କାଫେଲାରେ ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ନାତ ସରିଫ ପଢ଼ି ପଢ଼ି ଯିବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଜୁଲୁସ୍ କାଫଲା ଶୋଭାଯାତ୍ରା ଖାନକା ସରିଫରେ ପହଞ୍ଚିବେ। ପରେ ସେଠାରୁ ପର୍ଯ୍ୟାୟକ୍ରମେ ଇଦ୍‌ଗା ମଇଦାନ ଅତିକ୍ରମ କରି ଟ୍ରେକର ଷ୍ଟାଣ୍ଡ, ବଡବଜାର, ସାନ ବଜାର ଛକ ପରିକ୍ରମା କରି ବଙ୍ଗାଳି ଛକ ବାଟେ ଜଗତି କଦମରସୁଲରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

# ପୂର୍ବାଞ୍ଚଳ ଡିଆଇଜିଙ୍କ ଧାମନଗର ଥାନା ଗସ୍ତ; ଆଇନଶୃଙ୍ଖଳା ସମୀକ୍ଷା

ଧାମନଗର,୩।୯ (ସମିସ): ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଅଚାନକ ଧାମନଗର ଥାନା ପରିଦର୍ଶନ କରି ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉତ୍ସବ କିପରି ଶାନ୍ତିପୂର୍ଣ୍ଣ ଭାବେ



ପାଳନ କରାଯିବ ସେ ନେଇ ସମୀକ୍ଷା କରିଥିଲେ। ଖବରରୁ ପ୍ରକାଶ ଯେ, ଶ୍ରୀ ମିଶ୍ର ପୁରୀ ଏସପିରୁ ପଦୋନ୍ନତି ପାଇ ପୂର୍ବାଞ୍ଚଳ ଡିଆଇଜି ଭାବେ ବାଲେଶ୍ୱରରେ ଦାୟିତ୍ୱ ଗ୍ରହଣ କରିବା ପରେ ଭଦ୍ରକ ଜିଲ୍ଲା ଧାମନଗର ଗସ୍ତ କରିଥିଲେ। ଧାମନଗର ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଆସନ୍ତା ୫ ତାରିଖରେ ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳନ ହେବ ଏବଂ ଦୁର୍ଗା ପୂଜା ଥିବାରୁ ତାଙ୍କର ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବହନକରେ। ତେଣୁ ଧାମନଗର ଗ୍ରସ୍ତରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଇନଶୃଙ୍ଖଳାର ସମୀକ୍ଷା କରିଥିଲେ। ସମସ୍ତ ପାର୍ବଣ ଉତ୍ସବ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ଅବସରରେ ଭଦ୍ରକ ଏସପି ମନୋଜ କୁମାର ରାଉତ, ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ କୁମାର ସେଠୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଆସନ୍ତା ୫ ତାରିଖରେ ପ୍ରଫେଟ ମହମ୍ମଦଙ୍କ ଜନ୍ମ ଦିନ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ ହେବ ସେନେଇ ପୂର୍ବାହ୍ନ ୧୧ଟା ବେଳେ ଥାନା ପରିସରରେ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ପହଞ୍ଚି ଆଲୋଚନା ସହ ସମୀକ୍ଷା କରିଥିଲେ। ବୈଠକରେ ଏସଡିପିଓ ତ୍ରିଲୋ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ ସେଠୀ ଉପସ୍ଥିତି ଥିବା ବେଳେ ଖାନକା ଉର୍ସ କମିଟିର ଉପସଭାପତି ସୟଦ ମୁସ୍ତାଫା ରଜା, ଜଗତି କଦମରସୁଲ କମିଟିର ସମ୍ପାଦକ ସେକ ସୈଫୁଦ୍ଦିନ ଓ ଅନ୍ୟ କର୍ମକର୍ତ୍ତା ଗୋଲାମ ଜିଲାନି ହବିବି, ସେକ ଅବଦୁଲ ହାକିମ, ସେକ ଜାଫର ଅଲ୍ଲୀ, ସ୍ଥାନୀୟ ଅଞ୍ଚଳର ସମାଜସେବୀ କୃଷ୍ଣଚନ୍ଦ୍ର ଜେନା ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଏହି ପର୍ବରେ ୬ ପ୍ଲାଟୁନ ପୁଲିସ ଫୋର୍ସ ସହ ୨୦ ଜଣ ଅଫିସର ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷାକରିବେ।

# ୭ ବାଲି ବୋଝେଇ ହାଇୱା ଜବତ



ଦୋବଲ,୩।୯ (ସମିସ): ଧାମନଗର ପୁଲିସ ଦୋବଲ ରାସ୍ତାରେ ଯାଉଥିବା ୭ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି। ୩ଟି ହାଇୱା ଧାମନଗର ଥାନା ପରିସରରେ ରହିଥିବାବେଳେ ଆଉ ୪ଟି ଦୋବଲ କାଳୀ ପଡ଼ିଆରେ ରଖାଯାଇଛି। ଚୋରାରେ ବାଲି ଚାଲାଣ ହେଉଥିବା ନେଇ ଟ୍ରକ ଓ ଡ୍ରାଇଭରଙ୍କ ନାଁରେ ମାମଲା ରୁଜୁ କରାଯିବ ବୋଲି ଏସ୍‌ଆଇ ରାଜେଶ ସେଠୀ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ରାତିରେ ୭ଟି ହାଇୱା କ୍ଷମତାଠାରୁ ଅଧିକ ବାଲି ବୋଝେଇ କରି ଯାଉଥିଲେ। ଦୋବଲ ଅଞ୍ଚଳରେ ପାଟ୍ରୋଲିଂରେ ଥିବା ଧାମନଗର ଥାନା ସବ୍‌ଇନସପେକ୍ଟର ରାଜେଶ ସେଠୀ ଓ ତାଙ୍କ ଟିମ୍ ହାଇୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବାଲି ପରିବହନ ନେଇ ଆବଶ୍ୟକ ଥିବା ୱାଇ ଫର୍ମ ବା ଟ୍ରାଞ୍ଜିଟ ପାସ୍ ଡ୍ରାଇଭରମାନେ ଦେଖାଇ ପାରିନଥିଲେ। ତେବେ ବିନା ଟ୍ରାଞ୍ଜିଟ ପାସରେ ବାଲି ପରିବହନ କରୁଥିବାରୁ ଏହାକୁ ଚୋରାରେ ବାଲି ଚାଲାଣ ହେଉଥିବା ଅଭିଯୋଗ କରିଥିଲେ ଏସ୍‌ଆଇ ରାଜେଶ। ଏହାସହ ହାଇୱାଗୁଡ଼ିକୁ ଜବତ କରିଥିଲେ। ଥାନା ପରିସର ଛୋଟ ଥିବାରୁ ସାଙ୍ଗରେ ୩ଟି ହାଇୱାକୁ ନେଇଥିଲେ। ବାକି ୪ଟିକୁ ଦୋବଲ କାଳୀ ପଡ଼ିଆରେ ପାର୍କିଂ କରାଇ ଚାବି କାଢି ନେଇଯାଇଥିଲେ। ତେବେ ହାଇୱା ଗୁଡ଼ିକ ଯାଜପୁର ଜିଲ୍ଲା ଅଞ୍ଚଳରୁ ବାଲି ଚୋରି କରି ଭଦ୍ରକ ଅଭିମୁଖେ ଯାଉଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏବେ ବୈତରଣୀରେ ବନ୍ୟା ପାଣି ଥିବାରୁ ବାଲି ଉଠି ପାରୁନାହିଁ। ଏଣୁ ଗାଡ଼ି ମାଲିକମାନେ ଯାଜପୁର, ବ୍ରହ୍ମବରଦା ଓ ବିଞ୍ଝାରପୁର ଅଞ୍ଚଳରୁ ବାଲି ଚୋରି କରି ଆଣୁଛନ୍ତି। ସେହି ବାଲି ବୋଝେଇ ଟ୍ରକଗୁଡ଼ିକୁ ରାତିରେ ଭଦ୍ରକ ଜିଲ୍ଲାକୁ ପଠାଉଛନ୍ତି। ଯାଜପୁରରୁ ସିନ୍ଦୁରାଇମୁହଁ ଓ ସିଦ୍ଧେଶ୍ୱର ବୈତରଣୀ ପୋଲ ବାଟେ ଭଦ୍ରକ ସୀମାରେ ପଶୁଛନ୍ତି। ସେଠାରୁ ଖଡ଼ିପଦା, ଦୋବଲ ଧାମନଗର ହୋଇ ଭଦ୍ରକ ଯାଉଛନ୍ତି। ସୈରାତରୁ ଚୁକ୍ତିବଦ୍ଧ କ୍ଷମତାଠାରୁ ଅଧିକ ପରିମାଣର ବାଲି ଚୋରି କରୁଥିବାରୁ ଲିଜ୍ ନେଇଥିବା ବ୍ୟକ୍ତି ଅନେକ ଗାଡ଼ିକୁ ଟ୍ରାଞ୍ଜିଟ ପାସ୍ ଦିଅନ୍ତି ନାହିଁ। ଯେଉଁଠି ଧରାପଡ଼ନ୍ତି କିଛି ଟଙ୍କା ଦେଇ ଖଲାସ ହୁଅନ୍ତି। ହେଲେ ଜିଲ୍ଲାର ସୀମା ବଦଳିଥିବାରୁ ସେମାନଙ୍କର ଏ ସେଟିଂ କାମ କରୁନଥିବାରୁ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ତେବେ ଯାଜପୁର ଜିଲ୍ଲାରୁ ଏବେ ଦୈନିକ ୧୫ରୁ ୨୦ଟି ହାଇୱା ଚୋରା ବାଲି ଆନନ୍ଦପୁର ସୀମା ଦେଇ ଭଦ୍ରକ ଜିଲ୍ଲାରେ ପ୍ରବେଶ କରୁଛନ୍ତି। ଏଣୁ ନିୟମିତ ପାଟ୍ରୋଲିଂ କରାଗଲେ ବାଲି ଚୋରିକୁ ରୋକାଯାଇପାରିବ।

## ● ଉତୁକୁଡା ଗାଁରେ ଅଗ୍ନିକାଣ୍ଡ

# ଜଳିଗଲା ବୃଦ୍ଧଙ୍କ ଘର ଓ ଭତ୍ତା ଟଙ୍କା



ଭଦ୍ରକ,୩।୯ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧିନସ୍ଥ ଉତୁକୁଡା ପଞ୍ଚାୟତ ଉତୁକୁଡା ଗାଁର ଅମୂଲ୍ୟ ବଳଙ୍କ ଘରେ ନିଆଁ ଲାଗିଯାଇଥିଲା। ଫଳରେ ତାଙ୍କର ଘର, ଭତ୍ତା ଟଙ୍କା ଏବଂ ଅନ୍ୟାନ୍ୟ ଆସବାବପତ୍ର ସଂପୂର୍ଣ୍ଣଭାବେ ଜଳିଯାଇଛି। ବିଳମ୍ବିତ ରାତିରେ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି ବୋଲି ଅନୁମାନ କରାଯାଉଛି। ଅମୂଲ୍ୟ ଜଣେ ଦିନ ଦୁଃଖି ଏବଂ ପରିଣତ ବୟସରେ ସେ ଏକାକୀ ଘରେ ରୁହନ୍ତି । ସ୍ତ୍ରୀ ଏବଂ ପିଲାଛୁଆ ଅକାଳରେ ମୃତ୍ୟୁ ପରେ ତାଙ୍କର ନିଜର ବୋଲି ଆଉ କେହି ନାହାନ୍ତି। ସେ କେବଳ ରାସନ ଚାଉଳ ଏବଂ ଭତ୍ତା ଟଙ୍କାରେ ଚଳନ୍ତି। ତେଣୁ ତାଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ଭଦ୍ରକ ଜିଲ୍ଲାସ୍ତରୀୟ 'ଦିଶା' ବୈଠକ

# ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଆହ୍ୱାନ




ଭଦ୍ରକ,୩।୯ (ସମିସ): ବୁଧବାର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର 'ଦିଶା' ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଧାୟକ ଭଣ୍ଡାରିପୋଖରୀ ସଂଜୀବ କୁମାର ମଲ୍ଲିକ, ବିଧାୟକ ଭଦ୍ରକ ସୀତାଂଶୁ ସେଖର ମହାପାତ୍ର, ବିଧାୟକ ବାସୁଦେବପୁର ଅଶୋକ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକ ପ୍ରହଲ୍ଲାଦ ରଣା ତଥା ସମସ୍ତ ନଗରାଞ୍ଚଳର ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସଭ୍ୟ/ସଭ୍ୟା, ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ ଓ ବେଦାନ୍ତ ଫେକରର ପ୍ରତିନିଧି ଯୋଗଦେଇଥିଲେ। ଏହାପରେ ବିଭିନ୍ନ ବିଭାଗର ଯୋଜନାଗୁଡିକ ଉପରେ ସମୀକ୍ଷା ହୋଇଥିଲା । ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ନରେଗା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ପ୍ରାଣୀଧନ ମିଶନ, ଜାତୀୟ ଗ୍ରାମୀଣ ଜିବୀକା ମିଶନ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଚଞ୍ଚଳ), ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗର ବିଭିନ୍ନ ପ୍ରକଳ୍ପ, ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଗତି, ଜାତୀୟ ରାଜପଥ, ରେଲୱେ, ଡାକ ବିଭାଗ, ଯୋଗାଯୋଗ, ଜଳପଥ, ବେଦାନ୍ତ ଫେକର ଓ ଆଦାନୀ, ଧାମରା ବନ୍ଦର ପ୍ରକଳ୍ପ ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇ ସମୀକ୍ଷା ହୋଇଥିଲା। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ଏକ ମନ ଏକ ପ୍ରାଣ ନେଇ ତଥା ସହଯୋଗିତାରେ କାମକରିବା ପାଇଁ ସାଂସଦ ତଥା ବିଧାୟକମାନେ ନିର୍ଦ୍ଦେଶ ଦେଇଥିଲେ।

## ■ ନବବଧୂଙ୍କ ଆତ୍ମହତ୍ୟା

# ହତ୍ୟା ଅଭିଯୋଗ ଆଣିଲେ ବାପଘର



ଭଦ୍ରକ,୩।୯ (ସମିସ): ଯୌତୁକ ଜୁଇରେ ୩ ମାସର ନବବଧୂ; ହେଲେ ହତ୍ୟା ଅଭିଯୋଗ ଆଣିଛନ୍ତି ଝିଅର ବାପ ଘର ଲୋକେ। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅଧୀନ ବଜରାପୁର ପଞ୍ଚାୟତ ଷଣ୍ଢଗଡା ଗାଁରେ। ପ୍ରକାଶ ଥାଉକି, ନାୟକାଣିଡ଼ିହି ଥାନା ଅଧିନ କରଞ୍ଜଆଡିଆ ଗାଁର ଚକ୍ରଧର ମାଝୀଙ୍କ ଝିଅ ମାମାଲିଙ୍କୁ ଘଣ୍ଟେଶ୍ୱର ବଜରାପୁର ପଞ୍ଚାୟତ ଷଣ୍ଢଗଡା ଗ୍ରାମର ବାବୁଲି ମାଝୀଙ୍କ ପୁଅ ଦିପୁନ ମାଝିଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ, ଶଶୁର, ଦିଅର ଦାଦନ ଖଟିବାକୁ ବାହାରକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତେବେ ଏହି ଘଟଣାକୁ ନେଇ ନେଇ ଝିଅର ବାପଘର ଲୋକେ ଘଣ୍ଟେଶ୍ୱର ଫାଣ୍ଡିରେ ଶାଶୂ ଗୌରୀ ମାଝୀ, ଶଶୁର-ବାବୁଲି ମାଝୀ, ସ୍ୱାମୀ ଦିପୁନ ମାଝୀ ଓ ଦିଅର-ସିପୁନ ମାଝୀ ନାମରେ ଯୌତୁକ ଜନିତ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ଝିଅକୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ବାଂଶଡା ଥାନା ଅଧିକାରୀ ମହମଦ ହାପିଜ ଘଟେଂଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଝିଅର ମା' ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୩।୯ (ସମିସ): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍କୁଲରେ ଶିଶୁଙ୍କ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପକ୍ସୋ ଆଇନ୍ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୮ ସମ୍ବନ୍ଧିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ଶିଶୁଙ୍କ ସହ ଜଡ଼ିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ଯୌନ ନିର୍ଯ୍ୟତନା ଏବଂ ପୋକ୍‌ସୋ ଆଇନ୍ ଯାହାକି ନାଲସାର ପିଡ଼ିତା କ୍ଷତିପୂରଣ ଯୋଜନା-୨୦୧୮ ଇତ୍ୟାଦି ସମ୍ବନ୍ଧରେ ବୁଝାଇଥିଲେ। ତତ୍‌ସହ ସଚିବ ଶ୍ରୀ ରଥ ପିଲାମାନଙ୍କ ସହ ପାରସ୍ପରିକ ଅଧିବେଶନ ମଧ କରାଇ ପିଲାମାନଙ୍କୁ ସରଳ ଭାବରେ ଉକ୍ତ ଆଇନ ସବୁକୁ ବୁଝାଇଥିଲେ। ପିଲାମାନଙ୍କୁ ଗୁଡ଼ ଟଚ୍ ଓ ବ୍ୟାଡ୍ ଟଚ୍‌ର ଶିକ୍ଷା ଏବଂ ପିଲମାନେ ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତେଳିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଭଦ୍ରକର ଚେୟାରମ୍ୟାନ୍ ଦେବରାଜ ପାଣିଗ୍ରାହୀ, ଭଦ୍ରକ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ଶିଶୁ ଯତ୍ନ ଓ ସୁରକ୍ଷା ଅଫିସର ଲିଗାଲ ପ୍ରୋବେସନ୍ ଅଧିକାରୀ ସୁବ୍ରତ କୁମାର ଦାଶ, ଡ଼. ତାପସ କୁମାର ମହାନ୍ତି ଓ ବହ୍ନିଶିଖା ବିଶ୍ୱାଳ ସହକାରୀ ଏଲ୍.ଏ.ଡ଼ିସ୍.ଏସ୍.ଭଦ୍ରକ, ଜିଲ୍ଲା ସ୍କୁଲ ଭଦ୍ରକର ପ୍ରଧାନଶିକ୍ଷୟିତ୍ରୀ ପାନାମଣି ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମିଲି ପରିଡ଼ା, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନକଲି ଜର୍ଦ୍ଦା ଓ ସ୍କୁଟି ଜବତ; ୨ ଗିରଫ

ତିହିଡି,୩।୯ (ସମିସ): ତିହିଡି ଥାନା ଅଧୀନ କମାରିଆ ବଜାର ଠାରେ ପୋଲିସ ନକଲି ଜର୍ଦ୍ଦା ଜବତ କରିଛି। ଏହି ଘଟଣାରେ ଭଦ୍ରକ ପୁରୁଣା ବଜାର ଅଞ୍ଚଳର ଏସ୍.କେ. କୁର୍ବାନ (୪୨), ଏସ୍.କେ. ଗୋଲଫାନଙ୍କୁ ପୁଲିସ ଗିରଫ କରିଛି। ପୁଲିସ ୨୧ କିଲୋ ୨୬୦ ଗ୍ରାମ ଡୁପ୍ଲିକେଟ୍ ଟବାକୋ (ଜର୍ଦ୍ଦା) ଜବତ କରିଛି। ଏ ସମ୍ପର୍କରେ ତିହିଡି ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାରେ ବ୍ୟବହୃତ ଏକ ସ୍କୁଟିକୁ ପୁଲିସ ଜବତ କରିଛି।

## ଗୋପୀନାଥପୁର ପଞ୍ଚାୟତରେ ବସୁଧା ଯୋଜନା ବାଟବଣା

# ଯୋଜନାକୁ ପୂରିବ ୭ବର୍ଷ; ୩ଟି ପ୍ରକଳ୍ପ ଅଧପନ୍ତରିଆ

ବନ୍ତ/ଆଗରପଡ଼ା,୩।୯ (ସମିସ):



ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ସରକାର ୨୦୧୮ ନଭେମ୍ବରରେ ବସୁଧା ଯୋଜନାର ଶୁଭାରମ୍ଭ କରିଥିଲେ। ଆଉ ମାସ କେଇଟା ପରେ ଏହି ଯୋଜନାକୁ ୭ ବର୍ଷ ପୂରିବ; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଯୋଜନା ଶେଷ ହେବାର ନାଁ ଧରୁନି। ଫଳରେ ଏହି ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତରେ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତ ପାହାଡ଼ପୁର, ତାଜିପୁର, କାଳିମଙ୍ଗା (ସାନସନ୍ଦାଡ଼ୋ), ବଡ଼ସନ୍ଦାଡ଼ୋ, ଗୋପିନାଥପୁର, ତୁଳିପଦା, ପାନବର୍ଜ, ଶ୍ରୀରାମପୁର, ସାହୁପଡ଼ା ଓ କାଣ୍ଡବା ରାଜସ୍ୱ ଗାଁରେ ଆରଡ଼ବ୍ଲ୍ୟୁଏସଏସ ମାଧ୍ୟମରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ନିର୍ମିତ ହୋଇଛି ପ୍ରକଳ୍ପ। ନିର୍ମିତ ହୋଇଥିବା ୧୦ଟି ପ୍ରକଳ୍ପରୁ ୭ଟି ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ବେଳେ ଅବଶିଷ୍ଟ ୩ଟି ପ୍ରକଳ୍ପ ଅଧପନ୍ତରିଆ ହୋଇରହିଛି। ବଡ଼ସନ୍ଦାଡ଼ୋ ଓ ସାନସନ୍ଦାଡ଼ୋରେ ନିର୍ମିତ ପ୍ରକଳ୍ପ ୧୫ ମାସ ହେବ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ବେଳେ କାଣ୍ଡବାରେ ନିର୍ମିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ବିଦ୍ୟୁତ ସଂଯୋଗୀକରଣ ହୋଇପାରିନାହିଁ। ପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ୭ଟି ପ୍ରକଳ୍ପ ମଧ୍ୟରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ବିଛାଯାଇଥିବା ପାଇପ ସବୁ ସ୍ଥାନେ ସ୍ଥାନେ ଫାଟିଗଲାଣି। ଫଳରେ ସାହୁପଡ଼ା ଓ ଗୋପିନାଥପୁର ବାସିନ୍ଦା ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଶ୍ରୀରାମପୁର ବାସିନ୍ଦା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ନଷ୍ଟ ହୋଇଯାଇଥିବାରୁ ମରାମତି କରାଯାଇନଥିବାରୁ ପାନୀୟ ଜଳ ପାଇପାରୁନାହାନ୍ତି। ସବିଶେଷ ବିବରଣୀ ଅନୁଯାୟୀ ପ୍ରତି ବିଭାଗର ସମନ୍ୱୟର ଅଭାବ ଯୋଗୁଁ ଉକ୍ତ ଯୋଜନା ଏଠାରେ ଫେଲ ମାରିବାକୁ ବସିଛି। ଆରଡ଼ବ୍ଲ୍ୟୁଏସଏସ ପାଇପ ବିଛା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୂର୍ତ୍ତବିଭାଗ କିମ୍ବା ଗ୍ରାମ୍ୟ ସଡ଼କ (ଆରଡ଼ି) ବିଭାଗର ସହମତି ନ ଲୋଡ଼ି ପାଇପ ସବୁ ବିଛାଯାଇ ଥିବାରୁ ଏବେ ରାସ୍ତା କାମ ଚାଲୁଥିବାରୁ ତାହା ପ୍ରାୟ ନଷ୍ଟ ଅବସ୍ଥାରେ। ସେହିପରି ବିଦ୍ୟୁତ ବିଭାଗର ଅସହଯୋଗରୁ କାର୍ଯ୍ୟର୍ ସମାପ୍ତ ପରେ ବି ଜଳ ଯୋଗାଣ ହୋଇପାରୁନାହିଁ। ଗୋଟିଏ ଗୋଟିଏ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପର ସଫଳ ରୂପାୟନ ହୋଇପାରୁନାହିଁ। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବାରେ ଲାଗିଛି। ସୂଚନା ଫଳକରେ ନିୟମ ଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଯେଉଁ ସ୍ଥାନରେ ସମସ୍ୟା ଦେଖା ଯାଉଛି ତାହାକୁ ମାଧାନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଉଥିବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ପ୍ରକୃତ ପକ୍ଷେ କୋ↔ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ହୋଇଛି।

# ପୁଣି ମହାନଦୀ ପ୍ରଦୂଷିତ

ସମ୍ବଲପୁର, ୩।୯ (ସମିସ)

ପୁଣି ପ୍ରଦୂଷିତ ହୋଇଛି ମହାନଦୀ ପାଣି। ଯୋଉଠି ଇଚ୍ଛା ସେଇଠି ହୋଇଛି ଗଣେଶ ମୂର୍ତ୍ତି ବିସର୍ଜନ। ସମ୍ବଲପୁରର ବିଭିନ୍ନ ପୂଜା କମିଟି, ହାଉସିଂ ସୋସାଇଟି ତଥା ଘରେ ପୂଜା କରାଯାଇଥିବା ଗଣେଶ ମୂର୍ତ୍ତି ରିଂରୋଡ୍‌ରେ ବିଭିନ୍ନ ଘାଟଠାରୁ ଆରମ୍ଭ କରି ମାଳତିପୋର ପର୍ଯ୍ୟନ୍ତ ବିସର୍ଜନ କରାଯାଇଛି। କାମ କରୁନି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାରମ୍ବାର ତାଗିଦ୍। ପୂଜାକମିଟି ଓ ସାଧାରଣ ଜନତାଙ୍କୁ ଜଳ ପ୍ରଦୂଷଣକୁ ନେଇ ସଚେତନ କରାଯାଇନାହିଁ। ବହୁସଂଖ୍ୟାରେ ପୂଜା ହେଉଥିବା ସ୍ଥାନକୁ ନେଇ ମହାନଗର ନିଗମ ପକ୍ଷରୁ କୃତ୍ରିମ ପୋଖରୀ କରାଯାଇନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପତ୍ର କେବଳ ଫାଇଲରେ ରହିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ପାର୍ବଣ ଋତୁ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ ଅଧକ୍ଷଙ୍କୁ ପତ୍ର ମୂର୍ତ୍ତି ତିଆରିଠାରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ମାର୍ଗଦର୍ଶିକା ନେଇ ପତ୍ର ଲେଖୁଥିବାବେଳେ ତାହାକୁ ମହାନଗର ନିଗମ ପକ୍ଷରୁ ଅଣଦେଖା କରାଯାଇଛି।

ଗତ ଅଗଷ୍ଟ ୨୭ ତାରିଖ ଗଣେଶ ଚତୁର୍ଥୀ ସହ ଆରମ୍ଭ ହୋଇଛି ପାର୍ବଣଋତୁ। ଆଗକୁ ବିଶ୍ୱକର୍ମା ପୂଜା, ଖୁଦୁରୁକୁଣୀ ପୂଜା, ଦୁର୍ଗା ପୂଜା, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା, ସରସ୍ୱତୀ ପୂଜା ଆଦି ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ମୂର୍ତ୍ତି ବିସର୍ଜନ ଯୋଗୁଁ ଜଳ ପ୍ରଦୂଷଣକୁ ଗୁରୁତ୍ୱର ସହ ନିଆ ନ



**ମହାନଦୀରେ ଗଣେଶ ମୂର୍ତ୍ତି ବିସର୍ଜନ**
**କୃତ୍ରିମ ପୋଖରୀ କରୁନି ମହାନଗର**
**ପ୍ରଦୂଷଣ ବୋର୍ଡ ନିର୍ଦ୍ଦେଶକୁ ଅଣଦେଖା**

ଯିବା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଭୁବନେଶ୍ୱର, କଟକ, ରାଉରକେଲା ଭଳି କେତେକ ମହାନଗର ନିଗମରେ ସ୍ଥାୟୀ କୃତ୍ରିମ ପୋଖରୀ କରାଯାଇଛି ଏବଂ ପ୍ରଶାସନ ଓ ପୁଲିସ ପକ୍ଷରୁ ଯାତ୍ରା କମିଟି ଗୁଡ଼ିକୁ ନିୟମିତ ମନିଟରିଂ କରାଯାଉଥିବା ସୂଚନା ମିଳିଛି। କିନ୍ତୁ ସମ୍ବଲପୁର ମହାନଗର ନିଗମ ଏହାର ଏକ ବ୍ୟତିକ୍ରମ। ଗତବର୍ଷ ପାର୍ବଣ ସମୟରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ହେବାପରେ ବାଧ୍ୟବାଧକତା ଭଳି ୪ଟି ସ୍ଥାନରେ କୃତ୍ରିମ ପୋଖରୀ କରାଗଲା କିନ୍ତୁ ପ୍ରଶାସନ ପକ୍ଷରୁ ମନିଟରିଂ ଅଭାବରୁ ସେଠାରେ ବହୁ କମ୍‌ସଂଖ୍ୟକ ମୂର୍ତ୍ତି ବିସର୍ଜନ କରାଯାଇଥିଲା, ତେବେ ସେନେଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଘାନାହିଁ।

ଚଳିତବର୍ଷ ମଧ୍ୟ ଗତ ଅଗଷ୍ଟ ୧୧ ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ମହାନଗର ଆୟୁକ୍ତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରାୟ ମାସକ ତଳେ ମୂର୍ତ୍ତି ତିଆରିଠାରୁ ଆରମ୍ଭକରି ବିସର୍ଜନ ପର୍ଯ୍ୟନ୍ତ 'ଡୁ ଆଣ୍ଡ ଡୋଣ୍ଟ'କୁ ନେଇ ପତ୍ର ଆସିଥିଲା। ଏହାସହ ସ୍ଥାନୀୟସ୍ତରରେ ସଚେତନତା ସହ ବିସର୍ଜନ ପୂର୍ବ ଓ ପର ନମୁନା ସଂଗ୍ରହ କରିବା ଦାୟିତ୍ୱ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦିଆଯାଇଛି। ତେବେ ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂଜା କମିଟି ଓ ସାଧାରଣରେ ଆବଶ୍ୟକ ସଚେତନତା କରାଯାଇନାହିଁ। ନିୟମନୁଯାୟୀ, ପାର୍ବଣ ପୂର୍ବରୁ ସମସ୍ତ ପୂଜା କମିଟି ସଦସ୍ୟମାନଙ୍କୁ ସଚେତନ, ଇକୋ ଫ୍ରେଣ୍ଡଲି ମର୍ତ୍ତି ପାଇଁ ସଚେତନତା ସୃଷ୍ଟି, ମର୍ତ୍ତି ତିଆରି ସ୍ଥାନରେ ବାରମ୍ବାର ଚଢ଼ଉ, ଜରିମାନା ଆଦାୟ କୃତ୍ରିମ ପୋଖରୀ ପାଇଁ ଜାଗା ଚିହ୍ନଟ, ବିସର୍ଜନ ସରିବାପରେ ପାଣି ଯାଞ୍ଚକରି ଅବଶେଷକୁ ବର୍ଜ୍ୟସ୍ଥାନରେ ପକାଇବା, ଉକ୍ତ ପୋଖରୀର ରାସାୟନିକ ଟ୍ରିଟମେଣ୍ଟ କରି ଜଳକୁ ନିର୍ଦ୍ଧାରିତମାନ ଆସିବାପରେ ନଦୀକୁ ଛାଡ଼ିବା ଆଦି ରହିଛି। ମୂର୍ତ୍ତି ତିଆରି ସମୟରେ ପ୍ଲାଷ୍ଟର ଅଫ୍ ପେରିସ ଓ ଲେଡ୍, କ୍ରୋମିୟମ ଥିବା କୃତ୍ରିମ ରଙ୍ଗ ମିଶାଇବା ନିଷେଧ ରହିଛି। ଏନେଇ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୂର୍ତ୍ତି ତିଆରି ସମୟରେ ଚଢ଼ଉ କରାଯାଇ ଯାଞ୍ଚ କରିବାସହ ତାଗିଦ୍ କରାଯାଇଥିଲା। ଏହାବ୍ୟତୀତ ମହାନଦୀର ବିଭିନ୍ନ ସ୍ଥାନରୁ ମୂର୍ତ୍ତି ବିସର୍ଜନ ପୂର୍ବରୁ ଗତ ଅଗଷ୍ଟ ୨୫ ତାରିଖ ଜଳ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଲାବୋରେଟୋରୀକୁ ପଠାଯାଇଥିବାବେଳେ ମୂର୍ତ୍ତି ବିସର୍ଜନ ସମୟରେ ଅଗଷ୍ଟ ୩୦ ତାରିଖ ଏବଂ ମୂର୍ତ୍ତି ବିସର୍ଜନ ପରେ ସେପ୍ଟେମ୍ବର ୧, ୩, ୫ ଓ ୭ ତାରିଖ ନମୁନା ସଂଗ୍ରହ କରାଯାଇ ପଠାଯିବ ବୋଲି କହିଥିଲେ। ଏହାକୁ ମନିଟରିଂ କରିବା ପାଇଁ ବୈଜ୍ଞାନିକ ଏକେ ମିଞ୍ଜ ଓ ଏମ୍ ପ୍ରଧାନ, ଏଇଇ ଆର୍.କେ ପଣ୍ଡା, ଜେଏସ୍‌ଏ ଏସ୍‌ଏସ୍ ପାତ୍ର, ଏଫ୍‌ଏ ବି.କେ ନାୟକ ଓ ଆର୍ ପାଉଲେଙ୍କୁ ନେଇ ଟିମ୍ ଗଠନ କରାଯାଇଥିବା ସେ ସୂଚନା ଦେଇଥିଲେ। ଏନେଇ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ମତାମତ ମିଳିପାରିନାହିଁ।

# ହୀରାକୁଦ ଜଳସ୍ତର ୬୨୫.୮୯ ଫୁଟ୍, ୬ ଗେଟ୍ ଖୋଲା

**ସମ୍ବଲପୁର, ୩।୯ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧିକୁ ଦେଖି ଗତକାଲିଠାରୁ ପୁଣି ପର୍ଯ୍ୟାୟକ୍ରମେ ନଦୀବନ୍ଧର ୬ଟି ଗେଟ୍ ଖୋଲାଯାଇଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୮୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୭, ୮୯୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୩୩, ୩୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୬, ୭୯୨ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨, ୨୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪, ୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨୫.୦୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୧.୭୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୫୬ ଫୁଟ୍ ରହିଥିଲା।

# ଗିରଫ ତହସିଲଦାରଙ୍କୁ ଓପିଆଇଡି କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

**ସମ୍ବଲପୁର, ୩।୯ (ସମିସ) :** ସରକାରୀ ଅର୍ଥ ହେରଫେର ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିବାବେଳେ ବୁଧବାର ଅପରାହ୍ନରେ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇନ୍ଭେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଛି। ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି



ଆସନ୍ତା ୬ ତାରିଖକୁ ଜାମିନ ଆବେଦନ ଶୁଣାଣି ରଖିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ମଧୁସ୍ମିତା ସିଂହ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍‌କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବାବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।



ଆକାଶବାଣୀ ସମ୍ବଲପୁର ମୁଖ୍ୟଫାଟକ ଅପରପାର୍ଶ୍ୱ ପାଦଚଲା ରାସ୍ତାରେ ବଡ଼ ଗର୍ତ୍ତ।

■ ଆଦିତ୍ୟ ଆଲୁମିନିୟମ ନାମରେ ସାଙ୍ଘାତିକ ଅଭିଯୋଗ

# ମୃତ ଶ୍ରମିକଙ୍କ ପରିବାରକୁ ସହାୟତା ପାଇଁ କମ୍ପାନୀ ନାରାଜ

**ସମ୍ବଲପୁର, ୩।୯ (ସମିସ):** ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। କମ୍ପାନୀ ପରିସରରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହେବାପରେ ପରିବାରଲୋକଙ୍କୁ ସୂଚନା ପ୍ରଦାନ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏହାସହ ମୃତକଙ୍କ ପରିବାର ବର୍ଗଙ୍କୁ କୌଣସି ସହାୟତା ରାଶି ପ୍ରଦାନ କରିବା ପାଇଁ ରାଜି ହେଉ ନ ଥିବା ଓଡ଼ିଶା ଭୀମ ଆର୍ମି ଅଭିଯୋଗ କରିଛି। ଉଚ୍ଚସ୍ତରୀୟ ତଦନ୍ତ ସହ ଅସହାୟ ପରିବାରକୁ ସହାୟତା ମିଳିବା ନେଇ ଭୀମ ଆର୍ମି ଆଜି ଜିଲ୍ଲା ଶ୍ରମିକ ଅଧିକାରୀ ଓ ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲା। ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ କହିଛନ୍ତି, ଆଦିତ୍ୟ ଆଲୁମିନିୟମର ଆଉଟ୍ ସୋର୍ସିଂ କମ୍ପାନୀ କାଇଁସରା ଇନ୍‌ଫ୍ରାପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ୍ (କେଆଇପିଏଲ)ରେ ଠିକାଶ୍ରମିକ ଭାବେ ଛତିଶଗଡ଼ର ଅନୀଲ ଯାଦବ (୨୯) କାମ କରୁଥିଲେ। ସେ ସ୍ମେଲଟର ୟୁନିଟରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ସମୟରେ ଗତ ୨୪ ତାରିଖ ଦିନ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇଥିଲା। ଏଥିପାଇଁ ତାଙ୍କ ଉପରସ୍ଥ ଅଧିକାରୀଙ୍କୁ ଏ ବାବଦରେ କହିଥିଲେ। ଅଧିକାରୀ କମ୍ପାନୀ ରେଷ୍ଟରୁମରେ ବିଶ୍ରାମ ନେବାପାଇଁ କହିଥିଲେ। କିଛି ସମୟ ବିଶ୍ରାମ ନେବା ପରେ ଅନୀଲ ଘରକୁ ଯିବା ପାଇଁ କହିଥିଲେ। ଘରକୁ ଯିବାବେଳେ କମ୍ପାନୀ ପରିସରରେ



ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। କମ୍ପାନୀର ଶ୍ରମିକମାନେ ତାଙ୍କୁ ହସ୍ପିଟାଲ ପଠାଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଘଟିବାଦିନ ପରିବାର ଲୋକଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ଭୀମ ଆର୍ମି ଅଭିଯୋଗ କରିଛି। ସୁସ୍ଥ ଥିବା କହିଥିଲେ, କିନ୍ତୁ ମୃତ୍ୟୁପରେ ଅନୀଲଙ୍କ ଶବବ୍ୟବଚ୍ଛେଦ ହେଉଥିବା ଭୀମ ଆର୍ମିର ସଦସ୍ୟ ଜାଣିବାକୁ ପାଇଥିଲେ। କେଉଁ କାରଣରୁ କମ୍ପାନୀ ଏ ସମ୍ପର୍କରେ ଲୁଚାଇଥିବା ସେ ଅଭିଯୋଗ କରିଛନ୍ତି। ଶ୍ରମ ଆଇନ ଅନୁସାରେ କମ୍ପାନୀ ପରିସରରେ କୌଣସି କର୍ମଚାରୀଙ୍କ ମୃତ୍ୟୁ ହେଲେ ସହାୟତା ଦେବାର ନିୟମ ଥିଲେ ମଧ୍ୟ ଆଦିତ୍ୟ ଆଲୁମିନିୟମ ଏଥିପାଇଁ ଅରାଜି ହେଉଥିବା ଅଭିଯୋଗ ହୋଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଭୀମ ଆର୍ମି। ଏହାସହ ମୃତକ ପରିବାରର ଜଣେ ସଦସ୍ୟକୁ କମ୍ପାନୀରେ ଚାକିରି ଓ

**ତଦନ୍ତ ପାଇଁ ଜିଲ୍ଲା ଶ୍ରମିକ ଅଧିକାରୀ ଓ ଏସ୍‌ପିଙ୍କ ଦ୍ୱାରସ୍ଥହେଲା ଭୀମ ଆର୍ମୀ**

୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛି। ଏଥି ପାଇଁ ଭୀମ ଆର୍ମି ଆଜି ଏସ୍‌ପି ଓ ଜିଲ୍ଲା ଶ୍ରମିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୁରୁବାର ଏ ସମ୍ପର୍କରେ ଜିଲ୍ଲାପାଳ ଓ ଠେଲକୋଲୋଇ ଥାନାରେ ଅଭିଯୋଗ କରିବେ ବୋଲି ସୂଚନା ରହିଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ଏହି ଘଟଣା ବିଷୟରେ ଅବଗତ ନଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଏମ୍‌ସ ଫାଉଣ୍ଡେସନ ସହାୟତାରେ ଘରକୁ ଫେରିଲେ ଅସହାୟ



**ସମ୍ବଲପୁର, ୩।୯ (ସମିସ):** ବୁର୍ଲା ଭିମସାର ଡେଷ୍ଟିଚ୍ୟୁଟ(ଅସହାୟ) ବିଭାଗରେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିବା ଦୁଇଜଣ ରୋଗୀଙ୍କୁ ଠିକ ହେଲା ପରେ ଘରକୁ ପଠାଯାଇଛି। ଭିମସାର ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ସମ୍ବଲପୁରର ଏମ୍‌ସ ଫାଉଣ୍ଡେସନର ଶ୍ରୀମନ୍ତ ପାତ୍ରଙ୍କ ସହଯୋଗରେ ବ୍ରଜରାଜନଗର ବାସିନ୍ଦା ବିଜୟ ସିଂ ଏବଂ ବନ୍ଧବାହାଲ ରଞ୍ଜିତ ରୋହିଦାସ ଉଭୟଙ୍କୁ ଗାଡ଼ିକରି ଘରକୁ ଫେରିବାରେ ବ୍ୟବସ୍ଥା କରାଯାଇଛି। ଏକମାସ ପୂର୍ବରୁ ବୁର୍ଲା ମେଡ଼ିକାଲ ଅସହାୟ ବିଭାଗ ଖୋଲିବା ପରଠାରୁ ଏହା ପ୍ରଥମ ଡିସଚାର୍ଜ ହୋଇଥିଲା। ଭିମସାର ଅଧୀକ୍ଷକ ଲାଲମୋହନ ନାୟକ ଏବଂ ହସ୍ପିଟାଲ୍ ମ୍ୟାନେଜର ଦୀପିକା ପ୍ରଧାନଙ୍କ ସହଯୋଗ ରହିଥିଲା। ଦୀର୍ଘଦିନ ଧରି ୱାର୍ଡ ନର୍ସିଂ ଅଧୀକାରି ଅଞ୍ଜଳୀ ସାହୁ ଏବଂ ଷ୍ଟାଫ୍, ଆଟେଣ୍ଡର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଉତ୍ତମ ସେବାଯତ୍ନ ନିଆ ଯାଉଥିଲା। ଏଥିରେ ବିପିନ୍ ବିହାରୀ ପଣ୍ଡା, ନାରାୟଣ ପ୍ରଧାନ, ଅନିଲ ପହେମାନନ୍ଦ ଦେହୁରୀ, କୈଳାଶ ଲୁହା, ରାଜେଶ ମେହେର ସହଯୋଗ କରିଥିଲେ।

# କାହାର ହେବ ସମ୍ବଲପୁର ମହାନଗର?

**ସମ୍ବଲପୁର, ୩।୯ (ସମିସ) :** ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ ସକାଶେ ବାଟ ଫିଟିଥିବାବେଳେ ରାଜନୈତିକ ଗଣିତ କଷିବା ଆରମ୍ଭ ହୋଇଯାଇଛି। ୨୦୧୩ ମସିହାରେ ପୌର ପରିଷଦ ଭଙ୍ଗ ହେବା ସମୟରେ ରାଜ୍ୟରେ ବିଜେଡି ସରକାର ଥିବାବେଳେ ପୌର ପରିଷଦ ବିଜେପି ଅକ୍ତିଆର କରିଥିଲା। ସମ୍ପ୍ରତି କଂଗ୍ରେସ ଦଳ ମଧ୍ୟ ସଂଗଠିତ ହେଉଥିବା ଦେଖାଯାଉଛି। ପୂର୍ବରୁ କେବଳ ୨୯ଟି ୱାର୍ଡ ଥିବାବେଳେ ଏବେ ମହାନଗର ନିଗମ ହେବାପରେ ତାହା ୪୧କୁ ବୃଦ୍ଧି ପାଇଛି। ଏପରିସ୍ଥଳେ ମହନଗର ନିର୍ବାଚନ ହେଲେ ସେଥିରେ କିଏ ଜିତାପଟ ହାସଲ କରିବ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

୧୮୬୭ ମସିହାରେ ସମ୍ବଲପୁର ପୌରପରିଷଦ ଆରମ୍ଭ ହେବା ପରଠାରୁ ଏହା କଂଗ୍ରେସର ଗଡ଼ ଥିଲା। କଂଗ୍ରେସ ସଂଖ୍ୟା ଗରିଷ୍ଠତା ବଳରେ ପୌର ପରିଷଦକୁ ଦଖଲ କରି ରଖିଥିବାବେଳେ ପରିଷଦ ଭଙ୍ଗ ହେବାପୂର୍ବରୁ ଦୁଇଟି ପରିଷଦ ବିଜେପି ଗଠନ କରିଥିଲା। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେପି-ବିଜେଡି ମିଳିତ ସରକାର ଥିଲା। କିନ୍ତୁ ୨୦୧୩ରେ ଭଙ୍ଗ ହୋଇଥିବା ୨୯ଟି ୱାର୍ଡ ବିଶିଷ୍ଟ ସମ୍ବଲପୁର ପୌରପରିଷଦକୁ କଂଗ୍ରେସ ଓ ବିଜେପି ଅକ୍ତିଆର କରି ରଖିଥିବାବେଳେ ୨୦୧୨ ମସିହା ଶେଷାର୍ଦ୍ଧରେ ୱାର୍ଡ ନଂ ୮ (ସାକ୍ଷୀପଡ଼ା)ର ଲାଧୁରା ମୁଣ୍ଡା ମୃତ୍ୟୁବରଣ କରିବାପରେ ଉପନିର୍ବାଚନରେ ବିଜେଡିର ଉଜ୍ଜ୍ୱଳ କଚ୍ଛପ ବିଜୟୀ ହୋଇ ବିଜେଡି ତା'ର ଖାତା ଖୋଲିଥିଲା। ୧୯୯୮-୨୦୦୩ ପୌର ପରିଷଦ ଆନନ୍ଦ ଜେନା (କଂଗ୍ରେସ) ଅଧକ୍ଷ ଥିବାବେଳେ ୨୦୦୩-୨୦୦୮ ଗିରୀଶ ପଟେଲ (ବିଜେପି), ୨୦୦୮-୨୦୧୩ ରୀନା ତ୍ରିବେଦୀ (ବିଜେପି) ଏବଂ ଉପନିର୍ବାଚନ ପରେ ଭଙ୍ଗ ହେବା ପର୍ଯ୍ୟନ୍ତ କଳ୍ପନା ସାହୁ (ବିଜେପି) ଅଧକ୍ଷ ଦାୟିତ୍ୱରେ ରହିଥିଲେ।

**ସମ୍ବଲପୁର ପୌରପରିଷଦରେ ରାଜନୈତିକ ଦଳର ସ୍ଥିତି (ୱାର୍ଡ଼ ସଂଖ୍ୟା ୨୯)**

| ବର୍ଷ | କଂଗ୍ରେସ | ବିଜେପି | ବିଜେଡି | ଅନ୍ୟାନ୍ୟ | ନଗରପାଳ |
|---|---|---|---|---|---|
| ୧୯୯୮-୨୦୦୩ | ୧୩ | ୧୩ | ୦୦ | ୦୩ | ଆନନ୍ଦ ଜେନା (କଂଗ୍ରେସ) |
| ୨୦୦୩-୨୦୦୮ | ୦୭ | ୧୯ | ୦୦ | ୦୩ | ଗିରୀଶ ପଟେଲ (ବିଜେପି) |
| ୨୦୦୮-୨୦୧୩ | ୧୩ | ୧୫ | ୦୦ | ୦୧ | ରୀନା ତ୍ରିବେଦୀ (ବିଜେପି) |
| (ଉପନିର୍ବାଚନ ପରେ) | ୧୨ | ୧୫ | ୦୧ | ୦୧ | କଳ୍ପନା ସାହୁ (ବିଜେପି) |

ସମ୍ବଲପୁର ମହାନଗର ନିଗମ

# ଡିସେମ୍ବର ସୁଦ୍ଧା ନିର୍ବାଚନ କରାଇବାକୁ ଦାବି

**ସମ୍ବଲପୁର, ୩।୯ (ସମିସ) :** ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଲାଗି ମାର୍ଗ ଖୋଲିଛନ୍ତି। ଏସମ୍ପର୍କୀୟ ମାମଲାର ଶୁଣାଣି କରି ସଂରକ୍ଷଣକୁ ୫୦% ମଧ୍ୟରେ ରଖି ସାନି ବିଜ୍ଞପ୍ତି ୬ ସପ୍ତାହ ମଧ୍ୟରେ ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଆବଶ୍ୟକୀୟ ସଂଶୋଧନ କରି ନୁଆଁବର୍ଷ ୨୦୨୬ ଆଗରୁ ସମ୍ବଲପୁର ମହାନଗର ନିର୍ବାଚନ କରାନ୍ତୁ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସମ୍ବଲପୁର ମୁନିସିପାଲିଟି, ବୁର୍ଲା ଏନଏସି, ହୀରାକୁଦ ଏନଏସି ଓ ୧୨ଟି ପଞ୍ଚାୟତକୁ ମିଶାଇ ସମ୍ବଲପୁର ମହାନଗର ନିଗମ ୧୫ ନଭେମ୍ବର ୨୦୧୩ରେ ଗଠନ କରାଯାଇଥିଲା। ଏହି ମହାନଗର ନିଗମର କ୍ଷେତ୍ରଫଳ ୩୦୩ ବର୍ଗ କିଲୋମିଟର ଓ ଏହା ୪୧ଟି ୱାର୍ଡ ରେ ବିଭକ୍ତ। ଏହି ମହାନଗର ନିଗମରେ ୧୭୧ଟି ବସ୍ତି ରହିଅଛି। ଦୀର୍ଘ ୧୦ ବର୍ଷ ଧରି ସମ୍ବଲପୁର ମହାନଗର ବାସିନ୍ଦା ଏକ ନିର୍ବାଚିତ ମହାନଗରରୁ ବଞ୍ଚିତ ରହିଛନ୍ତି। ସୁଖର କଥା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ଏକ ନିର୍ବାଚିତ ମହାନଗର ନିଗମ ଗଠନର ପଥ ଉନ୍ମୁକ୍ତ ହୋଇଛି ଓ ରାଜ୍ୟ ସରକାର ଡିସେମ୍ବର ୩୧ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ନିମନ୍ତେ ନିର୍ବାଚନ କରାଇବାକୁ ବରିଷ୍ଠ ନେତା ତଥା ବିଜୁ ଜନତା ଦଳର ପୂର୍ବତନ ସମ୍ବଲପୁର ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ଦାବି କରିଛନ୍ତି।

# ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଚାରାରୋପଣ

**ସମ୍ବଲପୁର, ୩।୯ (ସମିସ) :** ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ବୁଧବାର ହୀରାକୁଦ ସରଧାପାଲିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ଗ୍ରୀନର୍ ଆଣ୍ଡ ହେଲ୍‌ଠିଅର୍ ଟୁମୋରୋ' ସୂତ୍ରବାକ୍ୟକୁ ନେଇ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା ଓ ସବୁଜୀକରଣ ପ୍ରତି ସଚେତନତା ଜାଗ୍ରତ କରିବା ସହ, ଆଗାମୀ ପିଢ଼ି ପାଇଁ ସ୍ୱସ୍ଥ ପରିବେଶ ଗଢ଼ି ତୋଳିବାକୁ ପ୍ରୟାସ କରାଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ଓ ସବୁଜୀକରଣ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସହ-ଆବାହକ ମିଲନ ହୋତା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ ସହିତ ଉତ୍ତମ ବାଘ, ମଞ୍ଜୁ ଓରାମ, ମହେଶ ଗର୍ଡ଼ିଆ, କୁନା ବାଘ, ଅଶୋକ ସିକେନ୍ଦ୍ରା, ସହଦେବ ଓରାମ, ସୁଭମ ସାହୁ, ବିନୋଦ ଓରାମ, ରବି କୁମାର, ଏସ୍ କୁମାର, ମୋହନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି



**ସମ୍ବଲପୁର, ୩।୯ (ସମିସ) :** ସୁବର୍ଣ୍ଣପୁର ଜିଲ୍ଲା ଡୁମୁରିପାଲି ବ୍ଲକ ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ହତ୍ୟା ଘଟଣାର ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଓ ସରପଞ୍ଚଙ୍କ ପରିବାରବର୍ଗ ଉତ୍ତରାଞ୍ଚଳ ଆଇଜିଙ୍କଠାରେ ସିବିଆଇ ତଦନ୍ତ ଦାବି କରିଛନ୍ତି। ଏନେଇ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆଇଜି ହିମାଂଶୁ ଲାଲଙ୍କ ସହ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଓ ସରପଞ୍ଚଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭ ଖେତୀଙ୍କୁ ଗତ ଜୁଲାଇ ୧୦ରେ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିଲା। ଏନେଇ ରାମପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ହତ୍ୟା ଘଟଣାରେ ଷଡ଼ଯନ୍ତ୍ରକାରୀମାନେ ଆଜି ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ଏଣୁ ହତ୍ୟାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଉଦ୍ଧାର, ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନ ରେକର୍ଡ ଯାଞ୍ଚ ତଥା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଉ ବୋଲି ଡୁମାଲ ପରିଷଦ ସୁର୍ଣ୍ଣପୁରଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ସୋନପୁର ଏସ୍‌ପିଙ୍କୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ଆଖିଦୃଶିଆ ପଦେକ୍ଷପ ଗ୍ରହଣ କରାଯାଇ ନ ଥିବା ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଡୁମାଲ ପରିଷଦ ଓଡ଼ିଶା, ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଆନ୍ଦୋଳନର ରାସ୍ତା ଆପଣାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି।

# ମଦ ପାଇଁ ସାଙ୍ଗକୁ ମାରିଲା ସାଙ୍ଗ, ଜଣେ ଗିରଫ

ସମ୍ବଲପୁର, ୩।୯ (ସମିସ)

ଧନୁପାଲି ଥାନାଞ୍ଚଳରେ ପୁଣି ହତ୍ୟା। ଜଣେ ସାଙ୍ଗ ଆଉ ଜଣେ ସାଙ୍ଗକୁ ଛୁରାମାଡ଼ କରି ହତ୍ୟା କରିଛି। ବାରମ୍ବାର ମଦ ପାଇଁ ଟଙ୍କା ମାଗିବାରୁ ଏଥିରେ ଅତିଷ୍ଠ ହୋଇ ଶେଷରେ ହତ୍ୟା କରିଛି। ସମ୍ବଲପୁର ଧନୁପାଲି ଥାନା ଭୁତାପଡ଼ାରେ ଘଟିଛି ଏପରି ହତ୍ୟାକାଣ୍ଡ। ମୃତକ ଜଣଙ୍କ ହେଲେ ଏମ୍‌ଡି ରିଙ୍କୁ। ନିକଟସ୍ଥ ମଦ ଭାଟିରେ ଆଜି ସକାଳୁ ଏପରି ଘଟଣା ଘଟିଛି। ହତ୍ୟା ଅଭିଯୋଗରେ ଧନୁପାଲି ପୁଲିସ ଟାଉନ ଥାନା ଅଞ୍ଚଳର କାଳିଆ କଲେତକୁ ଗିରଫ କରିଛି।

ସୂଚନା ଅନୁସାରେ ରିଙ୍କୁ ଓ କାଳିଆ ସାଙ୍ଗ ହୋଇ ଏକାଠି ମଦ ପିଅନ୍ତି। ପୂର୍ବରୁ ରିଙ୍କୁ ଅନେକ ଥର କାଳିଆ ଠାରୁ ମଦ ପାଇଁ ଟଙ୍କା ମାଗିଥାଏ। ଗତକାଲି ସନ୍ଧ୍ୟାରେ ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କାଳିଆ ହତ୍ୟା ଧମକ ଦେଇଥିବା ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଆଜି ସକାଳେ ରିଙ୍କୁ





ଉକ୍ତ ମଦ ଭାଟିକୁ ଆସିଥିଲେ। ଏହି ସମୟରେ କାଳିଆ ମଧ୍ୟ ସେହି ସ୍ଥାନକୁ ଆସିଥିଲେ। କାଳିଆଙ୍କ ସ୍ତ୍ରୀ ପ୍ରସୂତି ପାଇଁ ଡାକ୍ତରଖାନାରେ ରହିଛନ୍ତି। ତେଣୁ କାଳିଆ ପାଖରେ ୨୫୦୦ ଟଙ୍କା ରଖିଥିଲେ। ମଦ ଭାଟିରେ ସକାଳେ ଉଭୟଙ୍କ ଦେଖା ହୋଇଥିଲା। ରିଙ୍କୁ ଟଙ୍କା ମାଗିଥିଲା। କିନ୍ତୁ କାଳିଆ ଟଙ୍କା ଦେବା ପାଇଁ ମନା କରିଥିଲା। ରିଙ୍କୁ ଛୁରୀ ଦେଖାଇ ପକେଟରେ ହାତ ପୁରାଇ ଟଙ୍କା ଆଣିଥିଲା। ଟଙ୍କା ନ ଦେଲେ ମାରିଦେବ ବୋଲି ମଧ୍ୟ କହିଥିଲା। ଏଥିରେ ଉତ୍ୟକ୍ତ ହୋଇ କାଳିଆ ଉକ୍ତ ଛୁରିରେ ରିଙ୍କୁର ଜଙ୍ଘରେ ଆକ୍ରମଣ କରି ଲହୁଲୁହାଣ କରିଥିଲା। ପରେ ସେଠାରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣା ଘଟିବାର କିଛି ଘଣ୍ଟା ସମୟ ଭିତରେ ଧନୁପାଲି ଆଇଆଇସିଙ୍କ ନେତୃତ୍ୱରେ ଟିମ ଗଠନ କରି ଅଭିଯୁକ୍ତ କାଳିଆକୁ ଗିରଫ

**ଟଙ୍କା ପାଇଁ ପୂର୍ବରୁ ଶତ୍ରୁତା ଥିଲା**

କରିବାରେ ସଫଳ ହୋଇଛି। ମୃତ ଏମଡି ରିଙ୍କୁ ନାମରେ ଧନୁପାଲି ଥାନାରେ ପୂର୍ବରୁ ୧୩ ଗୋଟି ମାମଲା ରହିଛି। ଭୂତାପଡ଼ା, ମୋତିଝରଣ ଅଞ୍ଚଳରେ ଗତ କିଛି ଦିନରେ ୩ଟି ଛୁରା ମାଡ଼ ଘଟିଛି। ଏଥିରେ ୨ ଜଣ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁରତ ହୋଇଥିଲେ।

# ଖରିଆରୋଡରୁ ପୁରୀ ଓଏସଆରଟିସି ବସ ପୁନଃ ଚଳାଚଳ ଦାବି

**ବରଗଡ଼, ୩୧୯ (ସମିସ):** ପୂର୍ବ ସରକାରଙ୍କ ସମୟରୁ ଖରିଆର ରୋଡରୁ ପୁରୀ ଯିବା ପାଇଁ ସରକାର ଓଏସଆରଟିସି ବସ ଚଳାଚଳ ଆରମ୍ଭ କରିଥିଲେ। ଉକ୍ତ ବସଟି ଖରିଆର ରୋଡରୁ ପଦ୍ମପୁର ଦେଇ ଭୁବନେଶ୍ୱରରୁ ପୁରୀ ଯାତାୟାତ କରୁଥିଲା। ତୀର୍ଥକ୍ଷେତ୍ର ପୁରୀକୁ ଯିବାରେ ସୁବିଧା ହେଉଥିଲା। କେତେ ବର୍ଷ ଚଳାଚଳ ପରେ କିଛି ଦିନ ହେଲା ସେହି ବସ ଚଳାଚଳ ନକରିବାରୁ ଅଞ୍ଚଳବାସୀ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ପାଇକମାଳ ଓ ମାଣ୍ଡୋସିଲ ବ୍ୟବସାୟୀମାନେ ସକାଳେ ଏହି ବସ ଯୋଗେ ଯାଇ ନୂଆପଡ଼ା ଓ ଖରିଆର ରୋଡ ରେଲୱେ ଷ୍ଟେସନ ଓ୍ୱାଇ ରାୟପୁର ଯାଆସ କରନ୍ତି। ଏପରିକି ମାଣ୍ଡୋସିଲ, ପାଇକମାଳ ଓ ସୋନପୁର ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ଅଞ୍ଚଳ ବାସୀ ବହୁ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ତଥା ରୋଗୀମାନେ କଟକ ଭୁବନେଶ୍ୱର ଯାଆସ କରନ୍ତି। ବସ ଚଳାଚଳ ନହେବାରୁ ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପୁରୀ ଓ ଭୁବନେଶ୍ୱରରୁ ବହୁ ତୀର୍ଥ ଯାତ୍ରୀ ନୃସିଂହନାଥକୁ ମଧ୍ୟ ଆସିଥାନ୍ତି। ବସ ଚଳାଚଳ ପାଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ମଧ୍ୟ ଅଞ୍ଚଳ ବାସୀ ଅନୁରୋଧ କରିଛନ୍ତି। ଏଣୁ କର୍ତ୍ତୃପକ୍ଷ ପୁନଃ ବସ ଚଳାଚଳ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।



# ୭ ମାସ ହେଲା ବିନା ଦରମାରେ ପଦ୍ମପୁର ଅନ୍ୱେଷା ଛାତ୍ରାବାସ କର୍ମଚାରୀ

**ପଦ୍ମପୁର, ୩୧୯ (ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ସ୍ଥିତ ଅନ୍ୱେଷା ଛାତ୍ରାବାସରେ କାର୍ଯ୍ୟରତ ୱାର୍ଡେନ୍, ମେଟ୍ରନ୍ ଓ ରୋଷେୟା ମାନେ ଗତ ୭ ମାସ ହେଲା ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବା ନେଇ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଫେରାଦ୍ ହୋଇଛନ୍ତି। ଛାତ୍ରାବାସରେ ଏମାନେ ସୁଚାରୁରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ ମଧ୍ୟ ପାଉଣା ନ ମିଳିବାରୁ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ଲିଖିତ ଭାବେ ଜଣାଇଛନ୍ତି। ବକେୟା ପାଉଣା ପାଇଁ ୱାର୍ଡେନ୍, ମେଟ୍ରନ୍ ଓ ରୋଷେୟା ମାନେ ସାଂସଦଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପୂର୍ବରୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବା ଛାତ୍ରାବାସ କର୍ମଚାରୀ ମାନେ ଦର୍ଶାଇଛନ୍ତି। ସେମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ପୁରୋହିତ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ସମୟରେ ଚନ୍ଦ୍ରଲତା ଭୋଇ, ସବିତା ଭୋଇ, ରାନୀ ସାହୁ, ପିଙ୍କି ବରିହା, ରାଜୀ ଲୁହାର, ଚମ୍ପାବତୀ ବିଶ୍ୱାଳ, ରୁକ୍ମିଣୀ ଭୋଇ, ଯାଜ୍ଞସେନୀ ଛତ୍ରିଆ, ଟିନା ବିଶ୍ୱାଳ, ପ୍ରଭାସିନୀ ଲୁହାର, ଶୁଭକେଶୀ ବାଗ, ଯଶୋବନ୍ତା ପାତ୍ର, ବିନୋଦିନୀ କିସାନ, ରଙ୍ଗବତୀ ମେହେର, ପୁଷ୍ପଲତା ମେହେର, ସଂଯୁକ୍ତା କଲେତ, ଯଶୋଦା ସୁନା, ପୁଷ୍ପାଞ୍ଜଳି ବାଗ, ଜୟନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

**ଅତାବିରା, ୩୧୯ (ସମିସ):** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ନିୟମିତ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଡାରୀ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ଏହି ଅବସରରେ ତାଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରା ଯାଇଥିଲା। ସ୍ୱାଗତ ସଭାରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭେଡେନ ମଛିନ୍ଦ୍ର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସମସ୍ତ ସିଆରସିସି ତଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଗଣ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସ୍ୱାଗତ ଅଭିଭାଷଣରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାଶୟା ପରିପ୍ରକାଶ କରିଥିଲେ। ଅତାବିରା ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ବୃନ୍ଦ ମଧ୍ୟ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ଭୀମଭୋଇ ମହାବିଦ୍ୟାଳୟରେ ସ୍ୱନକ୍ଷତ୍ର ଉତ୍ସବ

**ରେଢ଼ାଖୋଲ, ୩।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ୫୬ ତମ ପ୍ରତିଷ୍ଠା ଉତ୍ସବ ଏବଂ ୩୨ ତମ ଭୀମଭୋଇ ସ୍ମାରକୀ ବକ୍ତୃତାମାଳା ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ତଥା ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ କ୍ଷେତ୍ରରେ ଅଧିକ କୁଶଳୀ ଏବଂ ଦକ୍ଷ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଡ. ଉଦ୍ଧବ ଚରଣ ନାୟକ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ଯେ ଭୀମଭୋଇ କେବେ ଅନ୍ଧ କିମ୍ବା କନ୍ଧ ନଥିଲେ। ସେ ଥିଲେ ଉନବିଂଶ ଶତାବ୍ଦୀରେ ଓଡ଼ିଶାର ଏକମାତ୍ର ସନ୍ଥ ବୋଲି ଆଲୋକପାତ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିବାବେଳେ ଡ. ମନୋରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କିଶୋର ଠାକୁର, ଅଧ୍ୟାପକ ବାମଦେବ ପୃଷ୍ଟି ଏବଂ ନିହାର ରଞ୍ଜନ ରାଉଳଙ୍କ ତତ୍ତ୍ୱାବଧାନରେ ଭୀମଭୋଇ ସ୍ମୃତି କୂପକନ୍ଧରା ଗ୍ରାମରେ ମଶାଲ ଅଣା ଯାଇଥିଲା। ପବିତ୍ର ମଶାଲ କଲେଜରେ ପହଞ୍ଚିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅରୁଣ କୁମାର ଶାସନୀ, ସୁପ୍ରିୟା କୁମାରୀ ମଲ୍ଲିକ, ମମତା ମହାପାତ୍ର, ଡ. ଦିବ୍ୟଲୋଚନ ରାଉତ, ସମିତା ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# ୨୦କୁ ଘୁଞ୍ଚିଲା ଗାନ୍ଧୀ ସ୍ମୃତି ପାଠାଗାର ପ୍ରତିଯୋଗିତା

**ବରଗଡ଼, ୩୧୯ (ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଗୁଡିକ ଆଗାମୀ ସେପ୍ଟେମ୍ବର ୬ ଓ ୭ ଦୁଇଦିନ ଧରି ବରଗଡ଼ ଗାନ୍ଧୀ ଭବନ ଓ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ପୂର୍ବରୁ ଘୋଷଣା କରାଯାଇଥିଲା। କିନ୍ତୁ ସମ୍ବାଦ ଖବର କାଗଜ ପକ୍ଷରୁ ଆଗାମୀ ୭ ତାରିଖ ଓ ୧୪ ତାରିଖ ଦିନ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରିବାକୁ ଘୋଷଣା କରାଯାଇଛି। ଏଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବା ସକାଶେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ନିଷ୍ପତ୍ତି ନିଆଗଲା ଯେ ଆଗାମୀ ସେପ୍ଟେମ୍ବର ୬ ଓ ୭ ତାରିଖ ବଦଳରେ ପ୍ରତିଯୋଗିତା ଗୁଡିକ ଆଗାମୀ ସେପ୍ଟେମ୍ବର ୨୦ ଓ ୨୧ ତାରିଖରେ ଆୟୋଜନ କରାଯିବ। ସମସ୍ତ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଯାହା ସବୁ ବିଷୟ ପୂର୍ବରୁ ଦିଆଯାଇଥିଲା ସେଗୁଡିକ ଅପରିବର୍ତ୍ତିତ ରହିଛି। ସେପ୍ଟେମ୍ବର ୨୦ ତାରିଖରେ ଗାନ୍ଧୀ ଭବନରେ ଉଭୟ ଜୁନିଅର (ସକାଳ ୧୦ ଘଣ୍ଟା ) ବିଭାଗ ଓ ସିନିୟର (ଅପରାହ୍ଣ ୩ ଘଣ୍ଟା) ବିଭାଗର ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବାକୁ ଥିବା ବେଳେ, ୨୧ ସେପ୍ଟେମ୍ବର ଦିନ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଠାରେ ଉଭୟ ଜୁନିଅର ଓ ସିନିୟର୍ ବିଭାଗର ଚିତ୍ରାଙ୍କନ (ସକାଳ ୯ ଘଣ୍ଟାରୁ ଘ୧୦.୩୦ ମି ), ପ୍ରବନ୍ଧ ଲିଖନ (ସକାଳ ଘ୧୦.୪୦ ମି ରୁ ଘ୧୧.୪୦ମି) ଓ ସାଧାରଣ ଜ୍ଞାନ (ସକାଳ ଘ୧୧.୫୦ମିରୁ ଘ୧୨.୫୦ମି ) ପ୍ରତିଯୋଗିତା ଆୟୋଜନ କରାଯିବାକୁ ପାଠାଗାର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ସୁଯୋଗ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପାଠାଗାର ପକ୍ଷରୁ ସୂଚନା ଦିଆଯାଇଛି।

# ଜର୍ଜ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘର ବୈଠକ



**ବରଗଡ଼, ୩୧୯ (ସମିସ):** ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲର ପୁରାତନ ଛାତ୍ର ସଂଘର କାର୍ଯ୍ୟାଳୟ ଠାରେ ସଂଘର ସମ୍ପାଦକ ନବକିଶୋର ପାଣିଗ୍ରାହୀଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକକୁ ସଂଘର ସଭାପତି ତଥା ଆଇନଜୀବୀ ଦେବଦତ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାସ୍ୱତୀ ଦାଶ୍, ସଂଘର ବରିଷ୍ଠ ଛାତ୍ର ଆଇନଜୀବୀ ଶଙ୍କର୍ଷଣ ମିଶ୍ର, କବି ଦିବ୍ୟ କିଶୋର ଦେବତା ଏବଂ ଶ୍ୟାମସୁନ୍ଦର ଅଗ୍ରୱାଲ ମଞ୍ଚରେ ଉପସ୍ଥିତ ଥିଲେ। ଜର୍ଜ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଥିବାରୁ ଛାତ୍ର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସ୍କୁଲର ବିକାଶ ଉପରେ ତଥା ସ୍କୁଲର ଖେଳପଡ଼ିଆକୁ ଅସାମାଜିକ ବ୍ୟକ୍ତିଙ୍କଠୁ ସୁରକ୍ଷା ପାଇଁ, ସ୍କୁଲର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମଧ୍ୟ ଆଲୋକପାତ କରିଥିଲେ ଏବଂ ପୁରାତନ ଛାତ୍ର ସଂଘର କର୍ମକର୍ତ୍ତାଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ବୈଠକରେ ପୁରାତନ ଛାତ୍ର ସଂଘର ରୁକ୍ମଣ ମହାପାତ୍ର, ସତ୍ୟନାରାୟଣ ଦାଶ୍, ବିଶ୍ୱରଞ୍ଜନ ମିଶ୍ର, ସାମ୍ବାଦିକ ସତ୍ୟଜିତ ଦାଶ, ମନୋରଞ୍ଜନ ପୂଜାରୀ, ଲଲାଟେନ୍ଦୁ ବେହେରା, ନବ ମହନ୍ତମ, ଡ.ସଞ୍ଜିତ ମିଶ୍ର, ଫାଲଗୁଣି ପଣ୍ଡା, ପ୍ରିୟଦର୍ଶୀ ନାୟକ, ଜମ୍ବୁ ଲାଠ, ଅମୃତଲାଲ ବେହେରା, ସୁରେଶ ଦାଶ୍ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦ୍ୟାଶା ଫାଉଣ୍ଡେସନର କାର୍ଯ୍ୟାଳୟ ଉଦ୍‌ଘାଟିତ

**ରେଢ଼ାଖୋଲ, ୩।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶିବଶଙ୍କର ପଡ଼ା ଠାରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦ୍ୟାଶା ଫାଉଣ୍ଡେସନର କାର୍ଯ୍ୟାଳୟକୁ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ ହୋଇଛି। ଏଥିରେ ସାମ୍ବାଦିକ କନ୍ଦର୍ପ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଏବଂ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଆଚାର୍ଯ୍ୟ ଅନୁଷ୍ଠାନ କାର୍ଯ୍ୟ ସମ୍ପର୍କ ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସଭାନେତ୍ରୀ ରଶ୍ମିତା ରାଉତଙ୍କଠାରୁ ସବିଶେଷ ତଥ୍ୟ ପଚାରି ବୁଝିବା ସହ ଅନୁଷ୍ଠାନ ର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରେଢ଼ାଖୋଲର ବହୁ ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗଦାନ କରିଥିଲେ। ଆଦ୍ୟାଶା ଫାଉଣ୍ଡେସନର ଅଧ୍ୟକ୍ଷ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ସାମ୍ବାଦିକ ସୁରେଶ ଦାଶ ଗୋଡଭଗା ନାଗରିକ କମିଟିର ନୂତନ ସଭାପତି

**ବରଗଡ଼, ୩୧୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡଭଗା ଠାରେ ଥିବା ନାଗରିକ କମିଟି ଏକ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ସମ୍ପୂର୍ଣ୍ଣ ସାଙ୍ଗଠନିକ ସାମାଜିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଆସୁଛି। ମଙ୍ଗଳବାର ଅନୁଷ୍ଠାନର ନୂତନ ସଭାପତି ଚୟନ କରାଯାଇଛି। ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୋଡ଼ଭଗା ନାଗରିକ କମିଟିର ସାଧାରଣ ବୈଠକ ଉପସଭାପତି ବିଭୁରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ସ୍ୱର୍ଗତ ହାରାଧନ ବାରିକଙ୍କ ବିୟୋଗରେ ବହୁଦିନ ଧରି ସଭାପତି ପଦବୀ ଖାଲି ପଡ଼ିଥିବାରୁ ମଙ୍ଗଳବାର ସର୍ବସମ୍ମତିକ୍ରମେ ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ସୁରେଶ ଦାଶଙ୍କୁ ସଭାପତି ରୂପେ ମନୋନୟନ କରାଯାଇଥିଲା। ଚଳିତବର୍ଷ ନୂଆଁଖାଇ ଭେଟଘାଟ ସମ୍ପର୍କରେ ଆଲୋଚନା ହୋଇ ନିରାଡ଼ମ୍ବର ଭାବେ ଆସନ୍ତା ୧୭ ତାରିଖରେ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସଂଗଠନର ଆଗାମୀ ଅନ୍ୟାନ୍ୟ କାର୍ଯ୍ୟ ପନ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସହ ସମ୍ପାଦକ କୁନୁବାବୁ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ମଧ୍ୟପଡ଼ା ଅନନ୍ତ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବିଜେପୁର, ୩୧୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଠାରେ ଐତିହାସିକ ଅନନ୍ତ ପୂଜା ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ପାଳନ ହେବାକୁ ଥିବା ବେଳେ, ମଧ୍ୟପଡ଼ା ମେହେର ଜ୍ୟୋତି ଯୁବ ସଂଗଠନ ପକ୍ଷରୁ ଅନନ୍ତ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ ପୁରୋହିତ କିଶୋର ଚନ୍ଦ୍ର ପୂଜାରୀ ପୂଜାର୍ଚ୍ଚନା କରିଥିବା ବେଳେ ପୂଜାର କର୍ତ୍ତା ଭାବେ ଜିତେନ୍ଦ୍ରିୟ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ଶୁଭସ୍ତମ୍ଭ ସ୍ଥାପନ ସମୟରେ ସଭାପତି ବାହାଦୂର ମେହେର, ସମ୍ପାଦକ ସୁରେଶ ମେହେର, କୋଷାଧ୍ୟକ୍ଷ କମ୍ବୁପାଣି ମେହେର, ସଦସ୍ୟ ଅଭିମନ୍ୟୁ ମେହେର, ମହେନ୍ଦ୍ର ମେହେର, ଗିରିଧାରୀ ମେହେର, ଗଜେନ୍ଦ୍ର ମେହେର, ସୁବଳ ମେହେର, ନିରୋଜ ମେହେର, କମଳ ମେହେର, ଯୁଧିଷ୍ଠିର ମେହେର ପ୍ରମୁଖ ସଦସ୍ୟ ଗଣ ଉପସ୍ଥିତ ଥିଲେ।

# ମେଧାବୀ ଛାତ୍ରଙ୍କୁ ଅଟଳ ଚାରିଟେବଲ ଟ୍ରଷ୍ଟର ଆର୍ଥିକ ସହାୟତା

**ଅମ୍ବାଭୋନା, ୩୧୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରି ପଞ୍ଚାୟତର ବଡମାଳ ଗାଁର ଆଲୋକ ବିଶ୍ୱାଳ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୭୦୫ ନମ୍ବର ରଖି ଏମ୍ସ ଭୁବନେଶ୍ୱରରେ ଦ୍ୱିତୀୟ ବର୍ଷର ମେଡିକାଲ ଛାତ୍ର ରୂପେ ପଢୁଛନ୍ତି। ମାତ୍ର ତାଙ୍କର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏବିଷୟରେ ଖବର ପାଇ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲ ଓ ଟ୍ରଷ୍ଟି ପ୍ରଫୁଲ୍ଲ ପ୍ରଧାନ, ନିତ୍ୟାନନ୍ଦ ବେହେରା, ଜନାର୍ଦ୍ଦନ ସାହୁ, ପ୍ରକାଶ ଭୋଇ ଓ ଅଜିତ ସା ତାଙ୍କ ବାସ ଭବନକୁ ଗସ୍ତ କରିଥିଲେ। ସେଠାରେ ଗାଈ ଗୁହାଳରେ ପାଠ ପଢୁଥିବା ଦେଖି ତାଙ୍କୁ ଆର୍ଥିକ ସହଯୋଗର ହାତ ବଢ଼ାଇବା ସହ ଅସୁବିଧା ଦୂର କରିଥିଲେ। ଲଖନପୁର ପଞ୍ଚାୟତ ଅଧୀନ ବାବେବିରା ଗାଁର ଏକ ପାଞ୍ଚ ମାସର ମା' ଛେଉଣ୍ଡ ଝିଅ ଆୟୁଷିର କ୍ଷୀର ପାଇଁ ଅସୁବିଧା ହେଉଥିବା ଜାଣି ଅଟଳ ପରିବାର ପହଞ୍ଚି କ୍ଷୀରର ବ୍ୟବସ୍ଥା କରିଥିଲେ।



# ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ଯୁବକଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୩।୯ (ସମିସ):** ବାମରା ବ୍ଲକର ବାଉଁଶଲଗା ପଞ୍ଚାୟତ ଅଧୀନ ତାଲଡିହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ତାଲଡିହି ଗ୍ରାମର ସ୍ୱର୍ଗତ ବିନୋଦ ମାଝୀଙ୍କ ପୁଅ ଫକିର ମାଝୀ ପ୍ରାୟ ଗତ ଏକବର୍ଷ ଧରି ବାମରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ଉଭୟଙ୍କ ମଧ୍ୟରେ ଗଭୀର ସମ୍ପର୍କ ଥିବା ସତ୍ତ୍ୱେ ଗତ କିଛି ଦିନ ଧରି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଫକିର, ତାଙ୍କ ପ୍ରେମିକାଙ୍କ ଅନ୍ୟ ଜଣେ ଯୁବକ ସହ ସମ୍ପର୍କ ଥିବା ନେଇ ସନ୍ଦେହ କରୁଥିବାରୁ ବାଦବିବାଦ ହୋଇ ଆସୁଥିଲା। ଗତ ମଙ୍ଗଳବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ଏନେଇ ଝଗଡ଼ା ହୋଇଥିଲା। ଏହି କଥାରୁ ଉତ୍କ୍ଷିପ୍ତ ହୋଇ ଫକିର ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ନିଜଘରେ ଥିବା ବେଡସିଟ୍ ବେକରେ ଗୁଡ଼ାଇ ଫଂଖାରେ ଝୁଲିପଡ଼ିଥିଲେ। ଯୁବତୀ ଏହି ଦୃଶ୍ୟ ଦେଖି ତୁରନ୍ତ ପରିବାରକୁ ସୂଚନା ଦେଇଥିଲେ। ପରିବାରଲୋକ କବାଟ ଭାଙ୍ଗି ଭିତରକୁ ପଶିଥିବାବେଳେ, ଫକିରଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଗୋବିନ୍ଦପୁର ପୁଲିସ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଅଧିକ ତଦନ୍ତ କରୁଛି।

# ଚଣ୍ଡିଦେବୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ଚୟନ

**ଅମ୍ବାଭୋନା/ଡୁଙ୍ଗୁରୀ, ୩୧୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଉତ୍ତମ ପଞ୍ଚାୟତ ଅଧୀନ ଚଣ୍ଡିପାଲି ସ୍ଥିତ ଚଣ୍ଡି ମନ୍ଦିର ପରିସରରେ ଚଣ୍ଡିଦେବୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ନୂତନ ସଦସ୍ୟ ଚୟନ ଅନୁଷ୍ଠିତ ହୋଯାଇଛି। ପୁରନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲଖନପୁରର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ଦାସ, ହରିନାରାୟଣ ସାହୁ, ସାମ୍ବାଦିକ ହେମନ୍ତ ପ୍ରଧାନ, ରାମଚନ୍ଦ୍ର ଭୋଇ, ମହେନ୍ଦ୍ର ପଧାନ, ଟିକାରାମ ସା, ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ, ଯୋଗେଶ୍ୱର ସାହୁ, ଡୁଙ୍ଗୁରି ମଣ୍ଡଳ ବିଜେପି ସଭାପତି ମନୋଜ ସେଠ୍, ଶୋଭାରାମ ସାହୁ ଏବଂ ବିଦ୍ୟାଧର ପଧାନ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା କମିଟିକୁ ପୁରନ୍ଦର ସାହୁ, ଛନ୍ଦାଚରଣ ଭୋଇ, ହିରାଧର ସାହୁ, ସତ୍ୟଭୂଷଣ ସାହୁ ତଥା ବାଞ୍ଜିପାଲି, ଡୁଙ୍ଗୁରୀ, ବୁଙ୍ଗାପାଲି, କର୍ଲା, ଖୋଲା ପଞ୍ଚାୟତର ସରପଞ୍ଚ ବୃନ୍ଦ ମନୋନୀତ ହୋଇଛନ୍ତି। ସେହିଭଳି ଅଖଣ୍ଡ ନାମ କମିଟିକୁ ପଞ୍ଚାନନ ପଧାନ, ଯଦୁମଣି ଭୋଇ, କିଶୋର ସାହୁ, ଟିକାରାମ ସା, ରାମଚନ୍ଦ୍ର ପଧାନ, ଏକାମ୍ବର୍ ପଧାନ, ମଙ୍ଗୁଲୁ ସାହୁ, ଜୟ କଲେତ୍, ବୁଦ୍ଧଦେବ ସାହୁ, ସୌକିଲାଲ ସାହୁ ଏବଂ ମୋହିତ ସା ମୋନୋନୀତ ହୋଇଛନ୍ତି। ଏଥିରେ ୪୨ ଖଣ୍ଡ ମୌଜାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନିଗମାନନ୍ଦ ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ପୁନର୍ଗଠିତ

**ବରଗଡ଼, ୩୧୯ (ସମିସ):** ପୌର ପରିଷଦ ଅଧୀନ ୱାର୍ଡ ନଂ ୧ ନିଗମାନନ୍ଦ ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ପୁନର୍ଗଠିତ ହୋଇଛି। ଉନ୍ନୟନ କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଚଳିତ ବର୍ଷ ପାଇଁ ସଭାପତି ଚନ୍ଦ୍ର ଶେଖର କମ୍ପ, ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ନବୀନ ସାବତ, ସହ ସମ୍ପାଦକ ହେମନ୍ତ ପ୍ରଧାନ, କୋଷାଧ୍ୟକ୍ଷ କୁଞ୍ଜ ବିହାରି ଭୋଇ, ସହ କୋଷାଧ୍ୟକ୍ଷ ଶେଖର ବହିଦାର ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।

# ସଂସ୍କୃତ ଦିବସରେ ମତ ପ୍ରକାଶ
# ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ

**ପାଇକମାଳ, ୩୧୯ (ସମିସ)**

ସଂସ୍କୃତ ଓ ସଂସ୍କୃତି ପରସ୍ପର ପରିପୂରକ। ଆଦର୍ଶ ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ସଂସ୍କୃତ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସଂସ୍କୃତ ଭାଷା ବିନା ସଂସ୍କୃତି ଅସମ୍ପୂର୍ଣ୍ଣ। ତେଣୁ ସଂସ୍କୃତ ଓ ସଂସ୍କୃତିର ସୁରକ୍ଷା ପାଇଁ ମିଳିତ ଉଦ୍ୟମ ଲୋଡା ବୋଲି ବରଗଡ଼ ଜିଲ୍ଲା ସ୍ତରୀୟ ସଂସ୍କୃତ ଦିବସରେ ମତ ପ୍ରକାଶ ପାଇଛି। ପାଇକମାଳ ସ୍ଥିତ ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମ ପରିସର ସଭାପତି ରମେଇ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଭାଷା ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ, ଏଥିପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିବା ସହ ପାଇକମାଳ ଠାରେ ସଂସ୍କୃତ ଭବନ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଘୋଷଣା କରିଥିଲେ। ସଭାପତି ରମେଇ ଚରଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ଅଗସ୍ତି ପ୍ରଧାନ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସଂସ୍କୃତ ବିଦ୍ୱାନ ନବ ପ୍ରଭାତ ଗୁରୁକୁଳ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପଣ୍ଡିତ ବେଦ ପ୍ରକାଶ ଶାସ୍ତ୍ରୀ, ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ, ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ସଭାପତି ଗୁରୁ ପ୍ରମୋଦ ଦାଶ ପ୍ରମୁଖ ଯୋଗ ଦେଇ ସଂସ୍କୃତ ଦିବସ ପାଳନର ମହନୀୟତା ପରିପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବଦ୍ରି ନାରାୟଣ ପୂଜାରୀ ଓ ଅଞ୍ଚଳ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ପ୍ରଭାତ ମହାପାତ୍ର ପ୍ରମୁଖ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପଣ୍ଡିତ ବେଦ ପ୍ରକାଶ ଶାସ୍ତ୍ରୀ ସଂସ୍କୃତ ଭବନ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ଓ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଦେବା ପାଇଁ ନିଜ ଆଡୁ ଘୋଷଣା କରିଥିଲେ। ଆଶ୍ରମର ମୁଖ୍ୟ ପରିଚାଳକ ଅନନ୍ତ ଶାସ୍ତ୍ରୀଙ୍କ ସମେତ ଜିଲ୍ଲାର ୭ ଜଣ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରଗଡ଼ ଜିଲ୍ଲାରେ ଯୋଗ ଦେଇ ଥିବା ସମସ୍ତ ନବାଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସଂଘର ଉପ ସଭାପତି ଦୟାସାଗର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟ କ୍ରମକୁ ରାଜ୍ୟ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଓ ଲିଙ୍ଗରାଜ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ସମସ୍ତ ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବୁକୁରାମୁଣ୍ଡା ଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଝିଟିକି ଉଚ୍ଚ ବିଦ୍ୟାଳୟ ମୁନି କେଲ ଓ ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସଂସ୍କୃତ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।





## ଅତାବିରାରେ ବ୍ଲକ ସ୍ତରୀୟ ସଂସ୍କୃତ ଦିବସ

**ଅତାବିରା:** ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳାଧାର ସଂସ୍କୃତ ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ ବୋଲି ଅତାବିରା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ବକ୍ତା ଗଣଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ବ୍ଲକ ସଭାପତି ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ଯୋଗ ଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ, ପ୍ରଧାନଶିକ୍ଷକ ମନୋଜ ହରିପାଲ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବା. ଲବ ସାହୁ, ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତ ନାଟକ, ନୃତ୍ୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଘନଶ୍ୟାମ ପଣ୍ଡା, କିରଣ ବିଶ୍ୱାଳ, ମୋହନ ମେହେର, ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ଭୋଇ, ସଗାରିକା ଦାସ, ମିଳି ଦାସ, ଜ୍ୟୋତିର୍ମୟ, ସୁଷମା ସାହୁ, ଶୁଭଶ୍ରୀ ବାରିକ, ସରିତା ପଣ୍ଡା ପ୍ରମୁଖଙ୍କ ସମେତ ଅତାବିରା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ମେଦିନୀ କାନ୍ତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସାହାଜପାଲ-ମୁଣ୍ଡିପଦର ରାସ୍ତାରୁ ଜବରଦଖଲ ଚିହ୍ନଟ



**ବୌଦ୍ଧ, ୩।୯ (ସମିସ):** ବୌଦ୍ଧ ବ୍ଲକ ସାହାଜପାଲ ଛକଠାରୁ ମୁଣ୍ଡିପଦର ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଚିହ୍ନଟ କରିଛି ତହସିଲ ପ୍ରଶାସନ। ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ବେଳେ କେତେକ ସ୍ଥାନରେ ଜବରଦଖଲ ଯୋଗୁଁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ସେଥିପାଇଁ ବିଭାଗ ପକ୍ଷରୁ ଅଭିଯୋଗ ହେବା ପରେ ଆଜି ଜବରଦଖଲ ଉଚ୍ଛେଦ ପାଇଁ ଚିହ୍ନଟ ପ୍ରକ୍ରିୟା ବୌଦ୍ଧ ତହସିଲ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଅତିରିକ୍ତ ତହସିଲଦାର କୁମୁଦଚନ୍ଦ୍ର ଦଳ ବେହେରାଙ୍କ ନେତୃତ୍ୱରେ ତେଲିବନ୍ଧ ରାଜସ୍ୱ ନିରୀକ୍ଷକ ଇନ୍ଦ୍ରାଣୀ ଦଣ୍ଡସନା, ଗୁଦୁଲିଆ ରାଜସ୍ୱ ନିରୀକ୍ଷକ ସୁଜିତ୍ ସାହୁ, ସୁପରଭାଇଜର୍ ହମିଦ୍ ମଲ୍ଲିକ, କୋର୍ଟ ଅମିନ ବିନୋଦିନୀ ସାହୁ ଓ ଅନ୍ୟ କର୍ମଚାରୀ ଓ ପୁଲିସ କର୍ମଚାରୀ ଚିହ୍ନଟ କାର୍ଯ୍ୟରେ ସାମିଲ ହୋଇଥିଲେ।

## କିଡ୍‌ନୀ ରୋଗର ପ୍ରତିକାର ପାଇଁ ପଣ୍ଡରାପିଟାବାସୀ ବିଡିଓଙ୍କ ଦ୍ୱାରସ୍ଥ

**ତରଭା, ୩।୯ (ସମିସ)**

ସୋନପୁର ଜିଲ୍ଲା ତରଭା ବ୍ଲକ ଦୁବୁଲା ପଞ୍ଚାୟତ ପଣ୍ଡରାପିଟା ଗ୍ରାମରେ କିଡ୍‌ନୀ ରୋଗ ଦ୍ରୁତ ଗତିରେ ବ୍ୟାପୁଥିବାରୁ ତାହାର ପ୍ରତିକାର ପାଇଁ ଗ୍ରାମବାସୀ ତରଭା ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାଲୁବୁଡା ପାହାଡ଼ ପାଦଦେଶରେ ଥିବା ପଣ୍ଡରାପିଟା ଗ୍ରାମର ଜନସଂଖ୍ୟା ୪୦୦ ହୋଇଥିବା ବେଳେ ଏମାନଙ୍କ ମଧ୍ୟରେ ପ୍ରାୟ ୫୦ ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ଚିନ୍ତାର ବିଷୟ ପାଲଟିଛି। ଏହି ଗ୍ରାମରେ ୧୦ ଜଣ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ହୋଇ ସାରିଥିବା ସମ୍ବନ୍ଧେ ଗ୍ରାମବାସୀ ବିଡିଓ ଗଙ୍ଗାରାମ ବୁଡେକଙ୍କୁ ଭେଟି ଜଣାଇବା ସହ ରୋଗର ନିରାକରଣ ପାଇଁ ଗୁହାରୀ କରିଛନ୍ତି। ନଳକୂପର ପାଣି ପିଇ ରୋଗ ବ୍ୟାପୁଛି ବୋଲି ଗ୍ରାମବାସୀ କହିଛନ୍ତି।



ଗ୍ରାମବାସୀଙ୍କ ଦସ୍ତଖତ ସମ୍ମିଳିତ ଅଭିଯୋଗ ପାଇବାପରେ ବିଡ଼ିଓ ଶ୍ରୀ ବୁଡେକ ବିଭାଗୀୟ ଅଧିକାରୀଙ୍କୁ ଜଳର ନମୂନା ସଂଗ୍ରହ କରି ପରୀକ୍ଷା ଗାରକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଣ୍ଡରାପିଟା ଗ୍ରାମର ସୋମନାଥ ନାଗ, ବିଶ୍ୱନାଥ ନାଗ, ବିବାନ ସୁନା, ହରି ସୁନା, ଅମିତ ସୁନା, ଧ୍ରୁବ ନାଗ, ମୁକୁନ୍ଦ କୁମ୍ଭାର ବିରଞ୍ଚି ନାଗ କମିଳ ନାଗ ପ୍ରମୁଖ ଆସି ତରଭା ବିଡ଼ିଓଙ୍କ ଗୁହାରି କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ମାଳତୀ ନାଗ (୭୦), ପ୍ରତିମା ନାଗ (୪୦), ଦୁତୀୟ ମହାନନ୍ଦ (୩୫), ରାତ୍ର ବାରିକ (୪୫)ଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବା ସୋମନାଥ ନାଗ ପ୍ରକାଶ କରିଛନ୍ତି। ଅନେକ ସମୟରେ ଗାଁରେ ଥିବା ନଳକୂଅମାନଙ୍କର ପାଣି ପରୀକ୍ଷା କରାଯାଇଥିବା ଓ ଏଥିରେ କିଡ୍‌ନୀ ରୋଗର ଲକ୍ଷଣ ବାହାରିଥିବାର ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ତରଫରୁ ଦାବି ପତ୍ରର ଏକକିତା ନକଲ ସୁବର୍ଣ୍ଣପୁର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ ମନ୍ତ୍ରୀ ଏବଂ ସୁବର୍ଣ୍ଣପୁର ସିଡିଏମ୍‌ଓଙ୍କୁ ପଠାଇଥିବାର ଜଣାଯାଇଛି।

## ଅମ୍ଳାନ ପାଣ୍ଡିଆ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଡୁଙ୍ଗୁରିପାଲି, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମ୍ଳାନ ପାଣ୍ଡିଆ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପରାମର୍ଶକ୍ରମେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତାଙ୍କୁ ରାଜ୍ୟସ୍ତରୀୟ ଗୁରୁଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅଭିଭାବକ ସଚେତନତା କାର୍ଯ୍ୟକ୍ରମ



**ସୁବଲୟା, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରମାହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଦନ୍ତାପାଲିଠାରେ ରେଆର ସୋନପୁର ତରଫରୁ ପ୍ରେରଣା ଡେ କେୟାର ଥେରାପି କେନ୍ଦ୍ରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିନ୍ନକ୍ଷମ ଶିଶୁମାନଙ୍କ ମାନସିକ, ଶାରୀରିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେ ବିଷୟରେ ଅଞ୍ଜଳି ପଡ୍ଡାରିଆ ଆଲୋଚନା କରିଥିବା ବେଳେ ଗୋଷ୍ଠୀ ସାଧନ କର୍ମୀ ଦିଲ୍ଲୀପ ପଧାନ ଶିଶୁଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ବୁଝାଇଥିଲେ। ଭୌତିକ ଚିକିତ୍ସକ ସଞ୍ଜନ ସେଠି ଶିଶୁଙ୍କ ଦୈନିକ ଭୌତିକ ଚିକିତ୍ସାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏହାପରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ଅଭିଭାବକ ସଂଘ ଗଠନ କରାଯାଇ ସଭାପତି ରାଜୀବ ମେହେର ଓ ପୂଜା ମିଶ୍ରଙ୍କୁ ସର୍ବସାମ୍ମତି କ୍ରମେ ସମ୍ପାଦିକା ଚୟନ କରାଗଲା। କାର୍ଯ୍ୟକ୍ରମକୁ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ପରିଚାଳନା କରିଥିବାବେଳେ ଅର୍ପିତା ରାନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଧୀରା କର୍ମୀ, ସୁରୁଚି ମେଣ୍ଡିଲି, ଶତ୍ରୁଘ୍ନ ବିଭାର ସହଯୋଗ କରିଥିଲେ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟିଲେ ଲୁତୁରପଙ୍କ ସ୍ପୋର୍ଟସ କ୍ଲବ୍ ସଦସ୍ୟ

**ସୁବଲୟା, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ସ୍ପୋର୍ଟସ କ୍ଲବ୍‌ର ସଦସ୍ୟ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗୀୟ ମନ୍ତ୍ରୀ ରବି ନାୟକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଲୁତୁରପଙ୍କର ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ୍‌ର ସଭାପତି ସୁଶିଲ ପ୍ରଧାନଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଏକ ଟିମ ମନ୍ତ୍ରୀଙ୍କ କୁଚିଣ୍ଡା ସ୍ଥିତ ବାସଭବନକୁ ଯାଇ ଭେଟି ଆଲୋଚନା କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ୨୨ ରୁ ୨୯ ତାରିଖ ପର୍ଯ୍ୟନ୍ତ ଉକ୍ତ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆରେ ୨୯ ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରରେ ଶ୍ରେଷ୍ଠ ୯ ଟି ଦଳ ଅଂଶ ଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ଓ ଏହାର ଆନୁଷଙ୍ଗିକ ବିଷୟରେ ଆଲୋଚନା କରିଛନ୍ତି। ଏହା ସହିତ ଖେଳ ପଡ଼ିଆର ଉନ୍ନତୀକରଣ, ପେଣ୍ଡାଲ ଆଦି ନିର୍ମାଣ ପାଇଁ ମଧ୍ୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ମନ୍ତ୍ରୀ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହା ସହିତ ଚଳିତ ବର୍ଷ ପାଇଁ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯୋଗଦେବା ପାଇଁ ମଧ୍ୟ ମନ୍ତ୍ରୀ ରବି ନାୟକଙ୍କୁ ନିମନ୍ତ୍ରଣ କରାଯାଇଛି। ସ୍ପୋର୍ଟସ କ୍ଲବର ସଭାପତି ସୁଶିଲ ପ୍ରଧାନଙ୍କ ସମେତ ସ୍ପୋର୍ଟସ କ୍ଲବ୍ ସମ୍ପାଦକ ମାଧବ ମହାକୁର, ପୂର୍ବତନ ସଭାପତି ସୁଧୀର କୁମାର ପ୍ରଧାନ, ପ୍ରକାଶ ଘଣ୍ଟା ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ତରଭା, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ତରଭା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ବିମଳ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡେକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ, ମାନସିକ ରୋଗ ବିଶେଷଜ୍ଞ ଡା. ଚେତୁରାମ ମେହେର ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବୁଡେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରଟି ଆୟୋଜିତ ହୋଇଥିଲା। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ। ଶିବିରରେ ମୋଟ ୫୦୨ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ୪୮ ଜଣଙ୍କୁ ବସ ପାସ, ୩୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବା ପାଇଁ ଚିହ୍ନଟ କରାଯାଇଥିଲା। ୧୪ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣଙ୍କୁ ହୁଇଲ୍ ଚେୟାର, ୨୦ ଜଣକୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ତରଭା ଏଇଏସ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶିବିରରେ ଭିନ୍ନକ୍ଷମମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଶିବିରରେ ତରଭା ଦୃଷ୍ଟିହୀନ ଓ ମୂକ ବଧିର ବିଦ୍ୟାଳୟ, ରେଆର. ସୋନପୁର, ଏନ୍‌ଆରଡିସିର କର୍ମକର୍ତ୍ତା ଯୋଗଦେଇଥିଲେ। ବରିଷ୍ଠ ରାଜସ୍ୱ ସହାୟକ ଲକ୍ଷ୍ୟବ୍ରତ ନାଏକ, ବିକାଶ ମେହେର, ଦିଲ୍ଲୀପ ପାଣିଗ୍ରାହୀ, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସାହୁ, କିଶୋର ଧରୁଆ ସମସ୍ତ ପିଇଓ, ଏଡିଇଓ, ଯୋଗାଣ ସହାୟକ, ବିଏଲ୍‌ସି ମନୋଜ ପାତ୍ର, ବିପିସି ଉମାଶଙ୍କର ସାହୁ, ପ୍ରକଳ୍ପ ସହାୟକ ବିକ୍ରମ ବିଶି, ବିପିଏ ସହନବାଜ୍ ଖାନ, ଡିଇଓ ହେମନ୍ତ ବେହେରା, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ସାର ଅଭାବ ପ୍ରତିବାଦରେ ବିଜେଡିର ଦାବିପତ୍ର



**ବୌଦ୍ଧ, ୩।୯ (ସମିସ):** ବୌଦ୍ଧ ଜିଲ୍ଲାରେ ଦେଖାଦେଇଥିବା ସାରର କୃତ୍ରିମ ଅଭାବ ପ୍ରତିବାଦରେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ୟୁରିଆ ସାର ବଜାର ଦରର ତିନିଗୁଣରୁ ଅଧିକ ଦରରେ ବିକ୍ରି କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନର ନୀରବତା, ଜିଲ୍ଲା ଗୋଦାମରେ ଆବଶ୍ୟକୀୟ ପରିମାଣରେ ସାର ମହଜୁଦ ନ ରହିବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଥିବା ଦଳ କହିଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳ ବୌଦ୍ଧ ଜିଲ୍ଲା କମିଟି ପକ୍ଷରୁ ସଭାପତି ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିଶ୍ୱଜିତ ମିଶ୍ର, ଅଶୋକ ସାହୁ, ବସନ୍ତ ସ୍ୱାଇଁ, ଅବକାଶ ସାହୁ, ସୁବୋଧ ପ୍ରଧାନ, ଅଶୋକ ମେଣ୍ଡୁଲି, ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତୃବୃନ୍ଦ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସାରର କୃତ୍ରିମ ଅଭାବକୁ ଦୂର କରିବା ପାଇଁ ସେମାନେ ଦାବି କରିଛନ୍ତି। ନହେଲେ ବିଜେଡି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ବୈଦିକ ବ୍ରହ୍ମ ସମାଜ ପକ୍ଷରୁ ଅନନ୍ତମୁଖୀ ପାରାୟଣ



**ଡୁଙ୍ଗୁରିପାଲି, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବୈଦିକ ବ୍ରହ୍ମ ସମାଜ ପକ୍ଷରୁ ଅନନ୍ତମୁଖୀ ପାରାୟଣ ଆର୍‌ଏମ୍‌ସିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ପ୍ରଦୀପ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନୀ ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ଯଦୁମଣି ଦାଶ ଓ ଅନୀଲ ରଥ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୧ ଜଣ ବ୍ରାହ୍ମଣଙ୍କୁ ମିଶ୍ର ପରିବାର ପକ୍ଷରୁ ଉପଢୌକନ ଦେଇ ପାଦଧୋଇ ଥିଲେ। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରୁ ୩୦ ଜଣ ବ୍ୟାସ ଯୋଗଦେଇ ସମ୍ପୂର୍ଣ୍ଣ ଭାଗବତ ପାରାୟଣ କରିଥିଲେ। ପର୍ଶୁରାମ ଜୟନ୍ତୀରେ ଯୁବ ବ୍ରାହ୍ମଣ ସମାଜ ଦାୟିତ୍ୱ ନେଇ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବାକୁ ଆଜି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଜ୍ୟୋତି ମିଶ୍ର ଓ ତାଙ୍କ ପତ୍ନୀ, ଦିଲୀପ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ବାବୁଲୁ ମିଶ୍ରଙ୍କ ସମେତ ବହୁ ଯୁବକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚଢ଼ା ଦରରେ ବିକ୍ରି ହେଉଛି କିରାସିନି

**ଶଗଡ଼ା, ୩।୯ (ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଉପାନ୍ତ ଅଞ୍ଚଳ ଆମ୍ବଝରି ପଞ୍ଚାୟତରେ ପିଡ଼ିଏସ କିରୋସିନ ସରକାରଙ୍କ ନିର୍ଦ୍ଧାରିତ ଦରଠାରୁ ବହୁ ଚଢା ଦରରେ ବିକ୍ରି ହେଉଛି। ଉପାନ୍ତ ପାହାଡ଼ ଜଙ୍ଗଲ ଘେରା ଆମ୍ବଝରି ପଞ୍ଚାୟତରେ ସରକାରୀ ଦର ଲିଟର ପିଛା ୫୭ ଟଙ୍କା ୨୭ ପଇସା ଅଛି; ହେଲେ ୯୦ ଟଙ୍କାରେ ବିକ୍ରି ହେଉଛି। ଅଞ୍ଚଳରେ ବିଦ୍ୟୁତ ଠିକ ଭାବରେ ରହୁନି। ଚାଷ କାର୍ଯ୍ୟରେ ମଧ ଲୋକେ କିରୋସିନ ବ୍ୟବହାର କରିଥାନ୍ତି। ଏହାର ସୁଯୋଗ ନେଇ ଖାଉଟିଙ୍କଠାରୁ ଅଧିକ ଟଙ୍କା ନେଇ ଶୋଷଣ କରାଯାଉଛି। ତେବେ ଘଟଣା ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦାଙ୍କୁ ପଚାରିବାରୁ ଯଦି ଅଧିକ ଦରରେ ବିକ୍ରି ହେଉଥାଏ ତାହା ହେଲେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଠାଇ ଏହାର ତଦନ୍ତ କରାଯିବ। ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ପରିଦର୍ଶନ



**ଶଗଡ଼ା, ୩।୯ (ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କଣ୍ଟାମାଳ ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ ପରିଦର୍ଶନ କରିଛନ୍ତି। ଏହାସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ବିଭିନ୍ନ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ସ୍କୁଲର ଶିକ୍ଷାଦାନ କିଭଳି ହେଉଛି ସେ ନେଇ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଛନ୍ତି। ଏହି ପରିଦର୍ଶନ ସମୟରେ କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବରଗାଁ ପଞ୍ଚାୟତର ମଲିକୁଦ, ଶ୍ରୀମାଲ, ଖୁଣ୍ଟିଗୋରା, ଉମା, ନାରାୟଣ ପ୍ରସାଦ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗ୍ରସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ।

## କଣ୍ଟାମାଳକୁ ଏନଏସି ଓ ସବ୍‌ଡିଭିଜନ ଘୋଷଣା ଦାବି

**ଶଗଡ଼ା, ୩।୯ (ସମିସ):** କଣ୍ଟାମାଳକୁ ଏନଏସି ଓ ସବଡ଼ିଭିଜନ ଘୋଷଣା ଦାବି ନେଇ କଣ୍ଟାମାଳ ଓକିଲ ସଙ୍ଘ ପକ୍ଷରୁ କଣ୍ଟାମାଳ ସଙ୍ଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଓକିଲ ସଂଘର ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ କଣ୍ଟାମାଳ ବଣିକ ସଙ୍ଘ, ସଚେତନ ନାଗରିକ ମଞ୍ଚ, ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ବ୍ୟକ୍ତି, ଜନସାଧାରଣ ଅଂଶଗ୍ରହଣ କରିଥିଲେ। ପୂର୍ବ ସରକାର କଣ୍ଟାମାଳକୁ ଏନଏସି ଘୋଷଣା କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଏନଏସି ତାଲିକାରୁ ବାଦ ଦେଇଛନ୍ତି। ଏଣୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିଲାଗି ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଦୂତିଆ ଚରଣ ସାହୁ, ଉପସଭାପତି ଭାବେ କୃଷ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ଭାବେ ସନ୍ତୋଷ ବିଶି, ସହସମ୍ପାଦକ ଭାବେ କେଦାରନାଥ ସାହୁ ଓ କୋଷାଧ୍ୟକ୍ଷ ଭାବରେ ବଜରଙ୍ଗ ଲାଲ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। ସେହିଭଳି ଭଗବାନ କହଁର, କୈଳାସ ସାହୁ, ମହେନ୍ଦ୍ର ଦାସ, ଲକ୍ଷ୍ମଣ ସାହୁ, ଦେବୀ ପ୍ରସାଦ ନାଏକ, ଚତୁର୍ଭୁଜ ସାହୁ, ମନୋଜ ପାଣି, ଶିବ ପ୍ରସାଦ ରଥ, ସୁରେଶ ରଣା, ଯଦୁ ବିହାରୀ ବାଘ, ଦେବେନ୍ଦ୍ର, ଶମ୍ଭୁ ପ୍ରସାଦ ସାହୁ, ରାଧାବଲ୍ଲଭ ପ୍ରଧାନ, ନରୋତ୍ତମ ମେହେର, ଯୋଗେଶ ଚନ୍ଦ୍ର ଗାଇଗାରିଆ, ନୀଳାମ୍ବର ପ୍ରଧାନ, ଜୟ ମହାରଣା, ଦିବ୍ୟ ରାଉତ, ପ୍ରଶାନ୍ତ ସାହୁ, ଶୁକ ମିଶ୍ର, ଶମ୍ଭୁ ପ୍ରସାଦ ସାହୁ, ପବିତ୍ର ରଣା, ପ୍ରକାଶ ସାହୁ, ଜେମାକାନ୍ତ ନାଏକ ପ୍ରମୁଖ ସଭ୍ୟ ରହିଛନ୍ତି।

## ଭ୍ରାମ୍ୟମାଣ ଚାରା ବିତରଣ ଯାନ ଉଦ୍‌ଘାଟିତ



**ଶଗଡ଼ା, ୩।୯ (ସମିସ):** କଣ୍ଟାମାଳ ବନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଚାରା ବିତରଣ ଯାନ ଉଦ୍‌ଘାଟନ କରାଯାଇଛି। କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡି ଯୋଗ ଦେଇ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ସମସ୍ତ ଫରେଷ୍ଟର, ବନ ବିଭାଗ କର୍ମଚାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ସମସ୍ତ ୨୪ଟି ପଞ୍ଚାୟତକୁ ଯାଇ ଚାରା ବଣ୍ଟନ କରିବା ସହ ଲୋକଙ୍କୁ ଗଛ ଲଗାଇବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଚାରା ବିତରଣ ରଥ ପ୍ରତି ପଞ୍ଚାୟତ ପରିଭ୍ରମଣ କରିବ।

## କେନ୍ଦୁପତ୍ର ବିଭାଗ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ଶଗଡ଼ା, ୩।୯ (ସମିସ):** ବଘାର୍ଡରେ କେନ୍ଦୁପତ୍ର ତୋଳାଳି ଓ ପତ୍ର ବନ୍ଧାଳି ଶ୍ରମିକଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ କେନ୍ଦୁପତ୍ର ବିଭାଗ ଓ ଏମଏଚୟୁ ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୧୭୪ଜଣ ପତ୍ର ତୋଳାଳି ଓ ବନ୍ଧାଳି ଚିକିତ୍ସିତ ହୋଇଥିଲେ। କଣ୍ଟାମାଳ ରେଞ୍ଜର ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା, ଫରେଷ୍ଟର ସନ୍ତୋଷ ମଲିକ, ଫରେଷ୍ଟର ବିଜୟାନନ୍ଦ ବେହେରା, ଈଶ୍ୱର ସାହୁ, ଦୁଷ୍ମନ୍ତ ନାୟକ, ସନ୍ତୋଷ ମଲିକ, ଘନଶ୍ୟାମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଡ. ରୋଜାଲିନ ମିଶ୍ର ଓ ତାଙ୍କ ସହଯୋଗୀ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ।

## କଣ୍ଟାମାଳରେ 'ମୁଁ ଅଦ୍ୱିକା-ମୋ ସ୍ୱର ମୋ ପସନ୍ଦ' କାର୍ଯ୍ୟକ୍ରମ



**ପଲଶାଗୋରା, ୩।୯ (ସମିସ)**

କିଶୋରୀ ବାଳିକାଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ ଅଭିବୃଦ୍ଧି ନିମନ୍ତେ ଅଦ୍ୱିକାର ଅବଦାନ ଅତୁଳନୀୟ। ସେମାଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭାର ଅନ୍ୱେଷଣ ପାଇଁ ଅଦ୍ୱିକା ଦ୍ୱାରା ଆୟୋଜିତ ମୋ ସ୍ୱର ମୋ ପସନ୍ଦ କିଶୋରୀ ବାଳିକାଙ୍କ ପାଇଁ ଅନନ୍ୟ ସୁଯୋଗ। କଣ୍ଟାମାଳ ବ୍ଲକ ସାମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଆୟୋଜିତ ଅଦ୍ୱିକା ପ୍ରତିଭା ଅନ୍ୱେଷଣ ଶିବିରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କଣ୍ଟାମାଳ ବ୍ଲକ ମିଶନ ଶକ୍ତି ଭବନରେ ଅନୁଷ୍ଠିତ ଅଦ୍ୱିକା କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ପଙ୍କଜିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁରକ୍ଷା ଓ ପରିଯୋଜନା ଅଧିକାରୀ ସନ୍ତୋଷିନୀ ଭୋଇ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସୁଜାତା ପାଣିଗ୍ରାହୀ, ଜିଲ୍ଲା ହବ୍ ସହାୟକ (ବୌଦ୍ଧ) ମାଧବ ଚନ୍ଦ୍ର ତୋଳା, ମୁଖ୍ୟବକ୍ତା ଭାବେ ଦିବ୍ୟଶଙ୍କର ରାଉତ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଟାମାଳ ପ୍ରକଳ୍ପର ସମସ୍ତ ମଣ୍ଡଳ ପରିଦର୍ଶିକା, ବିଶିକେଶନ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଦେବେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ବେବି ନାୟକ (ଦେଉଳଡୁଙ୍ଗୁରି), ଧୀର ସାଇକଲ ଚାଳନାରେ ପୂଜା ନାଏକ(ସାନଛପାପାଲି) ଏବଂ ଛିଲୋଲାଇ ଖେଳରେ ମାମିନା ବିଶି (ସାନଛପାପାଲି) ପ୍ରଥମ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପର୍ଯ୍ୟାବରଣ ସଂରକ୍ଷଣ ଓ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ

**ସୁବଲୟା, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ ବୁଧବାର ପର୍ଯ୍ୟାବରଣ ସଂରକ୍ଷଣ ଓ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟାବରଣ ଗତିବିଧି ବଲାଙ୍ଗୀର ବିଭାଗ ପ୍ରମୁଖ ଧର୍ମ ନିରଞ୍ଜନ ପଣ୍ଡା ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ପରିବେଶ ସୁରକ୍ଷା କରିବା ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ଅଛି ବୋଲି କହିବା ସହ ସମସ୍ତ ଛାତ୍ରଛାତ୍ରୀ ନିଜେ ସଚେତନ ହେବା ସହିତ ନିଜ ପରିବାର, ପୋଡ଼ଶି, ସାଙ୍ଗସାଥି ସଚେତନ କଲେ ଆମେ ସମସ୍ତେ ସୁସ୍ଥ ସମାଜ ଗଠନ କରି ପାରିବା ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନୀତ ଅତିଥି ଭାବରେ ପ୍ରକୃତି ବନ୍ଧୁ ଶମ୍ଭୁରାଜ କର୍ଣ୍ଣ ଓ ଡ. ହୃଷୀକେଶ ଦେହେରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧାପିକା ଦେବଜାନୀ ମେସୁଆ ମଞ୍ଚ ସଞ୍ଚାଳନ କରିଥିଲେ। ସମସ୍ତ ଅଧ୍ୟକ୍ଷ ଓ ଅଧାପିକା ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଲଗାଣ ବର୍ଷାରେ ବୁଡ଼ିଲା ରାସ୍ତାଘାଟ



ବାଲେଶ୍ୱର,୩।୯(ସମିସ)

ବାଲେଶ୍ୱରରେ ଗତ ଚାରିଦିନ ହେବ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଗତ ସୋମବାର ରାତିରେ ବାଲେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇ ଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଯାହାକି ନୂଆସାହି ବାଲିଆ ରାସ୍ତାରେ ପାଣିର ସୁଅ ଚାଲୁଥିବା ବେଳେ ଆଜି ମଧ୍ୟ ଏହି ଲଗାଣ ବର୍ଷାରେ ରାସ୍ତାରେ ଲହଡି ଭାଙ୍ଗୁଛି। ଏହି ରାସ୍ତାରେ ୪ଫୁଟରୁ ଅଧିକ ପାଣି ଚାଲୁଥିବାବେଳେ ଏହି ପାଣି ଲୋକମାନଙ୍କ ଘରେ ମଧ୍ୟ ପ୍ରବେଶ କରିଛି। ଏହାଛଡା ଗତକାଲି ଲୋକମାନଙ୍କ ଘରେ ପସିଥିବା ପାଣି ବର୍ତମାନ ପର୍ଯ୍ୟନ୍ତ ଛାଡି ନଥିବା ବେଳେ ଆଜି ସେଇ ନୂଆସାହିଠାରେ ଥିବା ସବ୍‌ପୋଷ୍ଟ ଅଫିସ କାର୍ଯ୍ୟାଳୟରେ ପାଣି ପସିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୋଷ୍ଟାଲ କର୍ମଚାରୀମାନେ ଓଦାଟଙ୍କା ଦେଇ ଗ୍ରାହକଙ୍କୁ ଘରେ ଆଇରନ ମାରି ଶୁଖାଇ ଦେବାକୁ କହିଛନ୍ତି।

ଆଜି ସହରରେ ୩୫ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଗତକାଲି ବର୍ଷା ଫଳରେ ଲୋକମାନଙ୍କ ଘରେ ଯେଉଁ ପାଣି ପଶିଥିଲା ତାହା ଛାଡି ନଥିବା ବେଳେ ଆଜିର ବର୍ଷାରେ ମଧ ଲୋକମାନଙ୍କ ଘରେ ପାଣି ପଶିଯାଇଛି। ଏହାଛଡା ସହରର ପଡୁଆଁପଦା, କଂଗ୍ରେସ ଗଳି, ଭାସ୍କରଗଞ୍ଜ, ମୋତିଗଞ୍ଜଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହି ବର୍ଷା ପାଣି ଏବେ ଲୋକମାନଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଅନ୍ୟପଟେ ଦେଖିବାକୁ ଗଲେ ନୂଆସାହି ଠାରେ ଥିବା ପୋଷ୍ଟ ଅଫିସାରେ ପାଣି ପସିଯାଇଥିବା ବେଳେ କାର୍ଯ୍ୟାଳୟ ମଧରେ ମାଛ ଖେଳୁଥିବା ଦେଖିବାକୁ ମିଳିଛି। ଏହାଛଡା ପୋଷ୍ଟ ଅଫିସର ଷ୍ଟ୍ରଙ୍ଗରୁମରେ ମଧ ପାଣିଯାଇଛି। ଯାହାଫଳରେ ସେଠାରେ ଥିବା ଏକ ଲକ୍ଷରୁ ଅଧିକ ଟଙ୍କା ପାଣିରେ ଓଦା ହୋଇଯାଇଛି। ବିଶେଷ କରି ଆଜି ଟଙ୍କା ନେବା ପାଇଁ ଆସିଥିବା ଗ୍ରହକମାନେ ସେଇ ଓଦା ଟଙ୍କା ନେଇ ଘରକୁ ଫେରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୋଷ୍ଟ କର୍ମଚାରୀ ସେଇ ଓଦା ଟଙ୍କାକୁ ଘରକୁ ନେଇ ଆଇରନମାରି ଶୁଖାଇଦେବାକୁ କହିଥିବା ଜଣାଯାଇଛି। ଏ ନେଇ ସବ ପୋଷ୍ଟମାଷ୍ଟର ଅଜୟ ନାରାୟଣ ଦାସ କହିଛନ୍ତି ଯେ, ଆଜି ଏହି ପ୍ରବଳ ବର୍ଷାରେ ପୋଷ୍ଟ ଅଫିସ ମଧକୁ ପାଣି ପସିଯାଇଥିଲା। ଏପରିକି ପୋଷ୍ଟ ଅଫିସରେ ଟଙ୍କା ମଧ ରହିଥିଲା। ଆଜି ଜଣେ ଗ୍ରାହକ ଏକ ଲକ୍ଷ ଟଙ୍କା ନେବାର ଥିଲା। ଏପରିକି ନେଇଛନ୍ତି ହେଲେ ସେଇ ଟଙ୍କା ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। ଏହାଛଡା ଅଫିସ ଟଙ୍କା ଭାବେ ୮ ହଜାର ଟଙ୍କା ରହିଥିଲା ତାହା ମଧ ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। ଏହାଛଡା ଆଇରନ ଲକର ମଧ ପାଣିରେ ଭାସୁଛି ବୋଲି କହିଛନ୍ତି। ଏତଦବ୍ୟତିତ ବର୍ତମାନ ପର୍ଯ୍ୟନ୍ତ ସେଇ ଟଙ୍କା ଗୁଡିକ ଟେବୁଲ ଫ୍ୟାନ ଦେଇ ଶୁଖାହୋଇଛି। ଏପରିକି କମ୍ପ୍ୟୁଟର ପାଣିରେ ବୁଡିଯିବା ଫଳରେ କୌଣସି ଅଫିସ କାର୍ଯ୍ୟ ହୋଇପାରି ନାହିଁ ବୋଲି କହିଛନ୍ତି। ଏ ନେଇ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଂଟ ରମେଶ ଚନ୍ଦ୍ର ସାହୁ କହିଛନ୍ତି ଯେ, ପୋଷ୍ଟ ଅଫିସ ମଧରେ ପାଖାପାଖି ଦୁଇଫୁଟରୁ ଅଧିକ ପାଣି ପସିଯାଇଛି। ଯାହାଦ୍ୱାରା ବହୁ କାଗଜପତ୍ର ଓଦା ହୋଇଥିବା ବେଳେ କ୍ଷୟକ୍ଷତିର ଆକଳନ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କରାଯାଇ ନାହିଁ। ଏହାଛଡା ବିଦ୍ୟୁତ ନଥିବା ବେଳେ ଫାଇଲ ଗୁଡିକ ଶୁଖାଯାଇ ପାରିନଥିଲା। ଫଳରେ କୋଣସି କାର୍ଯ୍ୟ ହୋଇପାର ନାହିଁ। ଏଠାରେ ପାଣି ନିଷ୍କାସନର କୌଣସି ସୁବିଧା ନଥିବା ହେତୁ ଏଭଳି ସମସ୍ୟା ଦେଖାଯାଉଛି।

**● ପୋଷ୍ଟଅଫିସରେ ପଶିଲା ପାଣି**
**● ଓଦା ହୋଇଗଲା ଲକ୍ଷେ ଟଙ୍କା**







## ପିଏମ୍‌ଜି ଓ ପ୍ରଗତି ଅଧୀନ ପ୍ରକଳ୍ପର ସମୀକ୍ଷା ବୈଠକ

ବାଲେଶ୍ୱର,୩।୯(ସମିସ): ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ପିଏମଜି ଓ ପ୍ରଗତି ଅଧୀନରେ ଚାଲୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ପ୍ରଗତି ପରିସ୍ଥିତି ସମୀକ୍ଷା କରିବା ସହିତ ସମସ୍ତ ପ୍ରତିବନ୍ଧକ ଗୁଡ଼ିକୁ ନିରାକରଣ କରିବା ପାଇଁ ଏକ ବୈଠକ ଆୟୋଜିତ ହୋଇଛି। ସଭାରେ ବିଧିସମ୍ମତ ଓ ପ୍ରଶାସନିକ ଅନୁମୋଦନ, ଜମି ଅଧିଗ୍ରହଣ, ପୁନର୍ବାସ ଓ ପୁନର୍ସ୍ଥାପନ, ଅନ, ରାଇଟ୍ ଅଫ୍ ୱେ ଏବଂ ଜଙ୍ଗଲ ବିଭାଗୀୟ ଅନୁମତି ସହିତ ସମ୍ବନ୍ଧିତ ସମସ୍ୟାଗୁଡ଼ିକୁ ବିସ୍ତାରିତ ଭାବେ ଆଲୋଚନା କରାଯାଇଛି।



ଏହା ସହିତ ଯଥା ସ୍ଥଳେ ତହସିଲଦାର ଏବଂ ଉପ ଜିଲ୍ଲାପାଳଙ୍କର ଆବଶ୍ୟକ ସେ କାର୍ଯ୍ୟ ସମ୍ପାଦନାରେ ସହାୟକ ହେବାପାଇଁ ନିର୍ଦ୍ଦେଶ ଥିଲା। ଉଭୟ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ଓ ରେଭେନ୍ୟୁ), ସଦର ସୁବ୍-କଲେକ୍ଟର, ଜିଲ୍ଲା ବିକାଶ ଅଧିକାରୀ , ଜିଲ୍ଲା ରାଜସ୍ୱ ଅଧିକାରୀ ଓ ସମ୍ବନ୍ଧିତ ବିଭାଗର ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ଏହି ସମୀକ୍ଷା ବୈଠକ ପ୍ରତ୍ୟେକ ମାସ ୭ ତାରିଖ ଭିତରେ ଆୟୋଜିତ ହେବ ବୋଲି କୁହାଯାଇଛି।

## ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଶିବିର



ବାଲେଶ୍ୱର,୩।୯ (ସମିସ): ବନ୍ୟଜୀବ ବିଭାଗର ୩୦ ଜଣ ଅଗ୍ରସାରୀ ବନ କର୍ମଚାରୀଙ୍କୁ ନେଇ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ କାଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାକୁ ବିକାଶ ସାଥୀ, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ଅନ୍ୟ ସଂଗଠନଙ୍କ ସହଯୋଗରେ ବାଲେଶ୍ୱର ବନ୍ୟଜୀବ ବିଭାଗ କନଫରେନ୍ସ ହଲ୍‌ରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବିଭାଗୀୟ ବନାଧିକାରୀ ପ୍ରଫୁଲ୍ଲ ମଲ୍ଲିକ, କେ.କେ.ଏସ. ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଜ୍ୟୋତିର୍ମୟୀ ପ୍ରଧାନ, ବିକାଶ ସାଥୀ ସମ୍ପାଦକ ଡ. ବିଶ୍ୱଜୀତ ପଣ୍ଡା ଓ ଦିଗନ୍ତ ସୋଭନ୍ ଚାନ୍ଦ ସମ୍ପର୍କିତ ବିଷୟରେ ସମ୍ବୋଧନ କରିଥିଲେ। ଶ୍ରୀ ମଲ୍ଲିକ କୋଷ୍ଟାଲ୍ ବେଲ୍ଟରେ ନୀଳରକ୍ତ କଙ୍କଡ଼ାର ଉପସ୍ଥିତି, ମନିଟରିଂ ଓ ପ୍ୟାଟ୍ରୋଲିଂର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଡ. ପ୍ରଧାନ ନୀଳରକ୍ତ କଙ୍କଡ଼ାର ଜୀବବିଜ୍ଞାନ, ସୁରକ୍ଷା ସମସ୍ୟା ଓ ସମସ୍ୟାବଳୀ ବିଷୟରେ ଉପସ୍ଥାପନା କରିଥିଲେ। ପୂର୍ବତନ ଏନଆଇଓ, ଗୋଆର ବୈଜ୍ଞାନିକ ଡା. ଅନିଲ ଚାଟାର୍ଜୀ ଭର୍ଚୁଆଲ୍ ଭାବେ ଯୋଗଦେଇ ନୀଳରକ୍ତ କଙ୍କଡ଼ାର ବିଭିନ୍ନ ଗବେଷଣା ତଥ୍ୟ ଓ ସୁରକ୍ଷା ସମସ୍ୟା ବିଷୟରେ ଉପସ୍ଥାପନା କରିଥିଲେ। ସାଗରଦୀପ ଦଲାଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖାଲ ପାଳିଆ ଅନୁରାଗ ବେହେରା, ଦେବାଶିଷ ମହାନ୍ତି, ସସ୍ମିତା ଶିଆଳ, ପ୍ରତ୍ୟାସ୍ମିତା ପ୍ରଧାନ, ଜ୍ୟୋସ୍ନା ଦତ୍ତ ଓ ସାଗରିକା ସିଂ ସହଯୋଗ କରିଥିଲେ।

## ଚତୁର୍ଥ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୩।୯ (ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ଯୁବପିଢୀଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ ଚନ୍ଦ୍ର ଜେନା, ଜିଲ୍ଲା କ୍ରୀଡା ଅଧିକାରୀ, ବାଲେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜରୁରୀ କାଳୀନ ଅଧିକାରୀ, ବାଲେଶ୍ୱର, ସାଇ କୃଷ୍ଣ ଜେନା, ଓଡ୍ରାଫ୍ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ବାଲେଶ୍ୱର ମଞ୍ଚାସୀନ ଥିଲେ। ଚତୁର୍ଥ ପର୍ଯ୍ୟାୟ ୩ରୁ ୮ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ ମୋଟ ୩୦୦ ଜଣ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବାଲେଶ୍ୱର ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। ବାଲେଶ୍ୱରରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଓ ନେହୁର ଯୁବ କେନ୍ଦ୍ରର ସଂଯୋଜକ ବିକ୍ରମ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ଦିୱାଲୀ ମେଳା

ବାଲେଶ୍ୱର, ୩।୯(ସମିସ): ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ, ବାଲେଶ୍ୱର ଶାଖା ପକ୍ଷରୁ ଦିୱାଲୀ ମେଳା ସହରର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଗୀତା ଅଗ୍ରୱାଲ ଓ ଡାକ୍ତର ଜୁହି ଖଣ୍ଡେଲୱାଲ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏହି ମେଳା ବେଶ୍ ସହାୟକ ହୋଇପାରିଛି ବୋଲି ବରିଷ୍ଠ ସଦସ୍ୟା ରଚନା ମୋର ପ୍ରକାଶ କରିଥିଲେ। ବିଶେଷ କରି ଗ୍ରାମାଂଚଳରେ ମହିଳାମାନଙ୍କ ଦ୍ୱାରା ତିଆରି ହେଉଥିବା ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ସହରର ମେଳା ମାଧମରେ ଅତି ସହଜରେ ମିଳିପାରୁଛି ବୋଲି ସେ କହିଥିଲେ। ମାରୱାଡ଼ି ମହିଳା ସମିତିର ସଭାନେତ୍ରୀ ମନିଷା ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜିତ ହୋଇଥିଲା। ଶ୍ରାବଣ ମେଳା ଭଳି ଦୀପାବଳିରେ ମଧ ସଂଗଠନ ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଥିବା ସଭାନେତ୍ରୀ ଶ୍ରୀମତୀ ମୋଦି କହିଥିଲେ। ନାରୀ ସଂଘ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସହିତ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ବାରିପଦା ପ୍ରଭୃତି ଅଞ୍ଚଳରୁ ଏଥିରେ ସଂଖ୍ୟାଧିକ ଷ୍ଟଲ ସ୍ଥାନିତ ହୋଇଥିବା ସମ୍ପାଦିକା ଶ୍ରୀମତୀ ମୋଦି କହିଥିଲେ।



ଲଡ୍ଡୁ ଗୋପାଳଙ୍କ ପାଇଁ ପ୍ରସାଦ, ହାତ ତିଆରି ଠାକୁରଙ୍କ ପୋଷାକ, ମାଟିଦୀପ, ଡ୍ରେସ ମେଟେରିଆଲ, ବିଛଣା ସଜ, ବେଡସିଟ୍, ଜୁଏଲାରୀ ପ୍ରଭୃତି ଏଥିରେ ବିକ୍ରି ହୋଇଥିଲା। ମାତ୍ର ଗୋଟିଏ ଦିନ ପାଇଁ ଏହି ମେଳା ବସିଥିଲେ ବି ଜିନିଷପତ୍ର କିଣିବାକୁ ବହୁ ମହିଳା ଏକତ୍ରିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଉପସଭାନେତ୍ରୀ ଶାଳିନୀ ଖଣ୍ଡେଲୱାଲ, ସମ୍ପାଦିକା କବିତା ବାହେତି, ସହ ସମ୍ପାଦିକା ପୂଜା ଖଣ୍ଡେଲୱାଲ, ମଞ୍ଜୁ ଭରତିଆ, ସୁଧା ଅଗ୍ରୱାଲ, ଗୀତା ସୋମାନୀ, ସ୍ୱପ୍ନା ସୋମାନୀ ନ୍ୟାରା ବାଜୋରିଆ ପ୍ରମୁଖ ସମେତ ମହିଳା ସମିତିର ସମସ୍ତ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫକୀରମୋହନ ମେଡିକାଲ୍ କଲେଜରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସ

ବାଲେଶ୍ୱର,୩।୯(ସମିସ): ଫକୀରମୋହନ ମେଡିକାଲ କଲେଜରେ ଗତ ୨୦୧୮ ସେପ୍ଟେମ୍ବର ୩ରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସକୁ ସ୍ମରଣୀୟ କରିବା ପାଇଁ ସରକାରୀ ମେଡିକାଲ କଲେଜ, ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବର୍ଷ ଏହି ଉତ୍ସବ ପାଳନ ହୋଇଆସୁଛି। ଚଳିତବର୍ଷ ଆରମ୍ଭ ହୋଇଥିଲା। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, ଉପସଭାପତି ନିରଞ୍ଜନ ରାଉତ, ରେମୁଣା କମିଟିର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସଂପାଦକ ତରୁଣ ଦାସଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ବିଧାନଚନ୍ଦ୍ର ରାୟ, ସରସ୍ୱତୀ ପଣ୍ଡା, ପ୍ରଭାକର




ପ୍ରତିକୂଳ ପାଗ ସତ୍ତ୍ୱେ ଜିଲ୍ଲା କମିଟିର କର୍ମକର୍ତ୍ତା ଓ ରେମୁଣା ଶାଖା କମିଟି ପକ୍ଷରୁ ନିରାଡମ୍ବର ଭାବେ ଏହି ଉତ୍ସବ ମେଡିକାଲ କଲେଜ ଫାଟକ ନିକଟରେ ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରେମୁଣା ବ୍ଲକ, ସଭାପତି ରାଜେନ୍ଦ୍ର ରାଉତ ଓ ବାଲେଶ୍ୱର ରୋଟାରୀ କ୍ଲବ୍ ସଭାପତି ଦେବାଶିଷ ଦାସ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ବେହେରା, ରମେଶ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ପ୍ରେମରଞ୍ଜନ ପାତ୍ର, ଦୁଷ୍ମନ୍ତ ଦାସ, ନିରଞ୍ଜନ ବେହେରା, ଜଗଦାନନ୍ଦ ବିଶ୍ୱାଳ, ମିନତୀ ପ୍ରଧାନ ଓ ଚୈତନ ପଢ଼ିଆରୀ ପ୍ରମୁଖ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା ଦିଗରେ ବାଲେଶ୍ୱରବାସୀଙ୍କର ଗୌରବମୟ ସଂଗ୍ରାମର ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରମିତା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ

ଖଇରା,୩।୯ (ସମିସ): ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ବ୍ରହ୍ମଚାରୀ ଗ୍ରାମର ସଦ୍ଦେଧଶ୍ୱରୀ ପଶ୍ଚିମା ଯୁବକ ସଂଘ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଦସ୍ୟ ମାନେ ବ୍ରହ୍ମଚାରୀ ପଡିଆ ସହିତ ଗଣ୍ଡିବେଡ-କୁରୁଣ୍ଟା ଓ ମାଟିଆଳପଦା-ବ୍ରହ୍ମଚାରୀ ରାସ୍ତା କଡରେ ୪ଶହରୁ ଉର୍ଦ୍ଧ ବିଭିନ୍ନ କିସମର ଗଛ ଲଗାଇଥିଲେ। ସଂଘର ସଭାପତି ମନୋରଞ୍ଜନ ମହାନ୍ତି, ସମ୍ପାଦକ ଲମ୍ବୋଦର ସାମଲ, କୋଷାଧ୍ୟକ୍ଷ ସୁଧାଂଶୁ ସାମଲ, ଉପଦେଷ୍ଟା କମଳାକାନ୍ତ ବେହେରା ତଥା ସଭ୍ୟ ଚିତ୍ତରଞ୍ଜନ ସାମଲ, କୈଳାଶ ମହାନ୍ତି, ସନ୍ଦୀପ ସାମଲ, ରାଜୁ ସାମଲ, ସୁରେଶ ପୃଷ୍ଟି, ଚିତ୍ତରଞ୍ଜନ ମହାନ୍ତି, ହରିଆ ନାୟକ, ତପନ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ତାଳସାରୀ ବେଳାଭୂମିରୁ ଯୁବକର ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୩।୯ (ସମିସ): ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗର ଦୀଘା ସମୁଦ୍ର ବେଳାଭୂମିରେ ୫ ଜଣ ସାଙ୍ଗଙ୍କ ସହିତ ଗାଧୋଉଥିଲା ବେଳେ ଭାସିଯାଇ ନିଖୋଜ ଥିବା ଜଣେ ବଙ୍ଗୀୟ ଯୁବକର ମୃତଦେହ ବୁଧବାର ସକାଳେ ତାଳସାରୀ ବେଳାଭୂମିରୁ ଉଦ୍ଧାର କରାଯାଇଛି । ଗତ ରବିବାର ଦିନ ପଶ୍ଚିମବଙ୍ଗର ଉତ୍ତର ଚବିଶପ୍ରଗଣା ଜିଲ୍ଲାର ନୟାହାଟି ଗ୍ରାମର ମନୁ ତାନ୍ତି (୨୭) ଙ୍କ ସମେତ ଅନ୍ୟ ଚାରି ଜଣ ସାଙ୍ଗ ଗାଧୋଉଥିବା ବେଳେ ମନୁ ସମୁଦ୍ରରେ ଭାସିଯାଇ ନିଖୋଜ ଥିଲେ। ବୁଧବାର ସକାଳେ ତାଳସାରୀ ସାମୁଦ୍ରିକ ଥାନା ତରଫରୁ ଖବରପାଇ ତାଳସାରୀ ସମୁଦ୍ରରୁ ମୃତ ମନୁର ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଯାଇଛି। ଏ ବିଷୟରେ ମୃତ ମନୁ ତାନ୍ତିର କକା ମୁକେଶ ତାନ୍ତି ତାଳସାରୀ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତାଳସାରୀ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ବିଷୟରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

**ମୋହରିର ସଂଘର ଆନ୍ଦୋଳନ ସ୍ଥଗିତ**

## ଆଜିଠୁ ସ୍ୱାଭାବିକ ହେବ ଜମିଜମା ପଞ୍ଜୀକରଣ କାର୍ଯ୍ୟ

ବାଲେଶ୍ୱର,୩।୯(ସମିସ)

ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖୀ କାର୍ଯ୍ୟଧାରା ବିରୋଧରେ ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୩ ଦିନ ଚାଲିବା ପରେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ସ୍ଥଗିତ ହୋଇଛି। ଏ ନେଇ ସଂଘର କର୍ମକର୍ତ୍ତାମାନେ ସୂଚନା ଦେବା ସହ ଆନ୍ଦୋଳନ ସ୍ଥଳରୁ ଉଠିଯାଇଛନ୍ତି। ଗୁରୁବାରଠାରୁ ଜିଲ୍ଲାରେ ଜମିଜମା ପଞ୍ଜୀକରଣ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବ ବୋଲି ସେମାନେ କହିଛନ୍ତି। ମୋହରିରଙ୍କ ଅନୁସାରେ ବିନା କୌଣସି ସରକାରୀ ନିର୍ଦ୍ଦେଶରେ ଜିଲା ସବରେଜିଷ୍ଟ୍ରାର ଜଣେ ଖତିଆନଧାରୀଙ୍କ ମୃତ୍ୟୁ ପରେ ରେଭେନ୍ୟୁ ଅଫିସରଙ୍କ ଠାରୁ ମିଳିଥିବା ଉତ୍ତରାଧିକାରୀ ପ୍ରମାଣପତ୍ରକୁ ୫ ବର୍ଷ ପରେ ଗ୍ରହଣ ନକରିବା, ରେଜିଷ୍ଟ୍ରେସନ ଆଇନ ଅନୁସାରେ ଜରୁରିକାଳୀନ ସ୍ଥିତିର ଡୋର ଭିଜିଟ ରେଜିଷ୍ଟ୍ରେସନ ନ କରିବା, ୨/୩ ବର୍ଷ ତଳର ଜାତି ପ୍ରମାଣପତ୍ରକୁ ଗ୍ରହଣ ନ କରିବା, ସରକାରୀ ନିୟମ ଥାଇ ମଧ୍ୟ ଚକବନ୍ଦୀର ଅଂଶିକ ଜମି ବିକ୍ରି ପଞ୍ଜୀକରଣ ନ କରିବା, ଗ୍ରାମାଂଚଳ ଚାଷଜମି ଖର୍ଦ୍ଦବିକ୍ରି କୌଣସି ସରକାରୀ ଅଙ୍କୁଶ ନଥିବାବେଳେ ୧୨ ଡେସିମିଲରୁ ଅଧିକ ଜମି ବିକ୍ରି ବନ୍ଦ କରିବା, ଅଧିକାଂଶ ପ୍ଲଟର ଅଂଶିକ ଜମି ବିକ୍ରି ରେଜିଷ୍ଟ୍ରେସନ କରା ନଯିବା ପ୍ରଭୃତି ଅମୂଳକ କାର୍ଯ୍ୟଧାରା ବିରୋଧରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ସମୟରେ କୌଣସି ପ୍ରକାର ଜମିଜମା ପଞ୍ଜିକରଣ ବନ୍ଦ ଥିବାରୁ ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସହ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହୋଇଥିଲା। ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ବାବଦରେ ବାରମ୍ବାର ଅବଗତ କରାଯିବା ପରେ ମଧ୍ୟ କିଛି ପଦକ୍ଷେପ ନିଆ ନଯିବାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୩ ଦିନ ଧରି ଜାରି ରହିଥିଲା। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ମାମଲାର ପ୍ରାଥମିକ ବିଚାରରେ କୌଣସି ପଞ୍ଜିକରଣ ପାଇଁ ମନା କରିବାର କାରଣ ଲିଖିତ ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ପୂର୍ଣ୍ଣାଙ୍ଗ ବିଚାର ପାଇଁ ଆସନ୍ତା ୨୫ ତାରିଖକୁ ଦିନ ଧାର୍ଯ୍ୟ କରିଥିବା ସଂଘର କର୍ମକର୍ତାମାନେ କହିଛନ୍ତି। ଏହା ସହିତ ସୂଚନା ଅଧିକାର ଆଇନ ବଳରେ ହୋଇଥିବା ପ୍ରଶ୍ନରେ ଜିଲ୍ଲା ସବରେଜିଷ୍ଟ୍ରାରଙ୍କ ପଞ୍ଜିକରଣ ଗ୍ରହଣ ନ କରିବାକୁ ନେଇ କୌଣସି ସରକାରୀ ନିର୍ଦ୍ଦେଶ ନଥିବା ଦର୍ଶାଇଛନ୍ତି। ଏଥିରେ ଅଂଶିକ ନ୍ୟାୟ ମିଳିଥିବାରୁ ଆନ୍ଦୋଳନକୁ ସାମୟିକ ସ୍ଥଗିତ କରାଯାଇଥିବା ସଂଘର କର୍ମକର୍ତାମାନେ ପ୍ରକାଶ କରିଚନ୍ତି। ଗୁରୁବାର ଠାରୁ ସମଗ୍ର ଜିଲ୍ଲାରେ ସ୍ୱାଭାବିକ ଭାବେ ଜମିଜମା ପଞ୍ଜୀକରଣ କାର୍ଯ୍ୟ ଚାଲିବ ବୋଲି ସେମାନେ ସୂଚନା ଦେଇଛନ୍ତି।

**ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ**



# ସ୍କୁଲରେ ମଦ ମାଂସ ଆସର; ପ୍ରଧାନଶିକ୍ଷକ ନିଲମ୍ବିତ

ଝାରସୁଗୁଡ଼ା/କୋଲାବିରା,୩।୯ (ସମିସ)



ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ସନ୍ୟାସୀପାଲି ଗାଁ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଦ ମାଂସର ଭୋଜି କରି ପ୍ରଧାନଶିକ୍ଷକ ଉପେନ୍ଦ୍ର ପଟେଲ ନିଲମ୍ବିତ ହୋଇଛନ୍ତି। ପ୍ରଧାନଶିକ୍ଷକ ନିଜ ସହକର୍ମୀଙ୍କ ଗହଣରେ ମଦର ଆସର ଜମେଇଥିବା ଭିଡିଓ ଭାଇରାଲ ହୋଇଥିଲା। ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ଶିକ୍ଷା ବିଭାଗ କାର୍ଯାନୁଷ୍ଠାନ ଗ୍ରହଣ କରିଛି। ମାତ୍ର ତାଙ୍କ ସହ ମଦ ମାଂସ ଭୋଜିରେ ସାମିଲ ଥିବା ଅନ୍ୟ ଦୁଇ ଶିକ୍ଷକଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପ୍ରାଥମିକ ତଦନ୍ତ ପରେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ସମ୍ପୃକ୍ତି ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରଧାନଶିକ୍ଷକ ପ୍ରାୟତଃ ବିଦ୍ୟାଳୟରୁ ଅନୁପସ୍ଥିତ ରହୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ବିଦ୍ୟାଳୟର କାର୍ଯ୍ୟାଳୟ ଖୋଲାରହିଥିଲା ଓ ପ୍ରଧାନଶିକ୍ଷକ ଉପେନ୍ଦ୍ର ପଟେଲ, ପରିଚାଳନା କମିଟିର ସଭାପତି ଗୋପାଲ ଗର୍ଡିଆ, ଗାଁର ଅନିଲ ବାଗ ଏବଂ ଅନ୍ୟ ଦୁଇଜଣ ଶିକ୍ଷକ କାର୍ଯ୍ୟାଳୟରେ ମଦ ମାଂସର ଆସର ଚଳାଇଥିଲେ। ବିଦ୍ୟାଳୟ ରାତି ପର୍ଯ୍ୟନ୍ତ ଖୋଲାଥିବା ଦେଖି ଗାଁର କିଛି ଯୁବକ ସେଠାକୁ ଯାଇ ସେମାନଙ୍କ ମଦ ଆସର ଦେଖିଥିଲେ। ଘଟଣାର ଭିଡିଓ କରି ଗାଁରେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟ ଆଦିଙ୍କୁ ଦେଖାଇଥିଲେ। ମଙ୍ଗଳବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଘଟଣା ସଂପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ଦଳ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏହି ଭୋଜିରେ ସାମିଲ ଥିବା ଅନ୍ୟ ଦୁଇଜଣ ଶିକ୍ଷକ କୁଲିହାମାଲ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ହରିହର ପଟେଲ ଏବଂ ଢେଙ୍ଗୁରଯୋର ବିଦ୍ୟାଳୟର ଶିକ୍ଷକ ଶିବନାରାୟଣ ପଟେଲଙ୍କୁ ବିଇଓଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଖବର ରହିଛି।

# ଝାରସୁଗୁଡ଼ା ଜିଲ୍ଲା ସବ୍‌ଜୁନିୟର ବାଳକ ଟେନିସ୍ ବଲ୍ କ୍ରିକେଟ୍ ଦଳର ଭୁବନେଶ୍ୱର ଯାତ୍ରା



ଝାରସୁଗୁଡ଼ା,୩।୯ (ସମିସ): ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନ ତରଫରୁ ଆସନ୍ତା ୫ ତାରିଖରେ ଭୁବନେଶ୍ୱର ଆଇଆରସି ଭିଲେଜର ଏଲଏଲସିସି ପଡିଆରେ ୩୦ ତମ ଜାତୀୟ ସବଜୁନିୟର ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ପାଇଁ ୧୪ ବର୍ଷ ବୟସ ବର୍ଗର ବାଳକ ବିଭାଗର ଖେଳାଳି ମନୋନୀତ କରା ଯାଉଛି। ଆସନ୍ତା ୧୪ ରୁ ୧୭ ଅକ୍ଟୋବର ରାଜସ୍ଥାନର ଦୁଶା ଠାରେ ଥିବା ରାଜେଶ ପାଇଲଟ ଷ୍ଟାଡିୟମରେ ଟେନିସ ବଲ୍ କ୍ରିକେଟ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ରାଜସ୍ଥାନ ଟେନିସ ବଲ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ବିଷୟରେ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନର ସାଧାରଣ ସଂପାଦକ ସିଥିଲ ପଣ୍ଡା, ସଭାପତି ସୁରଶ ମିଶ୍ର ଓ ଯୁଗ୍ମ ସଂପାଦକ ସୋମନାଥ ପରିଡା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲା ମାନଙ୍କୁ ଅବଗତ କରାଇଛନ୍ତି। ଏହି ଚୟନ ପ୍ରକ୍ରିୟା ଦ୍ୱାରା ଓଡ଼ିଶା ସବଜୁନିୟର ବାଳକ ଟେନିସ ବଲ କ୍ରିକେଟ ଦଳ ଗଠନ କରାଯିବ। ଏଥିରେ ଭାଗ ନେବା ପାଇଁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନ ତରଫରୁ ସବଜୁନିୟର ବାଳକ ଟେନିସବଲ କ୍ରିକେଟ ଦଳ ଆଜି ଟ୍ରେନ ଯୋଗେ ଯାତ୍ରା ଆରମ୍ଭ କରିଛି। ଏହି ଦଳରେ ସଚ୍ଚିଦାନନ୍ଦ ମାଳି, ଅରମାନ ମହାପାତ୍ର, ସ୍ୱର୍ନାଂଶ ମହାନ୍ତି, ଅର୍ଶ ଖାଁନ, ଓ ସୁରଜ ଜୟଶୱାଲ ରହିଥିବା ବେଳେ ଟିମ୍ ମ୍ୟାନେଜର ଗୋପାଳ ଦତ୍ତ ରହିଛନ୍ତି। ଏହି ଦଳକୁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନର ସଭାପତି ଜୀବନ ମହାନ୍ତି ଓ ସଂପାଦକ ଅଶ୍ୱିନୀ ପାଣ୍ଡେ ଶୁଭେଚ୍ଛା ଜଣାଇଥିଲେ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୩।୯ (ସମିସ): ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୁରେବଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘସିଆ ମେହେର ଓ ଗଣ୍ଡଘୋରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ତୋଷିନୀ ପାଟଯୋଶୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ସେମାନଙ୍କ ପୂର୍ଣ୍ଣ ପେନସନର ବ୍ୟବସ୍ଥା କରିଥିଲେ। ବିଦାୟୀ ଉତ୍ସବରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସୁଶାନ୍ତ ହୋତା, ଅଜୟ ପାଟଯୋଶୀ ଓ ସିଆରସିସି ବିକାଶ ଚନ୍ଦ୍ର ନାଏକ ପଞ୍ଚପଡା ସିଆରସିସି ସୁରଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ।

# 'ଲାଲ ପାଏନ୍' ବରେଲି ଜାତୀୟ ନାଟ୍ୟ ଉତ୍ସବରେ ପ୍ରଦର୍ଶିତ



ଝାରସୁଗୁଡ଼ା,୩।୯ (ସମିସ): ଥିଏଟର ଆଡାରଙ୍ଗାଳୟ ଏକାଡେମୀ ଅଫ ଆର୍ଟ ଆଣ୍ଡ କଲଚର ପକ୍ଷରୁ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବରେ ବେଲପାହାଡ, ମିରର ଥିଏଟର ପ୍ରସିଦ୍ଧ ନାଟକ 'ଲାଲ ପାଏନ' ପ୍ରଦର୍ଶିତ ହୋଇଛି। ଡ.ସୁବାଷ ଚନ୍ଦ୍ର ପ୍ରଧାନଙ୍କର ରଚନା ଓ ବଲିଷ୍ଟ ନିର୍ଦ୍ଦେଶନାରେ ହୀରାକୁଦ ବନ୍ଧ ପାଇଁ ବିସ୍ଥାପିତ ହଜାର ହଜାର ଲୋକଙ୍କ ଦୁଃଖ, କଷ୍ଟ ଓ ତ୍ୟାଗର କାହାଣୀକୁ ନାଟକ ମାଧ୍ୟମରେ ଜୀବନ୍ତ କରାଯାଇଥିଲା। ହୀରାକୁଦ ବନ୍ଧ ପୂର୍ବରୁ ପ୍ରଭାବିତମାନଙ୍କୁ ଭବିଷ୍ୟତ ପାଇଁ ଦିଆଯାଇଥିବା ସ୍ୱର୍ଣ୍ଣିମସ୍ୱପ୍ନ କେବେ ସାର୍ଥକ ହୋଇନାହିଁ। କ୍ଷତିପୂରଣ ଓ ପୁନର୍ବାସରୁ ବଞ୍ଚିତ ବିସ୍ଥାପିତ ମାନେ ଜୀବନବ୍ୟାପୀ ସଂଘର୍ଷ କରିବାକୁ ବାଧ୍ୟ ହୋଇଛନ୍ତି। ପ୍ରଶାସନ କିପରି ବିସ୍ଥାପିତମାନଙ୍କ ଆନ୍ଦୋଳନକୁ ଦମନକାରୀ ନୀତିରେ ଦବାଇ ଦେଲା, ଗ୍ରାମବାସୀଙ୍କୁ ଭିଟା ମାଟି ଛାଡିବାକୁ ବାଧ୍ୟ କରାଗଲା ଆଦି ନାଟକରେ ଦେଖାଯାଇଥିଲା। 'ଲାଲ ପାଏନ୍' ଶୋଷଣ, ଦମନ ଓ ଏକଛତ୍ରବାଦର ଏକ ସଶକ୍ତ ପ୍ରତିଛବି ଦେଇଥିଲା। ନାଟକରେ ବିଭିନ୍ନ ଚରିତ୍ରରେ ସନ୍ତୋଷ ସାହୁ, ଗୌରୀ ଶଙ୍କର କୁମ୍ଭାର, ସୋନିଆ ବେହେରା, ଜିତେନ୍ଦ୍ର ପ୍ରଧାନ, ଲବ ପ୍ରଧାନ, ବିନୟ ପ୍ରଧାନ, ଭବେଶ ପ୍ରଧାନ, ଅର୍ବାଜ ଖାନ୍, ବିକାଶ କିଷାନ, ଦିବ୍ୟରଞ୍ଜନ ସାହୁ, ବର୍ଷାରାଣି ଧଳ, ଖୁସି ପ୍ରଧାନ, ପୂଜା ଶେଠ୍, ଆୟୁସି ପଟ୍ଟନାୟକ, ଖୁସି ଜେନା, ସୋନାଲି ବିଶ୍ୱାଳ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନାରେ ଗୌରୀ ଶଙ୍କର କୁମ୍ଭାର ରହିଥିବା ବେଳେ ଆଲୋକ ସମ୍ପାତ ଜେନାମଣି ଶେଠ୍ ପରିଚାଳନା କରିଥିଲେ। ବରେଲି ଜାତୀୟ ନାଟକ ମହୋତ୍ସବରେ 'ଲାଲ ପାଏନ୍'ର ୧୯୬ ତମ ପ୍ରଦର୍ଶନ ସଫଳତାର ସହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରବି ଛାୱାଡା, ସୁଭାଷ କଥୁରିୟା, ଗୁରବିନ୍ଦର୍ ସିଂ ଓ ଡ.ବିନୋଦ ପାଗରାଣୀ ପ୍ରଦୀପ ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟକୁ ସୈଲେନ୍ଦ୍ର ପରିଚାଳନା କରିଥିଲେ।

# ରବୀନ୍ଦ୍ରନାଥ ପାଢ଼ୀଙ୍କ ପରଲୋକ



ଇବଥର୍ମାଲ,୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ତଲିବାହାଲ ଗାଁର ଶିକ୍ଷାର ପୂଜାରୀ ତଥା ମନୋଜ ପାଢ଼ୀ ଉଚ୍ଚ ବିଦ୍ୟାଳୟର ବିଦ୍ଧାଣି ରବୀନ୍ଦ୍ର ନାଥ ପାଢ଼ୀଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ନିଜେ ବେଶି ପାଠ ପଢ଼ି ନଥିଲେ ହେଁ ଅଞ୍ଚଳରେ ଶିକ୍ଷାର ବିକାଶ ପ୍ରତି ସଦା ତତ୍ପର ଥିଲେ। ୧୯୯୪ ମସିହାରେ ନିଜ ବଡ଼ ପୁଅଙ୍କୁ ହରାଇଥିଲେ। ହେଲେ ୧୯୯୬ରେ ସରଣ୍ଡାମାଲ ହାଇସ୍କୁଲର ନିର୍ମାଣ ସକାଶେ ୧ଏକର ୨୮ ଡିସିମିଲ ଜମି ଦାନ କରିଥିଲେ। ସ୍କୁଲଟି ତାଙ୍କ ମୃତ ପୁଅ ମନୋଜ ପାଢ଼ୀଙ୍କ ନାମରେ ନାମିତ ହୋଇଥିଲା। ପ୍ରଥମେ ପ୍ରଥମେ ସ୍କୁଲ ଚଳାଇବା ପାଇଁ ସମସ୍ୟା ରହିଥିବା ବେଳେ ସେ ଆର୍ଥିକ ସହଯୋଗ ମଧ୍ୟ କରିଛନ୍ତି। ଆଜି ଜିଲ୍ଲାରେ ସରଣ୍ଡାମାଲ ମନୋଜ ପାଢ଼ୀ ହାଇସ୍କୁଲ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଶରୀର ଅସୁସ୍ଥ ହେବାରୁ ତାଙ୍କୁ ବରଗଡ଼ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।। ମଙ୍ଗଳବାର ତାଙ୍କ ମୃତ୍ୟୁ ଖବରରେ ଅଞ୍ଚଳରେ ଶୋକରେ ଛାୟା ଖେଳି ଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ଛାତ୍ରଛାତ୍ରୀ ଘୋଷବାଦ୍ୟ ସହ ସଲାମି ଦେବା ପରେ ଶିକ୍ଷକ ଛାତ୍ରଛାତ୍ରୀ ଅନ୍ତିମ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ କୁନ୍ତଳା, ସାନ ପୁଅ ଶିକ୍ଷକ ଦିଲ୍ଲୀପ, ଝିଅ ପ୍ରତିଭା, ନାତୁଣୀ ତୁଳସୀ, ନାତି ସତ୍ୟ ବିଜୟ ଉପସ୍ଥିତ ଥିଲେ। ଶେଷଯାତ୍ରା ବେଳେ ଶହଶହ ଲୋକ ସମେତ, ପରିବାର ପରିଜନ, ଶିକ୍ଷକ ଶିକ୍ଷୟିତ୍ରୀ, ସାମିଲ ହୋଇଥିବା ବେଳେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

# ସଂଗଠନ ସୃଜନ କାର୍ଯ୍ୟକ୍ରମ; କଂଗ୍ରେସର ସାମ୍ବାଦିକ ସମ୍ମିଳନୀ



ଝାରସୁଗୁଡ଼ା,୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଶୋଭା ଓଝା ଯୋଗ ଦେଇଥିଲେ। ଏଆଇସିସି ଦ୍ୱାରା ଅହମ୍ମଦାବାଦରେ ହୋଇଥିବା ବୈଠକରେ ଜିଲ୍ଲା ସଭାପତି ଚୟନ ଜିଲ୍ଲା, ବ୍ଲକ୍ ତଥା ପୌର ପରିଷଦର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚୟନ କରାଯିବ ବୋଲି କହିଥିଲେ। ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମ ବର୍ତ୍ତମାନ ଓଡ଼ିଶାର ସବୁ ଜିଲ୍ଲାରେ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଥିଲେ। ସମ୍ମିଳନୀରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସର ଅମିତା ବିଶ୍ୱାଳ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ସୁଧାଂଶୁ ଜେନାଙ୍କ ସହିତ ଜିଲ୍ଲା, ବ୍ଲକ୍, ପୌରାଞ୍ଚଳର ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାଇବର ଠକଙ୍କ ଶିକାର ଖବରକାଗଜ ବିକ୍ରେତା

ଝାରସୁଗୁଡ଼ା,୩।୯ (ସମିସ): ସାଇବର ଠକ ଖବରକାଗଜ ବିକ୍ରେତାଙ୍କୁ ଟାର୍ଗେଟ କରୁଛନ୍ତି। ଝାରସୁଗୁଡ଼ା ସହରର ୩ ଜଣ ଖବରକାଗଜ ବିକ୍ରେତାଙ୍କଠାରୁ ସାଇବର ଠକମାନେ ୭୨ ହଜାର ଟଙ୍କା ଠକେଇ କରିଛନ୍ତି। ଠକେଇର ଶିକାର ହୋଇଥିବା ଖବରକାଗଜ ବିକ୍ରେତାମାନେ ଗତକାଲି ସାଇବର ହେଲ୍ପ ଲାଇନ୍‌ରେ ଅଭିଯୋଗ କରିଥିଲେ। ବୁଧବାର ଝାରସୁଗୁଡ଼ା ସଦର ଥାନାରେ ଜଣେ ଏବଂ ଦୁଇଜଣ ଝାରସୁଗୁଡ଼ା ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖବର କାଗଜ ବିକ୍ରେତାମାନଙ୍କୁ ଲିଫ୍‌ଲେଟ୍ ବାଣ୍ଟିବା ଉଦ୍ଦେଶ୍ୟରେ ବିଭିନ୍ନ ଆଡ଼ୁ ଫୋନ ଆସିଥାଏ। ବ୍ୟବସାୟୀମାନେ ବସ୍ ବା ଟ୍ରେନ୍ ଯୋଗେ ଲିଫଲେଟ୍ ପଠାଇ ଦେଉଥିବା ବେଳେ ୟୁପିଆଇରେ ସେ ବାବଦ ଟଙ୍କା ବି ପଠାଇଥାନ୍ତି। ଗତକାଲି ମଧ୍ୟ ଝାରସୁଗୁଡ଼ାର ୩ ଜଣ ଖବରକାଗଜ ବିକ୍ରେତାଙ୍କ ନିକଟକୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ରାଉରକେଲାରୁ କହୁଥିବା ନେଇ ଜଣାଇଥିଲା। ଏହାପରେ ସେ ପଠାଇଥିବା ଲିଫ୍‌ଲେଟ୍ ସକାଳୁ ପହଞ୍ଚିବାକୁ ଥିବାରୁ ସେଗୁଡିକୁ ବାଣ୍ଟି ଦେବାକୁ ଅନୁରୋଧ କରିଥିଲା। ଏଥିରେ ୩ ଜଣ ବିକ୍ରେତା ବି ସେଥିରେ ରାଜି ହୋଇଥିଲେ। ଏହାମଧ୍ୟରୁ ଜଣେ ବିକ୍ରେତାଙ୍କୁ ସେ ୨ ହଜାର ଟଙ୍କା ପଠାଇବାକୁ ଯାଇ ଭୁଲ୍‌ରେ ୨୦ ହଜାର ଟଙ୍କା ପଠାଇଥିବା ନେଇ ସ୍କ୍ରିନସଟ୍ ପଠାଇଥିଲା। ଏହାପରେ ଫୋନ୍ କରି ୧୮ ହଜାର ଟଙ୍କା ଫେରାଇ ଦେବାକୁ ଅନୁରୋଧ କରିଥିଲା। ସମ୍ପୃକ୍ତ ବିକ୍ରେତା ମଧ୍ୟ ନିଜ ଆକାଉଣ୍ଟ ଯାଞ୍ଚ ନକରି ଉକ୍ତ ନମ୍ବରରେ ୧୮ ହଜାର ଟଙ୍କା ପଠାଇ ଦେଇଥିଲେ। ସେହିଭଳି ଅନ୍ୟ ୨ ଜଣଙ୍କ କ୍ଷେତ୍ରରେ ବି ୩ ହଜାର ବଦଳରେ ୩୦ ହଜାର ଟଙ୍କା ପଠାଇ ଦେଇଥିବା କହି ୨୭ ହଜାର ଟଙ୍କା ଲେଖାଏ ସାଇବର ଠକ ନେଇ ଯାଇଥିଲେ। କିନ୍ତୁ ପରେ ଆକାଉଣ୍ଟ ଯାଞ୍ଚ କରିବା ବେଳକୁ ଟଙ୍କା ଆସିନଥିଲା କି ସକାଳୁ ଲିଫ୍‌ଲେଟ୍ ବି ପହଞ୍ଚିନଥିଲା। ସେମାନେ ସାଇବର ଠକାମୀର ଶିକାର ହୋଇଛନ୍ତି ଜାଣି ସାଇବର ହେଲ୍ପ ଲାଇନରେ ଅଭିଯୋଗ କରିବା ସହ ସଦର ଏବଂ ଟାଉନ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

# ପ୍ଲାଟିନମ୍ ଜୁବୁଲି ଦୁର୍ଗାପୂଜା ପାଇଁ ପ୍ରସ୍ତୁତି



ରିଆମାଳ,୩।୯ (ସମିସ): ରିଆମାଳ ଦୁର୍ଗାପୂଜା କମିଟିର ଆହ୍ୱାନ କ୍ରମେ ଚଳିତ ବର୍ଷର ୭୫ ତମ ପ୍ଲାଟିନମ୍ ଜୁବୁଲି ଦୁର୍ଗାପୂଜା ପାଳନ ଅବସରରେ ଗ୍ରାମବାସୀଙ୍କୁ ନେଇ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଷ୍ଟ ଅଫିସ ଅଧିକାରୀ ତଥା ଗାଁର ବରିଷ୍ଠ ନାଗରିକ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ କମିଟିର ବୈଠକକୁ ସଭାପତି ପ୍ରମୋଦ ନନ୍ଦ ପରିଚାଳନା କରିଥିଲେ। ସମ୍ପାଦକ ନାରାୟଣ ବିଶ୍ୱାଳ ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସରପଞ୍ଚ ବୀଣାପାଣି ନାୟକ, ଉପସଭାପତି ଗୋଲବଦନ ବିଶ୍ୱାଳ ଉପସ୍ଥିତ ଥିଲେ। ଚଳିତ ବର୍ଷର ପୂଜା ପ୍ରସ୍ତୁତିରେ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ଅଟକଳ ହୋଇଥିଲା। ଦଶହରା ପର୍ବ ଶାନ୍ତି ଶୃଙ୍ଖଳାର ସହିତ କିପରି ସରସ ସୁନ୍ଦର ଓ ଉପଭୋଗ୍ୟ ହେବ ଏ ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଥିଲା।

# ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସଫଳତା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ



ଝାରସୁଗୁଡ଼ା,୩।୯ (ସମିସ): ପ୍ରଜନନ, ମାତୃ ଓ ଶିଶୁମୃତ୍ୟୁ ଏବଂ କୈଶୋର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା, ଟୀକାକରଣ ତଥା ମ୍ୟାଲେରିଆ, ଡେଙ୍ଗୁ, ଟିବି ଏବଂ ଅଣ-ସଂକ୍ରମିତ ରୋଗ ଇତ୍ୟାଦି ପ୍ରମୁଖ ସ୍ୱାସ୍ଥ୍ୟ ସୂଚକ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଜିଲ୍ଲାର ସମସ୍ତ ଚିକିତ୍ସା ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିକାରୀମାନେ ଉପସ୍ଥିତ ଥିଲେ। କାୟାକଳ୍ପ ଏବଂ କେନ୍ଦ୍ରୀୟ ଗୁଣବତ୍ତା ନିୟନ୍ତ୍ରଣ ସଫଳତା ଭଳି ଗୁଣାତ୍ମକ ଉପାଦାନ ସହିତ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ଭାବେ ବୈଠକରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସ୍ୱାସ୍ଥ୍ୟ ସୂଚକ ଗୁଡିକର ଅଗ୍ରଗତିର ବିଶ୍ଳେଷଣ କରାଯିବା ଏବଂ ଲକ୍ଷ୍ୟ ହାସଲ ପାଇଁ ଯତ୍ନବାନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ଝାରବନ୍ଧ ବଜାରରେ ନିଶା ଦ୍ରବ୍ୟ ଯାଞ୍ଚ ପାଇଁ ପୁଲିସର ଚଢ଼ଉ

ଝାରବନ୍ଧ,୩।୯ (ସମିସ): ସମାଜକୁ ନିଶାଠୁ ଦୂରେଇ ରଖିବା ପାଇଁ ବରଗଡ଼ ପୁଲିସ ବିଭାଗ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନ ଦୋକାନ, ଖୁଚୁରା ବ୍ୟବସାୟୀଙ୍କ ଦୋକାନରେ ଗଞ୍ଜେଇ ପୁଡିଆ ଯାଞ୍ଚ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ଥାନା ଅଧିକାରୀ କେ. ସମାରିଆଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ବଜାର ଅଞ୍ଚଳର ସମସ୍ତ ପାନ ଦୋକାନକୁ ଯାଇ ପୁଲିସ ଟିମ୍ ନିଶା ସାମଗ୍ରୀ ଯାଞ୍ଚ କରିଛି। ଏହାସହିତ ସରଗୁଲ ଛକରେ ଯାନବାହାନ ଚେକିଂ ସମୟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବ୍ୟବହାର ହୋଇ ନ ଥିବାରୁ ୧୭ଟି ବାଇକ୍ ଝାରବନ୍ଧ ଥାନାରେ ଅଟକ ରହିଛି। ପୁଲିସ ଟିମରେ ଏସଆଇ ସୁଶାନ୍ତ ସାହୁ, ଏଏସଆଇ ଗୟାରାମ ଷଣ୍ଢ, ହାବିଲଦାର ମୋତିଲାଲ ନାଏକ ଏବଂ ପୁଲିସ ଫୋର୍ସ ସାମିଲ ଥିଲେ।




## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନ ଥିବାରୁ ୧୭ ବାଇକ୍ ଅଟକ

# ତ୍ରିରଙ୍ଗା ଯୁବକ ସଂଘ ଓ ବିମଳ କୃଷି ପକ୍ଷରୁ ମାଣ୍ଡିଆ ପ୍ରଦର୍ଶନୀ

ପଦ୍ମପୁର,୩।୯ (ସମିସ): ରାଜବୋଡାସମ୍ବର ବ୍ଲକ୍ ପଦ୍ମପୁର ମହୁଲପାଲି ଠାରେ ଶ୍ରୀ ଅନ୍ନ ଯୋଜନା ଅଧୀନରେ ତ୍ରିରଙ୍ଗା ଯୁବକ ସଂଘ ଓ ବିମଳ କୃଷି ଉତ୍ପାଦକ କମ୍ପାନୀ ଆନୁକୂଲ୍ୟରେ ମାଣ୍ଡିଆ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆରୁ ପ୍ରସ୍ତୁତ ଆରିସା, କାକରା, ଗଜା, ମଣ୍ଡା, ରସଗୋଲା ସମସ୍ତଙ୍କୁ ମାଗଣାରେ ଖାଇବାକୁ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷ, ମାଣ୍ଡିଆ ଖାଦ୍ୟର ପ୍ରସାର ପ୍ରଚାର ପାଇଁ ବିମଳ କୃଷି ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଶୋକ ସାହୁ ଉଦ୍‌ବୋଧନ ଦେଇଥିଲେ। ମେଳାରେ ମାଣ୍ଡିଆ ଚାଷୀ, ବ୍ଲକ୍ କୃଷି ଅଧିକାରୀ, ତ୍ରିରଙ୍ଗା ଯୁବକ ସଂଘ ହୃଦାନନ୍ଦ ନାୟକ, ଶୁକ, ପପୁ ଆଦି କର୍ମକର୍ତ୍ତା ସମେତ ଶ୍ରୀ ଅନ୍ନ ଜିଲ୍ଲା ସଂଯୋଜକ ଉପସ୍ଥିତ ଥିଲେ। ବ୍ଲକ୍ ସଂଯୋଜକ ତରଣୀସେନ ଦ୍ୱାରି ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକାଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା,୩।୯ (ସମିସ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳର ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉପନିର୍ଦ୍ଦେଶିକା ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କିତ ନଥି ଗୁଡିକର ଅନୁଧ୍ୟାନ କରିଥିଲେ। ଏଥି ସହିତ ନିର୍ଦ୍ଧାରିତ ସମୟାନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପନିର୍ଦ୍ଦେଶିକାଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଡିଜେଲ୍ ଟ୍ୟାଙ୍କର ଦୁର୍ଘଟଣା ଗ୍ରସ୍ତ



ରିଆମାଳ,୩।୯ (ସମିସ): ରିଆମାଳ ଥାନା ତେଲିମୁଣ୍ଡା ରେଢ଼ାଖୋଲ ଜାତୀୟ ରାଜପଥରେ ସ୍ୱଳ୍ପଘଟି କଟା ଠାରେ ବିଳମ୍ବିତ ରାତିରେ ଏକ ଡିଜେଲ ଭର୍ତ୍ତି ଟ୍ୟାଙ୍କର ଭାରସାମ୍ୟ ହରାଇ ଏକ ପୋଲକୁ ଧକାଦେଇ ନିକଟସ୍ଥ ବିଲକୁ ଖସି ପଡିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ହୋଇ ବୁର୍ଲା ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନାହିଁ। ସମ୍ବଲପୁର ନାକଟିଦେଉଳ ଦେଇ କୁଚିଣ୍ଡା ଅଭିମୁଖେ ଲକ୍ଷ୍ମୀ ବସ ମାନଙ୍କରେ ତେଲ ଭର୍ତ୍ତି କରିବା ପାଇଁ ଟ୍ୟାଙ୍କରଟି ଡିଜେଲ ନେଇ ଯାଉଥିଲା। ଦ୍ରୁତ ଗତି ଥିବା ଯୋଗୁଁ ସ୍ୱଳ୍ପଘଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ କଟା ନିକଟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ବେଳେ ଡିଜେଲ ଭର୍ତ୍ତି ଟ୍ୟାଙ୍କର ଥିବାରୁ ପୁଲିସ ଗାଡିକୁ ଜଗି ରହିଥିବା ଦେଖିବାକୁ ମିଳିଥିଲା।

# ଗୋ ହତ୍ୟା ସନ୍ଦେହରେ ଯୁବକକୁ ପିଟିପିଟି ହତ୍ୟା, ୪ ଅଟକ

ଦେବଗଡ଼,୩।୯ (ସମିସ)



ରିଆମାଳ ଥାନା କଂସର ଫାଣ୍ଡି ଅଧୀନ କେନ୍ଦେଇଝୁରି ଗାଁରେ ବୁଧବାର ଗୋ ହତ୍ୟା ସନ୍ଦେହରେ କେତେକ ଯୁବକଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଯୁବକ ଜଣକ କାଉଁସିଢ଼ୀପ ଗାଁର କିଶୋର ଚମାର (୪୨) ବୋଲି ଜଣାପଡିଛି। ଅପରାହ୍ଣରେ କେନ୍ଦେଇଝୁରି ଜଙ୍ଗଲ ପଟେ କିଶୋର ଏକ ମୃତ ଗାଈକୁ କାଟି ଚମଡା ଛଡାଉଥିଲେ। ଗୋ ହତ୍ୟା ସନ୍ଦେହରେ ୫/୬ ଜଣ ଯୁବକ ସେଠାରେ ପହଞ୍ଚି ଯୁକ୍ତିତର୍କ କରିବା ସହ କିଶୋରଙ୍କ ବାଇକକୁ ଜାଳି ଦେଇଥିଲେ। ଏହାସହ ସଙ୍ଘବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। କିଶୋରଙ୍କ ମୃତ୍ୟୁ ହୋଇଥିବା ଜାଣି ସେମାନେ ଫେରାର ହୋଇଯାଇଥିଲେ। ସୂଚନା ପାଇ କିଶୋରଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ କିଶୋରଙ୍କ ମୃତଦେହ ପଡିଥିବା ବେଳେ ପାଖରେ କିଛି ଠେଙ୍ଗାବାଡି ଓ ପୋଡି ଯାଇଥିବା ବାଇକକୁ ଦେଖିଥିଲେ। ପରେ ମୃତ କିଶୋରଙ୍କ ପତ୍ନୀ ମାନସୀ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ପୁଲିସ ହତ୍ୟା ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣା ପଡିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତକୁ ଆଗକୁ ବଢ଼ାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ବେଆଇନ ମାଛ ବନ୍ଧ ଯୋଗୁଁ ଜଳପଥ ଅବରୋଧ

# ଶହ ଶହ ଏକର ଚାଷ ଜମିରେ ଫସଲ ନଷ୍ଟ

କୟାଁଗୋଲା,୩।୯ (ସମିସ)



ଯାଜପୁର ଜିଲ୍ଲା ଅଧୀନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ଗରବନ୍ଧ ନାଳରୁ ଗରବନ୍ଧ ଗ୍ରାମ ନିକଟରେ ମାଛ ଧରିବା ପାଇଁ ବେଆଇନ ଭାବେ ନାଳରେ ନିଷ୍କାସିତ ହେଉଥିବା ବନ୍ୟା ଓ ବର୍ଷା ପାଣିକୁ ବନ୍ଧ ବନ୍ଧାଇ ଅଟକ ରଖିବା ଯୋଗୁଁ ଥାଲକୁଡ଼ି, ପାଲଟପୁର ଓ ଜାଫରପୁର ଆଦି ପଞ୍ଚାୟତର ଶହ ଶହ ଏକର ଧାନ ଜମି ପାଣିରେ ବୁଡ଼ି ଧାନ ତଳା ପଚିବାକୁ ଆରମ୍ଭ କଲାଣି। ଯାହା ଫଳରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷ କରଥିବା ଚାଷୀମାନେ ନିଜ ଭାଗ୍ୟକୁ ଦୋଷ ଦେଉଛନ୍ତି। ଚଳିତ ବର୍ଷା ଋତୁରେ ବୈତରଣୀ ଓ ଏହାର ଶାଖା ନଦୀରେ ୫ ଥର ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବନ୍ୟା ଛାଡିଥିଲେ ମଧ ବାରମ୍ବାର ବର୍ଷା ଯୋଗୁଁ ଚାଷଜମିରେ ଜମି ରହୁଥିବା ବର୍ଷା ଜଳ ଜଳପଥ ଅବରୋଧ ଯୋଗୁଁ ନିଷ୍କାସନ ହୋଇପାରୁନି। ଏହି ୩ ଗୋଟି ପଞ୍ଚାୟତବାସୀ ନିର୍ଭର କରୁଥିବା ବାଉତରା ପାଟରେ ଆଣ୍ଠୁଏରୁ ଉର୍ଦ୍ଧ୍ୱ ପାଣି ଜମି ରହୁଥିବାରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ବିଶେଷ କରି ଗରବନ୍ଧ ନାଳରେ ଏକାଧିକ ମାଛ ବନ୍ଧ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗରବନ୍ଧ ନିକଟରେ ନିର୍ମାଣ ହେଉଥିବା ସେତୁ ଓ ଏହାର ବାଇପାସ୍ ରାସ୍ତା ଯୋଗୁଁ ଜଳ ନିଷ୍କାସନରେ ସମସ୍ୟ ସୃଷ୍ଟି ହେଉଛି। ଏହା ବ୍ୟତୀତ ଗରବନ୍ଧ ନାଳରେ ଥିବା ମୋଟ ୪ଟି ସ୍ଲୁଇସ ଗେଟ ମଧ୍ୟରୁ ୨ଟି ଗେଟ କାମ କରୁ ନଥିବାରୁ ଜଳ ପ୍ରବାହ ମଧ କାମୁଥିବାର ଦେଖାଯାଇ ଆଜି ବହୁ ସଂଖ୍ୟାରେ ଚାଷୀ ଏ ସମ୍ପର୍କରେ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ଅବଗତ କରିଥିଲେ। ଅଭିଯୋଗ ପାଇବା ପରେ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ଜ୍ୟୋତି ପ୍ରବର୍ତ୍ତିକା ପରିଡା ଓ ଚନ୍ଦନ ତରାଇ ପ୍ରମୁଖ ମଙ୍ଗଳପୁର ପୁଲିସ ସହାୟତାରେ ଗରବନ୍ଧ ଗ୍ରାମରେ ପହଞ୍ଚି ଅଭିଯୋଗ ସମ୍ପର୍କରେ ତଦନ୍ତ କରିବା ସହିତ ଆସନ୍ତାକାଲି ସୁଦ୍ଧା ନାଳରୁ ଅବରୋଧ ହଟାଇବା ନିମନ୍ତେ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଥାଲକୁଡ଼ି ଓ ପାଲଟପୁର ପଞ୍ଚାୟତର ବହୁ ଚାଷୀ ଭାଗୀରଥି ମଲ୍ଲିକ, ଉମେଶ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ, ନାଗେଶ୍ୱର ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ମହେଶ୍ୱର ମଲ୍ଲିକ, ଉପେନ୍ଦ୍ର ମଲ୍ଲିକ, ଅମର ମଲ୍ଲିକ ଓ ରତ୍ନାକର ମଲ୍ଲିକଙ୍କ ନେତୃତ୍ୱରେ ଘଟଣସ୍ଥଳରେ ଉପସ୍ଥିତ ରହି ତୁରନ୍ତ ଜଳପଥକୁ ଅବରୋଧ ମୁକ୍ତ ନିମନ୍ତେ ଦାବି ରଖିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଶିକ୍ଷୟିତ୍ରୀ ମନୋନୀତ



ଯଖପୁରା,୩।୯ (ସମିସ): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ଯାଜପୁର ଜିଲ୍ଲାର ୩୫ଜଣ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ଦାନଗଦି ବ୍ଲକର ୫ଜଣ ଶିକ୍ଷକ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲାବେଳେ ପଙ୍କପାଳ ପଞ୍ଚାୟତର ବୀଣାପାଣି ସରକାରୀ ବିଦ୍ୟାପୀଠର ଦୁଇ ଜଣ ଶିକ୍ଷୟିତ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ବୀଣାପାଣି ସରକାରୀ ବିଦ୍ୟାପୀଠର କଳ୍ପନା ସାହୁ ବିଜ୍ଞାନ ବିଷୟରେ ଓ ଶାଶ୍ୱତୀ ଶତପଥି ସାମାଜିକ ବିଜ୍ଞାନରେ ଜିଲ୍ଲାସ୍ତରରେ ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ ଉଭୟଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି।

## ଶିକ୍ଷକ କର୍ମଚାରୀ ସଂଘର ଧାରଣା ଜାରି



ପ୍ରୀତିପୁର,୩।୯ (ସମିସ): ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଧାରଣା ଆଜି ୧୯ ଦିନରେ ପହଞ୍ଚିଛି। ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ କାର୍ଯ୍ୟରତ ୨୫ରୁ ଉର୍ଦ୍ଧ୍ୱ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ୧୯ ଦିନ ଧରି ଧାରଣାରେ ବସିରହିଛନ୍ତି। ସେମାନଙ୍କ ଦାବି ସରକାର ପୂରଣ ନକରିବା ପର୍ଯ୍ୟନ୍ତ ଏହି ଧାରଣା ବଳବତ୍ତର ରହିବ ବୋଲି ଧାରଣାକାରୀମାନେ ସ୍ପଷ୍ଟ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଧାରଣାକାରୀମାନଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ବିଧାୟିକା ତଥା ବିରୋଧିଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କିଛିଦିନ ପୂର୍ବେ ଧାରଣାସ୍ଥଳରେ ପହଞ୍ଚି ନିଜର ସମର୍ଥନ ଜଣାଇଥିବା ବେଳେ ଆଜି ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଧାରଣାକାରୀଙ୍କୁ ନିଜର ସମର୍ଥନ ଜଣାଇବା ସହ ଦୀର୍ଘ ସମୟ ଧାରଣାରେ ସାମିଲ ହୋଇଥିଲେ।

## 'ଆଦି କର୍ମଯୋଗୀ ଅଭିଯାନ'ର କର୍ମଶାଳା ଆରମ୍ଭ



ଯାଜପୁର,୩।୯ (ସମିସ): ଯାଜପୁର ଜିଲ୍ଲାରେ 'ଆଦି କର୍ମଯୋଗୀ ଅଭିଯାନ'ର ତିନି ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ପ୍ରଥମ ଦିନର କାର୍ଯ୍ୟକ୍ରମ ଆଜି ମିଶନ ଶକ୍ତି ଭବନ, ଯାଜପୁର ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ଏଥିରେ ଜିଲ୍ଲାର ୬୭ଟି ଜନଜାତି ବହୁଳ ଗ୍ରାମକୁ ସାମିଲ କରାଯାଇଛି। ଏହି କର୍ମଶାଳାର ପ୍ରଥମ ଦିନରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ କର ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜନଜାତିୟ ଅଞ୍ଚଳରେ ସରକାରୀ ସେବା, ଯୋଜନା ଏବଂ ସୁବିଧାଗୁଡ଼ିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା। ପ୍ରତ୍ୟେକ ପରିବାର, ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସରକାରୀ ଯୋଜନାର ଲାଭ ପହଞ୍ଚାଇବା। ଜନଜାତିୟ ଅଞ୍ଚଳରେ ସାମାଜିକ-ଆର୍ଥିକ ଉନ୍ନତିକୁ ସୁନିଶ୍ଚିତ କରିବା। କ୍ଷେତ୍ରସ୍ତରରେ ସମନ୍ୱୟ ବଢ଼ାଇ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟନ୍ୱୟନ କରିବାକୁ ପଡ଼ିବ। ବ୍ଲକ୍ ମାଷ୍ଟର ଟ୍ରେନର, ଜିଲ୍ଲା ମାଷ୍ଟର ଟ୍ରେନର, ବ୍ଲକ୍ ଏବଂ ଜିଲ୍ଲା ସ୍ତରର ସମସ୍ତ ସହଭାଗୀଙ୍କ ସଂପୂର୍ଣ୍ଣ ସମନ୍ୱୟ ରହିଲେ, ପ୍ରତ୍ୟେକ ଗ୍ରାମକୁ ସମସ୍ତ ପ୍ରକାର ସରକାରୀ ସୁବିଧା ପହଞ୍ଚାଇ ପାରିବା। ପ୍ରତ୍ୟେକ ବ୍ଲକ୍ ମାଷ୍ଟର ଟ୍ରେନର ଓ ଜିଲ୍ଲା ମାଷ୍ଟର ଟ୍ରେନରଙ୍କୁ ସମ୍ପୂର୍ଣ୍ଣ ଜ୍ଞାନ ଓ କୌଶଳ ସହିତ ପ୍ରସ୍ତୁତ କରିବା, ଗ୍ରାମସ୍ତରରେ ଲୋକମାନଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରିବା, ପ୍ରତ୍ୟେକ ପରିବାରର ସମସ୍ୟାଗୁଡ଼ିକୁ ବୁଝି ସମାଧାନ କରିବା, ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମରେ ସେବା କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ ଓ ଜନମୁଖୀ କରିବାକୁ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲ୍ଲାର ପ୍ରତ୍ୟେକ ପରିବାର, ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ମଣିଷ ସରକାରୀ ସେବାରୁ ସର୍ବାଧିକ ଲାଭାନ୍ୱିତ ନହେବ, ସେପର୍ଯ୍ୟନ୍ତ ପ୍ରୟାସ ଜାରି ରହିବ। ଉକ୍ତ କର୍ମଶାଳାରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ କହିଲେ ଆଜିର ଏହି କାର୍ଯ୍ୟକ୍ରମ କେବଳ ଏକ ସାଧାରଣ ପ୍ରଶିକ୍ଷଣ ନୁହେଁ; ଏହା ଜନଜାତିୟ ଅଞ୍ଚଳର ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନର ପଥଚିତ୍ର। ଏହି ଅଭିଯାନର ଲକ୍ଷ୍ୟ କେବଳ ଯୋଜନା ପହଞ୍ଚେ ସୀମିତ ନୁହେଁ। ଏହାର ଉଦ୍ଦେଶ୍ୟ ଜନଜାତିୟ ଅଞ୍ଚଳରେ ସରକାରୀ ସେବାକୁ ପହଞ୍ଚାଇବା। ଗ୍ରାମସ୍ତରରେ ଜନମୁଖୀ ପ୍ରଶାସନକୁ ସ୍ଥାପନ କରିବା। ସମସ୍ତ ସହଭାଗୀମାନଙ୍କୁ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ୍ରେ ଯୋଗଦେଇ ଗ୍ରାମସ୍ତରରେ ପରିବର୍ତ୍ତନର ସୂତ୍ରଧାର ହେବାକୁ, ପ୍ରତ୍ୟେକ ପରିବାରକୁ ସରକାରୀ ସୁବିଧା ପହଞ୍ଚିବାରେ ସହଯୋଗ କରିବାକୁ, ଜନଜାତିୟ ଅଞ୍ଚଳରେ ସଚେତନତା ଓ ଆଶାର ପ୍ରେରକ ହେବାକୁ ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା କର୍ମଶାଳାର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ୮ ଜଣ ବିଡିଓ ସୁକିନ୍ଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ସହକାରୀ ବନ ସଂରକ୍ଷକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ମାଷ୍ଟର ଟ୍ରେନର ଭାବେ ବ୍ଲକ୍ ରୁ ଆସିଥିବା ସମ୍ପ୍ରସାରଣ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଅଳିଆ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ



ଯାଜପୁର,୩।୯ (ସମିସ): ଯାଜପୁର ସହର ଦେଇ ପ୍ରବାହିତ ହୋଇଥିବା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟର ଅନତି ଦୂରରେ ଯାଜପୁର ପୌରପାଳିକା ସହରର ସମସ୍ତ ବର୍ଜ୍ୟବସ୍ତୁକୁ ଆଣି ଜମା କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଭାବେ ପ୍ରଦୂଷଣ ହେଉଥିବା ଅଭିଯୋଗ ହୋଇଛି।। ଏଥିସହ ବିଭିନ୍ନ ଚର୍ମ ରୋଗ ବ୍ୟାପି ସ୍ଥାନୀୟଅଞ୍ଚଳର ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏଠାରେ ବର୍ଜ୍ୟବସ୍ତୁ ନ ଢାଳିବା ପାଇଁ ସ୍ଥାନୀୟ ଅଧିବାସୀ ରାଜନେତା, ଜିଲ୍ଲାପାଳ, ପୌର ପ୍ରଶାସକଙ୍କୁ ଲିଖିତ ଜଣାଇବା ପରେ ମଧ ଫଳ ଶୁନ। ଫଳରେ ବରାହ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଛି। ଗତ ଅଗଷ୍ଟ ମାସ ୮ ତାରିଖ ଦିନ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯାଜପୁର ଗସ୍ତରେ ଆସି ବର୍ଜ୍ୟବସ୍ତୁ ଗଦା ହୋଇଥିବା ଜାଗାକୁ ପରିଦର୍ଶନ ଯାଇ ବୈତରଣୀ ନଦୀକୁ ବର୍ଜ୍ୟବସ୍ତୁ ନ ଛାଡିବା ପାଇଁ ଯାଜପୁର ପୌରପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦ କରି ସ୍ଥାନୀୟ ଗ୍ରାମବାସୀ ଅଳିଆ ବୋଝେଇ ଟ୍ରାକ୍ଟରକୁ ଅଟକାଇବା ସହ ରାସ୍ତା ଅବରୋଧ କରିଥିଲେ। ଏହି ଘଟଣା ଜାଣିବା ପରେ ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀ ସେଠାରେ ଆଉ ବର୍ଜ୍ୟବସ୍ତୁ ପଡିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଗାଡିକୁ ଛାଡିଥିଲେ ଗ୍ରାମବାସୀ।

## ମହିଳାଙ୍କ ମଦ ଦୋକାନ ଉପରେ ଚଢ଼ଉ; ବ୍ରାଉନସୁଗର ଜବତ



ମଙ୍ଗଳପୁର,୩।୯ (ସମିସ): ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ବଡଲାଙ୍ଗ ବଜାରରେ ଥିବା ଏକ ଚୋରା ମଦ ଦୋକାନ ଉପରେ ସ୍ଥାନୀୟ ଅଞ୍ଚଳ ମହିଳା ଚଢ଼ଉ କରିଛନ୍ତି। ସେହି ଦୋକାନରୁ ମଦ ସହିତ ବ୍ରାଉନସୁଗର ମଧ ଜବତ କରାଯାଇଥିବା ଦେଖିବାକୁ ମିଳିଛି। ବଜାରସ୍ତ ପଞ୍ଜାବ ନେସନାଲ ବ୍ୟାଙ୍କ ନିକଟ ଏକ କେବିନରେ ଜୈନିକ ଯୁବକ ଦୀର୍ଘ ଦିନ ଧରି ମଦ ବେପାର କରି ଆସୁଥିଲେ। କେବିନ ଭିତରେ ମଦ ଦୋକାନ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ ଅବକାରୀ ବିଭାଗ ଚୁପ ବସିଥିଲା। ଆଜି ଲଗାଣ ବର୍ଷାରେ ୫୦ଜଣରୁ ଉର୍ଦ୍ଧ୍ୱ ମହିଳା ଭିଜି ଭିଜି ଉକ୍ତ ମଦ ଦୋକାନ ଭାଙ୍ଗିଦେଇଥିଲେ। ଯାହା ଅବକାରୀ ବିଭାଗ କରିପାରିଲା ନାହିଁ ତାହା ମହିଳାମାନେ ଆଜି କରି ଦେଖାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଉକ୍ତ ଚୋରା ମଦ ବ୍ୟବସାୟୀଙ୍କ ଉପରେ ପୁଲିସ ଓ ଅବକାରୀ ବିଭାଗ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛି।

## ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

ବ୍ରହ୍ମବରଦା,୩।୯ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଅବସରପ୍ରାପ୍ତ କିରାଣି ସେକ୍ ସୁଲେମାନ (୮୦)ଙ୍କ ପରଲୋକ ଘଟିଛି। ସେ କିଛିଦିନ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଆଜି ସକାଳୁ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ନେଇଯାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ଫଳରେ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସରଳ, କର୍ତ୍ତବ୍ୟନିଷ୍ଠ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅ, ବୋହୂ, ନାତି, ନାତୁଣୀ ଓ ବନ୍ଧୁବାନ୍ଧବ ଆଦି ଉପସ୍ଥିତ ଥିଲେ। ଏକ ଶୋକାକୁଳ ପରିବେଶରେ ପରିବାର ଓ ଆତ୍ମୀୟ ସ୍ୱଜନ ମାନେ ମସଜିଦ୍ ସମ୍ମୁଖରେ ଜନାଜା ପାଠ ପରେ ତାବୁଦରେ ନିଆଯାଇ ଗାଁ କବରସ୍ଥାନରେ କବର ଦିଆଯାଇଥିଲା।

## ୫ରେ ଓଷ୍ଟାର ଆନ୍ଦୋଳନ




ଯାଜପୁର,୩।୯ (ସମିସ): ଓଡ଼ିଶା ସ୍କୁଲ କଲେଜ ସମନ୍ୱୟ ସମିତି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୫ ତାରିଖ ଦିନ ଆନ୍ଦୋଳନ ପାଇଁ ଜିଲ୍ଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତତ୍ପରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଯାଜପୁର ଜିଲ୍ଲା ସଂଗଠନର ଆବାହକ ପବିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୫ ଦଫା ଦାବି ସମ୍ବଳିତ ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରାଯାଇଥିଲା। ଓଷ୍ଟାର ଦାବି ବିଷୟରେ ସରକାର ତୁରନ୍ତ ପଦକ୍ଷେପ ନନେଲେ ଶିକ୍ଷା କ୍ଷେତ୍ରରେ ଯେଉଁ ଅଚଳାବସ୍ଥା ସୃଷ୍ଟିହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ବରୀ ବ୍ଲକ୍ ସଂପାଦକ ଦିବ୍ୟଲୋଚନ ମହାପାତ୍ର ମତପୋଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଓଷ୍ଟା ପକ୍ଷରୁ ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, ସଂପାଦକ ନିର୍ମଳ କୁମାର ଜେନା, ସଂପାଦିକା ଯୁଗପ୍ରଭା ସାବତ, କାର୍ଯ୍ୟକାରି କମିଟିର ସଦସ୍ୟ ରମେଶ ଚନ୍ଦ୍ର ବେହେରା ଏବଂ ୧୦ଗୋଟି ବ୍ଲକ୍ ସଂଗଠନର ପଦାଧିକାରି ଓ କାର୍ଯ୍ୟକର୍ତାଙ୍କ ସମେତ ବହୁ ସକ୍ରିୟ ସଦସ୍ୟ ଶିକ୍ଷକ , ଶିକ୍ଷିକା ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଟ୍ରକ୍ ମାଲିକ ସଂଘର ବୈଠକ

କାଳିଆପାଣି,୩।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳରେ ଟ୍ରକ୍ ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି ପ୍ରଭାବିତ ଟ୍ରକ୍ ମାଲିକ ସଂଘର ସମ୍ପାଦକ ମାନସ ରଞ୍ଜନ ଭଞ୍ଜ ଓ କୁହିକା ଟ୍ରକ୍ ମାଲିକ ସଙ୍ଘର ସମ୍ପାଦକ ଅରୁଣ ପରିଡାଙ୍କ ତତ୍ତ୍ୱାବଧାନରେ ଖଣି ଅଞ୍ଚଳରର ମାଲିକମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଖଣି ପ୍ରଭାବିତ ଟ୍ରକ୍ ମାଲିକ ମାନେ ଏକଜୁଟ ହୋଇ କାମ କରିବାକୁ ଆଲୋଚନା ହୋଇଥିଲା। ଯେଉଁ ସଂଘ ଦିନେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ଲାଗୁ ହେବାକୁ ଉଚ୍ଚତମ ନ୍ୟାୟାଳୟର ଆଶ୍ରୟ ନେଇଥିଲା ସେହିସଂଘ ଏବେ ନିଜେ ସୁକିନ୍ଦାର ସାମୂହିକ ଟ୍ରକ୍ ମାଲିକ ପାଇଁ ନରମି ଥିବା ଜଳଜଳ ପରିଲକ୍ଷିତ ହୋଇଛି। ପ୍ରଥମ ଥର ପାଇଁ ଖଣି ପ୍ରଭାବିତ ଟ୍ରକ୍ ମାଲିକ ମାନେ ଏକତ୍ରିତ ହେବା ରାଜନୀତି ସମୀକରଣକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି।



# ସୁକିନ୍ଦାରେ ଦନ୍ତା ହାତୀ ଆତଙ୍କ

ସୁକିନ୍ଦା,୩।୯ (ସମିସ): ଗତ କିଛି ଦିନ ହେବ ସୁକିନ୍ଦା ଅଞ୍ଚଳରେ ହାତୀ ଆତଙ୍କ ସୃଷ୍ଟି କରିଛି। ହାତୀଙ୍କ ଭୟରେ ସ୍ଥାନୀୟ ଲୋକେ ରାତି ସାରା ଉଜାଗର ରହିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଅନେକ ଥର ହାତୀ ମାନେ ଧାନ ପାଚିବା ସମୟରେ ସୁକିନ୍ଦା ଆଖପାଖ ଅଞ୍ଚଳରେ ପଶନ୍ତି ବିଲରୁ ଧାନ ଖାଇ ଫେରି ଯାଆନ୍ତି। ଗତ ମଙ୍ଗଳବାର ଦିନ ତିନିଟିକିଆ ହାତୀ ପଲ୍ଲ ଦଲକି, ପୁରୁଣାପାଣି ଗ୍ରାମ ଓ ରାମକି କାରଖାନାରେ ଭଙ୍ଗାରୁଜା କରିବା ପରେ ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ସେମାନଙ୍କୁ ଘଉଡାଇ ଦେଇଥିଲେ। ସେହି ହାତୀପଲ୍ଲ ପୁଣି ମଙ୍ଗଳବାର ରାତିରେ ମଙ୍ଗଳପୁର ପଟୁ ଆସି ସୁକିନ୍ଦା ହନୁମାନ ଛକରେ ଥିବା ଫଳ ଦୋକାନ ଭାଙ୍ଗି କଦଳୀ କାନ୍ଧି ଖାଇବା ପରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପାଚେରୀ ଭାଙ୍ଗି ମୁସଲମାନ ସାହି ଦେଇ ରମେଶ ମିଶ୍ରଙ୍କ ଘର ପାଚେରୀ ଭାଙ୍ଗି ରାସ୍ତାକୁ ଉଠିଥିଲେ।ଏହି ହାତୀ ପଲ୍ଲ ଢେଙ୍କାନାଳ କପିଳାସ ଜଙ୍ଗଲରୁ ଆସିଥିବା ସନ୍ଦେହ କରାଯାଉଛି। ଏହି ଜଙ୍ଗଲି ହାତୀଙ୍କ ମଧ୍ୟରେ ଦୁଇଟି ଦନ୍ତା ହାତୀ ଥିବା ଦେଖିବାକୁ ମିଳିଛି।ଏହି ତିନୋଟି ହାତୀ ତିନି ଦିଗରେ ଯାଇ ଆତଙ୍କ ସୃଷ୍ଟି କରିଥିବା ଜଣାପଡ଼ିଛି। ହାତୀ ପଲ୍ଲ ଆସିଥିବା ଖବର ରାତିରେ ସୋସିଆଲ ମିଡିଆରେ ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ବନବିଭାଗ କର୍ମଚାରୀ ପୋଲିସ ଓ ଅନେକ ଜନସାଧାରଣ ରାତିରେ ଏକତ୍ରିତ ହୋଇ ହାତୀ ଘଉଡାଇବାକୁ ଉଦ୍ୟମ କରିଥିଲେ। ବୁଧବାର ସକାଳୁ ଦୁଇ ହାତୀ ସୁକିନ୍ଦା ଆଦର୍ଶ ବିଦ୍ୟାଳୟ ନିକଟ ଜଙ୍ଗଲରେ ଥିବା ବେଳେ ଅନ୍ୟ ଏକ ହାତୀ ର ପତ୍ତା ମିଳିନାହିଁ। ହାତୀ ପଲ୍ଲଙ୍କୁ ଯଥାଶୀଘ୍ର ଘଉଡାନଗଲେ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ର ସମ୍ଭାବନା ରହିଛି। ବନବିଭାଗ ପକ୍ଷରୁ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି ହେଉଛି।



# ପାନୀୟ ଜଳରୁ ବଞ୍ଚିତ ୩ ଗ୍ରାମବାସୀ

କବାଟବନ୍ଧ,୩।୯ (ସମିସ)

ଧର୍ମଶାଳାରେ ପାନୀୟ ଜଳ ପାଇଁ ୩ଟି ଗ୍ରାମର ଶତାଧିକ ପରିବାରର ହଜାର ହଜାର ଲୋକେ ଅସୁବିଧାରେ ରହିଥିବା ଜଣାପଡ଼ିଛି। ସରକାର ଲୋକ ମାନଙ୍କ ପାଇଁ ନିରବଚ୍ଛିନ୍ନ ଭାବରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ମାତ୍ର ଲଗାତାର ୩ ଦିନ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବାରୁ ବାଧ ହୋଇ ଗ୍ରାମର ଅନେକ ଲୋକମାନେ ପାଣି ପମ୍ପ ଘର ପାଖରେ ପ୍ରତିବାଦ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନ ଗୋବିନ୍ଦପୁର ରଘୁନାଥପୁର ଗ୍ରାମ ନିକଟରେ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ସ୍ଥାନୀୟ ତରାସ, ଗୋବିନ୍ଦପୁର ଏବଂ ରଘୁନାଥପୁର ତିନି ଗୋଟି ଗ୍ରାମକୁ ଜଳ ଯୋଗାଣ ହୋଇଥାଏ। ମାତ୍ର ତିନି ଦିନ ହେଲା ଏହାର ଜଳଯୋଗାଣ ବନ୍ଦ ରହିଛି। ଜଳ ଯୋଗାଣର କାରଣ ଉକ୍ତ ପମ୍ପ ହାଉସକୁ ପରିଚାଳନା ଦାଇତ୍ୱରେ ଥିବା କର୍ମଚାରୀ ତାଙ୍କ ଦରମା ଟଙ୍କା ପାଇ ନାହାଁନ୍ତି ବୋଲି ଜଣାପଡିଛି। ଉକ୍ତ ପ୍ରକଳ୍ପଟି ଅଦ୍ୟାବଧି ପଞ୍ଚାୟତ କାର୍ଯ୍ୟାଳୟ ଅଧୀନକୁ ହସ୍ତାନ୍ତର ହୋଇ ନାହିଁ। ତେଣୁ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଠିକାସଂସ୍ଥା ଦରମା ପ୍ରଦାନ କରିଥାଏ। ବାଧ ହୋଇ ସେ ପମ୍ପକୁ ଚଳାଉ ନାହାଁନ୍ତି। ଅନ୍ୟ ପଟେ ହଜାର ହଜାର ଲୋକ ପାନୀୟ ଜଳ ନ ପାଇ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯାହା ଦ୍ୱାରା ଲୋକ ମାନେ ଖୋଲା କୂଅ, ନଳକୂପର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ବର୍ଷା ଋତୁ ହୋଇଥିବାରୁ ଖୋଲା କୂଅରେ ବର୍ଷା ପାଣି ମିଶି ଏହାକୁ ସାଧାରଣ ଭାବେ ଦୂଷିତ କରିଥାଏ। ଏହାକୁ ପାନୀୟ ଜଳ ଭାବରେ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେବାରୁ ଯଥେଷ୍ଟ ସମ୍ଭାବନା ରହିଛି। ଗ୍ରାମବାସୀ ୩ ଦିନ ପର୍ଯ୍ୟନ୍ତ ଅପେକ୍ଷା କରି ବୁଧବାର ପୂର୍ବାହ୍ନରେ ପମ୍ପ ହାଉସ ନିକଟରେ ପ୍ରତିବାଦ କରି ତୁରନ୍ତ ପାନୀୟ ଜଳ ଯୋଗାଣକୁ ଚାଲୁ କରିବା ପାଇଁ ଦାବି କରିଥିଲେ। ଗ୍ରାମର ଏସ୍‌କେ ସେହେର, ଏସ୍‌କେ ଗୋଲାପ, ଏସ୍‌କେ ମନତ, ଜଟାଧାରୀ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ଏସ୍‌କେ ଅକିଲ, ଏସ୍‌କେ ରାଜୁ, ଏସ୍‌କେ ବାଦଲ, ଏସ୍‌କେ ସୁଲତାନ, ଏସ୍‌କେ ହବିବୁଲ ରେହେମାନ, ଏସ୍‌କେ ମନିରୁଦ୍ଦିନ, ଏସ୍‌କେ ମୁସରଫଙ୍କ ସମେତ ବହୁ ଗ୍ରାମବାସୀ ଉକ୍ତ ଜଳ ଯୋଗାଣ ପମ୍ପ ନିକଟରେ ରହି ପ୍ରତିବାଦ କରିଥିଲେ। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ମଙ୍ଗଳବାର ଯୋଗାଯୋଗ କରାଯାଇଥିଲା ଏବଂ ବୁଧବାର ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବୁଧବାର ପାଣି ନ ପାଇବାରୁ ଲୋକ ମାନେ ଏହି ପ୍ରତିବାଦ କରିଥିଲେ।



## ବିଦ୍ୟାଳୟରୁ ଚୋରି ଅଭିଯୋଗ

ବଇଣ୍ଡା,୩।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବଇଁରନାଳୀ ସରକାରୀ ବିଦ୍ୟାଳୟର ତାଲା ଭାଙ୍ଗି ଚୋରି ହୋଇଯାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳର ଦୁଇ ଯୁବକ ବିଦ୍ୟାଳୟରେ ଲାଗିଥିବା ଇନଭର୍ଟର ସହ ବ୍ୟାଟେରି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୩।୯ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଭାଗୀରଥିପୁର ଗ୍ରାମର ପ୍ରତାପ ଭୋଇଙ୍କୁ ସେହି ଗ୍ରାମର ପିଣ୍ଟୁ ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରତାପ ତାଙ୍କ ଜମିରେ ସାର ପକାଇ ଘରକୁ ଫେରୁଥିବା ବେଳେ କୌଣସି କାରଣ ନ ଥାଇ ପିଣ୍ଟୁ ତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତାପ ପ୍ରତିବାଦ କରିବାରୁ ପିଣ୍ଟୁ ଧରିଥିବା ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରତାପଙ୍କ ମୁଣ୍ଡ ଫାଟିଯାଇଛି। ସେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସା ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପିଣ୍ଟୁ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପ୍ରତାପ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଆଉଏକ ମାମଲା ରୁଜୁ କରିଛି।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୩।୯ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ହଣ୍ଡପା ଅଞ୍ଚଳର ଦୀପା ବେହେରା ଓ ତାଙ୍କ ସ୍ୱାମୀ ଗିରୀଶ ବେହେରାଙ୍କୁ ସେହି ଅଞ୍ଚଳର ପ୍ରମୋଦ କୁମାର ବେହେରା ମାଡ଼ ମାରିଥିବା ମଙ୍ଗଳବାର ଦୀପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରୀଶ ପୂଜା ଭସାଣିରେ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ପ୍ରମୋଦ ତାଙ୍କୁ ମାଡ଼ ମାରିଥିଲେ। ଦୀପା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ଅନୁଗୋଳରେ ଗଣେଶ ପୂଜା ଭସାଣି ଯାତ୍ରା










### ଡିଜେ କଟକଣାକୁ ବେଖାତିର, କମ୍ପିଲା ସହର

ଅନୁଗୋଳ,୩।୯ (ସମିସ): ଅଗ୍ରପୂଜ୍ୟଙ୍କୁ ଯେମିତି ଆଡ଼ମ୍ବର ସହକାରେ ପୂଜା ମଣ୍ଡପରେ ବିରାଜମାନ କରାଯାଇଥିଲା ଠିକ୍ ସେମିତି ଭାବୋଦ୍ଦୀପକ ଢଙ୍ଗରେ ମେଲାଣି ଦେଇଛନ୍ତି ସହରବାସୀ। ପାରମ୍ପରିକ ଲୋକବାଦ୍ୟ, ଲୋକନୃତ୍ୟ, ଲୋକସଙ୍ଗୀତ, ସଂକୀର୍ତ୍ତନର ତାଳେତାଳେ ଶ୍ରୀଗଣେଶ ବାହୁଡ଼ିଥିବା ବେଳେ ବିଦାୟ ବେଳା ସୃଷ୍ଟି କରିଥିଲା ଭାବବିହ୍ୱଳ ପରିବେଶ। ଶେଷ ହୋଇଛି ଅନୁଗୋଳରେ ଗଜାନନଙ୍କ ପୂଜା ସମାରୋହ। ମଣ୍ଡପରେ ସପ୍ତାହ ବ୍ୟାପୀ ପୂଜା ପରେ ବୁଧବାର ବିଦାୟ ନେଇଛନ୍ତି ଗଜାନନ। ଭସାଣି ଶୋଭାଯାତ୍ରା ଆରମ୍ଭରେ ଝିପିଝିପି ବର୍ଷା ତଥା ପ୍ରତିକୂଳ ପାଗ କିଛିମାତ୍ରାରେ ଶ୍ରଦ୍ଧାଳୁଙ୍କୁ ନିରାଶ କରିଥିଲେ ବି ଭିଜି ଭିଜି ଗଜାନନଙ୍କ ମେଲାଣି ଯାତ୍ରା ଆରମ୍ଭ କରିଥିଲେ। ମୋଟ ୧୪ଟି ପୂଜା ପ୍ରତିଷ୍ଠାନର ମେଢ଼ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ନ ୩ଟାରେ ସମସ୍ତ ମେଢ଼ ନିଜ ନିଜ ମଣ୍ଡପରୁ ବାହାରି ଥାନା ଛକରେ ପହଞ୍ଚିଥିଲେ। ସେଠାରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭସାଣି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଏଥିରେ ଜିଲ୍ଲାସ୍ତରୀୟ ସମସ୍ତ ପ୍ରଶାସନିକ ଅଧିକାରୀ ସମେତ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ରାଜ୍ୟ ତଥା ରାଜ୍ୟ ବାହାର ନୃତ୍ୟ, ବାଜା ଦର୍ଶକଙ୍କ ମନ ଜିଣିଥିଲା। ଟ୍ରେଲର ଗାଡ଼ିରେ ସୁସଜ୍ଜିତ ମେଢ଼ ସହ ଘଣ୍ଟବାଦ୍ୟ, ଲଉଡ଼ି ଖେଳ, ପାରମ୍ପରିକ ନୃତ୍ୟ ଆଦି ବେଶ୍ ଆକର୍ଷଣୀୟ ହୋଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ତୁରଙ୍ଗ ଗଣେଶ ପୂଜା କମିଟି, ଇନ୍ଦିରା କ୍ଲବ, ଗାନ୍ଧୀ କ୍ଲବ, ଇନକ୍ୟୁ ୟୁଥ କ୍ଲବ, ତୋଫାନ କ୍ଲବ ସମେତ ୧୪ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥରେ ଭସାଣି ଶୋଭାଯାତ୍ରା ଚାଲିଥିଲା। ଏ ନେଇ ରାଜପଥରେ ଉପୁଜିଥିବା ଟ୍ରାଫିକ ସମସ୍ୟାକୁ ଅନୁଗୋଳ ଥାନା ପୁଲିସ ନିୟନ୍ତ୍ରଣ କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଗଠନ ହୋଇଥିଲା। ତେବେ ଡିଜେ ସାଉଣ୍ଡରେ କମ୍ପିଉଠିଥିଲା ଅନୁଗୋଳ ସହର। ଡିଜେ କଟକଣାକୁ ସମସ୍ତ ପୂଜା କମିଟି ବେଖାତିର କରି ଉଚ୍ଚ ଶବ୍ଦରେ ବଜାଇଥିଲେ।

## ଜିଲ୍ଲା ସଦର ମହକୁମାଠାରୁ ୬କିମି ଦୂରକୁ ଛୁଇଁନି ବିକାଶ



### ଗାଁକୁ ରାସ୍ତା ନାହିଁ, ନଈନାଳ ପାର୍ ହେଲେ ଜୀବନଜୀବିକା

### ଆଣ୍ଠୁଏ ପାଣିରେ ପଶି ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ରଛାତ୍ରୀ

ଅନୁଗୋଳ,୩।୯ (ସମିସ): ସାଧାରଣ ଲୋକଙ୍କ ଜୀବନଯାପନ ପ୍ରଣାଳୀର ମାନଦଣ୍ଡକୁ ଆଧାର କରି ବିକାଶର ମୂଲ୍ୟାୟନ କରାଯାଉଥିବା ବେଳେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପରଙ୍ଗ ପଞ୍ଚାୟତର ମୁକୁନ୍ଦପୁର ଗ୍ରାମବାସୀଙ୍କ କ୍ଷେତ୍ରରେ ଏହା ଉପହାସ ପାଲଟିଛି। ଏଠି ସର୍ବନିମ୍ନ ସୁବିଧା ଗାଁକୁ ସଂଯୋଗୀକରଣ ରାସ୍ତା ଖଣ୍ଡେ ନାହିଁ। ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଅନୁଗୋଳ ଜିଲ୍ଲା ସଦର ମହକୁମାଠାରୁ ୬ କିମି ଦୂର ଏହି ଗାଁରେ ଆଜିପର୍ଯ୍ୟନ୍ତ ବିକାଶ ପହଞ୍ଚି ପାରିନି।

ଉକ୍ତ ଗ୍ରାମକୁ କୌଣସି ଦିଗରୁ ସବୁଦିନିଆ ରାସ୍ତାଟିଏ ନାହିଁ। ଯଦିଓ ଏହି ପରଙ୍ଗ ପଞ୍ଚାୟତରେ ରହିଛି ତଥାପି ଗ୍ରାମବାସୀ ନିଜ ଦୈନନ୍ଦିନ କାର୍ଯ୍ୟ ପାଇଁ ପାଇଁ ନିକଟତମ ଗାଁ ବେଡ଼ାସର ଉପରେ ନିର୍ଭର କରନ୍ତି। ଅନୁଗୋଳ ଆସିବା ପାଇଁ ଲୋକଙ୍କୁ ଗାଁ ମୁଣ୍ଡ ଦୁରିଆ ନାଳ ପାର ହେବାକୁ ପଡ଼େ। ଡେରଜାଙ୍ଗ ଡ୍ୟାମଠାରୁ ଚିରସ୍ରୋତା ଦୁଇଟି ନାଳ ବେଡ଼ାସରଠାରେ ମିଶ୍ରଣ ହୋଇ କୁଇଓ ନାଳ ଭାବେ ତଳକୁ ବହିଯାଇଛି। ମୁକୁନ୍ଦପୁର ଗ୍ରାମର ପ୍ରାୟ ୭୦ ପରିବାର ଲୋକ ଦୈନନ୍ଦିନ ଚଳଣି ପାଇଁ ହେଉ ଅବା ଜୀବନଜୀବିକା ପାଇଁ ଅଥବା ସହର ବଜାର, ଅଫିସ ଯିବାକୁ ଏହି ନାଳ ପାର ହେବାକୁ ପଡ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ପ୍ରାଥମିକ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ସବୁଦିନ ଆଣ୍ଠୁଏ ପାଣିରେ ପଶି ଏହି ନାଳ ପାର ହୋଇଥାନ୍ତି।

ବର୍ଷାଦିନେ ନାଳରେ ବଢ଼ି ପାଣି ଆସିଲେ ସେ ଦିନ ସ୍କୁଲ ଯିବା ସମ୍ଭବ ହେଉନାହିଁ। ସେଥିପାଇଁ ଗ୍ରାମର ଟିକେ ସ୍ୱଚ୍ଛଳ ବର୍ଗ ପିଲାମାନେ ସହରରେ ରହି ପାଠ ପଢ଼ିବା ସୁବିଧା ପାଉଥିବା ବେଳେ ଗରିବ ପିଲାମାନେ ପାଠ ଛାଡ଼ିବାକୁ ବାଧ୍ୟ ହୁଅନ୍ତି। ଆଉ କିଛି ମେଧାବୀ ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ନଈନାଳ ପାର ହୋଇ ନିକଟସ୍ଥ ବେଡ଼ାସର ଗାଁ ହାଇସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି।

## ତାଳଚେର ମେଡିକାଲ କଲେଜରେ ଚଳିତ ବର୍ଷରୁ ନାମଲେଖା

ଅନୁଗୋଳ,୩।୯ (ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତ ବର୍ଷଠାରୁ ୧୦୦ ସିଟ୍‌ରେ ନାମଲେଖା ହେବ ବୋଲି ମଙ୍ଗଳବାର ଜାତୀୟ ମେଡିକାଲ କମିଶନ ଜଣାଇଛନ୍ତି। ଏହାକୁ ନେଇ ସମଗ୍ର ଅନୁଗୋଳ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜମି, କ୍ୟାମ୍ପସ, ମେଡିକାଲ ଏବଂ ମେଡିକାଲ କଲେଜ ୫ ବର୍ଷ ଚଳାଇବାର ସମସ୍ତ ବ୍ୟୟ ମୋଟାମୋଟି ୧୭୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଏମସିଏଲ ଦ୍ୱାରା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଅଞ୍ଚଳର ସାଂସଦ ଥିବା ବେଳେ ତାଳଚେରରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପରେ ସେ କେନ୍ଦ୍ରରେ ମନ୍ତ୍ରୀ ହେବା ପରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟ ଶୁଭାରମ୍ଭଠାରୁ କଲେଜ କ୍ୟାମ୍ପସର ଉଦଘାଟନ, ମେଡିକାଲ କଲେଜ ରାଜ୍ୟ ସରକାର ଚଳାଇବା ପର୍ଯ୍ୟନ୍ତ ଏବଂ ମେଡିକାଲ କଲେଜରେ ନାମଲେଖା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କ ପ୍ରଚେଷ୍ଟାରେ ସାକାର ହୋଇଛି। ତାଳଚେର ମେଡିକାଲ କଲେଜ ଆରମ୍ଭ ହେବା ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ମାଝି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦୀ ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ କୃତଜ୍ଞତା ଜଣାଇଛନ୍ତି।

## ଗଜାନନଙ୍କ ମେଲଣ ଉତ୍ସବ ଓ ଆଣ୍ଠାଲଡ୍ଡୁ ନିଲାମ



ଛେଣ୍ଡିପଦା,୩।୯ (ସମିସ): ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମରେ ପ୍ରଭୁ ଗଜାନନଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।

ଗ୍ରାମରେ ୭ଟି ମେଢ଼କୁ ନେଇ ଭସାଣି ଶୋଭାଯାତ୍ରା ହୋଇଥିଲା। ଅପରାହ୍ନ ୩ଟାରେ ଗ୍ରାମର ବନ୍ଧସାହିରୁ ଶୋଭାଯାତ୍ରା ବାହାରି ସନ୍ଧ୍ୟା ୬ଟାରେ ସମସ୍ତ ମେଢ଼ ମେଲଣ ପଡ଼ିଆକୁ ଆସିବା ପରେ ଶ୍ରୀଗଣେଶଙ୍କ ଆଣ୍ଠାଲଡ୍ଡୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଣ୍ଠାଲଡ୍ଡୁକୁ ଗ୍ରାମର ବରମୁଣ୍ଡା ଗଣେଶ ପୂଜା କମିଟି ୬୦,୫୦୦ ଟଙ୍କାରେ ନିଲାମ ନେଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ, ସମିତି ସଭ୍ୟା ମୀନତି ସାହୁ, ଗ୍ରାମ ସଭାପତି ରବୀନ୍ଦ୍ର ପ୍ରଧାନ, ସମ୍ପାଦକ କାଳୀଚରଣ ବେହେରା, ହେଡ୍ ବେହେରା, କନ୍ଦର୍ପ ପ୍ରଧାନ, ସରୋଜ କୁମାର ଲେଙ୍କା, ମେଲଣ କମିଟି ସଭାପତି ବିକାଶ ପ୍ରଧାନ ଏବଂ ସମ୍ପାଦକ ଚେତନ ସାହୁ ଯୋଗଦେଇଥିଲେ।

ସୁନୀଲ ନାଏକ, ଗୋପବନ୍ଧୁ ସାହୁ, ରାମଚନ୍ଦ୍ର ସାହୁ, ଲିକୁନ୍ ସାହୁ, ସୌମ୍ୟରଞ୍ଜନ ସାହୁ, କେଶବାନନ୍ଦ ସାହୁ, ସିପୁନ ଦେହୁରୀ, କାହ୍ନା ସାହୁ, ସିପୁନ ପ୍ରଧାନ, ପୁଷ୍ପରାଜ ପ୍ରଧାନ, ସଂଗ୍ରାମ କେଶରୀ ପ୍ରଧାନ, ଶୁଭମ ପ୍ରଧାନ, ସିଦ୍ଧାନ୍ତ ବେହେରା, ନଗେନ ସାହୁ, ସୁଶାନ୍ତ ପ୍ରଧାନ, ଜଳିଆ ଗୋଚ୍ଛାୟତ, ନାରାୟଣ ଗୋଚ୍ଛାୟତ, ବାଇଧର ନାଏକ, ସୁଶାନ୍ତ ନାଏକ ଏବଂ ସମସ୍ତ କମିଟିର ସଭାପତି ଏବଂ ସମ୍ପାଦକ ମେଲଣକୁ ପରିଚାଳନା କରିଥିଲେ।

## ନୁନକାପଶି ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୩।୯ (ସମିସ): କିଶୋରନଗର ବ୍ଲକ ନୁନକାପଶି ପଞ୍ଚାୟତରେ ଜନଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗ ଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ଦୀପ୍ତିମୟୀ ସାହୁ, ଜିପିଡିଓ ସତ୍ୟପ୍ରିୟ ସାହୁ, ବିଏସଏସଓ ଝସକେତନ ସାହୁ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଭିଏଡବ୍ଲ୍ୟୁ ଜନନୀ ପ୍ରଧାନ, ଏଏଚଓ ବିସ୍ମୟ ମେହେର, ବିଏଲସି ଓଏଲଏମ ସାଗରକାନ୍ତ ରାଉତ, ଏବିଇଓ ଲକ୍ଷଣ ଦେହୁରୀ, ବିପିସି ସୌମ୍ୟରଞ୍ଜନ ପ୍ରଧାନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ■ ମେଡିକାଲ କଲେଜରେ ସିଟ୍ ଅନୁମୋଦନ

## ସରକାରଙ୍କୁ କୃତଜ୍ଞତା ଜଣାଇଲେ ସ୍ୱେଚ୍ଛାସେବୀ



ଅନୁଗୋଳ,୩।୯ (ସମିସ): ତାଳଚେର ମେଡିକାଲ କଲେଜ୍‌କୁ ବିଧିବଦ୍ଧ ଅନୁମୋଦନ ମିଳିଥିବାରୁ ଅନୁଗୋଳ ସ୍ୱେଚ୍ଛାସେବୀଙ୍କ ତରଫରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଅନୁଗୋଳ ଜିଲ୍ଲାବାସୀ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଥିଲା। ଏ ନେଇ ଅତୀତରେ ଅନେକ ଆନ୍ଦୋଳନ, ବନ୍ଦ ଡାକରା ଦିଆଯାଇଥିଲା। ଶେଷରେ କେନ୍ଦ୍ର ସରକାରଙ୍କ ସହଯୋଗ ଓ ରାଜ୍ୟ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ସହ ଅନୁଗୋଳ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୋଗୁଁ ଏହା ସାକାର ହୋଇପାରିଛି। ଏ ନେଇ ସ୍ୱେଚ୍ଛାସେବୀମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ବୁଧବାର ଏକ ଧନ୍ୟବାଦ ବାର୍ତ୍ତା ପ୍ରଦାନ କରାଯାଇଛି। ତାଳଚେର ଅଞ୍ଚଳର ବରପୁତ୍ର ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏହି ମେଡିକାଲ କଲେଜର ନାମକରଣ କରାଯାଇଛି। କଲେଜର ଉତ୍ତରୋତ୍ତର ଉନ୍ନତି କାମନା ସହ ଉତ୍ତମ ଚିକିତ୍ସା ଓ ସୁପରିଚାଳନା ନିମନ୍ତେ ସ୍ୱେଚ୍ଛାସେବୀଙ୍କ ତରଫରୁ ଅନୁରୋଧ କରାଯାଇଛି। ଏହି ସମୟରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର, ଆଦ୍ୟଶ୍ଳୋକ ମିଶ୍ର, ଜୟନ୍ତ କର, ବିଶ୍ୱଜିତ୍ ବିଶ୍ୱାଳ, ରୁକେସ୍ ରୋଶନ୍ ଦାସ ଓ ପର୍ଶୁରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଞ୍ଚଲ୍ୟକର ପୂର୍ବକ କୋଇଲା ପରିବହନରେ ହେରଫେର

ତାଳଚେର,୩।୯ (ସମିସ)



### ରାକେଟ ସକ୍ରିୟ: ଟ୍ରକ ମାଲିକ ସଂଘ ଚୁପ୍

ତାଳଚେର ଅଞ୍ଚଳରେ ଥିବା କୋଇଲା ଖଣିଗୁଡ଼ିକରୁ ଟ୍ରକ ମାଧ୍ୟମରେ ରାଜ୍ୟର ବିଭିନ୍ନ କଳକାରଖାନାକୁ କୋଇଲା ପରିବହନ ହୋଇଥାଏ। ଖଣିଗୁଡ଼ିକରେ କିପରି ସୁରୁଖୁରୁରେ କୋଇଲା ପରିବହନ ହେବ ସେ ନେଇ ପ୍ରଶାସନ ଦ୍ୱାରା ଫାଷ୍ଟ କମ ଫାଷ୍ଟ ସର୍ଭିସ ନିୟମ ପ୍ରଚଳିତ ହୋଇଛି। ପ୍ରଥମେ ତାଳଚେର ଟ୍ରକ ମାଲିକ ସଂଘର ଟ୍ରକଗୁଡ଼ିକୁ ଲୋଡିଂ ଦିଆଯିବ ଓ ପରେ ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ କ୍ରମାନ୍ୱୟରେ ଦିଆଯିବା ବ୍ୟବସ୍ଥା ରହିଛି। କିନ୍ତୁ ମାଲିକମାନଙ୍କ ଅଭିଯୋଗ ଅନୁଯାୟୀ ଲିଙ୍ଗରାଜ ସେକ୍ଟର ଖଣି କର୍ତ୍ତୃପକ୍ଷ ନିୟମକୁ ପାଳନ ନ କରି ସମସ୍ତ ଟ୍ରକକୁ ଗୋଟିଏ ଲାଇନରେ ଠିଆ କରି ଲୋଡିଂ ଦେଉଛନ୍ତି। ଫଳରେ କିଛି ବାହାର ଅଞ୍ଚଳ ଟ୍ରକ କୋଇଲା ପରିବହନ କ୍ଷେତ୍ରରେ ହେରଫେର କରୁଥିବା ଦେଖିବାକୁ ମିଳିଛି।

ଲିଙ୍ଗରାଜ କୋଇଲା ଖଣିରୁ ଓଡି୩୫-ଇ୬୪୨୫ ନମ୍ବର ବିଶିଷ୍ଟ ବାହାର ଅଞ୍ଚଳର ଟ୍ରକ ସିରିଏଲ ଟୋକନ ଓ ଡିଓ ଧରି ଜିଏମ୍‌ଆର୍ ପ୍ଲାଣ୍ଟକୁ ଲୋଡିଂ ନେବା ପାଇଁ ଖଣି ଭିତରକୁ ପ୍ରବେଶ କରି କୋଇଲା ଲୋଡିଂ କରି ଟିପି ପାଇସାରିଲା ପରେ ବ୍ରଜକିଶୋର ସ୍ୱାଇଁ ନାମକ ଡ୍ରାଇଭର ପରିବହନ ସଂସ୍ଥାଠୁ ଚାଲାଣ କାଟି ଲିଙ୍ଗରାଜ ଗେଟରୁ ଆଉଟ କରି ଜିଏମ୍‌ଆର୍ ପ୍ଲାଣ୍ଟ ଯିବା ପରିବର୍ତ୍ତେ ସେହି କୋଇଲାକୁ ଅନ୍ୟତ୍ର ବିକ୍ରି କରି ସେଠାରୁ ଅଲଚର୍ ଗୁଣ୍ଡ ଧରି ପରେ ଜିଏମ୍‌ଆର୍ ପ୍ଲାଣ୍ଟକୁ ଗୋଟିଏ ଦିନ ପରେ ଅନଲୋଡିଂ କରିବା ଲାଗି ପ୍ଲାଣ୍ଟ ଭିତରକୁ ପ୍ରବେଶ କରିଥିଲା। ତେବେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଏହି କୋଇଲା ଟ୍ରକ ପ୍ରତି ସନ୍ଦେହ ସୃଷ୍ଟି ହେବାରୁ ତାହାକୁ ଅଟକ ରଖି ଜେସିବି ଦ୍ୱାରା ଅନଲୋଡିଂ କରିବା ସମୟରେ ସେହି ଟ୍ରକରୁ ଅଲଚର ଗୁଣ୍ଡ ବାହାରିଥିଲା। ପ୍ଲାଣ୍ଟ କର୍ତ୍ତୃପକ୍ଷ ତୁରନ୍ତ ପରିବହନ ସଂସ୍ଥା ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହି ଘଟଣାକୁ ନେଇ ପରିବହନ ସଂସ୍ଥା ମାଲିକଙ୍କୁ ଆମ ପ୍ରତିନିଧି ଫୋନ ଯୋଗେ ପଚାରିବାରୁ ସେ କହିଥିଲେ ଆମେ ଡ୍ରାଇଭର ଓ ଟ୍ରକ ମାଲିକ ନାମରେ ଥାନାରେ ଏଫଆଇଆର କରିଛୁ। ଲିଙ୍ଗରାଜ ସେକ୍ଟରରେ ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ ଆଣି ଏଠାରେ କିଛି ଦଲାଲ କୋଇଲା ଲୋଡିଂ କରି ଏପରି ହେରଫେର କରୁଛନ୍ତି। ଏଥିରେ ଏକ ବଡ଼ ରାକେଟ କାମ କରୁଛି। ଯଦି ଏହାର ତଦନ୍ତ କରାଯାଏ ତେବେ ଏହି କୋଇଲା ଚୋର ରାକେଟ ନିଶ୍ଚିତ ଧରାପଡ଼ିବ। ଯଦି ଏପରି ହେରଫେର ଚାଲେ ଲିଙ୍ଗରାଜ ସେକ୍ଟରକୁ ବିଭିନ୍ନ କଳକାରଖାନାରୁ କୋଇଲା ଅର୍ଡର ଆସିବା ବନ୍ଦ ହୋଇଯିବ ବୋଲି ସେ ପ୍ରକାଶ କରିଥିଲେ।

ସଂଘ ସଭ୍ୟ ଟ୍ରକଗୁଡ଼ିକ ପ୍ରଥମେ ଲୋଡିଂ ପାଇବେ ଓ ବାହାର ଅଞ୍ଚଳ ଟ୍ରକକୁ ସଂଘ ଯାଞ୍ଚ କରି ପରେ ଲୋଡିଂ ପାଇବେ ବୋଲି ନିୟମ ରହିଛି। ତାଳଚେର ଟ୍ରକ ମାଲିକ ସଂଘ ଏହି ବାହାର ଅଞ୍ଚଳ ଟ୍ରକଗୁଡ଼ିକୁ ଯାଞ୍ଚ କରୁନାହିଁ ଯାଦ୍ୱାରା ଖଣି କର୍ତ୍ତୃପକ୍ଷ ମଧ୍ୟ ଏହି ବାହର ଅଞ୍ଚଳ ଟ୍ରକଗୁଡ଼ିକୁ ଲୋଡିଂ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ନଚେତ ଏପରି ଘଟଣା ଘଟନ୍ତା ନାହିଁ ବୋଲି ସଂଘ ଟ୍ରକ ମାଲିକମାନେ ପ୍ରକାଶ କରିଛନ୍ତି।

## ମାମୁଭଣଜା ଠାକୁରଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୩।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଶିମିଳିପାଳ ପଞ୍ଚାୟତ କାଠପାଳ ଗାଁ ନିକଟରେ ଥିବା ମାମୁଭଣଜା ଠାକୁରଙ୍କ ବାର୍ଷିକ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଛି। ବହୁ ଦୂରଦୂରାନ୍ତରୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ସଭାପତି ଶରତ କୁମାର ସାହୁ ଓ ସମ୍ପାଦକ କଲ୍ୟାଣ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ହୋଇଥିଲା। ପୂଜକ ଦିବାକର ବାଘଙ୍କ ଦ୍ୱାରା ମାମୁଭଣଜାଙ୍କ ପ୍ରତୀକ ଭାବେ ପଥର ମୂର୍ତ୍ତିକୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ କାଠପାଳ ଅଞ୍ଚଳବାସୀଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପୂଜାରେ କାଠପାଳ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ କର୍ପୋରେଟରଙ୍କ ନାତି ମୃତ

ବ୍ରହ୍ମପୁର,୩।୯ (ସମିସ): ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩୪ନଂ ୱାର୍ଡର କର୍ପୋରେଟର ବି.ପୁଷ୍ପାବତୀ ରାଓଙ୍କ ନାତି ତଥା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାନଗର ଦ୍ୱିତୀୟ ଲାଇନରେ ରହୁଥିବା ପୂର୍ବତନ କର୍ପୋରେଟର ବି ଶ୍ରୀନିବାସ ରାଓଙ୍କ ପୁଅ ବି. ଜ୍ୟୋତି ସ୍ୱରୂପ (୨୪)ଙ୍କ ମୃତ୍ୟୁ ଘଟିଛି। ଏନେଇ ଗୋଶାଣିନୂଆଗାଁ ପୁଲିସ ଏମକେସିଜିରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ପୁଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ଶକ୍ତିନଗର ନିକଟସ୍ଥ ଓମ୍ ବିହାରରେ ଏକ ଆପାର୍ଟମେଣ୍ଟ କାମ ଚାଲିଛି। ଜ୍ୟୋତି ସ୍ୱରୂପ ବୁଧବାର ମଧ୍ୟାହ୍ନରେ ସେଠାରେ ଭାଇବ୍ରେଟ ମେସିନ ଅପରେଟର ଭାବେ କାମ କରୁଥିଲେ। ହଠାତ ବିଦ୍ୟୁତ ଆଘାତରେ ଗୁରୁତର ହୋଇ ପଡିଥିଲେ। ସେଠାରେ କାମ କରୁଥିବା କିଛି ଲୋକ ଜ୍ୟୋତିଙ୍କ ଘରକୁ ଫୋନ କରି ଜଣାଇଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀନିବାସ ବିଏମସିର ପୂର୍ବତନ କର୍ପୋରେଟର ଥିବା ବେଳେ ଏଭଳି ଦୁଃଖଦ ଖବର ଶୁଣି ତାଙ୍କର ସମର୍ଥକ ମାନେ ସେଠାରେ ରୁଣ୍ଡ ହୋଇଥିଲେ। ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ସମେତ ବହୁ କର୍ପୋରେଟର ମେଡ଼ିକାଲରେ ପହଞ୍ଚିଥିଲେ। ଖୋଡ଼ାସିଂ ସ୍ମଶାନରେ ଏକ ଶୋକାକୂଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

# ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା



ବ୍ରହ୍ମପୁର,୩।୯ (ସମିସ): ୨୦୦୮ ମସିହା ପରବର୍ତ୍ତୀ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା ଜାରି ରହିଛି। ରାଜ୍ୟ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟରେ ଏହି ଆନ୍ଦୋଳନ ବଳବତ୍ତର ରହିଛି। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ କ୍ଷେତ୍ରମୋହନ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସାମୂହିକ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ମହାବିଦ୍ୟାଳୟ ସମ୍ମୁଖରେ ସମସ୍ତେ ଧାରଣା ବସିଛନ୍ତି। ଏଥିଦ୍ୱାରା ମହାବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଯେଉଁଦିନ ପର୍ଯ୍ୟନ୍ତ ଅନୁଦାନ ନୀତି ସମ୍ବନ୍ଧୀୟ କୌଣସି ପଦକ୍ଷେପ ନିଆଯାଇନି, ସେତେଦିନ ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ଶତପଥୀ, ସତ୍ୟ ନାରାୟଣ ଚୌଧୁରୀ, ଉତ୍ତମ କୁମାର ନାୟକ, ମନ୍ଦାକିନୀ ନାୟକ, ଜ୍ୟୋତି ପ୍ରସାଦ ସାହୁ, ରବିନ୍ଦ୍ର ସେନାପତି, ଶୁଭଶ୍ରୀ ରଥ, ସନ୍ତୋଷ ସାବତ, କାହ୍ନୁ ଚରଣ ବେହେରା, ପିଣ୍ଟୁ ପ୍ରଧାନ, ବିନୋଦ ଗୌଡ଼, ପ୍ରବୀଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଧାରଣାକୁ ଜାରି ରଖିଛନ୍ତି।

# ଗୋପାଳପୁରରେ ସାଗର କବଚ

ବ୍ରହ୍ମପୁର,୩।୯ (ସମିସ): ଗୋପାଳପୁର ଓ ଆଖପାଖ ଉପକୂଳ ଅଞ୍ଚଳରେ ବେଆଇନ ଅନୁପ୍ରବେଶ ରୋକିବାକୁ ଦୁଇଦିନିଆ ମକ୍‌ଡ୍ରିଲ୍ "ସାଗର କବଚ' ଆରମ୍ଭ ହୋଇଛି। ଏନେଇ ବ୍ରହ୍ମପୁର ଏସ.ପି ଡ଼ା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୨ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛି। ଗୋପାଳପୁର ମୁହାଣଠାରୁ ଧବଳେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ୮ଟି ସ୍ଥାନର ଉପକୂଳରେ ବେଆଇନ ଭାବେ ଉଗ୍ରବାଦୀଙ୍କ ଅନୁପ୍ରବେଶ ରୋକିବାକୁ ନିୟୋଜିତ ହୋଇଛନ୍ତି। ଆଜି ଗୋପାଳପୁର ଥାନା ଅଧିକାରୀଙ୍କ ଏକ ଟିମ୍ ବେଳାଭୂମିରେ ପେଟ୍ରୋଲିଂ କରିବା ସହ ସମୁଦ୍ର ପଟୁ ଆସୁଥିବା ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖିଛନ୍ତି।



## ରାସ୍ତାରୁ ଗୋରୁ ହଟାଇବା ଓ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଉପରେ ବିଏମ୍‌ସିର ଗୁରୁତ୍ୱ

# ରାସ୍ତାକୁ ଗୋରୁ ଛାଡ଼ିଲେ ମାଲିକ ଦେବେ ଜରିମାନା





ବ୍ରହ୍ମପୁର,୩।୯ (ସମିସ):

ରାସ୍ତା ଉପରେ ବୁଲା ଗୋରୁଗାଇ ଓ କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉବାରେ ଲାଗିଛି। ବୁଲା ଗୋରୁଗାଇଙ୍କ ଯୋଗୁଁ ରାସ୍ତା

### ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ଏବିସି' କାର୍ଯ୍ୟକ୍ରମ

### ଖୀଲାପିଙ୍କ ବିରୋଧରେ ନିଆଯିବ ଦୃଢ଼ ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଥିପାଇଁ ବିଗିଡିବାରେ ଲାଗିଛି ସହରର ଟ୍ରାଫିକ ବ୍ୟବସ୍ଥା। ବଢୁଛି ସଡକ ଦୁର୍ଘଟଣା ସଂଖ୍ୟା। ଏଭଳି ସ୍ଥିତକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛି ବିଏମସି। ଏହାର ପ୍ରତିକାର ସ୍ୱରୂପ ବୁଧବାର ମହାନଗର ନିଗମ ପକ୍ଷରୁ ଏକ ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ପଶୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବା ସହ ବୁଲା ଗୋରୁଗାଇଙ୍କୁ ରାସ୍ତାରେ ନଛାଡ଼ିବା ପାଇଁ ସେମାନଙ୍କ ମାଲିକଙ୍କୁ ତାଗିଦ୍ କରିଛନ୍ତି ନିଗମ କର୍ତ୍ତୃପକ୍ଷ। ଏହାକୁ ଖିଲାପ କଲେ ଗୋରୁଗାଇଙ୍କୁ ରାସ୍ତାରୁ ଉଠାଇ ନେଇ କାଞ୍ଜିଆହୁଦା ଠାରେ ରଖାଯିବ ବୋଲି ସ୍ପଷ୍ଟ କରାଯାଇଛି। ୧୫ଦିନ ମଧ୍ୟରେ ସେଠାରୁ ନିଜ ଗୋରୁଗାଇଙ୍କୁ ନେବାପାଇଁ ମାଲିକଙ୍କୁ ୨ହଜାର ଟଙ୍କା ଜରିମାନା ଦେବାକୁ ହେବ। ଅନ୍ୟଥା ଉକ୍ତ ଗୋରୁଗାଇଙ୍କୁ ଗୋଶାଳାକୁ ସବୁଦିନ ପାଇଁ ହସ୍ତାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ବୁଲା କୁକୁରଙ୍କ ପ୍ରାଦୁର୍ଭାବକୁ ରୋକିବା ପାଇଁ ମହାନଗର ନିଗମ ପକ୍ଷରୁ କୁକୁର ଧରିବା ଗାଡ଼ିରେ ସେମାନଙ୍କୁ ଉଠାଇ ନେଇ ପଶୁ ଚିକିତ୍ସାଳୟରେ ଥିବା ଡଗ କେନାଲରେ ରଖି ସେମାନଙ୍କର ବନ୍ଧ୍ୟାକରଣ କରି ପୁଣି ନିଜ ସ୍ଥାନରେ ଛାଡ଼ିଦେବାର ବ୍ୟବସ୍ଥା କରାଯିବ। ଏହି ବନ୍ଧ୍ୟାକରଣ କାର୍ଯ୍ୟ ସପ୍ତାହକୁ ୪ଦିନ ଜାରି ରଖିବା ପାଇଁ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟରେ ଯେକୌଣସି ବ୍ୟକ୍ତି ଖିଲାପ କଲେ ତାଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଆୟୁକ୍ତ ବିଭୁ ପ୍ରସାଦ ମହାପାତ୍ର, କର୍ପୋରେଟର ଟି. କିଶୋର, ସଞ୍ଜିତ କୁମାର ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଡୁଙ୍ଗୁଡୁଙ୍ଗ, କନିଷ୍ଠ ଯନ୍ତ୍ରୀ ସୃତିକା ପାତ୍ର, ସାବିତ୍ରୀ ପାଢ଼ୀ, ବ୍ରହ୍ମପୁର ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ସତ୍ୟ ନାରାୟଣ କର, ଅତିରିକ୍ତ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ବିଶ୍ୱଜିତ ରାଉତ, ଉପଖଣ୍ଡ ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ଅରବିନ୍ଦ ବେହେରା, ଏସପିସିଏ ତଥା ମହାନଗର ନିଗମ ଏବିସି କମିଟି ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ଶ୍ରୀକୃଷ୍ଣ ଗୋଶାଳା ସମ୍ପାଦକ ସୁଶାନ୍ତ ବେହେରା, ପଶୁ ସହାୟିକା ସିଲୁପ୍ରଭା ରଥ, ସମାଜସେବୀ ତଥା ପଶୁପ୍ରେମୀ ଅନିଲ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଭଡ଼ାରେ ନେଇ ଲକ୍ଷାଧିକ ଟଙ୍କା ଠକେଇ; ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩।୯ (ସମିସ): ଏକାଧିକ କାର୍ ମାଲିକଙ୍କ ଗାଡ଼ି ଭଡ଼ାରେ ନେଇ ଏବଂ ବିନା ସମ୍ମତିରେ ବନ୍ଧକ ରଖି ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ କୁକୁଡାଖଣ୍ଡି ସୂର୍ଯ୍ୟନଗରର ଶରତ ଚନ୍ଦ୍ର ତ୍ରିପାଠୀଙ୍କ ପୁଅ ସଂଗ୍ରାମ ତ୍ରିପାଠୀ (୩୪)। ସଂଗ୍ରାମକୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ପୁଲିସ କହିଛି। ପୁଲିସ ଅଭିଯୁକ୍ତଠାରୁ କାର୍ ପଞ୍ଜୀକରଣ ପ୍ରମାଣପତ୍ର, ଭଡ଼ା ଚୁକ୍ତିନାମା ଏବଂ ଆଇଫୋନ ଜବତ କରିଛି। ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅଭିଯୋଗ ପଞ୍ଜୀକରଣ ଏବଂ ସେମାନଙ୍କ ଯାନ ଉଦ୍ଧାର ପାଇଁ ନିକଟସ୍ଥ ପୁଲିସ ଥାନାକୁ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

ସୂଚନା ଅନୁଯାୟୀ, ନୟାଗଡ ଜିଲ୍ଲା ସ୍ୱାଭିମାନ ପ୍ରଧାନ (୨୮) ନାମକ ଜଣେ ଯୁବକ ତାଙ୍କ ମାଁଙ୍କ ନାମରେ ମହିନ୍ଦ୍ରା ଫାଇନାନ୍ସରୁ ଋଣ ନେଇ ଏକ ମାରୁତି ବାଲେନୋ କିଣିଥିଲେ। ସମସ୍ୟା ଯୋଗୁ କିସ୍ତି ଦେଇପାରି ନଥିଲେ। ସେହି ସମୟରେ ବିଶ୍ୱମୋହନ ମହାପାତ୍ର ନାମକ ଜଣେ ବ୍ୟକ୍ତି ସ୍ୱାଭିମାନଙ୍କୁ ନେଇ ସଂଗ୍ରାମ ତ୍ରିପାଠୀଙ୍କୁ ପରିଚୟ କରାଇଥିଲେ। ସଂଗ୍ରାମ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ତାଙ୍କ ଗାଡ଼ିକୁ ତାଙ୍କ ଏସ୍‌ଟି ଏଣ୍ଟରପ୍ରାଇଜେସ୍ କମ୍ପାନୀରେ ଭଡ଼ାରେ ନେବେ ଏବଂ ପ୍ରତି ମାସରେ ୩୦ ହଜାର ଟଙ୍କା ଦେବେ। ସଂଗ୍ରାମଙ୍କ ମାଧ୍ୟମରେ ସେ ଏହାକୁ ଭଡ଼ା ଦେଇଥିଲେ। ମାତ୍ର ଚୁକ୍ତି ମୁତାବକ ଟଙ୍କା ଦେଇନଥିଲେ କିମ୍ବା ଗାଡ଼ି ଫେରାଇ ନଥିଲେ। ଅଭିଯୁକ୍ତ ସଂଗ୍ରାମ ଓଡ଼ିଶା ଛାଡି ବାହାର ରାଜ୍ୟକୁ ଚାଲିଯିବାକୁ ଯୋଜନା କରୁଥିବା ଜାଣି ସ୍ୱାଭିମାନ ସଦର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ସଂଗ୍ରାମ ଅନ୍ୟ ୬ଜଣ କାର୍ ମାଲିକଙ୍କୁ ସମାନ ଭାବେ ଠକିଥିବା ଜଣାପଡ଼ିଥିଲା। ସଂଗ୍ରାମ ଗାଡିଗୁଡ଼ିକୁ ତାମିଲନାଡୁରେ ଆର. ହରି ଚରଣଙ୍କ ନିକଟରେ ବନ୍ଧକ ରଖିଥିବା ଜଣାପଡ଼ିଥିଲା। ଶ୍ରୀରାମ ନଗର ତୃତୀୟ ଲାଇନର ରମେଶ ସାହୁ ଅଭିଯୁକ୍ତ ସଂଗ୍ରାମ ତ୍ରିପାଠୀଙ୍କ ବିରୋଧରେ ସମାନ ଭାବରେ ଠକେଇ ଅଭିଯୋଗ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ବର୍ତ୍ତମାନ ଅଭିଯୁକ୍ତ ସଂଗ୍ରାମ ଗାଡି ମାଲିକଙ୍କଠାରୁ ଲୁଚି ରହୁଥିଲେ। ସେ ଭୁବନେଶ୍ୱରରେ ଥିବା ଜାଣି ପାରି ସଦର ପୁଲିସ ଆଜି ସେଠାରୁ ସଂଗ୍ରାମକୁ ଗିରଫ କରିଥିବା ଜଣାପଡ଼ିଛି।

# ବସ୍‌ଷ୍ଟାଣ୍ଡରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୩।୯ (ସମିସ): ବ୍ରହ୍ମପୁର ନୂଆବସ୍‌ଷ୍ଟାଣ୍ଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେହି ବ୍ୟକ୍ତି ଜଣଙ୍କ ଜରଡା ଅଞ୍ଚଳର ହୋଇଥିବା ବେଳେ ତାଙ୍କ ବୟସ ପାଖାପାଖି ୫୦ ହେବ। ଆଜି ସକାଳୁ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ପୁଲିସକୁ ଖବର ମିଳିଥିଲା। ନୂଆ ବସ୍‌ଷ୍ଟାଣ୍ଡ ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ କରି ସଂପୃକ୍ତ ବ୍ୟକ୍ତିଙ୍କ ପକେଟରୁ ମିଳିଥିବା ମୋବାଇଲରୁ ତାଙ୍କ ଠିକଣା ଜଣିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

# ଗଞ୍ଜେଇ ସହ ଅଟୋ ଜବତ; ଅଭିଯୁକ୍ତ ଗିରଫ

ସାନଖେମୁଣ୍ଡି,୩।୯ (ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ପୁଲିସ ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ରାଜପୁର ଗାଁଛକରୁ ବୁଧବାର ଏକ ଯାତ୍ରୀବାହୀ ଅଟୋରୁ ୨୪ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଏଣ୍ଡ୍ରକ୍ଷମା ଗ୍ରାମର ଅନିଲ ନାୟକ। ପାଟପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ରାଜପୁର ଛକରେ ଭୋରରେ ପାଟ୍ରୋଲିଂ ବେଳେ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଅଟୋକୁ ସନ୍ଦେହରେ ଅଟକାଇ ତଲାସୀ କରାଯାଇଥିଲା। ସେଥିରେ ଗୋଟାଏ ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ସାନଖେମୁଣ୍ଡି ଅତିରିକ୍ତ ତହସିଦାର ଦୀଲିପ କୁମାର ଜେନାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି ପାଟପୁର ଥାନାକୁ ଅଟୋ ସହ ଅଣାଯାଇଥିଲା। ଗୁରୁବାର ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯିବ।

# ସହରତଳି ପଞ୍ଚାୟତକୁ ଗ୍ରେଟର୍ ବ୍ରହ୍ମପୁରରେ ସାମିଲ ନେଇ ପ୍ରସ୍ତୁତି

ବ୍ରହ୍ମପୁର, ୩।୯ (ସମିସ): ଗ୍ରେଟର ବ୍ରହ୍ମପୁର ବା ବ୍ରହ୍ମପୁର ସହର ଉପକଣ୍ଠରେ ଥିବା ବିଭିନ୍ନ ପଞ୍ଚାୟତକୁ

### ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଏମ୍‌ସିରେ ବୈଠକ

### ୩ ପଞ୍ଚାୟତକୁ ପୁନଃ ଗ୍ରାମସଭାର ସହମତି ପ୍ରସ୍ତାବ ଦେବାକୁ ପରାମର୍ଶ



ମହାନଗର ନିଗମରେ ସମିଶ୍ରଣ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସହର ଉପକଣ୍ଠର ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ମୋଟ ୧୭ଟି ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବା ପ୍ରାୟତଃ ଚୂଡାନ୍ତ ହୋଇଥିବା ଜଣାପଡିଛି। ୨୦୦୮ ମସିହାରୁ କିଛି ହାତଗଣତି ପଞ୍ଚାୟତକୁ ନେଇ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧିପାଇଛି। ପୂର୍ବରୁ ଗୋଳବନ୍ଧ, ବଡକୁଶସ୍ଥଳୀ ପଞ୍ଚାୟତର ସାନକୁଶସ୍ଥଳୀ, ଗଡଞ୍ଜୁର ବର୍ମାପଲ୍ଲୀ ଓ ଲୋଚାପଡା ଆଦି ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରିବା ନେଇ ପ୍ରସ୍ତାବ ରହିଥିଲା। ଏବଂ ସମସ୍ତ ୪ଟି ପଞ୍ଚାୟତରୁ ଏଥିପାଇଁ ଗ୍ରାମସଭା ଜରିଆରେ ସହମତି ପ୍ରସ୍ତାବ ଗୃହୀତ ହୋଇଥିଲା। ବର୍ତ୍ତମାନ ଏହି ପ୍ରକ୍ରିୟାରେ ଉଭୟ କୁକୁଡାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକର ଯଥାକ୍ରମେ ଜଗଦଳପୁର, ଲାଠି, ଅନ୍ତେଇ, ନିମଖଣ୍ଡି, ଆଙ୍କୁଶପୁର, ଦକ୍ଷିଣପୁର ଏବଂ ଡୁରା, ଗଡଞ୍ଜୁ, ଫୁଲଟା, ସାତକୁଟଣୀ, ଭାବିନୀପୁର, ହଳଦିଆପଦର ଓ ବଡକୁଶସ୍ଥଳୀ ଆଦି ପଞ୍ଚାୟତ ସାମିଲ ହେବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧ୍ୟକ୍ଷତାରେ ବିଏମସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଉଭୟ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସିଥିବା ଚିଠି ପ୍ରକାଶ୍ୟପୂର୍ବରୁ ହସ୍ତଗତ ହୋଇଥିବା ୪ଟି ପଞ୍ଚାୟତ ଗୁଡିକ ମଧ୍ୟରୁ ଲୋଚାପଡାକୁ ବାଦ୍ ଦେଇ ଅବଶିଷ୍ଟ ୩ଟି ଅର୍ଥାତ୍ ଗୋଳବନ୍ଧ, ସାନକୁଶସ୍ଥଳୀ ଓ ବର୍ମାପଲ୍ଲୀ ପାଇଁ ସମ୍ପୃକ୍ତ ପଞ୍ଚାୟତରୁ ପୁନଃ ଜନସଭା ଜରିଆରେ ସହମତି ପ୍ରସ୍ତାବ ଆଣିବାକୁ କୁହାଯାଇଥିବା ଜଣାପଡିଛି। ଆସନ୍ତା ୧୦ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହେବା ପରେ ପରବର୍ତ୍ତି କାର୍ଯ୍ୟ ଆଗକୁ ବଢିବ।

# ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସାଇନ୍‌ବୋର୍ଡ ଓଡ଼ିଆରେ ବାଧ୍ୟତାମୂଳକ

## ସାଇନବୋର୍ଡର ଶତକଡ଼ା ୭୦ପ୍ରତିଶତ ସୂଚନା ଓଡ଼ିଆ ଭାଷାରେ ରହିବା ଜରୁରୀ

ବ୍ରହ୍ମପୁର,୩।୯ (ସମିସ):

ଓଡିଶାର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ କରିବାକୁ ଯାଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଜନସାଧାରଣ ତଥା ଅନ୍ୟ ଭାଷା ବୁଝିପାରୁନଥିବା ଲୋକଙ୍କ ପାଇଁ ରାଜ୍ୟର ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନର ସାଇନବୋର୍ଡ ବା ସୂଚନା ଫଳକକୁ ଓଡିଆରେ ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। କେବଳ ଏତିକି ନୁହେଁ ବରଂ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନେ ନିଜ ସାଇନବୋର୍ଡର ମୋଟ କ୍ଷେତ୍ରଫଳ ଅନ୍ୟୁନ ଶତକଡା ୭୦ପ୍ରତିଶତ ସ୍ଥାନରେ ଓଡିଆ ଭାଷାରେ ଲେଖିବେ। ଏହି ନିୟମ ବା ମାର୍ଗଦର୍ଶିକାକୁ ଅନୁପାଳନ କରିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ଆଗାମୀ ଟ୍ରେଡ ଲାଇସେନ୍ସ ନବୀକରଣ ଅଥବା ପଞ୍ଜିକରଣ ସମୟରେ ମୋଟ ଦେୟର ଶତକଡା ୫ପ୍ରତିଶତ ରିହାତି

### ସଂଶୋଧନ ପାଇଁ ରହିଛି ୫୫ଦିନର ମହଲତ, ଖୀଲାପି ବ୍ୟବସାୟୀ ଗଣିବେ ଦଣ୍ଡ

### ନିୟମ ପାଳନ କଲେ ଟ୍ରେଡଲାଇସେନ୍ସ ନବୀକରଣରେ ମିଳିବ ୫ପ୍ରତିଶତ ରିହାତି

ପ୍ରଦାନ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ସେହିଭଳି ଯେଉଁମାନେ ଏହି ନିୟମକୁ ଖିଲାପ କରିବେ ସେମାନଙ୍କୁ ନିଜ ନିଜର ପ୍ରତିଷ୍ଠାନର ସାଇନବୋର୍ଡକୁ ସଂଶୋଧନ କରିବା ପାଇଁ ୫୫ଦିନର ମହଲତ ଦିଆଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ତାହା ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ପ୍ରତିଷ୍ଠାର ସାଇନବୋର୍ଡ ସଂଶୋଧନ ହେବା ପର୍ଯ୍ୟନ୍ତ ଦୈନିକ ୫ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବ। ଏହି କାର୍ଯ୍ୟକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସମେତ ମହାନଗର ନିଗମର କମିଶନର ଓ ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଅଭିଯାନ ଆରମ୍ଭ କରାଯାଇଥିବା କହିଛନ୍ତି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ଏପରିକି ବିଭିନ୍ନ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ନିର୍ଦ୍ଦେଶନାମାକୁ କିଭଳି କାର୍ଯ୍ୟକାରୀ କରିଛନ୍ତି ସେନେଇ ୭୦ଦିନ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ଓଡିଆ ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ଏନେଇ ପୂର୍ବରୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ଦାବି ହୋଇ ଆସୁଥିଲା। ବର୍ତ୍ତମାନ ଏହି ନିର୍ଦ୍ଦେଶନାମା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଟ୍ରାକ୍ଟର ଧକ୍କାରେ ଅଙ୍ଗନବାଡ଼ି କର୍ମୀ ମୃତ; ସ୍ୱାମୀ ଗୁରୁତର

ଚିକିଟି,୩।୯ (ସମିସ): ଚିକିଟି ବ୍ଲକ ଅଧୀନ କେ.ନୂଆଗାଁ ଥାନା ଚିକିଟି ପେଣ୍ଠ ମୁଖ୍ୟ ବଜାରରେ ବୁଧବାର ସକାଳେ ଟ୍ରାକ୍ଟର ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଜକର ଗ୍ରାମର ଅଙ୍ଗନବାଡ଼ିକର୍ମୀ ପଦ୍ମା ସେଠୀ (୪୭)। ଦିଗପହଣ୍ଡି ବ୍ଲକରେ ଉଦ୍ୟାନ ବିଭାଗ କର୍ମଚାରୀ ଭାବେ କାର୍ଯ୍ୟରତ ଜକର ଗ୍ରାମର ପ୍ରଦୀପ ସେଠୀ ବଡ଼ ଏକାଦଶୀ ପାଇଁ ଚିକିଟିଗଡ଼ ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ସ୍ତ୍ରୀ ପଦ୍ମାଙ୍କ ସହ ବାଇକରେ ଯାଉଥିବା ବେଳେ ପଛପଟୁ ଟ୍ରାକ୍ଟର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପଦ୍ମାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପଙ୍କ ଅବସ୍ଥା ଗୁରୁତର ରହିଛି।

# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରରେ ଦନ୍ତ ଚିକିତ୍ସା ଶିବିର



ବ୍ରହ୍ମପୁର,୩।୯ (ସମିସ): ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପରିସରରେ ଦନ୍ତ ଚିକିତ୍ସକ ମହାସଂଘ ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଛି। ଏ ଅବସରରେ ବ୍ରହ୍ମପୁର ସହରର ୨୫ଜଣ ବରିଷ୍ଠ ଅଭିଜ୍ଞ ଦନ୍ତ ଚିକିତ୍ସକମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦାନ୍ତ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଡା. ଲଲାଟେନ୍ଦୁ ଦାଶ, ଡା. ଚିନ୍ମୟ କୁମାର ସାମନ୍ତରାୟ, ଡା. କେ.ଆର୍. ସ୍ମିତା, ଡା. ଅନ୍‌ମୋଲ୍ ପାଣିଗ୍ରାହୀ, ଡା. ୱାଇ. ସାହିତ୍ୟା, ଡା. ଶ୍ୱେତା ମହାପାତ୍ର, ଡା. ପ୍ରତିଶ୍ ପଟ୍ଟନାୟକ, ଡା. ମହେଶ ମହାପାତ୍ର, ଡା. ରୋହିଣୀ ସାହୁ, ଡା. ଶିବାନୀ ମହାରଣା, ଡା. ଧନ୍ୟାନ୍ତ୍ରୀ, ଡା. ସିଲ୍ଲା ସୁବ୍ରତ, ଡା. ୱାଇ. ସୂର୍ଯ୍ୟ କିରଣ, ଡା. ସୁନିତା ଦାଶ, ଡା. କେ. ରୁପା, ଡା. ଶୁଭାଶିଷ ଦାଶ, ଡା. ଆଶୁତୋଷ ଚୌଧୁରୀ, ଡା. ମାଧୁରୀ ଚୌଧୁରୀ, ଡା. କେ. ପ୍ରେମ୍ ସାଗର, ଡା. ଗୌରବ କୁମାର ସାହୁ , ଡା. କେ.ଆର୍. ସ୍ମିତା, ଡା. ବୀଣାଦେବୀ ଶତପଥୀ ଏବଂ ଡା. ପଦ୍ମଜା ନାୟକ ଦାନ୍ତର ଯତ୍ନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବହୁ ପରାମର୍ଶ ଦେଇଥିଲେ। ଏହି ଶିବିର ମାଧ୍ୟମରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟରତ ବହୁ ସେବାବ୍ରତୀ ଉପକୃତ ହୋଇଥିଲେ। ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ ଏବଂ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ପ୍ରୋତ୍ସାହନରେ ଏବଂ ଶିବିରରେ ସରସ୍ୱତୀ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁ ମନ୍ଦିରର ପ୍ରାଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ଡିଗ୍ରୀ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

# କଟକ ସିଟି



## କଟକ ସହରରେ ଦୁର୍ଗାପୂଜା ଏସ୍‌ଓପି ଜାରିକଲେ ଜିଲ୍ଲାପାଳ

# ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀ ପାଳନ ବାଧ୍ୟତାମୂଳକ

କଟକ,୩।୯ (ସମିସ):

କଟକ ସହରରେ ନିରାପଦ ଏବଂ ସୁଗମ ଭାବେ ଦୁର୍ଗାପୂଜା ପାଳନ ସୁନିଶ୍ଚିତ କରିବା ପାଇଁ ସାଂସ୍କୃତିକ, ପରମ୍ପରା, ସୁରକ୍ଷା ନିୟମ ଏବଂ ଟ୍ରାଫିକ୍ ପରିଚାଳନାକୁ ବିଚାରକୁ ନେଇ ଜିଲ୍ଲାପାଳଙ୍କ ପକ୍ଷରୁ ଏସଓପି ବା ମାନକ କାର୍ଯ୍ୟ ପଦ୍ଧତି ଜାରି କରାଯାଇଛି। ପୂଜା ମଣ୍ଡପ ଏବଂ ତୋରଣର ଆକାର ଏବଂ ନିର୍ମାଣ ବୃଦ୍ଧି ଯୋଗୁଁ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ସମ୍ପର୍କରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ ପାଇଁ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀ ସହରର ସମସ୍ତ ପୂଜା କମିଟି ବାଧ୍ୟତାମୂଳକ ଭାବେ ପାଳନ କରିବାକୁ କୁହାଯାଇଛି। ପୂଜା ପେଣ୍ଡାଲରେ ଦୈନିକ ଆଳତୀ ଏବଂ ଶୋଭାଯାତ୍ରା ସମୟରେ ଡିଜେ ସାଉଣ୍ଡ ସିଷ୍ଟମ୍ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।



ଅନୁମୋଦିତ ସୀମା ଅତିକ୍ରମ କରୁଥିବା ଶବ୍ଦ ଡେସିବେଲ୍ ସ୍ତର ମଧ୍ୟ ନିଷେଧ କରାଯାଇଛି। ଫାୟାର ଗନ ଏବଂ ବାଣର ବ୍ୟବହାର କଡ଼ାକଡ଼ି ନିଷେଧ କରାଯାଇଛି। ଆଖିରେ ଜ୍ୱଳନ ବା ସମସ୍ୟା ସୃଷ୍ଟି କରୁଥିବା ଲେଜର ଲାଇଟ ମଧ୍ୟ ନିଷେଧ କରାଯାଇଛି। ପ୍ରତ୍ୟେକ ପୂଜା କମିଟି ଦ୍ୱାରା ଆବଶ୍ୟକୀୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଳନ ସୁନିଶ୍ଚିତ କରିବା ନିମନ୍ତେ ଅଗ୍ନିଶମ ବିଭାଗକୁ କୁହାଯାଇଛି। ପ୍ରତି ପୂଜା କମିଟିରେ ଦୁଇଜଣ ସ୍ୱେଚ୍ଛାସେବକଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ପରିଚାଳନା ସମ୍ପର୍କରେ ଆବଶ୍ୟକ ତାଲିମ ଦେବାକୁ କୁହାଯାଇଛି। ପୂଜା ମଣ୍ଡପ ଏବଂ ତୋରଣର ଢ଼ାଞ୍ଚାଗତ ଯୋଜନା ଯାଞ୍ଚ ଏବଂ ଅନୁମୋଦନ ଏବଂ

### ୨୨ ସୁଦ୍ଧା ଆବଶ୍ୟକ ଏନ୍‌ଓସି ହାସଲ କରିବେ ପୂଜା ମଣ୍ଡପ

ଓଭରହେଡ୍ ଗେଟ୍/ ତୋରଣର ଢାଞ୍ଚାଗତ ଡିଜାଇନ୍ ଏବଂ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଅନୁପାଳନ ସୁନିଶ୍ଚିତ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ଏଜେନ୍ସି/ ବିଭାଗରୁ ଏନଓସି ପ୍ରଦାନ କରିବା ପାଇଁ ସୁବିଧାଜନକ ସ୍ଥାନରେ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ ସିଷ୍ଟମ) କାର୍ଯ୍ୟକ୍ଷମ କରାଯିବ ଏବଂ ଏହା ୫ ସେପ୍ଟେମ୍ବରରୁ ଉପଜିଲ୍ଲାପାଳ କଟକ ସଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେବ। କଟକ ସହର ଏବଂ ଏହାର ଆଖପାଖରେ ୨୪ଘଣ୍ଟା ପାଇଁ ବିଦେଶୀ ଏବଂ ଦେଶୀ ମଦ ବିକ୍ରୟ ନିଷେଧ କରିବା ନିଶ୍ଚିତ କରିବାକୁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା କମିଟିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ପାଇଁ ନିଜର ପ୍ରସ୍ତୁତ ଡିଜାଇନ୍ ଦାଖଲ କରିବାକୁ ପଡିବ। ସମସ୍ତ ପୂଜା ମଣ୍ଡପଗୁଡ଼ିକ ସେପ୍ଟେମ୍ବର ୨୨, ୨୦୨୫ ସୁଦ୍ଧା କାର୍ଯ୍ୟ ସମାପ୍ତ କରି ଆବଶ୍ୟକୀୟ ଏନଓସି ହାସଲ କରିବେ। ସୁରକ୍ଷା ଦୃଷ୍ଟିରୁ ପ୍ରତିଃ ୭ଟି ପୂଜା ମଣ୍ଡପକୁ ଅନୁମତି/ଏନଓସି ପାଇଁ ମାର୍ଗଦର୍ଶନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ମଚାରୀ ନିୟୋଜିତ କରାଯିବ ଏବଂ ବଡ଼ ମଣ୍ଡପଗୁଡ଼ିକ ଯାଞ୍ଚ କରିବା ପାଇଁ ଦୁଇଟି ଦଳ ନିୟୋଜିତ କରାଯିବ। ପ୍ରତି ୨୫-୩୦ ପୂଜା ମଣ୍ଡପର ସମସ୍ୟା ସମାଧାନ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ।

## ବ୍ରାଉନସୁଗର ଜବତ; ୩ ଗିରଫ

କଟକ,୩।୯ (ସମିସ): ନଦୀ ପଠାରେ ନିଶା କାରବାର ସମୟରେ ତିନି ଜଣଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୂତାହାଟ ଡଗବର ସାହିର ଏସକେ. ମୀର୍ଜା(୩୪), ବୀରବାଡିର ଏସକେ. ସକିଲ (୪୮) ଓ ପଟ୍ଟାପୋଲର ଏସକେ. ଆଦିଲ(୩୦)। ଏମାନଙ୍କ ପାଖରୁ ୨୪.୪୭ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ବୁଧବାର ସକାଳେ ମହାନଦୀର ସିସୋର ପଠା ନିକଟରେ କିଛି ନିଶାଡି ଆଡ୍ଡା ଜମାଇଥିଲେ। ଏ ସମ୍ପର୍କରେ ମଙ୍ଗଳାବାଗ ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ସେଠାରେ ଚଢଉ କରିଥିଲା। ଏତିକିବେଳେ ପଠା ଭିତରେ ଥିବା ପାର୍କ ନିକଟରେ ବସିଥିବା ନିଶାଡିମାନେ ପୁଲିସକୁ ଦେଖି ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପୁଲିସ ଉପରୋକ୍ତ ତିନି ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ତଲାସୀ ପରେ ସେମାନଙ୍କ ପାଖରୁ ମୋଟ ୨୪.୪୭ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ।

## ସମାଜ କଲ୍ୟାଣ ମହାସଂଘ ପକ୍ଷରୁ ଚାରାରୋପଣ



କଟକ, ୩।୯ (ସମିସ): ସାମାଜିକ ସଂଗଠନ 'ସମାଜ କଲ୍ୟାଣ ମହାସଂଘ' ପକ୍ଷରୁ ତୃତୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବିବାର ସ୍ଥାନୀୟ ମାତାମଠ ନିକଟ ମହାନଦୀ ପଠାରେ ମହାସଂଘର ୩୦ରୁ ଅଧିକ ସଦସ୍ୟ ମିଶି ୧୦୦ରୁ ଅଧିକ ଚାରାରୋପଣ କରିଥିଲେ। ଏହାସହିତ ପୂର୍ବରୁ ଲଗାଯାଇଥିବା ଗଛର ଯତ୍ନ ନେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ଏହି ତିନୋଟି କ୍ଷେତ୍ରରେ ସମାଜ କଲ୍ୟାଣ ମହାସଂଘ ପକ୍ଷରୁ ନିୟମିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଉଛି।

## ନିଖୋଜ ଛାତ୍ରଙ୍କ ଶବ ନଦୀରୁ ଉଦ୍ଧାର

କଟକ,୩।୯ (ସମିସ): ଶିଖରପୁର ଗୌଡ଼ସାହିର ପ୍ରଭୁଦତ୍ତ ସେନାପତି(୧୪)ଙ୍କ ଶବ ବୁଧବାର ଅପରାହ୍ଣରେ ସିଆରଆରଆଇ ଥାନା ଅନ୍ତର୍ଗତ ଉଦୀମୂଳ ଘାଟ ନିକଟରୁ ମିଳିଛି। ଚାଉଳିଆଗଞ୍ଜ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଶିଖରପୁରସ୍ଥିତ ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ପ୍ରଭୁଦତ୍ତଙ୍କ ପ୍ରକୃତ ଘର କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରାରେ ହୋଇଥିବା ବେଳେ ବାପାଙ୍କ ମୃତ୍ୟୁ ପରେ ସେ ତାଙ୍କ ମା'ଙ୍କ ସହିତ ଶିଖରପୁର ଗୌଡ଼ସାହିରେ ଭଡ଼ାଘରେ ରହି ଆସୁଥିଲା। ସବୁଦିନ ପରି ମଙ୍ଗଳବାର ସକାଳ ୭ଟାରେ ସେ ଟିଉସନ ହେବା ଲାଗି ଯାଇଥିଲା। ଦିନ ୧୨ଟା ବାଜିଯାଇଥିଲେ ହେଁ ସେ ଆଉ ଘରକୁ ଫେରି ନ ଥିଲେ। ଫଳରେ ତାଙ୍କ ମା' ଚିନ୍ତିତ ହୋଇ ଟିଉସନ ସାରଙ୍କ ସହିତ ଯୋଗାଯୋଗ କରିଥିଲେ। ସେଠାରୁ ଜାଣିବାକୁ ପାଇଥିଲେ ଯେ ସକାଳ ୭ଟାରେ ପ୍ରଭୁଦତ୍ତ ପଢ଼ିବା ପାଇଁ ଆସିଥିଲେ ସତ, ତେବେ ବର୍ଷାଯୋଗୁଁ ସେ ସାଢ଼େ ୯ଟା ପର୍ଯ୍ୟନ୍ତ ଏଠାରେ ରହିଯାଇଥିଲେ। ବର୍ଷା ଛାଡ଼ିବା ପରେ ସେ ଓ ତା'ର ଅନ୍ୟ ସାଙ୍ଗମାନେ ଏଠାରୁ ପଳାଇଯାଇଥିବା ଟିଉସନ ସାର ଜଣାଇଥିଲେ। ପରେ କିଛି ସନ୍ଧାନ ନ ମିଳିବାରୁ ନିଖୋଜ ସଂକ୍ରାନ୍ତରେ ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ ଚଳାଇଥିବା ବେଳେ ରାତିରେ ଶିଖରପୁର କାଳିଆବୁଦା ଶ୍ମଶାନ ନିକଟରୁ ପ୍ରଭୁଦତ୍ତଙ୍କ ସାଇକଲ ଓ ବହିଖାତା ଥିବା ଏକ ବ୍ୟାଗ ମିଳିଥିଲା।

## ସଡ଼କ ସୁରକ୍ଷା ନାଁରେ ବେଆଇନ ଭାବେ ଟଙ୍କା ଆଦାୟ

### ପଦକ୍ଷେପ ନେବା ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ

କଟକ, ୩।୯ (ସମିସ): ସଡ଼କ ସୁରକ୍ଷା ନାମରେ କେତେକ ଅସାଧୁ ବ୍ୟକ୍ତି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗାଡି ଚାଳକଙ୍କଠାରୁ ଅର୍ଥ ଆଦାୟ କରୁଥିବା ନେଇ ପରିବହନ ବିଭାଗ ଦୃଷ୍ଟିକୁ ଆସିଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏବଂ ଓଡପଡା ଆଦି ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଲା ପରେ ରାଜ୍ୟ ପରିବହନ ବିଭାଗ ତତ୍ପର ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏଭଳି ଠକେଇର ଶିକାର ନହେବା ପାଇଁ ସଚେତନ କରିଛି ପରିବହନ ପ୍ରାଧିକରଣ। ରାଜ୍ୟ ପରିବହନ ପ୍ରାଧୀକରଣ ପକ୍ଷରୁ ମଧ୍ୟ ସମସ୍ତ ଆରଟିଓ ମାନଙ୍କୁ ଏ ଦିଗରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ଏପରିକି କେନ୍ଦ୍ର ସରକାରଙ୍କ ସଡକ ଓ ପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶାନୁସାରେ ସଡକ ସୁରକ୍ଷା ପାଇଁ ଏଭଳି ଅର୍ଥ ଆଦାୟ କରାଯାଉଥିବା କୁହାଯାଉଛି। ଏଥିପାଇଁ ଠକ ମାନେ ବିଭିନ୍ନ ପ୍ରକାରର ନକଲି ରସିଦ ବ୍ୟବହାର କରୁଛନ୍ତି। ରସିଦରେ ନ୍ୟାସନାଲ ହାଇୱେ ରିଫ୍ଲେକ୍ଟର ସର୍ଭିସ ବୋଲି ଉଲ୍ଲେଖ କରାଯାଉଛି। ୪ଚକିଆ ଯାନ, ବସ,ଟ୍ରକ ମାଲିକ ଓ ଚାଳକଙ୍କ ଠାରୁ ଆଦାୟ ହେଉଥିବା ଅର୍ଥ ରାଶି ୩ମାସ ପାଇଁ ବୈଧ ବୋଲି ରସଦିରେ ଲେଖାଯାଇଛି। ୫୦୦ରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବାର ଅଭିଯୋଗ ବିଭିନ୍ନ ଆରଟିଓରେ ହେଲାଣି।

## ପ୍ରକାଶ ପାଇବ ବାଲିଯାତ୍ରା ସ୍ମରଣିକା

କଟକ,୩।୯ (ସମିସ): ଚଳିତବର୍ଷର ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ନଭେମ୍ବର ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଏ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉତ୍କଳୀୟ କଳା, ସଂସ୍କୃତି, ସାହିତ୍ୟ, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପଟ୍ଟଭୂମି ଓ ଅବିଭକ୍ତ କଟକର ଗୌରବଗାଥା ସମ୍ବଳିତ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ଏକ ବର୍ଣ୍ଣିଳ ସ୍ମରଣିକା ପ୍ରକାଶିତ ହେବ। ଏଥିପାଇଁ ବାଲିଯାତ୍ରା ସ୍ମରଣିକା ସଂପାଦନାମଣ୍ଡଳୀର ସଦସ୍ୟମାନଙ୍କୁ ନେଇ ସ୍ମରଣିକା କମିଟିର ଉପାଧ୍ୟକ୍ଷ ତଥା କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂପାଦନାମଣ୍ଡଳୀର ସଦସ୍ୟ ପ୍ରଫେସର



ସହଦେବ ସାହୁ, ପ୍ରଫେସର ବିଜୟାନନ୍ଦ ସିଂହ, ଡ. ସୁନାମଣି ରାଉତ, ବିଶ୍ୱେଶ୍ୱର ମହାନ୍ତି, ଶୁଭେନ୍ଦୁ ଭୂୟାଁ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଲେଖକ ଲେଖିକାମାନେ ଚଳିତ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ଲେଖାଗୁଡ଼ିକ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଇ-ମେଲ୍ ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି।

## ସର୍ବୋଦୟପୁର ଯୁବକ ସଂଘର ମହମବତି ଶୋଭାଯାତ୍ରା




କଟକ, ୩।୯ (ସମିସ): ରାଜାବଗିଚାସ୍ଥିତ ସର୍ବୋଦୟପୁର ଯୁବକ ସଂଘ ଏବଂ ଭାଇ ଭାଇ ସେବା ସଂଘ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂଘର ସଦସ୍ୟ ଅଭିଜିତ୍ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବୋଦୟପୁର ଛକରୁ ଆରମ୍ଭ ହୋଇ ମଲାଚଣ୍ଡିଆ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରାରେ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବେହେରା ୩ ବର୍ଷ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କ ପରଲୋକ ଘଟିଥିଲା।

### ମୁକ-ବଧିର ସ୍କୁଲରେ ଅଘଟଣ

## ୩ ମହଲାରୁ ପଡ଼ି ଛାତ୍ର ଗୁରୁତର

କଟକ,୩।୯ (ସମିସ): ବେଣ୍ଟକାର ନିକଟ ବେଲେଶ୍ୱର ମୁକ-ବଧିର ସ୍କୁଲର ୩ ମହଲା ଉପରୁ ପଡ଼ି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଛାତ୍ର ଜଣକ ନବମଶ୍ରେଣୀର ହୋଇଥିବା ବେଳେ ତାଙ୍କ ପରିଚୟ ଜଣାପଡ଼ିନାହିଁ। ସମ୍ପୃକ୍ତ ଛାତ୍ରଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ଏହି ଆବାସିକ ବିଦ୍ୟାଳୟରେ ଏଭଳି ଅଘଟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ ଚୌଧୁରୀଙ୍କ ମତାମତ ମିଳି ପାରିନାହିଁ।

## ସିଟି ହସ୍ପିଟାଲ ବରିଷ୍ଠ ସହାୟକଙ୍କ ବିରୋଧରେ ଆଉ ଏକ ମାମଲା

କଟକ,୩।୯ (ସମିସ): ୧.୨୪ କୋଟି ଟଙ୍କାରୁ ଅଧିକ ସରକାରୀ ପାଣ୍ଠି ଆତ୍ମସାତ ପାଇଁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତଥା ସିଟି ହସ୍ପିଟାଲର ବରିଷ୍ଠ ସହାୟକ କିଶୋର କୁମାର ସାହାଣୀଙ୍କ ବିରୋଧରେ ଓଡିଶା ଭିଜିଲାନ୍ସ ଦ୍ୱାରା ଆଉ ଏକ ମାମଲା ରୁଜୁ କରିବା ସହ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଇ ଦିଆଯାଇଛି। କଟକ ସିଟି ହସ୍ପିଟାଲରେ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ସାହାଣୀଙ୍କ ଦ୍ୱାରା ସରକାରୀ ପାଣ୍ଠି ୧,୨୪,୧୫, ୮୫୪/- ଟଙ୍କା ଅପବ୍ୟବହାର ପାଇଁ କଟକ ଭିଜିଲାନ୍ସ ଏହି ମାମଲା ରୁଜୁ କରିଛି। ସେ ସରକାରୀ ଟଙ୍କା ସରକାରୀ ଖାତାରେ ଜମା କରୁ ନ ଥିଲେ। ସରକାରୀ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନିଜ ଏବଂ ପରିବାର ସଦସ୍ୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ଆତ୍ମସାତ କରିଛନ୍ତି। ଗତ ଅଗଷ୍ଟ ୨୩ରେ ଶ୍ରୀ ସାହାଣୀଙ୍କୁ ଆୟ ତୁଳନାରେ ଅଧିକ ୨୦୧ ପ୍ରତିଶତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା।

## କଂଗ୍ରେସ ପକ୍ଷରୁ ସଂଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମ




କଟକ,୩।୯ (ସମିସ): କଟକ ନଗର ଜିଲ୍ଲା କଂଗ୍ରେସ ପାଇଁ ସଂଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମ ଆଜି କଟକ ସର୍କିଟ ହାଉସଠାରେ ପୂର୍ବତନ ବିଧାୟକ ତଥା ପିସିସି ପର୍ଯ୍ୟବେକ୍ଷକ ପଞ୍ଚାନନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରଙ୍କ ମୁଖ୍ୟ ସଚେତକ ସଲିମ୍ ଅହମ୍ମଦ କଟକ ନଗର କଂଗ୍ରେସ ସଭାପତି କିପରି ଭାବେ ବଛାଯିବ ସେ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ। ଚାରିଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମସ୍ତ ରିପୋର୍ଟକୁ

### ନଗର କଂଗ୍ରେସ ସଭାପତି ଚୟନକୁ ଗୁରୁତ୍ୱ

ବିଚାର କରାଯାଇ ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଶ୍ରୀ ଅହମ୍ମଦ କହିଥିଲେ। ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉଚ୍ଛବ ସାହୁ, ସତ୍ୟବ୍ରତ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରାଙ୍କ ସମେତ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ୩ ଘଣ୍ଟା ପଡ଼ିରହିଲେ ଗୁରୁତର ରୋଗୀ

କଟକ,୩।୯ (ସମିସ):

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ପ୍ରତି ଚିକିତ୍ସା ଅବହେଳା କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଛି। ଏବେ ଜଣେ ଅଭିନେତ୍ରୀ ବଡ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ମୁହଁ ଖୋଲିବା ସହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ତାଙ୍କ ବାପାଙ୍କୁ ଉପଯୁକ୍ତ ଚିକିତ୍ସା ନମିଳିବା ଓ ଏଠାରେ ଡାକ୍ତର ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣିଛନ୍ତି। ଘଟଣା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଘଟଣାରୁ ପ୍ରକାଶ ଯେ ଓଡ଼ିଆ ମନୋରଞ୍ଜନ ଦୁନିଆର ଜଣେ ଜଣାଶୁଣା ଅଭିନେତ୍ରୀ ଏହି ଅଭିଯୋଗ କରିଛନ୍ତି। ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ତାଙ୍କୁ ପ୍ରଥମେ ପୁରୀ ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅଭିନେତ୍ରୀଙ୍କ ବାପାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୯ଟା ୩୦ ସୁଦ୍ଧା ଗୁରୁତର ଅବସ୍ଥାରେ ତାଙ୍କ ବାପାଙ୍କୁ ନେଇ ସେ ଏସ୍‌ସିବିରେ ପହଞ୍ଚିଥିଲେ। ହେଲେ ରାତି ପ୍ରାୟ ୧୨ଟା ୩୦ ଯାଏଁ ନନଟ୍ରମା କାଜୁଆଲଟିରେ ତାଙ୍କୁ ଭର୍ତ୍ତି କରାଯାଇ ନଥିଲା। ଏପରିକି ଡ୍ୟୁଟିରେ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା ମଧ୍ୟ ଠିକ୍ ଭାବେ କରି ନଥିଲେ। ଗୁରୁତର ରୋଗୀଙ୍କୁ ଚେୟାରରେ ବସାଇ ସାଲାଇନ ଲଗାଇବାକୁ ଡାକ୍ତର କହିଥିଲେ। ଚିକିତ୍ସା ସମ୍ପର୍କରେ ପରିବାର ଲୋକ ପଚାରିବାରୁ ସେଠାରେ ଡ୍ୟୁଟିରେ ଥିବା ପିଜି ଡାକ୍ତର ଦୁର୍ବ୍ୟବହାର କରିଥିଲେ ବୋଲି ସେ ଅଭିଯୋଗରେ ଜଣାଇଛନ୍ତି। ଏଭଳି ଅବ୍ୟବସ୍ଥା ଦେଖି ଅଭିନେତ୍ରୀ ଜଣକ ତାଙ୍କ ବାପାଙ୍କୁ ଏସ୍‌ସିବିରୁ ଅନ୍ୟତ୍ର ନେଇ ଚାଲି ଯାଇଥିଲେ। ଲଗାତାର ଭାବେ ଏସ୍‌ସିବିରେ ରୋଗୀ ସେବା ଏଭଳି ବିଭ୍ରାଟ ହେବା ଓ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେବା ଘଟଣାକୁ ସାଧାରଣରେ ଲୋକ ନିନ୍ଦା କରିଛନ୍ତି।

**ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ**

### ଶିଶୁଭବନରେ ଅଭାବନୀୟ ଘଟଣା

## ଆଇସିୟୁ ଅପେକ୍ଷାରେ ଶିଶୁର ପ୍ରାଣଗଲା

କଟକ,୩।୯ (ସମିସ): ଶିଶୁଭବନରେ ଆଇସିୟୁ ମିଳୁ ନଥିଲା। ଏଠାରେ ପଡ଼ି ରହି ଡାକ୍ତରଙ୍କୁ ନିବେଦନ କରିବା ସତ୍ତ୍ୱେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ ନଥିଲା। ଏହା ଭିତରେ ଘରୋଇ ହସ୍ପିଟାଲରେ ଆଇସିୟୁ କରାଇ ଦେବ ବୋଲି ଜଣେ ଦଲାଲ ଆସି ଶିଶୁ ରୋଗୀର ଅଭିଭାବକଙ୍କୁ କହିଥିଲା। ଦଲାଲ ପ୍ରରୋଚନାରେ ପଡି ଶିଶୁଟିକୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ସୁଦ୍ଧା ଚିକିତ୍ସା ବିଳମ୍ବରୁ ତାର ମୃତ୍ୟୁ ଘଟିଛି। ତେବେ ଦଲାଲି କରୁଥିବା ବ୍ୟକ୍ତି ଜଣକ ଶିଶୁଭବନର କର୍ମଚାରୀ ବୋଲି ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଜଗତସିଂହପୁର ଏରସମା ଅଞ୍ଚଳର ସ୍ମୃତିରେଖା ବେହେରା ନିଜର ଦେଢ଼ ବର୍ଷର ପୁଅର ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ପ୍ରଥମେ ଜଗତସିଂପୁର ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ଶିଶୁଟିକୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ୯ ଦିନ ହେବ ଶିଶୁଟିର ଶିଶୁଭବନରେ ଚିକିତ୍ସା କରାଯାଉଥିବାବେଳେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଆଇସିୟୁର ଆବଶ୍ୟକ ପଡିଥିଲା। ହେଲେ ଶିଶୁଭବନରେ ଆଇସିୟୁ ବେଡ ନାହିଁ ବୋଲି ସେଠାରେ କୁହାଯାଇଥିଲା। ଜଣେ କର୍ମଚାରୀ ଚାଉଳିଆଗଞ୍ଜଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଆଇସିୟୁ ବେଡ ରହିଛି ଏବଂ ସେଠାକୁ ଶିଶୁଟିକୁ ନେବାକୁ କହିଥିଲେ। ଶିଶୁଭବନରୁ ଡିସଚାର୍ଜ ନ କରାଇ ଶିଶୁଟିକୁ ଘରୋଇ ହସ୍ପିଟାଲକୁ ପଠାଯାଇଥିଲା। ଏପରିକି ଏକ ଗାଡି ଯୋଗେ ମଧ୍ୟ ସ୍ମୃତିରେଖା ଓ ତାଙ୍କ ପୁଅକୁ ଉକ୍ତ କର୍ମଚାରୀ ଜଣକ ସେଠାକୁ ପଠାଇଥିଲେ। ଏ ବାବଦକୁ ୧୦୦୦ ହଜାର ଟଙ୍କା ନେଇଥିଲେ। ସୋମବାର ଶିଶୁଟି ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା। ଆଜି ସନ୍ଧ୍ୟା ସମୟରେ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଘରୋଇ ହସ୍ପିଟାଲରେ ଚାପା ଉତ୍ତେଜନା ଦେଖା ଦେଇଥିଲା।

## ସାଇବର ଠକାମୀର ଶିକାର ହେଲେ ସରକାରୀ ଅଧିକାରୀ



ବୈପାରୀଗୁଡ଼ା,୩।୯(ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟାରତ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢ଼ୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ଆକାଉଣ୍ଟରୁ ଶ୍ରୀ ପାଢ଼ୀ ଦେଢ଼ବର୍ଷେ ପୂର୍ବେ ଜିଲ୍ଲା ସାମାଜିକ ସୁରକ୍ଷା ବିଭଗ ଅଧିନରେ ଥିବା ପ୍ରମୁଖ କଳାକାଙ୍କୁ ନେଇ ଗୋଟିଏ ଅଫିସିଆଲ ହ୍ୱାଟ୍ସଆପ୍ ଗ୍ରୁପ ତିଆରି ହୋଇଥିଲା। ସେହି ଗ୍ରୁପରେ ଶ୍ରୀ ପାଢ଼ୀ ମଧ ଥିଲେ। କିନ୍ତୁ ଗତକାଲି ହଠାତ୍ ତାଙ୍କ ମୋବାଇଲକୁ ଅଫିସିଆଲ ହ୍ୱାଟ୍ସଆପରେ ଯୋଗ ଦେବା ପାଇଁ ଶିମିଳିଗୁଡାର ଜଣେ ବ୍ୟକ୍ତି ବିଏସଏସଓଙ୍କୁ ହ୍ୱାଟ୍ସଆପରେ ମେସେଜ କରିଥିଲେ। ଏଥିରେ ଆଧାର ଅପଡେଟ ପାଇଁ ଗୋଟିଏ ଲିଙ୍କ ଆସିଥିଲା। ଅଧିକାରୀଙ୍କ ମୋବାଇଲ ନମ୍ବର ଏବଂ ଆଧାର ନମ୍ବର ଦେବା ପରେ ଗୋଟିଏ ଓଟିପି ଆସିଲା। ଆଉ ଓଟିପି ଅପଲୋଡ କରିବା କ୍ଷଣି ଆକାଉଣ୍ଟରୁ କଟିଲା ୫୦ ହଜାର ଟଙ୍କା । ଏଥିସହ ଶ୍ରୀ ପାଢ଼ୀଙ୍କ ଇଣ୍ଟରନେଟ୍ ବ୍ୟବହାର କରି ଫ୍ଲିପ୍ କାର୍ଡରେ ୧୬ ହଜାର ଟଙ୍କାର ଜିନିଷ କିଣା ଯାଇଥିବା ଜାଣିଥିଲେ। ଏ ନେଇ ସେ ପ୍ରଥମେ ବୈପାରୀଗୁଡା ଥାନା ପରେ କୋରାପୁଟ ସାଇବର ଥାନା ଦ୍ୱାରସ୍ଥ ହୋଇଛନ୍ତ।

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଘଟଣା

# ନାବାଳକ ସହ ୩ ଗିରଫ

କୋରାପୁଟ,୩।୯(ସମିସ):



କୋରାପୁଟ ସଦର ଥାନା ଦଶମନ୍ତପୁର ବ୍ଲକ ମାଳିତୋଳା ଗ୍ରାମର ଅନ୍ତେ ମାଳି ହତ୍ୟା ଘଟଣାରେ କୋରାପୁଟ ଟାଉନ ଥାନା ପୁଲିସ ଜଣେ ନାବାଳକ ସହ ତିନିଜଣଙ୍କୁ ଗିରଫ କରିଥିବା ଅତିରିକ୍ତ ଏସ୍‌ପି ଅମ୍ରିତ ମହାନ୍ତି ସୂଚନା ଦେଇଛନ୍ତି । ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସବ୍ ଇନ୍ସପେକ୍ଟର ରଞ୍ଜିତ ମିଶ୍ରଙ୍କ ଉପସ୍ଥିତିରେ ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ରାହୁଲ ବେନିଆ(୧୯) ମାଳିତୋଳା ଗ୍ରାମର ହୋଇଥିବାବେଳେ ଅନ୍ୟ ଜଣେ ଦଶମନ୍ତପୁର ବ୍ଲକ ସେମ୍ବ୍ରୀ ଗ୍ରାମର ଟୁବୁଲା ଟାକ୍ରୀ ଓରଫ ସୁରଜ (୧୯) ବୋଲି ଜଣାପଡ଼ିଛି। ଗିରଫ ନାବାଳକ ଜଣକ କୋରାପୁଟ ଟାଉନ ଥାନା ପଣସପୁଟ ଗ୍ରାମର ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ମାନେ ଅନ୍ତେ ମାଳିକୁ ହତ୍ୟା କରିଥିବା କହିଛନ୍ତି। ଗତ ମାସ ୩୧ ତାରିଖ ସକାଳେ କୋରାପୁଟ ଟାଉନ ଥାନା ଅନ୍ତର୍ଗତ ପଦ୍ମପୁର-ପଣସପୁଟ ରାସ୍ତାର ବାଉଁଶଗୁଡ଼ା ଛକ ନିକଟରେ ଅନ୍ତେ ମାଳିଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ସୂଚନା ପାଇ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାର୍ଡ ଓ ଡୁମୁରିପୁଟ ଫାଣ୍ଡି କର୍ମଚାରୀଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ଦିଗରେ ତଦନ୍ତ କରି ଏବଂ କେତେକଙ୍କ ଫୋନ୍ ଟ୍ରାକିଂ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ମୁଖ୍ୟ ଅଭିଯୁକ୍ତ ରାହୁଲ ବେନିଆ ଅନ୍ୟ ଦୁଇ ସହଯୋଗୀଙ୍କ ସହାୟତାରେ ହତ୍ୟା କରିଥିବା ପୁଲିସ ନିକଟରେ ମାନି ଥିବା ଜଣାପଡ଼ିଛି। ମୃତକ ଅନ୍ତେ ମାଳି ୩୧ ତାରିଖ ସନ୍ଧ୍ୟାରେ ଡୁମୁରିପୁଟ ଆସିଥିବାବେଳେ ରାହୁଲ ସହ ଦେଖା ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ରାହୁଲ ଅନ୍ତେଙ୍କୁ ଡାକି ମଦ୍ୟପାନ କରାଇ ସେ କେଉଁ ରାସ୍ତାରେ ଘରକୁ ଫେରିବ ପଚାରିଥିଲା। ସେ ପଦ୍ମପୁର, ପଣସପୁଟ ରାସ୍ତାରେ ଯିବ କହିବା ପରେ ରାହୁଲ, ସୁରଜ ଏକ ବାଇକ୍‌ରେ ତାକୁ ପିଛା କରିବା ସହ ନାବାଳକକୁ ଫୋନ କରି ଡାକିଥିଲେ। ବାଉଁଶଗୁଡ଼ା ଛକ ନିକଟରେ ଅନ୍ତେ ମାଳିଙ୍କ ବାଇକ୍ ଅଟକାଇ ତିନିଜଣ ଆକ୍ରମଣ କରିଥିଲେ। ଲୁହା ବୋଲା, ଲୁହାଛଡ଼ ଓ ଧାରୁଆ ପଥରରେ ଆକ୍ରମଣ କରି ହତ୍ୟା କରିବା ପରେ ମୃତଦେହ ରାସ୍ତା କଡ଼ରେ ଫୋପାଡି ବାଇକ୍ ଆଉ ଟିକେ ଦୂରରେ ପକାଇ ସମସ୍ତେ ଚମ୍ପଟ ମାରିଥିଲେ। ପୁଲିସ ଅଭିଯୁକ୍ତ ମାନଙ୍କୁ ଧରିବା ପରେ ଘଟଣା ସ୍ଥଳରେ ନେଇ ସିନ ରିକ୍ରିଏସନ୍ କରିଥିଲେ। ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ୫ଟି ମୋବାଇଲ ଫୋନ୍, ଗୋଟିଏ ହିରୋ ଗ୍ଲେମୋର ବାଇକ ଜବତ କରିଛି।

## ଜିଲ୍ଲା କଂଗ୍ରେସର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ

ରାୟଗଡ଼ା,୩।୯(ସମିସ): ରାୟଗଡ଼ା ସହରର ନଗର ଭବନ ଠାରେ ମଙ୍ଗଳବାର ଦିନ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍ତର୍ଗତ ଏଆଇସିସି ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବାଙ୍ଗାଲୋରର ଶିବାଜୀନଗର ବିଧାୟକ ରିଜୱାନ ଅର୍ସଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଛନ୍ତି ପର୍ଯ୍ୟବେକ୍ଷକମାନେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟକର୍ତ୍ତା, ବରିଷ୍ଠ ଓ ସକ୍ରିୟ କର୍ମୀ ଓ ନେତାମାନଙ୍କ ସହ ଭେଟି ଜିଲ୍ଲା କଂଗ୍ରେସର ସଭାପତି ପାଇଁ କେଉଁ ସଦସ୍ୟ ଯୋଗ୍ୟ, କିଏ ସଂଗଠନକୁ ଆହୁରି ମଜବୁତ କରିପାରିବ ବୋଲି ମତ ଓ ରାୟ ନେଇ ଏଆଇସିସିଙ୍କୁ ଅବଗତ କରିବେ ଏବଂ ସଭାପତିଙ୍କ ନାମ ଘୋଷଣା କରାଯିବ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ,ବିଷମକଟକ ବିଧାୟକ ନୀଳମାଧବ ହିକକା,ଓଡିଶା ପିସିସି ପର୍ଯ୍ୟବେକ୍ଷକ ଚିନ୍ମୟ ସୁନ୍ଦର ଦାସ,ପର୍ଯ୍ୟବେକ୍ଷକ ଅଖିଳ ଭତ୍ରା,ରାୟଗଡ଼ା ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସମେତ ଅଜିତ ଦାସ, ସୁନୀଲ ପଣ୍ଡା, ଦିଲ୍ଲୀପ ପଟ୍ଟନାୟକ, ଆସଲାମ ଖାନ, ହୁତାସେନ ନାୟକ, ବାଦଲ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ନୂତନ ସିଆରସିସିଙ୍କ ଜିଲ୍ଲାସ୍ତରୀୟ ତାଲିମ ଶିବିର

ମାଲକାନଗିରି, ୩।୯(ସମିସ): ମାଲକାନଗିରି ଜିଲ୍ଲାରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କର ତାଲିମ ଶିବିର ଆୟୋଜନ କରାଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥବା ବେଳେ ଉପଜିଲ୍ଲାପାଳ ଅଶ୍ୱିନ ଏଏଲ୍ ଉପସ୍ଥିତ ଥିଲେ। ସମଗ୍ର ଶିକ୍ଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କୁ ଶ୍ରେଣୀ ଗୃହର ତଦାରଖ, ମଧ୍ୟାହ୍ନଭୋଜନ, ପୋଷାକ, ଜୋତା, ଛାତ୍ରବୃତ୍ତି, ସମୟାନୁବର୍ତ୍ତିତା ଓ ବିଭାଗର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ସେହିପରି ଉପଜିଲ୍ଲାପାଳ ତାଙ୍କର ବିଦ୍ୟାଳୟ ପରିଦର୍ଶନର ଅନୁଭବ ମଧ ମତ ବିନିମୟ କରିଥିଲେ। ଆସନ୍ତା ଦିନ ଗୁଡିକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ନିୟମିତ ବୈଠକ ଓ ତାଲିମ ପ୍ରଦାନ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଯୋଗ ଦେଇଥିଲେ। ଶିବିରକୁ ଆୟୋଜନ କରିବାରେ ସମଗ୍ର ଶିକ୍ଷା ଅଭିଯାନର କର୍ମଚାରୀ ସହଯୋଗ କରିଥିଲେ।

## ଶୀତଳଭଣ୍ଡାର ନାହିଁ, କ୍ଷତି ସହୁଛନ୍ତି ଅଦା ଚାଷୀ

ପୋଡ଼ାଗଡ଼,୩।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଉତ୍ପାଦନ ହେଉଥିବା ଅଦା ଗଚ୍ଛିତ ରଖିବା ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ। ତେଣୁ ଚାଷୀ କମ୍ ଦରରେ ଅଦା ବିକ୍ରି କରି କ୍ଷତି ସହୁଛନ୍ତି। ପାଇକ ଫୁଲବେଡ଼ା ପଞ୍ଚାୟତ ଅଧୀନସ୍ଥ ମାଛରାଗୁଡ଼ା ଗ୍ରାମର ଚାଷୀ ରାମ ନାଉଡିଆଙ୍କ କହିବା ଅନୁଯାୟୀ, ଅଦା ଚାଷ ପାଇଁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିଥାଏ। ଅଦା ଚାଷ ପାଇଁ ଯେତିକି ଖର୍ଚ୍ଚ ହେବ, ସେତିକି ହିଁ ଲାଭ ମିଳିବ। ଅଦା ଚାଷ କେବଳ ଜୈବିକ ପଦ୍ଧତିରେ ଚାଷ କରିବାକୁ ପଡ଼ିବ। ରାସାୟନିକ ସାରରେ ଚାଷ କଲେ ତୁରନ୍ତ ଅଦା ନଷ୍ଟ ହୋଇଯିବ। ଗତବର୍ଷ ୩୦ ହଜାର ଟଙ୍କାରେ ଅଦା ବିହୀନ କିଣିବା ପରେ ବିଭାଗ ପକ୍ଷରୁ ତାଲିମ୍ ନେଇ ଜୈବିକ ଖତ ବ୍ୟବହାର କରି ରାମ ଅଦା ଚାଷ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଲଗାଇଥିବା ଅଦା ଖନନ କରିବା ପରେ ମାତ୍ର ୨୬ ହଜାର ଟଙ୍କାର ଅଦା ବିକ୍ରି କରିଥିଲେ। ଅଦା ଲଗାଇବା ପାଇଁ ଖତ ସହିତ ହଳ ବୁଲାଇବା ସହ ବହୁ ପରିଶ୍ରମ କରିବାକୁ ପଡିଥିଲା। ଚାଷ କରିବା ସମୟରେ ଅଦା ଦର ଅଧିକା ଥିଲା। କିନ୍ତୁ ବିକ୍ରି ସମୟରେ ଅଦା ଦର ବହୁ କମି ଯାଇଛି। ଅଦା ଗଚ୍ଛିତ ରଖିବା ପାଇଁ ବ୍ଲକରେ ଶୀତଳଭଣ୍ଡାର ନଥିବାରୁ ଅମଳ ହେବା ମାତ୍ରେ ହାଟବଜାରରେ କମ୍ ଦରରେ ବିକ୍ରି କରିବାକୁ ପଡୁଛି। ଶୀତଳଭଣ୍ଡାର ବ୍ୟବସ୍ଥା ସହିତ ଅଦା ଚାଷ ପାଇଁ ଚାଷୀଙ୍କୁ ତାମିଲ ପ୍ରଦାନ କରାଗଲେ ଅଧିକ ଲାଭ ମିଳିଥାନ୍ତା ବୋଲି ରାମ ନାଉଡିଆ କହିଛନ୍ତି। ଏଥିସହ ଚାଷୀଙ୍କୁ ମାଗଣା ବିହନ ଯୋଗାଇ ଦେବା ବ୍ୟବସ୍ଥା କରାଗଲେ ବ୍ଲକରେ ଅଧିକ ଅଦା ଚାଷ ଅମଳ ହୋଇପାରିବ। ଆନ୍ଧ୍ର ପ୍ରଦେଶର ଅଦାକୁ ଅପେକ୍ଷା କରିବା ବଦଳରେ ନିଜ ବ୍ଲକରେ ଉତ୍ପାଦନ ହେଉଥିବା ଅଦା ଉପରେ ଖାଉଟି ନିର୍ଭର କରିପାରିଥାନ୍ତେ ବୋଲି ଚାଷୀମାନ କହିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷିଉଦ୍ୟାନ ଅଧିକାରୀ ସୌରଭ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ବ୍ଲକରେ ଯଥେଷ୍ଟ ପରିମାଣର ଅଦା ଉତ୍ପାଦନ ପାଇଁ ବିଭାଗ ପ୍ରସ୍ତୁତ ରହିଛି। କିନ୍ତୁ ଅଦା ବିକ୍ରି ପାଇଁ ବଜାର ସୁବିଧା ନଥିବାରୁ ଚାଷୀ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନହାନ୍ତି। ଚଳିତ ବର୍ଷ ମାତ୍ର ୧୫ ଏକର ଜମିରେ ଅଦା ଚାଷ ପାଇଁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିବା କହିଛନ୍ତି। ଅନ୍ୟପଟେ ସବ୍‌ସିଡି ଆକାରରେ ଚାଷୀଙ୍କୁ ବିହନ ଯୋଗାଇଦେବା ସହ ଅଦା ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା କରାଗଲେ ସୁବିଧା ହେବ ବୋଲି ଚାଷୀମାନେ କହିଛନ୍ତି।

### ● ବକେୟା ଦରମା ଓ ବନ୍ଦ କାଗଜ କଳ ଚଳାଇବା ଦାବି

## କର୍ମଚାରୀ ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୩।୯(ସମିସ): ବକେୟା ଦରମା ଓ ଦୀର୍ଘ ଦିନରୁ ବନ୍ଦ ହୋଇ ରହିଥିବା ସେୱା ପେପର ମିଲକୁ ପୁର୍ନବାର ଚଳେଇବା ଦାବି ନେଇ ବେଲାରପୁର ଶିଳ୍ପ କର୍ମଚାରୀ ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ସଂଘ କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ଼, ସାଧାରଣ ସମ୍ପାଦକ ସରୋଜ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ କର୍ମକର୍ତ୍ତା ମାନଙ୍କ ଅଭିଯୋଗ ଅନୁଯାୟୀ ୨୦୨୪ ଅଗଷ୍ଟ ମାସ ଠାରୁ ପେପର ମିଲ ବନ୍ଦ ରହିଛି। ଜଣେ ନୂଆ ନିବେଶକ ପେପର ମିଲ ଚଳେଇବେ ଓ ସେମାନଙ୍କ ସମସ୍ତ ପ୍ରାପ୍ୟ ଦେବେ ବୋଲି ସେୱା କର୍ତ୍ତୃପକ୍ଷ କର୍ମଚାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ନୂତନ ନିବେଶକଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିବା ମଧ ସୂଚନା ଦିଆ ଯାଇଥିଲା। ଏହା ମଧ୍ୟରେ ୧୩ ମାସ ଅତିବାହିତ ହୋଇଯାଇଛି। ଅଥଚ ସେମାନଙ୍କୁ ବକେୟା ଦରମା ଦିଆଯାଇ ନାହିଁ, କିମ୍ବା ବନ୍ଦ ପେପର ମିଲ ପୁର୍ନବାର କାର୍ଯ୍ୟକ୍ଷମ କରାଯାଇନାହିଁ। ତେଣୁ କର୍ମଚାରୀ ମାନେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସହ ପିଲାମାନଙ୍କ ପାଠପଢା ଓ ପିତାମାତାଙ୍କ ଚିକିତ୍ସା ମଧ ଠିକ୍ ସମୟରେ କରି ପାରୁନଥିବା ଗୁହାରି କରିଛନ୍ତି। ଅନ୍ୟ ପକ୍ଷରେ ଗତମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ସଂଘ କର୍ମକର୍ତ୍ତା ଭେଟି ଅଭିଯୋଗ ଜଣାଇଥିଲେ। ଏହା ମଧ୍ୟରେ ପ୍ରାୟ ଏକ ମାସ ହେବ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କର୍ମଚାରୀ ଓ ପରିବାର ଅତ୍ୟନ୍ତ ମାନସିକ ଚିନ୍ତାରେ ରହିଛନ୍ତି। ତେଣୁ ସେମାନଙ୍କ ସମସ୍ୟା ଦୂର କରିବାକୁ ତୁରନ୍ତ ବକେୟା ଦରମା ପ୍ରଦାନ ସହ ପେପର ମିଲ ଚାଲୁ କରିବାକୁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଶିକ୍ଷକ,ଶିକ୍ଷୟିତ୍ରୀ





ପଟ୍ଟାଙ୍ଗି,୩।୯(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକାରେ ସ୍ଥାନ ପାଇଛନ୍ତି ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁକାଲିର ଜଣେ ଶିକ୍ଷକ ଓ ଶିକ୍ଷୟିତ୍ରୀ। ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ପ୍ରକାଶ ପାଇଥିବା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକାରେ ସେମାନେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଅନ୍‌ଲାଇନ ମାଧ୍ୟମରେ ନିବେଦନ କରିଥିଲେ। ସେଥିମଧ୍ୟରୁ ରାଜ୍ୟ ସ୍ତରୀୟ ଚୟନ କମିଟି ଶିକ୍ଷକଙ୍କ ଦକ୍ଷତା ଦେଖି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଚୟନ କରିଥାନ୍ତି। କୋରାପୁଟ ଜିଲ୍ଲାରୁ ୨୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ଚୟନ ହୋଇଛନ୍ତି। ସେଥିମଧ୍ୟରୁ ସୀମାନ୍ତ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁକାଲିର ଗୋଟିଏ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଚୟନ ହୋଇଛନ୍ତି। ବିଦ୍ୟାଳୟର ସାହିତ୍ୟ ଶିକ୍ଷୟିତ୍ରୀ ନାମିତ ଖରା ଏବଂ ଶାରୀରିକ ଶିକ୍ଷକ ଅର୍ଜୁନ କୁମାର ଦାସ ପୁରସ୍କାର ପାଇବା ପାଇଁ ମୋନାନୀତ ହୋଇଥିବା ଜଣାପଡିଛି। ପ୍ରତ୍ୟେକ ବିଭାଗରେ ଜିଲ୍ଲାସ୍ତରରେ କେବଳ ତିନିଜଣଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଉଥିବା ବେଳେ ଏହି ବିଦ୍ୟାଳୟର ଦୁଇ ଦୁଇଜଣ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇ ଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା ଏବଂ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ଦାମନଯୋଡି,୩।୯ (ସମିସ): ସିମିଳିଗୁଡା ପଞ୍ଚାୟତ ସମିତି ଅଧିନସ୍ଥ ଚାରାଙ୍ଗୁଲ ପଞ୍ଚାୟତ ଅନ୍ତର୍ଗତ ଭେଜାପୁଟର ବିଭିନ୍ନ ସମସ୍ୟା ନେଇ ସିମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବାବୁଲି ସ୍ୱାଇଁଙ୍କ ଗ୍ରାମବାସୀଙ୍କ ପକ୍ଷରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଚାରାଙ୍ଗୁଲ ସରପଞ୍ଚଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପେନ୍ଦ୍ର ପାଣିଗ୍ରାହୀ, ପୁରନ୍ଦର ମଲ୍ଲିକ, ନାରାୟଣ ପାଢ଼ୀ, ପ୍ରଭାତ କୁମାର ସାମଲ, ଅଜୟ କୁମାର ଜେନା, ରାଜେନ୍ଦ୍ର ପ୍ରସାଦ ବେହେରାଙ୍କ ସମେତ ସାମ୍ବାଦିକ ସୁଦର୍ଶନ ସେନାପତି ପ୍ରମୁଖ ଉପସ୍ଥିତ ରହି ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଭେଜାପୁଟର ପରିମଳ ଓ ସ୍ୱଚ୍ଛତା, ବସୁଧା ଯୋଜନାରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ, ନର୍ଦ୍ଦମା ନିର୍ମାଣ, ପଞ୍ଚାୟତ ପକ୍ଷରୁ ଅଳିଆ ଆବର୍ଜନା ସଂଗ୍ରହ ଗାଡ଼ି ବୁଲାଇବା, ଗାଁ ମଝିରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ଅନ୍ୟତ୍ର ସ୍ଥାନାନ୍ତର ଆଦି ସମସ୍ୟା ଉଲ୍ଲେଖ କରାଯାଇଛି। ଏହି ଗ୍ରାମ ଚାରାଙ୍ଗୁଲ ପଞ୍ଚାୟତର ଆର୍ଥିକ ମାନଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ। ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ପରେ ସେମାନଙ୍କ ସ୍ତରରେ ଯଥା ସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଉଭୟେ ପ୍ରତିଶ୍ରୁତି ଦେଇଥିଲେ।

## ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା



ଉମରକୋଟ,୩।୯(ସମିସ) ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନ୍‌କେ ଛକ ଠାରେ ଥିବା ଦୀର୍ଘ ୮ ଦିନ ଧରି ଚାଲୁଥିବା ଗଣେଶ ମୂର୍ତ୍ତି ବହୁଆଡମ୍ବରର ସହ ଦିନ ବେଳା ବିସର୍ଜନ କରାଯାଇଛି। ଡିଏନକେ ଛକ ଠାରୁ ବାହାରି ନଗର ପରିକ୍ରମା କରି ବିସର୍ଜନ କରାଯାଇଛି। ଏହି ଅବସରରେ ମନୋରଞ୍ଜନ ପାଇଁ ଡିଜେ ଓ ବ୍ୟାଣ୍ଡପାର୍ଟି , ବାଣଫୁଟାଇ , ହୋଲିଖେଳ ଖେଳି ବହୁ ଆଡମ୍ବରର ସହ ଶହ ଶହ ସଂଖ୍ୟାରେ ଏହି ବିସର୍ଜନରେ ସାମିଲ ହୋଇଥିଲେ। ଡିଏନ୍‌କେବାସୀଙ୍କ ତରଫରୁ ମହା ଆଡ଼ମ୍ବରରେ କୋରାପୁଟିଆ ଓ ସମ୍ବଲପୁରୀ ଗୀତର ତାଳେ ତାଳେ ବାଜାବଜାଇ ବାଣଫୁଟେଇ ନାଚଗୀତରେ ସହର ପରିକ୍ରମା କରାଯାଇଥିଲା। ଏହା ସହିତ ଆଠଦିନ ଯାଏଁ ହୋମଯଜ୍ଞ ସହିତ ଅନ୍ନ ପ୍ରସାଦ ମଧ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଏହି ବିସର୍ଜନ ସ୍ୱତନ୍ତ୍ର ଜଳାଶୟରେ କରାଯାଇଛି। ସହରରେ ବିଭିନ୍ନ ଗଣେଶ ପୂଜା ସଜିତ ହୋଇଥିବା ବେଳେ ଅପରାହ୍ନରେ ଏହି ଗଣେଶ ପୂଜା ମେଢ ଦେଖିବାକୁ ଭକ୍ତଙ୍କର ଭିଡ ଜମିଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ରାୟଗଡ଼ା,୩।୯(ସମିସ): ରାୟଗଡ଼ ଜିଲ୍ଲା ଅନ୍ତର୍ଗତ ଜେକେପୁର ଠାରେ ଅବସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଜ୍ଞାନ ମେଳାରେ ବିଜ୍ଞାନ ପରିଷଦର ଜିଲ୍ଲା ସ୍ତରୀୟ ସଂଯୋଜକ ଗୌରହରି ସାହୁ ଏବଂ ଗୌରୀ ଶଙ୍କର ବେହେରା ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥି ମାନେ ତାଙ୍କର ବକ୍ତବ୍ୟ ଦେଇଥିଲେ। ବିଜ୍ଞାନ ମେଳାର ବିଷୟ ବସ୍ତୁ ରହିଥିଲା 'ପ୍ରାଚୀନ ଭାରତୀୟ ବିଜ୍ଞାନ ଅତୀତ ଭବିଷ୍ୟତ ଆଡ଼କୁ ଲମ୍ଫ ଦେବା ପାଇଁ ସହାୟକ ଯନ୍ତ୍ର ହେବା ଉଚିତ'। ଏହି ବିଷୟ ବସ୍ତୁକୁ ଆଧାର କରି ୪୦ଟି ପ୍ରକଳ୍ପ ଆସିଥିଲା ଏବଂ ପ୍ରାୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧକ୍ଷ ଆକାଶ ଗୌଡ଼ ପିଲା ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ନାୟକ ଓ ସତ୍ୟନାରାୟଣ ମହାରଣା ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## କୋଷାଗୁମୁଡ଼ାରେ ଏନ୍‌ଆରଇଜିଏସ୍ ଅଭିଯୋଗ ଶୁଣାଣି



କୋଷାଗୁମୁଡା,୩।୯(ସମିସ): ଆଜି କୋଷାଗୁମୁଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଏନଆରଇଜିଏସର ଗ୍ରୀଭେନ୍ସ କାର୍ଯ୍ୟକ୍ରମ ହେଉଥିଲା। ଜନସାଧାରଣ କିନ୍ତୁ ଏହି ଗ୍ରିଭେନ୍ସ ବିଷୟରେ କିଛି ଜାଣିନାହାନ୍ତି। ଏପରି ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ମାନେ ମଧ ଗ୍ରୀଭେନ୍ସ ବିଷୟରେ କିଛି ଜାଣିନଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କୋଷାଗୁମୁଡ଼ା ବ୍ଲକରେ କୋଟି କୋଟି ଟଙ୍କାର ଏନଆରଇଜିଏସ କାମ ବାଟ ମାରଣା ହେଉଛି। ସବୁ କାର୍ଯ୍ୟରେ ଜବ୍ କାର୍ଡଧାରୀ ମାନଙ୍କୁ ବାଦ ଦେଇ ଜେସିବି, ଟ୍ରକ୍ ଓ ଟ୍ରାକ୍ଟର ଲଗେଇ କାମ ସମ୍ପୂର୍ଣ୍ଣ କରିଦିଆଯାଉଥିବା ବେଳେ ଏବେ ଏନ୍‌ଆରଇଜିଏସର ଗ୍ରୀଭେନ୍ସ ବୈଠକରେ ମଧ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ, ୱାର୍ଡ ସଭ୍ୟ ଓ ସାଧାରଣ ଲୋକଙ୍କୁ ମଧ ଡକା ଯାଉନାହିଁ। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ବ୍ଲକରେ କୌଣସି ବି ସରକାରୀ କାର୍ଯ୍ୟକ୍ରମର ଆୟୋଜନ କରାଯିବା ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ସୂଚନା ଦିଆଯିବା ସହିତ ପ୍ରତ୍ୟେକ ଜନ ପ୍ରତିନିଧିମାନଙ୍କୁ ପତ୍ର ପ୍ରେରଣ କରି ଡକାଯିବା କଥା। ହେଲେ କୋଷାଗୁମୁଡ଼ା ବ୍ଲକ ପ୍ରଶାସନ କାହାକୁ କିଛି ନ ଜଣାଇ ନିଜ ମନ ମୁତାବକ କାର୍ଯ୍ୟ କରିଚାଲିଛନ୍ତି। ଯାହାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଉଛି । ଆଜିର କାର୍ଯ୍ୟକ୍ରମରେ ନବରଙ୍ଗପୁର ଏଡିଏମ-ତପନ କୁମାର ଖୁଣ୍ଟିଆ, ବ୍ଲକ ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ-ଆଶିଷ ତ୍ରିପାଠୀ, ଏଇ-ଅଶ୍ୱେନି ପଟ୍ଟନାୟକ,ଜିପିଡିଓ-ଅଜିତ କୁମାର ନନ୍ଦ ପ୍ରମୁଖଙ୍କ ସହ ମନରେଗା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଦୃଢ଼ ନିନ୍ଦା କରିଛନ୍ତି। ଏହାକୁ ନେଇ ଏଡିଏମ୍ ତପନ କୁମାର ଖୁଣ୍ଟିଆଙ୍କୁ ପଚାରି ବୁଝିବାରୁ ସେ କିଛି ଜନପ୍ରତିନିଧି ଉପସ୍ଥିତ ଥିଲେ। ଆଉ ଏହି ଶୁଣାଣି ନେଇ ବ୍ଲକ ପ୍ରଶାସନ ନିଶ୍ଚିତ ଭାବରେ ସୂଚନା ଦେବା କଥା ବୋଲି କହିଛନ୍ତି। ବୈଠକକୁ ବିନା ସୂଚନାରେ କରାଯିବା କାହା ସ୍ୱାର୍ଥ ହାସଲ ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଏପରି ବେନିୟମ କାର୍ଯ୍ୟ କରୁଥିବା ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହେଉଛି।

### ଗାଁରେ ନେଟୱର୍କ ନାହିଁ

# ବାଇକ୍‌ରେ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟ



ନାରାୟଣପାଟଣା,୩।୯(ସମିସ): ଆଧୁନିକ ଦୁନିଆଁରେ ମୋବାଇଲ ସେବା ଜରୁରୀ ହୋଇପଡିଛି। ଟେକ୍ନୋଲୋଜି ଯୋଗୁଁ ମୋବାଇଲ ସହ ଆଧାର ,ବୀମା କାର୍ଡ , ବାର୍ଦ୍ଧକ୍ୟ ଭତ୍ତା ,ରାସନ ସାମଗ୍ରୀ , ସ୍ୱାସ୍ଥ୍ୟସେବା, ବୀମା କାର୍ଡ ସହ ସମସ୍ତ ସରକାରୀ ଯୋଜନା ସବୁ ଅନ୍ ଲାଇନ୍‌ରେ କରାଯାଉଛି। ଗାଁ ଗାଁରେ ବ୍ୟାଙ୍କ ସେବା ବ୍ୟବସ୍ଥା କରି ଗ୍ରାହକ ନିଜ ଅଞ୍ଚଳରେ ଟଙ୍କା ଉଠାଣ, ଜମା କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର କରିଛନ୍ତି। କିନ୍ତୁ ଏବେ ବି କିଛି ଗାଁ ରହିଛି ଯେଉଁଠି ମୋବାଇଲ୍ ନେଟୱର୍କ ଅପହଞ୍ଚ ହୋଇଛି। ଯା'ଫଳରେ ଲୋକେ ନେଟୱର୍କ ନଥିବାରୁ ସରକାରୀ ସୁବିଧା ପାଇବା ପାଇଁ କେଉଁଠି ପାହାଡ଼ ଉପରେ ସେବା ନେଉଛନ୍ତି ତ କୋଉଠି ରାସ୍ତା କଡ଼ରେ। ଏଭଳି ଦୃଶ୍ୟ ନାରାୟଣପାଟଣା ବ୍ଲକ ଠାରୁ ୨୨ କିଲୋମିଟର ଦୂର ତଲଗୁମାଣ୍ଡି ପଞ୍ଚାୟତର ଭିତରପଡା ଗାଁ ରାସ୍ତରେ ଦେଖିବାକୁ ମିଳିଛି। ଘଞ୍ଚ ଜଙ୍ଗଲ ଖୋଲା ଆକାଶରେ ହାତରେ ଆଧାର କାର୍ଡ ଧରି ଠିଆ ହୋଇଛନ୍ତି ଆଦିବାସୀ ପୁରୁଷ ମହିଳା ବୃଦ୍ଧ ଓ ବୃଦ୍ଧା ଗ୍ରାହକ।କାରଣ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ପାଇଁ ପଞ୍ଜୀକରଣ କରିବାର ଅଛି। ଗାଁରେ ନେଟୱର୍କ ନାହିଁ। ଆଖପାଖରେ ସେବା ନାହିଁ। ତେଣୁ ମୋଟରସାଇକଲ୍‌ରେ ଲାପଟପ୍ ଧରି ଗ୍ରାହକ ସେବା କେନ୍ଦ୍ରର ଯୁବକ ଜଣକ ଆନ୍ଧ୍ର ନେଟୱର୍କରେ ଦେଉଛନ୍ତି ସେବା। କିଏ ଟଙ୍କା ଉଠାଉଛି ,ତ କିଏ ସ୍ୱାସ୍ଥ୍ୟ ସେବା କାର୍ଡ ପାଇଁ ପଞ୍ଜୀକରଣ କରୁଛି। ଗତ ସପ୍ତାହ ହେବ ଚାଲିଛି ଏପରି। ଲୋକେ ଖୁସିରେ ଗ୍ରାହକ ସେବା କେନ୍ଦ୍ରର ସଦା ତାଡିଙ୍ଗିଙ୍କୁ ଯାହା କିଛି ଅର୍ଥ ଦିଅନ୍ତି ସେ ନେଇଥାନ୍ତି। ସକାଳୁ ନାସ୍ତା କରି ସଦା ତାଡିଙ୍ଗି ନିଜ ମୋଟରସାଇକେଲ ଧରି ଲାପଟପ୍ ସହ ଗାଁ ଗାଁ କୁ ଯାଇ ସେବା ଦିଅନ୍ତି। ଗତବର୍ଷ ପଞ୍ଚାୟତ ସଦରକୁ ଜିଓ ନେଟୱର୍କ ଆସିଛି। ଅନ୍ୟ କିଛି ଗାଁରେ ଜିଓ ନେଟୱର୍କ ସେବା ମିଳୁଥିବା ବେଳେ ଭିତରପଡା ଗାଁରେ ସେବା ମିଳୁନି। ତେଣୁ ବାଧ ହୋଇ ଗାଁଠାରୁ ତଳକୁ ଓହ୍ଲାଇ ଏକ ନିଛାଟିଆ ପାହାଡିଆ ଜଙ୍ଗଲିଆ ରାସ୍ତାରେ ଡଙ୍ଗଲ ସହାୟତାରେ ଜିଓ ନେଟୱର୍କରେ ରାସ୍ତା କଡ଼ରେ ଲାପଟପ୍ ଖୋଲି ସେବା ଯୋଗାଉଛନ୍ତି। ବାରମ୍ବାର ଜିଲ୍ଲା ପ୍ରଶାସନକୁ ଏକ ଟାୱାର ବସେଇବା ପାଇଁ ଗ୍ରାମବାସୀ ଦାବି କରିଆସୁଥିବା ବେଳେ କେହି କି କର୍ଣ୍ଣପାତ କରୁନାହାନ୍ତି। ଭିତରପଡା ଗାଁରେ ବିଏସ୍‌ଏନ୍‌ଏଲ୍ ଅବା ଜିଓ ଟାୱାର ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଟାୱାର ନିର୍ମାଣରେ ଠିକାଦାରଙ୍କ ବିଳମ୍ବ ଯୋଗୁଁ ଲୋକେ ହଇରାଣ ହେଉଥିବା ନେଇ ପୂର୍ବତନ ବ୍ଲକ ଚେୟାରମେନ ମାଳତି ତାଡିଙ୍ଗି କହିଛନ୍ତି। ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।